R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୯୫
ତିଥି : ଦ୍ୱାଦଶୀ
୨୦ ଏପ୍ରିଲ ୨୦୨୪, ଶନିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 195
20 April 2024, Saturday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ବର୍ଷୁଛି ନିଆଁ

ଭୁବନେଶ୍ୱର, ୧୯।୪ (ସବ୍ୟୁ) : ଆକାଶରୁ ବର୍ଷୁଛି ନିଆଁ । ଘରୁ ବାହାରିଲେ ଝାଞ୍ଜି ମାଡ଼ରେ ଶରୀର ଜଳି ଯାଉଛି । ଉଷ୍ମ-ଆର୍ଦ୍ରତା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହେଉଛି । ପ୍ରଚଣ୍ଡ ଖରା ରାସ୍ତାଘାଟ ଶୂନସାନ କରିଦେଉଛି । କେବଳ ଦିନ ନୁହଁ, ରାତିରେ ମାତ୍ରାଧିକ ତାପମାତ୍ରା ବୃଦ୍ଧି



ଯୋଗୁ ଘର ଭିତରେ ରହିବା ମୁସ୍କିଲ ହେଉଛି । ଆଉ ୨୪ ଘଣ୍ଟା ଏଭଳି ନିଆଁ ବର୍ଷା ହୋଇପାରେ ।

ରାଜ୍ୟରେ ପାରଦ ୪୪ ଡିଗ୍ରୀ ପାର କରିଛି । ଚଳିତ ବର୍ଷ ପ୍ରଥମ ଥର ପାଇଁ ୪୪ଡ଼ିଗ୍ରୀ ଛୁଇଁଛି ତାତି । ୪୪.୩ ଡ଼ିଗ୍ରୀ ସହ ବୌଦ୍ଧ ରାଜ୍ୟର ଉତ୍ତପ୍ତ ସହର ପାଲଟିଛି । ୧୦ ସହରରେ ୪୩ଡ଼ିଗ୍ରୀ ଅଧିକ ରେକର୍ଡ ହୋଇଛି ତାପମାତ୍ରା । ୨୧ ଯାଏଁ ଗ୍ରୀଷ୍ମ ଲହରୀ ଜାରି ରହିବ । ତେବେ ୨୨ରୁ କାଳବୈଶାଖୀ ବର୍ଷା ଦେବ ସାମାନ୍ୟ ଆଶ୍ୱସ୍ତି । ୨୫ରୁ ପୁଣି ତାତି ଫେରିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

ପାଣିପାଗ ବିଭାଗର କହିବାନୁସାରେ, ଶୁକ୍ରବାର ୩୨ ସହରରେ ୪୦°ରୁ (୯ ପୃଷ୍ଠାରେ)

### ବୌଦ୍ଧ, ବାରିପଦାରେ ପାରଦ ୪୪ଡିଗ୍ରୀ ପାର

### ବୌଦ୍ଧରେ ସର୍ବାଧିକ ୪୪.୩ ଡିଗ୍ରୀ ରେକର୍ଡ

### ୨୧ରୁ ସାମାନ୍ୟ ଆଶ୍ୱସ୍ତି, ୨୫ରୁ ଫେରିବ ତାତି

## ଅଂଶୁଘାତରେ ପ୍ରଥମ ମୃତ୍ୟୁ

ଭୁବନେଶ୍ୱର, ୧୯।୪ (ସବ୍ୟୁ) : ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ଅଂଶୁଘାତରେ ଜଣଙ୍କର ମୃତ୍ୟୁ ହୋଇଛି । ଚଳିତ ବର୍ଷ ପ୍ରଥମ ଅଂଶୁଘାତରେ ମୃତ୍ୟୁ ଘଟଣା ବାଲେଶ୍ୱର ଭୋଗରାଇରୁ ସାମ୍ନାକୁ ଆସିଛି । ଭୋଗରାଇ ମହେଶ୍ୱରପୁରର ୬୨ ବର୍ଷୀୟ ଲକ୍ଷ୍ମୀକାନ୍ତ ସାହୁଙ୍କର ମୃତ୍ୟୁ ହୋଇଥିବା (୯ ପୃଷ୍ଠାରେ)

### ପ୍ରଥମ ପର୍ଯ୍ୟାୟ ଭୋଟ୍ ଶେଷ

# ୭୦% ମତଦାନ



### ପ.ବଙ୍ଗ, ମଣିପୁରରେ ହିଂସା

### ୧୬୨୫ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍

### ପ.ବଙ୍ଗରେ ସର୍ବାଧିକ ୮୭.୫୭% ଭୋଟ୍

ନୂଆଦିଲ୍ଲୀ, ୧୯।୪ : ଗଣତନ୍ତ୍ରର ମହାପର୍ବ ଲାଗି ଶୁକ୍ରବାର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ଶେଷ ହୋଇଛି । କାଁ ଭାଁ କେତୋଟି ଗଣ୍ଡଗୋଳକୁ ଛାଡ଼ିଦେଲେ ମତଦାନ ମୋଟାମୋଟି ଶାନ୍ତିପୂର୍ଣ୍ଣ ରହିଛି । ୨୧ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୦୨ ଲୋକସଭା ଆସନ ସମେତ ଅରୁଣାଚଳ ଓ ସିକିମର ବିଧାନସଭା ଲାଗି ମଧ ମତଦାନ ହୋଇଛି । ସନ୍ଧ୍ୟା ୭ଟା ସୁଦ୍ଧା ହାରାହାରି ୭୦% ଭୋଟ ହୋଇଥିବା ସୂଚନା ମିଳିଛି ।

ଅରୁଣାଚଳ ପ୍ରଦେଶ, ଆସାମ, ବିହାର, ଛତିଶଗଡ଼, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ରାଜସ୍ଥାନ, ସିକିମ, ତାମିଲନାଡୁ, ତ୍ରିପୁରା, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗ, ଆଣ୍ଡାମାନ ନିକୋବର, ଜାମ୍ମୁ-କାଶ୍ମୀର, ଲକ୍ଷାଦ୍ୱୀପ ଓ ପୁଡ଼ିଚେରୀର ଲୋକସଭା ଆସନ ଲାଗି ଭୋଟ ଗ୍ରହଣ କରାଯାଇଛି । ମୋଟ ୧୬.୬୩ କୋଟି ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି । ୮ କୋଟି ଲେଖାଁଏ ପୁରୁଷ ଓ ମହିଳା ଭୋଟର ୨ଲକ୍ଷ ପୋଲିଂ ବୁଥରେ ମତଦାନ କରିଛନ୍ତି ।

ଶୁକ୍ରବାର ହୋଇଥିବା ଭୋଟରେ କେନ୍ଦ୍ରମନ୍ତ୍ରୀ ନୀତିନ (୯ ପୃଷ୍ଠାରେ)

## ଏପ୍ରିଲରେ ୩ ଦିନ ପରିବର୍ତ୍ତେ ୭ ଦିନ ହେଲାଣି ଗ୍ରୀଷ୍ମ ପ୍ରବାହ

ଭୁବନେଶ୍ୱର, ୧୯।୪ (ସବ୍ୟୁ) : ପ୍ରାୟ ୫ ଦିନ ହେଲାଣି ରାଜ୍ୟରେ ସତେ ଯେପରି ଅଗ୍ନି ବର୍ଷା ହେଉଛିଛ ଦିନକୁ ଦିନ ଅଧିକରୁ ଅଧିକ ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରୁଛି । ଏଥିସହ ଚଳିତ ଏପ୍ରିଲରେ ୭ଦିନ ଗ୍ରୀଷ୍ମପ୍ରବାହ ଅନୁଭୂତ ହୋଇସାରିଛି । ଆଗକୁ ଆଉ ୫ଦିନ ଗ୍ରୀଷ୍ମ ପ୍ରବାହ ହୋଇପାରେ । ଏ ମାସରେ ଅଧିକ ଗ୍ରୀଷ୍ମ ପ୍ରବାହ ଦିନ ରେକର୍ଡ ହୋଇ ସାରିଲାଣି ।

ଶୁକ୍ରବାର ରାଜ୍ୟର ମୟୁରଭଞ୍ଜ, ବୌଦ୍ଧ, କଟକ, କେନ୍ଦୁଝର, ଜଗତସିଂହପୁର, କେନ୍ଦ୍ରାପଡା, ଯାଜପୁର, ନବରଙ୍ଗପୁର, ଗଞ୍ଜାମ, ଖୋର୍ଦ୍ଧା, ଦେବଗଡ, ଏବଂ ଢେଙ୍କାନାଳ ଜିଲ୍ଲାରେ ଗ୍ରୀଷ୍ମ ଲହରୀ ଅନୁଭୂତ ହୋଇଛ । ଆସନ୍ତାକାଲି(ଶନିବାର) ପାଇଁ ଗ୍ରୀଷ୍ମ ପ୍ରବାହରୁ ଅତି ଗ୍ରୀଷ୍ମ ପ୍ରବାହ ନେଇ ୪ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ଚଳିତ ମାସ ଆହୁରି ୩-୫ ଦିନ ଅନୁଭୂତ ହେବ ହିଟୱେଭ୍ । ଏପ୍ରିଲରେ ସାଧାରଣତଃ ୧ରୁ ୩ ଦିନ ଯାଏ ହିଟ ୱେଭ୍ ବା ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୁଏ । ଗତବର୍ଷ ଏପ୍ରିଲରେ ୫ ଦିନ ହିଟୱେଭ ଅନୁଭୂତ ହୋଇଥିଲା ବୋଲି ପାଣିପାଗ (୯ ପୃଷ୍ଠାରେ)

### ଆଉ ଅଧିକ ୩-୫ ଦିନ ଗ୍ରୀଷ୍ମ ପ୍ରବାହ

# ମହାନଦୀରେ ଡଙ୍ଗା ବୁଡ଼ି ୨ ମୃତ, ୭ ନିଖୋଜ

ଝାରସୁଗୁଡ଼ା, ୧୯।୪ (ସବ୍ୟୁ) : ଶୁକ୍ରବାର ଅପରାହ୍ଣରେ ମହାନଦୀରେ ଏକ ଡଙ୍ଗା ବୁଡ଼ି ଯିବାରୁ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୭ ଜଣ ନିଖୋଜ ଅଛନ୍ତି। ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଶରଧା ନିକଟରେ ଘଟିଛି ଏହି ଘଟଣା। ମୃତକଙ୍କ ମଧ୍ୟରେ ଜଣେ ମହିଳା ଅଛନ୍ତି। ସେହିପରି ନିଖୋଜଙ୍କ ମଧ୍ୟରେ ୪ ଜଣ ମହିଳା ଓ ୩ ଜଣ ଶିଶୁ ଅଛନ୍ତି। ଡଙ୍ଗାରେ ପ୍ରାୟ ୫୦ ଜଣ ଥିଲେ। ସମସ୍ତେ ଛତିଶଗଡ଼ର ଖରସେନି ଅଞ୍ଚଳର। ବରଗଡ଼ ଅମ୍ବାଭୋନାର ପଥରସେନିରୁ ପିକନିକ୍ ସାରି ଡଙ୍ଗାରେ ଫେରୁଥିବାବେଳେ ଅପରାହ୍ଣ ପ୍ରାୟ ୩ଟା ବେଳେ ଘଟିଥିଲା ଦୁର୍ଘଟଣା। ଡଙ୍ଗାରେ ଥିବା ୪୦ରୁ ଅଧିକ ଲୋକଙ୍କୁ ସ୍ଥାନୀୟ ମତ୍ସ୍ୟଜୀବୀମାନେ ଉଦ୍ଧାର କରିଥିଲେ। ଡଙ୍ଗାଟି କେମିତି ବୁଡ଼ିଲା, ତାହା ଜଣାପଡ଼ି ନାହିଁ। ତେବେ ଡଙ୍ଗାରେ କ୍ଷମତାଠାରୁ ଅଧିକ ଲୋକ ବସିଥିଲେ ବୋଲି କୁହାଯାଉଛି। ସେହିପରି ତାହା ଏକ ପୁରୁଣା ଡଙ୍ଗା ଥିଲା ଓ ସେଥିରେ ଲାଇଫ ଜ୍ୟାକେଟ ବ୍ୟବସ୍ଥା ମଧ ନଥିଲା। ଦମକଳ ବାହିନୀ ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ପୁଲିସ୍ ଓ ଅନ୍ୟ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବା ପାଇଁ ଭୁବନେଶ୍ୱରରୁ ବିମାନ ଯୋଗେ ଝାରସୁଗୁଡ଼ାକୁ ୨ଟି ସର୍ଚ୍ଚ କ୍ୟାମେରା ପଠାଯାଇଛି। ତା'ସହିତ ୫ ଜଣ ସ୍କୁବା ଡାଇଭରଙ୍କୁ ମଧ ପଠାଯାଇଥିବା ଜଣାପଡ଼ିଛି ।



## ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ, ସହାୟତା ଘୋଷଣା

ଭୁବନେଶ୍ୱର, ୧୯।୪ (ସବ୍ୟୁ) : ଝାରସୁଗୁଡା ଜିଲ୍ଲା ଲଖନପୁରର ଶରଧାରେ ମହାନଦୀରେ ଏକ ନୌକା ଦୁର୍ଘଟଣରେ ୨ ଜଣ ବ୍ୟକ୍ତି ପ୍ରାଣ ହରାଇବା ଖବର ପାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହିତ ମୃତ ବ୍ୟକ୍ତିମାନଙ୍କ ନିକଟତମ ଆତ୍ମୀୟଙ୍କ ନିମନ୍ତେ ୪ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି ।

ଏହାସହିତ ଉଦ୍ଧାର କରାଯାଇଥିବା ସମସ୍ତ ବ୍ୟକ୍ତି ଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲା (୯ ପୃଷ୍ଠାରେ)

# ଆଖି ବୁଜିଲା ସ୍ନେହା

ବାରଙ୍ଗ, ୧୯।୪ (ସବ୍ୟୁ) : ପ୍ରାଣିଉଦ୍ୟାନ ନନ୍ଦନକାନନରେ ଶୁକ୍ରବାର ଦିନ ସକାଳେ ସ୍ନେହା ନାମକ ଧଳା ମହାବଳ ବାଘୁଣୀର ମୃତ୍ୟୁ ଘଟିଛି । ଏହେଉଛି ସେହି ବାଘୁଣୀ ଯିଏ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ପ୍ରଥମ କରି କଳା ବାଘ ଶାବକ ଜନ୍ମ ଦେଇ ସାରା ବିଶ୍ୱରେ ଇତିହାସ ରଚିଥିଲା । ଥରେ ନୁହେଁ ଦୁଇ ଥର ନୁହେଁ ତିନି ଥର ମାତୃତ୍ୱ ଲାଭ କରି ନନ୍ଦନକାନନକୁ ବିରଳ ୨ଟି କଳା ବାଘ, ୩ ଧଳା ବାଘ ଏବଂ ୪ ଟା ସାଧାରଣ ରଙ୍ଗର ବାଘ ଶାବକ ଜନ୍ମ ଦେଇ ନନ୍ଦନକାନନରେ ବାଘ ସଂଖ୍ୟା ବୃଦ୍ଧି କରିବାରେ ସହାୟକ ହୋଇଥିଲା ।

ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ସାଜିଥିଲା । ମା ଧଳା ବାଘୁଣୀ କୁସୁମ ଓ ବାପା ସାଧାରଣ



ରଙ୍ଗର ବାଘ ନିଶାନ ଔରଷରୁ ଗତ ୨୦୧୦ ମସିହାରେ ଜନ୍ମଗ୍ରହଣ କରି ୩୦ନଂ ଖୁଆଡ଼ ରହି ପର୍ଯ୍ୟଟକଙ୍କ ମନୋରଞ୍ଜନ ଖୋରାକ ସାଜିଥିଲା । ପରେ ବାଘ ସଫାରୀରେ ରହି ସଫାରୀକୁ ବୁଲିବାକୁ ଯାଉଥିବା ପର୍ଯ୍ୟଟକଙ୍କୁ ଗାଡ଼ି ପାଖକୁ ଆସି ଫଟୋ ପୋଜ୍ ଦେଇ ପର୍ଯ୍ୟଟକଙ୍କ ମନ ମୋହୁଥିଲା । ହେଲେ ସେ ଆଉ ନାହିଁ । ଗୁରୁବାର ଦିନ ସଫାରୀରେ ରହି ପର୍ଯ୍ୟଟକଙ୍କ ମନୋରଞ୍ଜନ ଖୋରାକ ସାଜିଥିବା ବେଳେ ହଠାତ୍ ଅସୁସ୍ଥ ହୋଇ ତଳେ ପଡିଯାଇଥିଲା । ଏହା ଦେଖି ଦାୟିତ୍ୱରେ ଥିବା କର୍ମଚାରୀ ଆସି (୯ ପୃଷ୍ଠାରେ)

## ଜୁନ୍ ପହିଲା ଯାଏ ଏକ୍‌ଜିଟ୍ ପୋଲ୍ ନିଷିଦ୍ଧ

ନୂଆଦିଲ୍ଲୀ, ୧୯।୪ : ଶୁକ୍ରବାରଠାରୁ ଲୋକସଭା ନିର୍ବାଚନ ଲାଗି ଭୋଟ ଗ୍ରହଣ ଆରମ୍ଭ ହୋଇଛି । ତେବେ ମତଦାନ ଜୁନ ପହିଲା ଯାଏ ଚାଲିବ । ଜୁନ ପହିଲା ପର୍ଯ୍ୟନ୍ତ ଏକ୍‌ଜିଟ ପୋଲ ବା ବୁଥ୍ ଫେରନ୍ତା ମତ ଉପରେ ନିର୍ବାଚନ କମିଶନ କଟକଣା ଲଗାଇଛନ୍ତି ।

ମତଦାନର ଶେଷ ତାରିଖ ଜୁନ ପହିଲା ସନ୍ଧ୍ୟା ୬.୩୦ ପରେ ଏକ୍‌ଜିଟ ପୋଲ ବିଭିନ୍ନ ସଂସ୍ଥା କରିପାରିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି । ଏଥିରୁ ଖିଲାପ କରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସୂଚନା ଦିଆଯାଇଛି । ଏକ୍‌ଜିଟ୍ ପୋଲର ଆକଳନ ମତଦାନରେ ପ୍ରଭାବ ପକାଇବାର ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ନିର୍ବାଚନ କମିଶନ ଏହି ନିଷ୍ପତ୍ତି ନେଇଛନ୍ତି ।

## ପୃଥକ୍ ପୃଥକ୍ ଦୁର୍ଘଟଣାରେ ୩ ମୃତ

ବାଲେଶ୍ୱର, ୧୯।୪ (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଦେଇ ଯାଇଥିବା ୧୬ନମ୍ବର ଜାତୀୟ ରାଜପଥର ବାରୁଣୀପୋଲ ଓ ନୂଆଗାଁ ନିକଟରେ ଦୁଇଟି ରାସ୍ତା ଦୁର୍ଘଟଣାରେ ୩ଜଣଙ୍କର ମୃତ୍ୟୁ ଘଟିଛି । ମିଳିଥିବା ସୂଚନା ଅନୁଯାୟୀ ରେମୁଣା ବ୍ଲକ ଅନ୍ତର୍ଗତ କାଠସଙ୍ଗଡ଼ା ଗ୍ରାମର ଗଣେଶ୍ୱର ଗିରି (୪୬) ବାମପଦାସ୍ଥିତ ନୋସୀ ବିଜନେସ୍ ପାର୍କରେ ମାଳି ଭାବେ କାର୍ଯ୍ୟ କରୁଥିଲେ । ଶୁକ୍ରବାର ପୂର୍ବାହ୍ଣ ୫.୪୫ ମିନିଟ୍ ସମୟରେ କାର୍ଯ୍ୟସାରି ସାଇକେଲ ଯୋଗେ ଯାଉଥିବା ବେଳେ ବାରୁଣୀ ପୋଲ ନିଟରେ ଏକ ମାଲବାହୀ ଟ୍ରକ ତାଙ୍କୁ ଧକ୍କାଦେଇଥିଲା ।

ଘଟଣାସ୍ଥଳରେ ଗଣେଶ୍ୱରଙ୍କର ମୃତ୍ୟୁ ଘଟିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେବା ସହ ଉତ୍ୟକ୍ତ ଲୋକମାନେ ଜାତୀୟ ରାଜପଥକୁ ଦୀର୍ଘ ସମୟ ଧରି ଅବରୋଧ କରି ରଖିଥିଲେ । ଖବର ପାଇ ବାଲେଶ୍ୱର ଉପଜିଲ୍ଲାପାଳ ଓ ରେମୁଣା ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ସହାୟତା ଘୋଷଣା କରିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିବା ସହ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା । ଅପରପକ୍ଷରେ ବାଲେଶ୍ୱର (୯ ପୃଷ୍ଠାରେ)

### ବଦଳିଛି ପ୍ରଚାର ତରିକା

## ସୋସିଆଲ ମିଡିଆରେ ଛାଇଛି ରାଜନୈତିକ ବିଜ୍ଞାପନ

ନୂଆଦିଲ୍ଲୀ, ୧୯।୪ : ଏଥର ନିର୍ବାଚନ ପ୍ରଚାର ତରିକା ବଦଳିଛି । ସୋସିଆଲ ମିଡିଆକୁ ରାଜନୈତିକ ଦଳଗୁଡ଼ିକ ଗୁରୁତ୍ୱ ଦେଇଛନ୍ତି । ଅନଲାଇନ ବିଜ୍ଞାପନ ବାବଦରେ ଲୋକସଭା ନିର୍ବାଚନରେ ରାଜନୈତିକ ଦଳଗୁଡ଼ିକ ୩୬.୫ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ।

ତାମିଲନାଡୁରେ ସର୍ବାଧିକ ଅର୍ଥ ଖର୍ଚ୍ଚ ହୋଇଛି । ବିଜେପି ଓ ଡିଏମ୍‌କେ ପକ୍ଷରୁ ଗୁଗୁଲରେ ଭିଡିଓ ବିଜ୍ଞାପନ ବାବଦରେ ୧୭.୧ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ସେହିଭଳି ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ନିର୍ବାଚନ ଏଜେଣ୍ଡା, ନୀତି, ଇସ୍ତାହାର ଓ ସଫଳତାକୁ ବିଜ୍ଞାପନ ମାଧ୍ୟମରେ ପ୍ରଦର୍ଶିତ କରିଛନ୍ତି । ପ୍ରଥମ



ପର୍ଯ୍ୟାୟରେ ଏହି ପରିମାଣର ଅର୍ଥ ଖର୍ଚ୍ଚ ହୋଇଛି । ଗୁଗୁଲ ଓ ମେଟା ପ୍ଲାଟ୍‌ଫର୍ମରେ ରାଜନୈତିକ ଖର୍ଚ୍ଚ ବଢ଼ିଛି । ବିଜେପି ସବୁଠାରୁ ଅଧିକ ଅର୍ଥ ଏବାବଦରେ ବ୍ୟୟ କରିଛି । ବିଜେପି ତା'ର ପ୍ରଭୁତ୍ୱ ଜାହିର କରିବା ପାଇଁ ୧୪.୭ କୋଟି ଟଙ୍କା ଅନ୍‌ଲାଇନ ବିଜ୍ଞାପନରେ ଖର୍ଚ୍ଚ କରିଥିବାବେଳେ କଂଗ୍ରେସ ୧୨.୩ କୋଟି ଟଙ୍କା, ଡିଏମ୍‌କେ ୧୨.୧ କୋଟି ଟଙ୍କା ମାର୍ଚ୍ଚ ୧୫ରୁ ଏପ୍ରିଲ ୧୩ ମଧ୍ୟରେ ଖର୍ଚ୍ଚ କରିଥିବା ଆଡ୍ ଟ୍ରାନପରେନ୍ସି ସେଣ୍ଟର ଓ ମେଟା ଏଡିଲାଇବ୍ରେରୀ ରିପୋର୍ଟରୁ ଜଣାପଡ଼ିଛି । ଗୁଗୁଲରେ ସବୁଠୁ ଅଧିକ ଅର୍ଥ ବ୍ୟୟ କରାଯାଇଛି । ବିଜେପିର ଡିଜିଟାଲ ଖର୍ଚ୍ଚ ପ୍ରାୟ ୮୧%ରୁ ଅଧିକ ରହିଛି । ସେମାନେ ଗୁଗୁଲ ଓ ୟୁଟ୍ୟୁବ୍‌ରେ ବିଜ୍ଞାପନରେ ଅଧିକ ଖର୍ଚ୍ଚ କରାଯାଇଛି । ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୱାଇଏସ୍ ଜଗନ୍‌ମୋହନ ରେଡ୍ଡୀଙ୍କ ଦଳ ମଧ ଅନ୍‌ଲାଇନ ଖର୍ଚ୍ଚ ବୃଦ୍ଧି କରିଛି । ତା'ପଛକୁ ଟିଏମ୍‌ସି, ବିଜେଡି ଓ ଟିଡିପି (୯ ପୃଷ୍ଠାରେ)

### ପ୍ରଥମ ପର୍ଯ୍ୟାୟ ଭୋଟ୍‌ରେ ୧୭ କୋଟିରୁ ଉର୍ଦ୍ଧ୍ୱ ବିଜ୍ଞାପନ ଖର୍ଚ୍ଚ

### ସର୍ବାଗ୍ରେ ରହିଛି ବିଜେପି

## ଇରାନ୍ ଉପରେ ଇସ୍ରାଏଲ୍‌ର ରକେଟ ମାଡ

ନୂଆଦିଲ୍ଲୀ, ୧୯।୪ : ଇସ୍ରାଏଲ ଓ ଇରାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି । ପ୍ରଥମେ ଇରାନ ପକ୍ଷରୁ ଇସ୍ରାଏଲ ଉପରେ ଆକ୍ରମଣ କରାଯାଇଥିଲା । ଏହାର ଜବାବରେ ଇସ୍ରାଏଲ ଇରାନ ଉପରେ ରକେଟ ମାଡ଼ କରିଛି । ଫଳରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି । ମଧ୍ୟପ୍ରାଚ୍ୟରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି । ଆମେରିକା ପକ୍ଷରୁ ଏହି ପ୍ରସଙ୍ଗରେ କୌଣସି ପ୍ରତିକ୍ରିୟା ଆସିନାହିଁ । କେବଳ ଡ୍ରୋନ୍‌ରେ ଆକ୍ରମଣ କରାଯାଇଛି ଓ ମିଶାଇଲ ଆକ୍ରମଣ ହୋଇ ନାହିଁ ବୋଲି କୁହାଯାଇଛି ।

ସମ୍ବାଦ ସରୋବର ସଂସ୍ଥାର ରିପୋର୍ଟ ଅନୁଯାୟୀ ଇସ୍‌ଫାନରେ ବିସ୍ଫୋରଣ କରାଯାଇଛି । ଇରାନର ରାଜଧାନୀ ତେହେରାନରେ ମଧ ବିସ୍ଫୋରଣ ହୋଇଛି । ଇସ୍ଫାନରେ ହେଉଛି ଅନେକ ବୃହତ ସାମରିକ ଘାଟି ରହିଛି । ଏଠାରେ ମଧ ଇରାନର ଆଣବିକ କେନ୍ଦ୍ର ଥିବା ଜଣାପଡ଼ିଛି । ତେବେ ଏହି ଦୁଇ ଦେଶ ମଧ୍ୟରେ ଆକ୍ରମଣ ହୋଇଛି କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ । ତେବେ ଉଭୟ ଦେଶ ମଧ୍ୟରେ ଉତ୍ତେଜନା ଲାଗି ରହିଛି । ଗାଜାଷ୍ଟ୍ରିପରେ ଇସ୍ରାଏଲ ହମାସ ଉପରେ ଆକ୍ରମଣ ଲାଗି ରହିଛି । ଇରାନ ପକ୍ଷରୁ ମଧ ଏୟାର ଡିଫେନ୍ସ ବ୍ୟାଟେରୀଗୁଡ଼ିକୁ ବିସ୍ଫୋରଣ କରାଯାଇଛି । ଇରାନ ପକ୍ଷରୁ କୁହାଯାଇଛି ଯେ ସେମାନେ ସୁରକ୍ଷା ଲାଗି ସବୁ ପଦକ୍ଷେପ ନିଆଯାଇଛି । ତେବେ ଏବିଷୟରେ ସବିଶେଷ ସୂଚନା ସେମାନେ ଦେଇନାହାନ୍ତି । ଆକାଶ ମାର୍ଗରେ ସୁରକ୍ଷା ପାଇଁ ମଧ ପଦକ୍ଷେପ ନିଆଯାଇଛି । ଇରାନ ପକ୍ଷରୁ ଆମେରିକା ଦ୍ୱାରା ପ୍ରସ୍ତୁତ ଏଫ୍-୧୪ ଟମାକ୍ଟ ଯାହା ୧୯୭୯ରେ କିଣାଯାଇଥିଲା, ତାହାର ବ୍ୟବହାର କରାଯାଉଛି । ଫଳରେ ମଧ୍ୟପୂର୍ବରେ ତୈଳ ଦର ବୃଦ୍ଧି ପାଇବାରେ ଲାଗିଛି । ଅଶୋଧିତ ତୈଳ ଦର ଏବେ ବ୍ୟାରେଲ ପିଛା ୯୦ ଡଲାର ଉପରେ ହୋଇଛି । ଇରାନ ପକ୍ଷରୁ ମଧ ତେହେରାନରେ ବିଭିନ୍ନ ବ୍ୟବସାୟିକ ବିମାନକୁ ଓହ୍ଲାଇବା ଲାଗି ଅନୁମତି ଦିଆଯାଇଛି । ଏହାଛଡ଼ା ଅନେକ ଦେଶ ମଧ ଇରାନକୁ ବିମାନ ଯିବା ଉପରେ କଟକଣା ଲାଗୁ କରିଛନ୍ତି ।





## ସୋସିଆଲ କୋଟ୍ସ



ସେହି ଗୋଟିଏ ଫିଲ୍ମ ଯାହାକୁ ମୁଁ ବିନା ସ୍କ୍ରିପ୍ଟ ପଢାରେ କରିଛି । ତାହା କେଉଁ ଫିଲ୍ମକୁ ବେସ୍ କରି କରାଯାଉଛି, ତାହା ମଧ ମୁଁ ଦେଖିନଥିଲି । ତେବେ ଯେତେବେଳେ ମୁଁ ହଲକୁ ଗଲି ୨୦ ମିନିଟ୍‌ରେ ବାହାରକୁ ଆସିଯାଇଥିଲି, ଏଥିପାଇଁ ଅବଶୋଷ ଅଛି ।

ଆଦିଲ୍ ହୁସେନ୍, ଅଭିନେତା



ମୋର ଫାଷ୍ଟ ଚେକ୍ ମୁଁ ବେନ୍‌ଡିଟ୍ କୁଇନ୍ ପାଇଁ ପାଇଥିଲି । ଏହା ୧୦ ହଜାରର ଚେକ୍ ଥିଲା । ଏହି ପଇସା ପାଇବା ପରେ ମୁଁ ସିଧା ଚା' ପିଇବା ପାଇଁ ଯାଇଥିଲି, ଯାହା ଖୁବ ଭଲ ଅନୁଭବ ଥିଲା ।

ମନୋଜ ବାଜପେୟୀ, ଅଭିନେତା



ଯେତେବେଳେ ତୁମକୁ ସବୁଠାରୁ ଅଧିକ ଅସମ୍ମାନ କରାଯାଉଛି ସେହି ସମୟରେ ଚୁପଚାପ ଓ ଶାନ୍ତ ରହିବା ଏକ ନିଆରା ଅନୁଭବ ।

ରାଜ କୁନ୍ଦ୍ରା, ବ୍ୟବସାୟୀ

## ଇତିହାସ

୧୭୭୭– ସ୍ୱତନ୍ତ୍ର ରାଜ୍ୟ ଭାବେ ନ୍ୟୁୟର୍କ ନିଜ ସମ୍ବିଧାନ ଗଠନ କରିଥିଲା ।

୧୯୧୨– କାଉଣ୍ଟ ଡ୍ରାକୁଲା ଚରିତ୍ରର ରଚୟିତା ବ୍ରାମ ଷ୍ଟୋକରଙ୍କ ନିଧନ ।

୧୯୧୪– ପ୍ରସିଦ୍ଧ ସାହିତ୍ୟିକ ଗୋପିନାଥ ମହାନ୍ତିଙ୍କ ଜନ୍ମ ।

୧୯୩୯– ହିଟଲରଙ୍କ ୫୦ତମ ଜନ୍ମଦିନକୁ ରାଷ୍ଟ୍ରୀୟ ଦିବସ ଭାବେ ପାଳନ କରାଗଲା ।

୧୯୪୬– ଜାତିସଂଘର ଲିଗ୍ ଅଫ୍ ନେସନ୍ସ ଭାଙ୍ଗିଥିଲା ।

୧୯୫୩– କୋରିଆ ଏବଂ ସଂଯୁକ୍ତ ରାଷ୍ଟ୍ର ସେନା ମଧ୍ୟରେ ରୋଗାଗ୍ରସ୍ତ ଯୁଦ୍ଧବନ୍ଦୀଙ୍କ ଆଦାନପ୍ରଦାନ ହୋଇଥିଲା ।

୧୯୭୧– ଭାରତ ପ୍ରଥମ ଟେଷ୍ଟ ମ୍ୟାଚ୍ ଜିତିଥିଲା ।

୧୯୭୨– ବଲିଉଡ୍ ଅଭିନେତ୍ରୀ ମମତା କୁଲକର୍ଣ୍ଣୀଙ୍କ ଜନ୍ମ ।

୧୯୯୭– ଇନ୍ଦ୍ର କୁମାର ଗୁଜରାଲ ଦେଶର ୧୨ତମ ପ୍ରଧାନମନ୍ତ୍ରୀ ହୋଇଥିଲେ ।

## ୟୁଟିଆଇ

ମୂତ୍ରାଶୟ ସଂକ୍ରମଣ କହିଲେ ଆମ ଶରୀରରେ ଥିବା ୟୁରିନାରୀ ଟ୍ରାକ୍ ବା ମୁତ୍ରନଳୀରେ ହୋଇଥିବା ସଂକ୍ରମଣକୁ ବୁଝାଇଥାଏ । ତେବେ ଆମ ୟୁରିନାରୀ ଟ୍ରାକରେ ଅନେକଗୁଡିଏ ଅଙ୍ଗ ମିଶିକରି ଥାଏ, ଯେପରି ବୃକକ୍, ୟୁରେଟର, ମୂତ୍ରାଶୟ,ୟୁରେଥ୍ରା ଆଦି । ବୃକକର କାମ ସିଏ ଆମ ରକ୍ତରୁ ଅଦରକାରୀ ସାମଗ୍ରୀକୁ ଛାଣିଥାଏ ଏବଂ ଏହାକୁ ମୂତ୍ରରେ ପରିଣତ କରିଥାଏ । ଏହାପରେ ଏହି ମୂତ୍ର ୟୁରେଟର ଦେଇ ମୂତ୍ରାଶୟରେ ଜମା ହୋଇଥାଏ । ଏହାପରେ ୟୁରେଥ୍ରା ଦେଇ ଏହା ଆମ ଶରୀରରୁ ବାହାରକୁ ଯାଇଥାଏ । ତେଣୁ ମୂତ୍ରାଶୟ ସଂକ୍ରମଣ ସମୟରେ ଏହି ସମସ୍ତ ଅଙ୍ଗ ସଂକ୍ରମିତ ହେବାର ଆଶଙ୍କା ରହିଥାଏ । ଏହି ସଂକ୍ରମଣ ମହିଳାଙ୍କ କ୍ଷେତ୍ରରେ ବେଶି ଦେଖିବାକୁ ମିଳିଥାଏ । ଏହା ଏକ ପ୍ରକାରର ବ୍ୟାକ୍ଟେରିଆଲ ସଂକ୍ରମଣ । ଆମେ ପରିସ୍ରା କରିବା ସମୟରେ ୟୁରେଥା ଦେଇ ଏହି ବ୍ୟକ୍ଟେରିଆ ଆମ ଶରୀରକୁ ପ୍ରବେଶ କରିଥାଏ, ଯାହା ଆମର ମୂତ୍ରାଶୟକୁ ମଧ ସଂକ୍ରମିତ କରିପାରେ । କେବଳ ଏତିକି ନୁହେଁ ଏହି ସଂକ୍ରମଣ ଆମର ବୃକକ୍‌କୁ ମଧ କ୍ଷତି ପହଞ୍ଚାଇବାର ଆଶଙ୍କା ରହିଛି । ଇ. କୋଲି ନାମକ ଏକ ବ୍ୟାକ୍ଟେରିଆ କାରଣରୁ ଏହି ରୋଗ ଆମକୁ ହୋଇଥାଏ ।

ତେବେ ଯଦି ୟୁଟିଆଇ ସଂକ୍ରମଣର କୌଣସି ଲକ୍ଷଣ ଆପଣ ଦେଖୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କୁ ପରାମର୍ଶ କରନ୍ତୁ । ଏଥିପାଇଁ ବିଭିନ୍ନ ପ୍ରକାରର ଟେଷ୍ଟ ରହିଛି, ଯାହା ଦ୍ୱାରା ସଂକ୍ରମଣ ବିଷୟରେ ଜାଣି ହୋଇଥାଏ । ଏଥି ନିମନ୍ତେ ୟୁରିନ୍ କଲଚର୍, ୟୁରିନ୍ ଆନାଲିସିସ୍ ଭଳି ପରୀକ୍ଷା ରହିଛି, ଯେଉଁଥିରୁ ଏ ସମସ୍ତ ବିଷୟରେ ଜାଣି ହୋଇଥାଏ । ଏହା ବ୍ୟତୀତ ଅନ୍ୟାନ୍ୟ ପ୍ରକ୍ରିୟା ମଧ ରହିଛି । ତେଣୁ ଡାକ୍ତରଙ୍କ ପରାମର୍ଶରେ ଏହାର ଚିକିତ୍ସା କରାଇଲେ ତୁରନ୍ତ ଉପଶମ ମିଳିଥାଏ । ତେବେ ଏହାର ଚିକିତ୍ସାରେ କେବେ ହେଲେ ହେଳା କରନ୍ତୁ ନାହିଁ ।



## କେଶକୁ ରଖନ୍ତୁ ସୁସ୍ଥ

ନିଜ କେଶକୁ ସୁନ୍ଦର ତଥା ହେଲ୍‌ଦି କରିବା ଲାଗି କିଏ ବା ନଚାହେଁ । ଏଥିପାଇଁ ଲୋକେ ବିଭିନ୍ନ ପ୍ରକାରର ହେୟାର୍ କେୟାର୍ ପ୍ରଡକ୍ଟ ବ୍ୟବହାର କରିଥାଆନ୍ତି । ହେଲେ ଏସବୁର ବ୍ୟବହାର ଅନେକ ସମୟରେ ଆମ କେଶକୁ ମଜଭୁତ କରିବା ପରିବର୍ତ୍ତେ ଖରାପ କରିଦିଏ । ଯାହାଫଳରେ କେଶ ଝଡିବା, ଦୋମୁହାଁ ହୋଇଯିବା, ଶୁଷ୍କ ହେବା ଆଦି ଭଳି ଅନେକ ସମସ୍ୟା ଦେଖିବାକୁ ମିଳେ । ମାତ୍ର ଏହି ସମସ୍ୟାରୁ ମୁକ୍ତି ପାଇବାକୁ ଚାହୁଁଥିଲେ ଆଲୋବେରା ଜେଲ୍ ଏକ ଭଲ ବିକଳ୍ପ ରୂପେ ସାବ୍ୟସ୍ତ ହେବ । ସାଧାରଣତଃ କେଶକୁ ହେଲ୍‌ଦି କରିବା ଲାଗି ଆଲୋବେରା ଜେଲ୍‌ର ବ୍ୟବହାର ବିଷୟରେ ହୁଏତ ସମସ୍ତେ ଜାଣିଥିବେ । ମାତ୍ର ଏହାକୁ ବ୍ୟବହାର କରିବାର ଏକ ନିର୍ଦ୍ଦିଷ୍ଟ ଉପାୟ ରହିଛି, ଯାହାକୁ ଆପଣାଇଲେ ଖୁବ୍‌ଶୀଘ୍ର ଆପଣଙ୍କର କେଶ ମଜଭୁତ ହୋଇପାରିବ । ଏଥିପାଇଁ ପ୍ରଥମେ ଆପଣଙ୍କର ବ୍ୟବହୃତ ହେୟାର୍ ଅଏଲ୍‌କୁ ସାମାନ୍ୟ ରୂପେ ଗରମ କରିଦିଅନ୍ତୁ । ଏକ ପାତ୍ରରେ ୫ ଚାମଚ ତେଲ ଓ ୩ ଚାମଚ୍ ଆଲୋବେରା ଜେଲ୍‌ର ମିଶ୍ରଣ ପ୍ରସ୍ତୁତ କରି କେଶରେ ଲଗାନ୍ତୁ । ଏପରି କରିବା ଦ୍ୱାରା ଖୁବ୍ କମ୍ ଦିନ ମଧରେ କେଶର ଉଜ୍ଜ୍ୱଳତା ଫେରିପାଇବେ । ସେହିଭଳି ଖରା ଦିନେ ଗରମ କାରଣୁ କେଶ ମୂଳରେ ଝାଳ ଯମିବା ଦ୍ୱାରା ବିଭିନ୍ନ ସମସ୍ୟା ଦେଖିବାକୁ ମିଳିଥାଏ । ତେଣୁ କେଶକୁ ସର୍ବଦା ଶୁଖିଲା ରଖିବାକୁ ଚେଷ୍ଟା କରନ୍ତୁ । ସପ୍ତାହକୁ ଦୁଇଥର ଧୋଇ ପାରିବେ । କେଶ ଝାଳରେ ଓଦା ହେବା ସଙ୍ଗେସଙ୍ଗେ ଏହାକୁ ଶୁଖାନ୍ତୁ ।





## ୨୦ ଲକ୍ଷ ବର୍ଷର ବରଫ

ଆଣ୍ଟାର୍କଟିକାରେ ବୈଜ୍ଞାନିକଙ୍କୁ ମିଳିଛି ପାଖାପାଖି ୨୦ ଲକ୍ଷ ବର୍ଷ ପୁରୁଣା ବରଫ । ଏହି ବରଫ ଖଣ୍ଡ ଏଠିକାର ପାଣିପାଗ ୨୦ ଲକ୍ଷ ବର୍ଷ ତଳେ କିଭଳି ଥିଲା ସେ ନେଇ ସୂଚନା ଦେବ ବୋଲି ବୈଜ୍ଞାନିକ ଆଶା ରଖିଛନ୍ତି । ଏଠାରେ ଖୁବ ଅଧିକ ଥଣ୍ଡା ହେଉଥିବାରୁ ଏଠିକାର ବରଫ ଖୁବ କମ ତରଳିଥାଏ । ପ୍ରତିବର୍ଷ ଏଠିକାର ବରଫ ସ୍ତର ପରେ ସ୍ତର ଯମା ହୋଇ ଚାଲିଥାଏ । ଏହି ବରଫ ଲେୟାରର ଏକ ଭିଡିଓ ସୋସିଆଲ ମିଡିଆରେ ସେୟାର କରାଯାଇଛି, ଯାହା ଦେଖିବାକୁ ଖୁବ ଇଣ୍ଟ୍ରେଷ୍ଟିଂ ହୋଇଛି । ସେହିଭଳି ଅନେକ ବର୍ଷ ପୂର୍ବେ ବରଫର ରଙ୍ଗ ଓ ଟେକ୍ସଚର କିଭଳି ଥିଲା ସେ ସମ୍ପର୍କରେ ମଧ ଏଥିରୁ ଜଣା ପଡିବ । ଏହି ବରଫ ସହାୟତାରେ ଆଣ୍ଟାର୍କଟିକା ସମ୍ବନ୍ଧରେ ଅନେକ ତଥ୍ୟ ମିଳି ପାରିବ ।

## କୋଡିଂ ପାଇଁ ଖୋଜୁଛନ୍ତି ମ୍ୟାଚ୍

ଭାରତର ଟେକ୍ କ୍ୟାପିଟାଲ କହିଲେ ବାଙ୍ଗାଲୁରକୁ ବୁଝାଇଥାଏ । ଏଠାରେ ରହୁଥିବା ଲୋକମାନଙ୍କର ଟେକ୍ନୋଲୋଜି ପ୍ରତି ଭଲପାଇବା ଦେଖିବାକୁ ମିଳିଥାଏ । ତେବେ ଜଣେ ବାଙ୍ଗାଲୁର ମହିଳାଙ୍କର ଟେକ୍ନୋଲୋଜି ପ୍ରତି ଥିବା ଭଲ ପାଇବା ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଜଣେ ଯୁବତୀଙ୍କୁ କୋଡିଂ କରିବା ସମୟରେ କିଛି ଅସୁବିଧା ହୋଇଥିଲା, ଯାହାକୁ ସେ ଯେତେ ଚେଷ୍ଟା କରିଥିଲେ ମଧ ସମାଧାନ ହୋଇନଥିଲା । ତେଣୁ ସେ ଏହାର ଏକ ସରଳ ସମାଧାନ ବାହାର କରିବାକୁ ପ୍ରୟାସ କରିଥିଲେ । ନିଜ ଟିଣ୍ଡର ପ୍ରୋଫାଇଲ ବାୟୋରେ ପରିବର୍ତ୍ତନ କରିଥିଲେ । ସେହି କୋଡିଂକୁ ଯିଏ ସମାଧାନ କରିବ ସେ ତାହା ସହ ଡେଟ୍‌ରେ ଯିବେ ବୋଲି ଅପଡେଟ୍ କରିଥିଲେ । ତେବେ ଯୁବତୀଙ୍କର ଏହି ପ୍ରୋଫାଇଲ୍ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଯୁବତୀଙ୍କର କୋଡିଂ ପ୍ରତି ଭଲପାଇବାକୁ ଲୋକ ପ୍ରଶଂସା କରୁଛନ୍ତି। ସେହିଭଳି ସେ ଖୁବ ପ୍ରାକ୍ଟିକାଲି ନିଜ ସମସ୍ୟାର ସମାଧାନ ଖୋଜୁଥିବାରୁ ଲୋକମାନେ ତାଙ୍କର ପ୍ରଶଂସା କରୁଥିବାର ଦେଖିବାକୁ ମିଳିଛି ।



## ମିଳୁଥିଲା କମ ପାରିଶ୍ରମିକ

ନବେଦଶକର ହିଟ୍ ନାୟିକା ରବିନା ଟଣ୍ଡନ ନିଜର ସେତେବେଳେର ପାରିଶ୍ରମିକକୁ ନେଇ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ତାଙ୍କ ସମୟରେ ନାୟିକାଙ୍କ ପାଖରେ ନା ଥିଲା ଅପସନ୍ ନା ସେମାନଙ୍କୁ ଅଧିକ ପାରିଶ୍ରମିକ ମିଳୁଥିଲା । ସେମାନଙ୍କୁ ନିଜ ହିସାବରେ କିଛି ବି ମିଳୁନଥିଲା । ସେହିଭଳି ଏହି ସମୟରେ ନାୟିକାମାନେ ଏକାସଙ୍ଗରେ ଗୋଟିଏ କି ଦୁଇଟି ନୁହେଁ ବରଂ ୧୦ ରୁ ୧୨ଟି ଫିଲ୍ମରେ ଏକାସଙ୍ଗେ ଅଭିନୟ କରୁଥିଲେ । ସେତେବେଳେ କେବଳ ହିରୋ ଓ ନିର୍ଦ୍ଦେଶକଙ୍କୁ ଫୋକସରେ ରଖାଯାଇ ଫିଲ୍ମ ପ୍ରସ୍ତୁତ କରାଯାଉଥିଲା । ସେ ସମୟରେ ଜଣେ ହିରୋ ଗୋଟିଏ ଫିଲ୍ମରୁ ଯେତିକି ଇନକମ କରୁଥିଲେ, ଜଣେ ହିରୋଇନଙ୍କୁ ୧୫ ରୁ ୧୬ ଫିଲ୍ମରୁ ସେତିକି ପାରିଶ୍ରମିକ ମିଳୁଥିବା ରବିନା ପ୍ରକାଶ କରିଛନ୍ତି ।

ତେଣୁ ସେତେବେଳେ ନାୟିକାଙ୍କର ପ୍ରତିଭା ପ୍ରତି ମଧ ଧାନ ଦିଆଯାଉନଥିଲା । ସେମାନଙ୍କୁ ଅନେକ ପରିଶ୍ରମ କରିବାକୁ ପଡୁଥିଲା । ତେବେ ବର୍ତ୍ତମାନର ସମୟ ବଦଳିଛି । ଏବେ ହିରୋଇନ୍ ମାନେ ହିରୋଙ୍କ ଠାରୁ ମଧ ଅଧିକ ଫିସ୍ ନେଉଛନ୍ତି । ନାରୀ କୈନ୍ଦ୍ରିକ ଫିଲ୍ମ ମଧ ତିଆରି ହେଉଛି, ଯେଉଁଠି ଲିଡ୍‌ରେ ନାୟିକାମାନେ ଅଭିନୟ କରୁଛନ୍ତି ।



## ବାଦାମ ମଟନ କୋରମା

**ସାମଗ୍ରୀ–** ଅଧା କେଜି ମାଂସ, ଏକ କପ ଆଲମଣ୍ଡ, ୨ଟି ବଡ ପିଆଜ କଟା, ୪ ଚାମଚ ଦହି, ୪ ଚାମଚ ଘିଅ, ଏକ ଚାମଚ ଅଦା ରସୁଣ ପେଷ୍ଟ, ଏକ ଚାମଚ ଧନିଆ ପତ୍ର, ଏକ ଚାମଚ ଶୁଖିଲା ଲଙ୍କା ଗୁଣ୍ଡ, ଗୋଟା ଗରମ ମସଲା, ଅଳ୍ପ ପରିମାଣ ରୋଜ ୱାଟର ।

**ପ୍ରଣାଳୀ–** ପ୍ରଥମେ ଆଲମଣ୍ଡ୍‌କୁ ଉଷୁମ ପାଣିରେ ବତୁରାଇ ନିଅନ୍ତୁ । ଏହାପରେ ଏହି ଆଲମଣ୍ଡର ଚୋପା ଛଡାଇ ଦହି ସହିତ ମିଶାଇ ବାଟି ନିଅନ୍ତୁ । ଏହାପରେ ପ୍ୟାନରେ ଘିଅ ପକାଇ ଏଥିରେ ଗୋଟା ଗରମ ମସଲା ପକାନ୍ତୁ । ଏହାପରେ ଏଥିରେ ମଟନ ପକାଇ ଭାଜନ୍ତୁ । ମଟନର ରଙ୍ଗ ପରିବର୍ତ୍ତନ ହେବା ପରେ ଏଥିରେ ଅଦା ରସୁଣ ପେଷ୍ଟ ମିଶାଇ କଷନ୍ତୁ । ଏହାପରେ ଏଥିରେ ସମସ୍ତ ଗୁଣ୍ଡ ମସଲା ପକାଇ ଗୋଳାନ୍ତୁ । ଅଳ୍ପ ସମୟ ଭାଜିବା ପରେ ମଟନରେ ପୂର୍ବରୁ ବାଟି ରଖିଥିବା ଦହି ଓ ଆଲମଣ୍ଡ ମିଶାନ୍ତୁ । ଚିକେନ୍ ସିଝି ଯିବା ପରେ ଏଥିରେ ଅଳ୍ପ ରୋଜ ୱାଟର ମିଶାନ୍ତୁ । ଏହା ପରେ ଅଳ୍ପ ସମୟ ଫୁଟିବାକୁ ଦିଅନ୍ତୁ ଏହାପରେ ପ୍ରସ୍ତୁତ ହୋଇଯିବ ବାଦାମ ଘୋଷ୍ଟ କୋରମା ।



## ନିମାପଡା ଟିକେଟ୍ କନ୍ଦଳ

# ସମୀରଙ୍କ ଶକ୍ତି ପ୍ରଦର୍ଶନ ଆଜି, ନମିଳିଲେ ସମୂହ ଇସ୍ତଫା

ନିମାପଡା(ସବ୍ୟୁ) ବିଜେଡିରୁ ତିନି ତିନି ଥର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସମୀର ରଂଜନ ଦାଶଙ୍କୁ ନିମାପଡା ଆସନରୁ ବିଜେଡି ଟିକେଟ ନମିଳିବା ପରେ ନିମାପଡା ରାଜନିତୀରେ ହଟଚମଟ ଦେଖାଦେଇଛି । ନିକଟରେ ବିଜେପି ଛାଡି ବିଜେଡିରେ ମିଶିଥିବା ଦିଲ୍ଲୀପ କୁମାର ନାୟକଙ୍କୁ ବିଜେଡି ଟିକେଟ ଦେବା ପରେ ନିମାପଡାରେ ଏଭଳି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି । ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହାର ପୁନଃ ବିଚାର କରି ସମୀଙ୍କୁ ଟିକେଟ ପ୍ରଦାନ କରିବାକୁ ସମୀରଙ୍କ ସମର୍ଥକ ରଣହୁଙ୍କାର ଦେଇଛନ୍ତି । ଶନିବାର ଦିନ ନିମାପଡାରେ ବିରାଟ ସମାବେଶ ମାଧ୍ୟମରେ ସମୀର ନିଜର ଶକ୍ତି ପ୍ରଦର୍ଶନ କରିବାକୁ ଯାଉଛନ୍ତି । ନିମାପଡା ନିର୍ବାଚନ ମଣ୍ଡଳୀର ଦୁଇ ହଜାରରୁ ଉର୍ଦ୍ଧ୍ୱ ସମୀର ସମର୍ଥକଙ୍କ ସହିତ ନିମାପଡା ବ୍ଲକ ଅଧ୍ୟକ୍ଷ,ଗୋପ ବ୍ଲକ ଅଧ୍ୟକ୍ଷା, ଉପନଗରପାଳ, ନିର୍ବାଚିତ ସରପଂଚ, ସମିତିସଭ୍ୟ, କାଉନସିଲର, ଜିଲ୍ଲାପରିଷଦ ସଭ୍ୟ, ବିଜେଡି ପଂଚାୟତ ସଭାପତି, ସଂପାଦକ, ଏନ୍ଏସିର ନଗର ସଭାପତି, ସଂପାଦକ, ପ୍ରତ୍ୟକ ୱାର୍ଡର ଦଳୀୟ ସଭାପତି,ସଂପାଦକ ଓ ମହିଳା କାର୍ଯ୍ୟକର୍ତ୍ତ ନିକଟସ୍ଥ ଏକ କଲ୍ୟାଣ ମଣ୍ଡପରେ ବୈଠକ ମାଧ୍ୟମରେ ଏକାଠି ହୋଇଥିଲେ । ନବୀନ ସରକାରଙ୍କ ବିଭିନ୍ନ



ଲୋକାଭିମୁଖୀ ଯୋଜନା ଗୁଡିକୁ ନିମାପଡା ନିର୍ବାଚନ ମଣ୍ଡଳୀରେ ସୁଚାରୁରୁପେ ବିଧାୟକ ସମୀର ରଂଜନ ଦାଶ କାର୍ଯ୍ୟକାରୀ କରିବା ସହିତ ତାଙ୍କ ଅକ୍ଲାନ୍ତ ପରିଶ୍ରମ ଓ ଉଦ୍ୟମ ଯୋଗୁଁ ଏହି ନିର୍ବାଚନ ମଣ୍ଡଳୀର ନିମାପଡା ଓ ଗୋପରେ ବିଜେଡି ବ୍ଲକ ହେଉ କି ଏନ୍ଏସି ଦଖଲ କରି କ୍ଷମତାରେ ରହିବା ସହିତ ଦଳର ସଂଗଠନ ମଜବୁତ ରହିଛି । ସମୀରଙ୍କ ନେତୃତ୍ୱ ଉପରେ ଆମ୍ଭେ ମାନେ ଭରଷା କରି ବିଜେଡି ଦଳରେ ରହିଛୁ । ତେବେ ଦଳର ନେତା କାହିଁକି ସମୀରଙ୍କ ଟିକେଟ କାଟିଲେ ଆମେ ମାନେ କିଛି ବୁଝି ପାରୁନୁ ବୋଲି ଉପସ୍ଥିତ ସମର୍ଥକ ଓ ନେତା ମାନେ ପ୍ରଶ୍ନ କରିଥିଲେ । ରାଜ୍ୟ ନେତୃତ୍ୱ ପୁନଃ ବିଚାର କରି ନିମାପଡାର ପ୍ରିୟ ନେତା ସମୀରଙ୍କୁ ଟିକେଟ ଦେବାକୁ ଅନୁରୋଧ କରିବା ସହିତ କାନ୍ଦି ପକାଇଥିଲେ । ସମର୍ଥକଙ୍କ କାନ୍ଦ ଦେଖି ସମୀର ନିଜ ଲୁହକୁ ଅଟକାଇ ପାରିନଥିଲେ । ତାଙ୍କ ଆଖିରୁ ମଧ ଲୁହ ଝରି ଥିଲା । ଶନିବାର ଅପରାହ୍ନରେ ନିମାପଡା ବାରବାଟୀ ପଡିଆରେ ଏକ ବିରାଟ ସମାବେଶ ଆୟୋଜନ କରାଯାଇଛି । ଏଥିରେ ନିମାପଡା ନିର୍ବାଚନ ମଣ୍ଡଳୀରୁ ପ୍ରାୟ ୨୫ ହଜାରରୁ ଉର୍ଦ୍ଧ୍ୱ ସମୀରଙ୍କ ସମର୍ଥକ ଯୋଗଦେବେ ବୋଲି ସୂଚନା ମିଳିଛି । ଏହି ବିରାଟ ସମାବେଶ ମାଧ୍ୟମରେ ସମୀର ନିଜର ଶକ୍ତି ପ୍ରଦର୍ଶନ କରି ବିଜେଡି ଟିକେଟ ହାତେଇବା ପାଇଁ ରାଜ୍ୟ ନେତୃତ୍ୱଙ୍କ ଉପରେ ଚାପ ପକାଇବେ ବୋଲି କୁହାଯାଉଛି । କଲ୍ୟାଣ ମଣ୍ଡପରେ ଆୟୋଜିତ ଏହି ବୈଠକରେ ନିମାପଡା ବ୍ଲକ ସଭାପତି ଅଶୋକ ସାହୁ,ଗୋପ ବ୍ଲକ ସଭାପତି ମଧୁସୂଦନ ପାଇକରାୟ,ନିମାପଡା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ,ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ,ନିର୍ବାଚନ ମଣ୍ଡଳୀର ସଂପାଦକ ରବିନ୍ଦ୍ର ନାୟକ,ସାଂସଦଙ୍କ ପ୍ରତିନିଧି ସୁକାନ୍ତ କୁମାର ମହାନ୍ତି,ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ,ଉପନଗରପାଳ ସନ୍ତୋଷ ଦାଶ,ନିମାପଡା ନଗର ସଭାପତି ଜୀବନା ନନ୍ଦ ମହାପାତ୍ର,ସଂପାଦକ ସନ୍ତୋଷ ଓଝା,ପୂର୍ବତନ ନଗରପାଳ ସନାତନ ପ୍ରଧାନ,ପୂର୍ବତନ କାଉନସିଲର ବ୍ରଜେନ୍ଦ୍ର ପ୍ରଧାନ,ବିଜେଡି ନେତା ବିଜୟ ପଟ୍ଟନାୟକ, ଯୁବନେତା ରାକେଶ ବେହେରାଙ୍କ ସମେତ ସରପଂଚ, ସମିତିସଭ୍ୟ, ବିଭିନ୍ନ ପଂଚାୟତର ସଭାପତି,ସଂପାଦକ ଦଳର ବହୁ ବରିଷ୍ଠ ନେତୃତ୍ୱ ପ୍ରମୁଖ ଉପସ୍ଥିତଥିଲେ।

## ନିର୍ବାଚନ ପ୍ରଚାରରେ ଶିଶୁଙ୍କୁ ବ୍ୟବହାର ଅଭିଯୋଗ

# ଅପରାଜିତାଙ୍କ ବିରୋଧରେ ସିଇଓଙ୍କୁ ଫେରାଦ ହେଲା ବିଜେଡି

ଭୁବନେଶ୍ୱର(ସବ୍ୟୁ) : ସାଂସଦ ଅପରାଜିତା ଷଡଙ୍ଗୀଙ୍କ ବିରୋଧରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି ବିଜେଡି । ଅପରାଜିତା ନିର୍ବାଚନ ପ୍ରଚାର ଓ ରାଲିରେ ଶିଶୁଙ୍କୁ ବ୍ୟବହାର କରୁଛନ୍ତି । ପ୍ରଚଣ୍ଡ ଖରାରେ ତାଙ୍କ ବେକରେ ଦଳୀୟ ଉତ୍ତରୀୟ ପକାଇ ବୁଲାଉଥିବା ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ବିଜେଡି ଅଭିଯୋଗ କରିଛି ।

ବିଜେଡି ଉଲ୍ଲେଖ କରିଛି ଯେ, ବାରମ୍ବାର ଶ୍ରୀମତୀ ଷଡଙ୍ଗୀ ଏଭଳି ନିର୍ବାଚନ ଆଚରଣ ବିଧି ଉଲ୍ଲଘଂନ କରୁଛନ୍ତି । ତେଣୁ ତାଙ୍କ ଉପରେ ତୁରନ୍ତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପାଇଁ ବିଜେଡି ଦାବି କରିଛି । ଅନ୍ୟପଟେ ପୂର୍ବରୁ ମଧ ଏଭଳି ଦୃଶ୍ୟ ବାରମ୍ବାର ଅପରାଜିତାଙ୍କ ରାଲିରେ



ଦେଖିବାକୁ ମିଳିଛି । ସାମାଜିକ ଗଣମାଧ୍ୟମରେ ମଧ ଦେଖିବାକୁ ମିଳିଛି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଛୋଟ ଛୋଟ ପିଲାଙ୍କୁ ରାଲିରେ ବୁଲାଇବା ନିଶ୍ଚିତ ଏହା ନିର୍ବାଚନ ଆଚରଣବିଧିର ଖୋଲାଖୋଲି ଉଲ୍ଲଂଘନ ବୋଲି ବିଜେଡି ଅଭିଯୋଗ କରିଛି ।

# ରାଜାଙ୍କ ଆଠଗଡ ବଙ୍କରକୁ ଭାଙ୍ଗିବ କିଏ ?

## ଟିକେଟ ଫେରାଇବେ କଂଗ୍ରେସ ପ୍ରାର୍ଥୀ ମେହେବୁବ

କଟକ, (ପ୍ରଫୁଲ୍ଲ ମହାନ୍ତି)କଟକ ଲୋକସଭା ନିର୍ବାଚନ କ୍ଷେତ୍ର ଅନ୍ତର୍ଗତ ୭ ଟି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଅନ୍ୟତମ ନିର୍ବାଚନ ମଣ୍ଡଳୀ ହେଉଛି ଆଠଗଡ ।ଏକଦା କଂଗ୍ରେସର ଗଡ ଥିଲା ଆଠଗଡ । ଏହି ନିର୍ବାଚନ ମଣ୍ଡଳୀରୁ ଦିନେ ରାଜନୀତିର ଚାଣକ୍ୟ କୁହାଯାଉଥିବା ଜାନକୀ ବଲ୍ଲଭ ପଟ୍ଟନାୟକ ନିର୍ବାଚିତ ହୋଇ ରାଜ୍ୟର ମୁଖ୍ୟମନ୍ତ୍ରୀ ସିଟକୁ ଅକ୍ତିଆର କରିଥିଲେ । ତେବେ ତାଙ୍କ ପରେ ଆଠଗଡରେ ଆଉ କଂଗ୍ରେସ ଜିତିବାର ସ୍ୱାଦ ଚାଖିନି ।ଅଣ କଂଗ୍ରେସର ଗଡ ଏବେ ରାଜା ଓରଫ ରଣେନ୍ଦ୍ରଙ୍କ ହାତରେ ରହି ଆସିଛି । ୧୯୯୦ ମସିହାରୁ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ପରାଜୟ ର ସ୍ୱାଦ ଚାଖି ନ ଥିବା ରାଜା ରାଜନୈତିକ ପଶାପାଲି ଖେଳରେ ଗୋଟି ଚଳାଇବାରେ ମାହିର ଥାଇ ମଧ ବିଜେଡିର ଚାଣକ୍ୟ ପ୍ୟାରୀଙ୍କ ଚାଲରେ ତିନିବର୍ଷ ପାଇଁ ପ୍ରତିନିଧିତ୍ୱରୁ ବଞ୍ଚିତ ହୋଇଥିଲେ ।ଶେଷରେ ଆଇନର ଦ୍ୱାରସ୍ଥ ହୋଇ ପୁନର୍ବାର ୨୦୧୨ ଉପ ନିର୍ବାଚନରେ ବିଜୟୀ ହୋଇ ବିଧାନସଭାକୁ ଯାଇଥିଲେ । ସେହି ଦିନ ଠାରୁ ରାଜା ସ୍ୱାଇଁ ଆଉ ପଛକୁ ଫେରି ନାହାନ୍ତି । ୭ ଥର ଇତି ମଧ୍ୟରେ ସେ ବିଧାନ ସଭାକୁ ଯାଇ ସାରିଲେଣି ।ଏଥର ନିର୍ବାଚନକୁ ମିଶାଇଲେ ଉପକୁଳ ଓଡିଶାରୁ ସେ ଏକମାତ୍ର ବ୍ୟକ୍ତି ଯିଏ ଜିତିଲେ ରେକର୍ଡ ଥର ବିଧାନସଭାରେ ପ୍ରତିନିଧିତ୍ୱ କରିବାର ସୌଭାଗ୍ୟ ଅର୍ଜନ କରିବେ । ତେବେ ରାଜନୈତିକ ସମୀକ୍ଷାରୁ ୨୦୧୯ ବିଧାନସଭା ନିର୍ବାଚନକୁ ହିସାବକୁ ନେଲେ ରାଜା ଓରଫ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗତ ଥର ୯୮ ହଜାର ୧୧୪ ଖଣ୍ଡ ଭୋଟ ପାଇ ରେକର୍ଡ ମାର୍ଜିନରେ ବିଜୟୀ ହୋଇଥିଲେ । ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ବିଜେପିର ବଜେନ୍ଦ୍ର ରାୟ ୪୦ ହଜାର ୧୧୯ ଖଣ୍ଡ ଭୋଟ ପାଇ ୨ୟ,କଂଗ୍ରେସର ଉମାବଲ୍ଲଭ ରଥ ୧୦ ହଜାର ୯୪୫ ଖଣ୍ଡ ଭୋଟ ପାଇ ୩ୟ,ସ୍ୱାଧୀନରେ ଲଢୁଥିବା ଅଭୟ ବାରିକ ୪ର୍ଥ ସ୍ଥାନରେ ଥିଲେ । ତେବେ ଚଳିତ ନିର୍ବାଚନ ମୁଖ୍ୟତ ବିଜେପି ଓ ବିଜେଡି ମଧ୍ୟରେ ହେଉଥିବା ରାଜନୈତିକ ବିଶାରଦ ମାନେ ଆଲୋଚନା କରୁଛନ୍ତି । କଂଗ୍ରେସ ଦଳ ପ୍ରତିଥର ଏଠାରେ ନୂଆପ୍ରାର୍ଥୀ ଦେଉଥିବାରୁ ସହଜରେ ନୂଆମୁହଁକୁ ଆଠଗଡ ବାସି ଗ୍ରହଣ କରି ପାରୁ ନାହାନ୍ତି । ଚଳିତ ନିର୍ବାଚନରେ ବିଜୁ ଜନତା ଦଳ ଭେଟେରାନ ରଣେନ୍ଦ୍ରଙ୍କୁ ଟିକେଟ ଦେଇ ବିରୋଧୀଙ୍କ ଶିବିରକୁ ପୁଣି ଟାର୍ଗେଟ କରିଛନ୍ତି ।ବିଜେପି କିନ୍ତୁ ଗତ ଥର ରଣେନ୍ଦ୍ରଙ୍କୁ ଟକ୍କର ଦେଇଥିବା ବଜେନ୍ଦ୍ରଙ୍କୁ ଟିକେଟ ନ ଦେଇ ସ୍ୱାଧୀନ ଭାବେ ଲଢ଼ି ୪ର୍ଥ ସ୍ଥାନରେ ଥିବା ଧର୍ମେନ୍ଦ୍ର ପ୍ରଧାନଙ୍କ ଏକାନ୍ତ ଅନୁଗତ ଅଭୟ ବାରିକଙ୍କ ଉପରେ ଭରସା କରିଛି ।ସେହିପରି ପ୍ରତିଥର ପ୍ରାର୍ଥୀ ବଦଳାଉଥିବା କଂଗ୍ରେସ ଏଥର ମଧ ନୂଆମୁହଁ ଭାବେ ମେହେବୁବ ଅହମ୍ମଦଙ୍କୁ ନେଇଥିଲେ ବି ଶେଷ ମୁହୁର୍ତ୍ତରେ ସେ ଟିକେଟ ଫେରାଇ ଲଢ଼ିବେନି ବୋଲି କହୁଥିବା ତାଙ୍କ ନିକଟତମ ମହଲରୁ ପ୍ରକାଶ ।ଯଦି ଏହା ସତ୍ୟ ହୁଏ ତେବେ ଦଳ ପ୍ରାର୍ଥୀ ଖୋଜି ପୁଣି ଯଦି ଆଉ କାହା ନାଁ ଘୋଷଣା କରେ ତାହା ବାହାଘର ବେଳେ ବାଇଗଣ ରୁଆ ସଦୃଶ ହେବ ।ସେ ଯାହା ବି ହେଉ ଆଠଗଡରେ ଭୋଟ୍ ର ବଙ୍କର କରିଥିବା ରାଜାଙ୍କୁ ହଟାଇବାକୁ ବିରୋଧୀ କେଉଁ ଅସ୍ତ୍ରର ସାହାଯ୍ୟ ନେଉଛନ୍ତି ତାହା ଆଗାମୀ ଦିନରେ ଜଣାପଡିବ ।

## ସମ୍ବଲପୁରରେ କର୍ମୀ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

# ସମ୍ବଲପୁର ପାଇଁ ଥିବା ନିଜ ଦାୟିତ୍ୱକୁ ଭୁଲି ପ୍ରସଙ୍ଗ ନଥିବାରୁ ମିଛ ସୁଆଙ୍ଗ ରଚୁଛି ବିଜେଡି

ଭୁବନେଶ୍ୱର (ସବ୍ୟୁ): ପ୍ରସଙ୍ଗ ନଥିବାରୁ ବିଜେଡି ସମ୍ବଲପୁର ପ୍ରତି ଥିବା ନିଜ ଦାୟିତ୍ୱକୁ ଭୁଲି ମିଛ ସୁଆଙ୍ଗ ରଚୁଛି । ଏନଏଚ-୫୫ର ୯୫ ପ୍ରତିଶତ କାମ ଶେଷ ହୋଇଥିବା ବେଳେ ବାକି କାମ ରାଜ୍ୟ ସରକାରଙ୍କ



ଅସହଯୋଗ ଓ ଷଡଯନ୍ତ୍ର କାରଣରୁ ହୋଇପାରୁନାହିଁ । ଯଦି ସାରା ରାଜ୍ୟରେ ୨୫ ବର୍ଷର ରୂପାନ୍ତରଣ କଥା କୁହାଯାଉଛି ତେବେ ପ୍ରାୟ ସବୁ ସ୍ଥାନରେ କାହିଁକି ଲୋକମାନଙ୍କ ତରଫରୁ ଭୋଟ୍ ବର୍ଜନର କଥା ଆସୁଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ବୁର୍ଲାରେ ବିଜେପିର ନୂତନ କାର୍ଯ୍ୟାଳୟର ଉଦଘାଟନ କରିବା ସହ କର୍ମୀ ସମ୍ମିଳନୀରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ବିଜେଡି ଏନଏଚ-୫୫ କୁ କେବଳ ପ୍ରସଙ୍ଗ କରି ନିଜର ଦାୟିତ୍ୱ ଭୁଲିଯାଇଛି । ବିଜେଡିକୁ ଏନଏଚ-୫୩ର ବିକାଶ କଥା ଦେଖାଯାଉନାହିଁ । ସମ୍ବଲପୁର ସହରରେ ରାସ୍ତା ଓ ଡ୍ରେନଜର ବ୍ୟବସ୍ଥା କଣ ? ଲୋକଙ୍କ ମୌଳିକ ସୁବିଧା ଉପଲବ୍ଧ କରାଇବାରେ ବିଜେଡି ସରକାର ବିଫଳ ହୋଇଛି । ମୁଖ୍ୟମନ୍ତ୍ରୀ ଚଳିତ ନିର୍ବାଚନର ପ୍ରାର୍ଥୀ ହୋଇଥିବା ହିଞ୍ଜିଳିକାଟୁ ଓ କଣ୍ଟାବାଞ୍ଜିରେ ଅଧିକ ମାଇଗ୍ରେସନ ହେଉଛି । ପ୍ରଧାନମନ୍ତ୍ରୀ ୩୪ ଲକ୍ଷ ଆବାସ ପଠାଇଛନ୍ତି, କିନ୍ତୁ ବୁର୍ଲାରେ ଲୋକଙ୍କ ପାଖରେ ପଟ୍ଟା ନଥିବାରୁ ସେମାନଙ୍କୁ ଘର ମିଳୁନାହିଁ । ୨୫ ବର୍ଷର ଦୀର୍ଘ ଶାସନ ପରେ ବି ଲୋକଙ୍କୁ ପଟ୍ଟା ଉପଲବ୍ଧ କରାଇପାରୁନାହାନ୍ତି ।

ପ୍ରାୟ ସାରା ରାଜ୍ୟରେ ୨୪ ବର୍ଷର ରୂପାନ୍ତରଣ କଥା କୁହାଯାଉଥିବା ବେଳେ କାହିଁକି ଭୋଟ୍ ବର୍ଜନର କଥା ଲୋକମାନେ ଉଠାଉଛନ୍ତି । ଏହାକୁ ବିଫଳତା ଓ ପ୍ରବଞ୍ଚନା କୁହାଯିବନି ତ କଣ କୁହାଯିବ । ପ୍ରସଙ୍ଗ ଧର୍ମେନ୍ଦ୍ର ପ୍ରଧାନ ନୁହେଁ, ପ୍ରସଙ୍ଗ ହେଉଛି ଓଡ଼ିଶାର ବିକାଶ କିଏ କରିବ ? ୧୦ ବର୍ଷର କଲ୍ୟାଣକାରୀ ଶାସନ ନା ୨୪ ବର୍ଷର ରୂପାନ୍ତରଣ କହୁଥିବା ଅପାରଗ ସରକାର, ଏହାକୁ ଲୋକମାନେ ହୃଦୟଙ୍ଗମ କଲେଣି । ଏହି କାର୍ଯ୍ୟକ୍ରମ ପୂର୍ବରୁ ଶ୍ରୀ ପ୍ରଧାନ ସମ୍ବଲପୁରର ଲୋକସଭା ପ୍ରାର୍ଥୀ ଭାବେ ସମ୍ବଲପୁରରେ ବେସରକାରୀ ବସ ମାଲିକ ସଂଘ ସମେତ ବିଭିନ୍ନ ସଂଘର କର୍ମକର୍ତ୍ତା ଓ ସଂଗଠନର ସଦସ୍ୟଙ୍କୁ ଭେଟିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ଯାତ୍ରୀଙ୍କ ଯାତାୟତ ସୁବିଧା ଓ ଗମନାଗମନ ନେଇ ବିଭିନ୍ନ ଉପାଦେୟ ପରାମର୍ଶ ଗ୍ରହଣ କରିଥିଲେ । ସମ୍ବଲପୁର ସମେତ ରାଜ୍ୟରେ ଯାତ୍ରୀଙ୍କ ଗମନାଗମନର ବ୍ୟବସ୍ଥାକୁ ସହଜ କରିବାରେ ବସ ମାଲିକ ସଂଘର ଭୂମିକା ଗୁରୁତ୍ୱପର୍ଣ୍ଣ ବୋଲି କହିଥିଲେ । ପରେ ବିଭିନ୍ନ ସଂଗଠନ ସହ ସ୍ଥାନୀୟ ନିର୍ବାଚନମଣ୍ଡଳୀର କିଛି ଯୁବବର୍ଗଙ୍କୁ ଭେଟି ସେମାନଙ୍କର ଥିବା ଆଶା, ଆକାଂକ୍ଷା ଓ ଅପେକ୍ଷା ବିଷୟରେ ପଚାରି ବୁଝିଥିଲେ । ବଡବଜାର ସ୍ଥିତ ହନୁମାନ ମନ୍ଦିରରେ ଦର୍ଶନ କରିବା ସହ ହରିନାମ ସଂକୀର୍ତ୍ତନରେ ସାମିଲ ହୋଇଥିଲେ ।

## ଚୌଦ୍ୱାର – କଟକ ବିଜେପି ପ୍ରାର୍ଥୀ ନୟନ ମହାନ୍ତି ଙ୍କ ଚୌଦ୍ୱାର ବାସନ୍ତୀ ଦୁର୍ଗାପୂଜା ମଣ୍ଡପ ପରିଦର୍ଶନ

କଟକ,( ସବ୍ୟୁ) ଚୌଦ୍ୱାର ବିଭିନ୍ନ ସ୍ଥାନ ରେ ହୋଇଥିବା ବାସନ୍ତୀ ଦୁର୍ଗାପୂଜାରେ ଶତାଧିକ କର୍ମୀ ଓ ସାହି ମୂରବୀ ମାନଙ୍କ ସହିତ ବିଜେପି ପ୍ରାର୍ଥୀ ନୟନ କିଶୋର ମହାନ୍ତି ମଣ୍ଡପ ପରିଦର୍ଶନ କରିଥିଲେ । ଏହି କାର୍ଯ୍ୟ କ୍ରମରେ ସନ୍ତୋଷ ସାହୁ, ରମେଶ ନାୟକ,ଅନୀଲ ଦଳାଇ, ପ୍ରସାର ଜ୍ୟୋତି କୁମାର, ଜିବେଶ ସାହୁ, କୈଳାଶ ଚନ୍ଦ୍ର ସାହୁ, ପଦ୍ମନାଭ ବେହେରା, ଭରତ ସାହୁ ,ସୁଶାନ୍ତ ପରିଡା ମମତା ବେହେରା , ଶ୍ରୀଧର ସାହୁ, ପିନୁଆ ସାହୁ , ସନାତନ ନାୟକ , ଅଜୁଆ ନାୟକ, ଚିନ୍ମୟ ବେହେରା , ସଂଜିତ ମହାନ୍ତି , ଚିନ୍ମୟ ସାହୁ , ମୌସୁମୀ ନାୟକ , ତନ୍ମୟ ସାହୁ , ଭାବଗ୍ରାହୀ ପଟ୍ଟନାୟକ, ସ୍ମୃତି ରଞ୍ଜନ ସାହୁ , ଜ୍ଞାନ ରଞ୍ଜନ ପରିଡା , ଗୌତମ ସାହୁ , ହରିହର ସାହୁ, ସୁଜାତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ଭାଜପା ପ୍ରାର୍ଥୀଙ୍କ ଜନସମ୍ପର୍କ ପଦଯାତ୍ରା

ମହାକାଳପଡ଼ା (ସବ୍ୟୁ): ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମଙ୍ଗଳପୁର, ବରକନ୍ଧା ଓ ପେଟଛେଲା ଗ୍ରାମପଂଚାୟତର ବିଭିନ୍ନ ଗ୍ରାମରେ ଭାଜପା ପ୍ରାର୍ଥୀ ଡକ୍ଟର ଦୁର୍ଗା ପ୍ରସନ୍ନ ନାୟକ ବିଭିନ୍ନ ଗ୍ରାମରେ ଜନସମ୍ପର୍କ ପଦଯାତ୍ରା କରିଛନ୍ତି । ଗ୍ରାମର ବିଭିନ୍ନ ଲୋକଙ୍କୁ ଭେଟି ସେମାନଙ୍କର ପାଖରୁ ବିଭିନ୍ନ ସମସ୍ୟା ପଚାରି ବୁଝିଛନ୍ତି । କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମର ସୁବିଧା ଲୋକମାନେ ପାଇପାରୁଛନ୍ତି କି ନାହିଁ ସେ ସମ୍ପର୍କରେ ଲୋକମାନଙ୍କ ପାଖରୁ ପଚାରି ବୁଝିଥିଲେ । ମଙ୍ଗଳପୁର ଠାରୁ ଏହି ଶୋଭାଯାତ୍ରା ବାହାରିଥିଲା । ଏହି ଶୋଭାଯାତ୍ରାରେ ବରିଷ୍ଠ ନେତା ସରୋଜକାନ୍ତ ସାହୁ, ଅଚିନ୍ତ ମାଇତି, ମଣ୍ଡଳ ସଭାପତି ପ୍ରଶାନ୍ତ ସେଠୀ, ତ୍ରିଲୋଚନ ରାଉତ, ଜିଲ୍ଲା ପରିଷଦ ପ୍ରାର୍ଥୀ ଶଶିକାନ୍ତ ପରିଡ଼ା, ନାରୀନେତ୍ରୀ ନୃପତି ମଲ୍ଲିକ, ଯୁବନେତା ସୁନାକର ପରିଡ଼ା, ସରପଂଚ ରଶ୍ମିକାନ୍ତ ପଲାଇ, ଭୀଷ୍ମ ଲେଙ୍କା, ବଂଟି ଦେବନାଥ, ସୁଜିତ ମାଇତି, ଅକ୍ଷୟ ଡାଳୁଆ, ସୁକାନ୍ତ ଦାସ, ବାରେଣୀ ଭୂୟାଁ, ଚନ୍ଦ୍ରକାନ୍ତ ସ୍ୱାଇଁ, ପ୍ରମୁଖ କାର୍ଯ୍ୟକର୍ତାମାନେ ଏହି ଜନସମ୍ପର୍କ ପଦଯାତ୍ରାରେ ସାମିଲ ହୋଇଥିଲେ ।

# ବିଜେଡ଼ିରେ ଯୋଗଦେଲେ ବିଜେପି ନେତା ଭାଗୀରଥୀ ପ୍ରଧାନ

ଭୁବନେଶ୍ୱର (ସବ୍ୟୁ): ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାଗୀରଥୀ ପ୍ରଧାନଙ୍କ ସହ ଶତାଧିକ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଶୁକ୍ରବାର ଶଙ୍ଖଭବନ ଠାରେ ଆଠମଲ୍ଲିକ ବିଜେଡି ବିଧାୟକ ପ୍ରାର୍ଥୀ ନଳୀନୀକାନ୍ତ ପ୍ରଧାନ, ଅନୁଗୁଳ ଜିଲ୍ଲା ସହ ପର୍ଯ୍ୟବେକ୍ଷକ କୁନା ବିହାରୀ ଦାସ, ଆଠମଲ୍ଲିକ ପର୍ଯ୍ୟବେକ୍ଷକ ଚିନ୍ମୟ ସାହୁ ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ବିଜେପି ନେତା ଭାଗୀରଥୀ ପ୍ରଧାନଙ୍କ ସହ ଶତାଧିକ ବିଜେପି କର୍ମୀଙ୍କୁ ଶ୍ରୀ ପ୍ରଧାନ, ଶ୍ରୀ ଦାସ, ଶ୍ରୀ ସାହୁ ଓ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ବିଜେପି କର୍ମୀମାନଙ୍କ ଯୋଗଦାନ ଫଳରେ ବିଶେଷ କରି ଆଠମଲ୍ଲିକ



ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ପ୍ରଧାନ, ଶ୍ରୀ ଦାସ, ଶ୍ରୀ ସାହୁ ଓ ଡକ୍ଟର ପାତ୍ର କହିଥିଲେ।

ଏହି ମିଶ୍ରଣ ପର୍ବରେ ପରମାନନ୍ଦ ସାହୁ, ବନ୍ଧୁଆ ବେହେରା, ଯଶୋବନ୍ତ ଭୋଇ, ନୀଳାଦ୍ରି ପ୍ରଧାନ, ଦୁର୍ଯୋଧନ ମୁଣ୍ଡା, ଆଶିଷ ବେହେରା, ସୁଜିତ ମହାପାତ୍ର, ଗିରୀଶ ନାୟକ, ଅଭିରାମ ଦେହୁରୀ, ସିପନ୍ ବେହେରା, ହିମାଂଶୁ ବାଘ, ଭବାନୀ ମେହେର, ଶିବ ପ୍ରସାଦ ଗାଇ ଗେରୀୟା, ରାଜ କିଶୋର ବାଘ, ପ୍ରାଣବନ୍ଧୁ ଗୁରୁ, ପାଣ୍ଡୁ ଗୁରୁ, ଭଗବାନ ବେହେରା, ସଂଜୀବ ସାହୁ, କଷ୍ଟୁସାହୁ, ଅଭିନାଶ ସାହୁ, ନିରନ ରାଉଳ, ପ୍ରଦୀପ ପ୍ରଧାନ, ଆଲୋକ ପ୍ରଧାନ, ଅବନୀ ପ୍ରଧାନ, ସୁଶାନ୍ତ ପ୍ରଧାନ, ସନ୍ତୋଷ ସାହୁ, ସତ୍ୟବାନ ସାହୁ, ଶାନ୍ତନୁ ବାଘ, ସୁରେଶ ପ୍ରଧାନ, ଅଜିତ ବିଶ୍ୱାଳ, ପ୍ରସନ୍ନ ସ୍ୱାଇଁ, ନକୁଳ ଦେହୁରୀ, ତ୍ରିଲୋଚନ ଜେନା, ରଘୁନାଥ ଗଡତିଆ ସଂଜିବ ମିର୍ଦ୍ଧା ଓ ହରି ନାୟକଙ୍କ ସହ ଶତାଧିକ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୋ ସ୍ୱାମୀ ନିର୍ଦ୍ଦୋଷ ଦର୍ଶାଇ ହାଇକୋର୍ଟରେ ଅପିଲ କଲେ ପତ୍ନୀ

କଟକ, (ସ୍ୱପ୍ର): କନ୍ଧମାଳ ଜିଲ୍ଲା ଜି-ଉଦୟଗିରି ଥାନା ଅନ୍ତର୍ଗତ ରାଇପଲ୍ଲୀ ଗ୍ରାମର ବିଜୟ ନାୟକ ସାତ ବର୍ଷର ନାବାଳିକା ଝିଅକୁ ଦୁଷ୍କର୍ମ କରିଥିବା ମାମଲାରେ କୋର୍ଟର ସଜା କରାଯାଇଛି । ଅଭିଯୁକ୍ତ ବିଜୟଙ୍କୁ ଏନେଇ ୨୫ ବର୍ଷ ସଜା ହୋଇଛି। ଯାହା ସେ ୩ବର୍ଷରୁ ଉର୍ଦ୍ଧ୍ୱକାଳ ସଜା କାଟିସାରିଲେଣି। କିନ୍ତୁ ଘଟଣାର ପାରିପାର୍ଶ୍ୱିକ ସ୍ଥିତି କିନ୍ତୁ ଭିନ୍ନ ବୟାନ କରୁଛି । ସୂଚନାଯୋଗ୍ୟ, ଉଭୟ ପୀଡ଼ିତା ଓ ଅଭିଯୁକ୍ତ ଗୋଟିଏ ଗ୍ରାମର ହୋଇଥିବା ବେଳେ ଉଭୟେ ସମ୍ପର୍କରେ ଅଜା ନାତୁଣୀ।

ଘଟଣା ଦିନ ଝିଅଟି ଚକୋଲେଟ୍ ଖାଇବା ପାଇଁ ବିଜୟଙ୍କ ଦୋକାନକୁ ଯାଇଥିଲା । ଚକୋଲେଟ ଦେବା ବାହାନାରେ ବିଜୟ ସେଦିନ ତାକୁ ଦୁଷ୍କର୍ମ କରିଥିବା ନେଇ ଝିଅଟି ମା'ଙ୍କୁ କହିଥିଲା । ଏହି ଘଟଣାକୁ ନେଇ ଝିଅର ପରିବାର ବର୍ଗ ୨-୧୨-୨୦୨୦ରେ ଜି-ଉଦୟଗିରି ଥାନାରେ ଏକ ମାମଲା ଦାୟର କରିଥିଲେ । ସେହି କେସକୁ ଆଧାରରେ ଥାନା ଅଧିକାରୀ ଚଞ୍ଚକତା କରି ସେହି ଗୋଟିଏ ଦିନରେ ବିଜୟକୁ ଗିରଫ କରିବା ସହ ବିଜୟଙ୍କ



ସମସ୍ତ ବିରୋଧୀ ଗୋଷ୍ଠୀଙ୍କ ଏକତ୍ରିତ କରି ସାକ୍ଷୀ ଭାବେ ଯୋଗାଡ କରି ତାଙ୍କୁ କୋର୍ଟ ଫରୱାର୍ଡ କରିଥିଲେ । ସେହି ସମୟରେ ଗ୍ରାମର ସେତେବେଳର ସରପଂଚ ସମସ୍ତ ତଥ୍ୟକୁ ଆଧାର କରି ମାମଲାଟି ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଥାନା ଅଧିକାରୀଙ୍କୁ ମଧ୍ୟ କହିଥିଲେ । ଅପରପକ୍ଷେ ଉକ୍ତ ଘଟଣାରେ ଅଭିଯୁକ୍ତ ବିଜୟଙ୍କ ଉପରେ ପୋକ୍ସୋ ଆକ୍ଟ ଲାଗିବା ଦ୍ୱାରା ପୀଡ଼ିତାଙ୍କ ପରିବାର ବର୍ଗକୁ ସରକାରଙ୍କ ତରଫରୁ ୭ଲକ୍ଷ ଟଙ୍କା ମିଳିଥିଲା । ଏହି ଟଙ୍କା ପାଇବା ପାଇଁ ଏସବୁ ଘଟଣା ଘଟାଯାଇଛି ବୋଲି ଗ୍ରାମବାସୀମାନେ ଅଭିଯୋଗ ଆଣିଛନ୍ତି । ଅଭିଯୁକ୍ତ ବିଜୟ ନାୟକ ଜଣେ ନିରିହ ସ୍ୱଭାବର ଲୋକ, ତେଣୁ ସେ ଏଭଳି କାର୍ଯ୍ୟ କେବେବି କରିପାରିବେ ନାହିଁ ବୋଲି ପରିବାର ଲୋକଙ୍କ ବ୍ୟତୀତ ଗ୍ରାମବାସୀମାନେ ମଧ୍ୟ ଏକଥାକୁ ଦୋହରାଇବା ସହ ଏଭଳି ଏକ ସମ୍ବେଦନଶୀଳ ଘଟଣାର ପୁନର୍ବିଚାର କରିବା ପାଇଁ ଆଜି (ଶୁକ୍ରବାର) ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ବିଜୟଙ୍କ ପତ୍ନୀ ପିଙ୍କି ନାୟକ ଅପିଲ କରିଛନ୍ତି । ଏନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ପ୍ରଦାନ କରିଛନ୍ତି । ଏହି କେଶଟିକୁ ହାଇକୋର୍ଟର ଆଇନଜୀବୀ ସୁରେଶ କୁମାର ପଣ୍ଡା ଏବଂ ତାଙ୍କର ସହଯୋଗୀମାନେ ପରିଚାଳନା କରୁଛନ୍ତି। ଏଥିସହିତ ଜାତୀୟ ମହିଳା ସେଲର ସଭାନେତ୍ରୀ ଡ଼ଃ ସୌଦାମିନୀ ଚୌଧୁରୀ ଏବଂ ଥିଙ୍କ ମାନବିକ ଅଧିକାର ସଂଗଠନର ଦକ୍ଷିଣ ଜୋନ ସଭାପତି ଚନ୍ଦନ ନାୟକ, ସାନିତା ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତାମାନେ ଏଥିରେ ସହାୟତା ଯୋଗାଇ ଦେଇଆସୁଛନ୍ତି ।

## ରାଜପଥରେ ଗାଡିରୁ ବେଆଇନ ଅର୍ଥ ଆଦାୟ, ଦୁଇ ଯୁବକ ଅଦାଲତ ଚାଲାଣ

ପାଣିକୋଇଲି (ସବ୍ୟୁ): ରାଜପଥରେ ବେଆଇନ ଭାବେ ୨ ଯୁବକ ଜବରଦସ୍ତ ଚାନ୍ଦା ଆଦାୟ କରିବା ଅଭିଯୋଗରେ ଗିରଫ ହୋଇ ଅଦାଲତ ଚାଲାଣ କରାଯାଇଛି । ଗୁରୁବାର ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସାହାପୁର ନିକଟରେ ଦୁଇ ଯୁବକ ଟ୍ରକ ଅଟକାଇ ବେଆଇନ ଭାବେ ଅର୍ଥ ଆଦାୟ କରୁଥିବା ଖବର ପୁଲିସ ପାଇଥିଲା । ଫଳରେ ସନ୍ଧ୍ୟା ପୋଟ୍ରୋଲିଂଗ ଗାଡି ତତ୍କ୍ଷଣାତ ସେଠାରେ ପହଂଚିଥିଲା । ପୁଲିସ ଦେଖି ଉକ୍ତ ଦୁଇ ଯୁବକ ଅଶ୍ଳୀଳ ଗାଲି ଗୁଲଜ କରିଥିଲେ । ଫଳରେ ସେଠାରେ ପୁଲିସ ତାକୁ କାବୁ କରିଥିଲା । ତାଙ୍କ ନିକଟରୁ ନଗଦ ଅର୍ଥ ସହ ଏକ କଳା ପଲସର ବାଇକ (ଓଡି୩୪ଆର ୪୫୦୨) ଜବତ କରି ଥାନାକୁ ଆଣିଥିଲା । ଯୁବକ ଦୁଇ ଜଣ କୋରେଇ ଥାନା ଅନ୍ତର୍ଗତ ପୂର୍ବକୋଟ(କନ୍ତୋର) ତେଲଙ୍ଗା ବସ୍ତିର ମାରିଆ ପ୍ରଧାନଙ୍କ ପୁଅ କଲ୍ୟାଣ ପ୍ରଧାନ(୨୦) ଓ ଜଖପୁରା ଥାନା ଅନ୍ତର୍ଗତ ରାବଣା ଗ୍ରାମର ଦୁର୍ଗାରାଓ ପ୍ରଧାନ ପୁଅ ଅର୍ଜ୍ଜୁନ ପ୍ରଧାନ(୨୪) ବୋଲି ଜଣାପଡିଥିଲା ।

## ଆକାଶବାଣୀ, ଦୂରଦର୍ଶନରେ ଦେୟମୁକ୍ତ ପ୍ରଚାର କରିବେ

# ରାଜନୈତିକ ଦଳମାନଙ୍କର ଚିରକୁଟ ଉଠାଣରେ ସମୟ ଚୂଡ଼ାନ୍ତ

ଭୁବନେଶ୍ୱର(ସବ୍ୟୁ): ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ ପାଇଁ ଆକାଶବାଣୀ ଓ ଦୂରଦର୍ଶନ ମାଧ୍ୟମରେ ସ୍ୱୀକୃତିପ୍ରାପ୍ତ ଜାତୀୟ ରାଜନୈତିକ ଦଳ ଓ ରାଜ୍ୟ ରାଜନୈତିକ ଦଳମାନେ ଦେୟମୁକ୍ତ ନିର୍ବାଚନ ପ୍ରଚାରର ସମୟ ନିର୍ଘଣ୍ଟ ଶୁକ୍ରବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଚିରକୁଟ ଉଠାଣ ମାଧ୍ୟମରେ ସ୍ଥିରୀକୃତ ହୋଇଛି। ରହିଥିବା ବ୍ୟବସ୍ଥା ଅନୁସାରେ ସ୍ୱୀକୃତିପ୍ରାପ୍ତ ଜାତୀୟ ଓ ରାଜ୍ୟ ରାଜନୈତିକ ଦଳମାନେ ଆକାଶବାଣୀ ଓ ଦୂରଦର୍ଶନରେ ନିର୍ବାଚନ ପ୍ରଚାର ପାଇଁ ସମୟ ପାଇଥାନ୍ତି । ସେହିକ୍ରମରେ ଆକାଶବାଣୀ, କଟକ କେନ୍ଦ୍ର ଓ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ଆନୁକୂଲ୍ୟରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡକ୍ଟର ଏନ୍. ତିରୁମାଲା ନାୟକଙ୍କ ପୌରୋହିତ୍ୟରେ ଏହି ଚିରକୁଟ ଉଠାଣ ପ୍ରକ୍ରିୟା କରାଯାଇଥିଲା । ଏଥିରେ ଭାରତୀୟ ଜନତା ପାର୍ଟି, ଭାରତୀୟ ଜାତୀୟ କଂଗ୍ରେସ, ଆମ୍ ଆଦ୍ମି ପାର୍ଟି, ସିପିଆଇ(ଏମ୍) ଓ ବହୁଜନ ସମାଜ



ପାର୍ଟିର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । ଆକାଶବାଣୀ, କଟକ ପକ୍ଷରୁ କାର୍ଯ୍ୟକ୍ରମ ପ୍ରମୁଖ ତରୁଣ କାନ୍ତି ରାଉତ ଓ ଦୂରଦର୍ଶନ କେନ୍ଦ୍ର, ଭୁବନେଶ୍ୱର ପକ୍ଷରୁ କାର୍ଯ୍ୟକ୍ରମ ପ୍ରମୁଖ ଦେବାଶିଷ ହାଲ୍ଦାର ଚିରକୁଟ ଉଠାଣ ପ୍ରକ୍ରିୟା ସଂପାଦନ କରିଥିଲେ । ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଥର ଥର କରି ଚିରକୁଟ ଉଠାଣ କରିଥିଲେ ଓ ଚିରକୁଟରେ ନାମ ଥିବା ରାଜନୈତିକ ଦଳର ପ୍ରତିନିଧିମାନେ ନିଜ ନିଜ ପସନ୍ଦର ସମୟ ନିର୍ଘଣ୍ଟ ବାଛିଥିଲେ । ଏହି ସମୟ ନିର୍ଘଣ୍ଟ ମଧ୍ୟରେ ସଂପୃକ୍ତ ଦଳମାନେ ଆଦର୍ଶ ଆଚରଣ ବିଧି ଅନୁସାରେ ନିର୍ବାଚନ ପ୍ରଚାର ପାଇଁ ସୁଯୋଗ ପାଇବେ ।

# ମୁଖ୍ୟ ସଚିବଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ୨୦୨୩ ବ୍ୟାଚ୍ ଆଇଏଏସ୍ ଶିକ୍ଷାନବିଶ



ଭୁବନେଶ୍ୱର (ସବ୍ୟୁ): ବ୍ୟାଚ୍ ଭାରତୀୟ ପ୍ରଶାସନିକ ସେବାର ୮ ଜଣ ଶିକ୍ଷାନବିଶ (ଆଇଏଏସ୍ ପ୍ରୋବେସନର) ଆଜି ଅପରାହ୍ଣରେ ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ସମସ୍ତ ଆଇ.ଏ.ଏସ୍ ପ୍ରୋବେସନର ଓଡ଼ିଶା କ୍ୟାଡରର । ସେମାନେ ହେଲେ ଆସ୍ମି ଏଲ୍., କସ୍ତୁରୀ ପଣ୍ଡା, ତେଜସ୍ୱନୀ ବେହେରା, ଦୁଧାଲ ଅଭିଷେକ ଦିଲ୍ଲୀପ, ପ୍ରଣୀତା ଦାଶ, ପ୍ରେକ୍ଷା ଅଗ୍ରୱାଲ, ଜିମକୁମ ଆଇ. ଓଜୁକୁମ୍ ଏବଂ ସି. ସରଭାନନ୍ । ଏହି ସମସ୍ତ ଶିକ୍ଷାନବିଶମାନେ ଭୁବନେଶ୍ୱର ସ୍ଥିତ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ଅଧିନରେ ପାଖାପାଖି ୧ ବର୍ଷ ପ୍ରଶିକ୍ଷଣ ନେବେ । ଗୋପବନ୍ଧୁ ଏକାଡେମୀ ଏବଂ ପରେ ପରେ ଲାଲବାହାଦୁର ଶାସ୍ତ୍ରୀ ଜାତୀୟ ପ୍ରଶାସନିକ ଏକାଡେମୀରେ ପ୍ରଶିକ୍ଷଣ ସାରି ପରବର୍ତ୍ତୀ ସମୟରେ ସେମାନେ ଓଡିଶାର ବିଭିନ୍ନ ଜିଲ୍ଲାରେ ଅବସ୍ଥାପିତ ହେବେ । ଓଡ଼ିଶାରେ ପ୍ରଶିକ୍ଷଣ ସମୟରେ ସେମାନେ ରାଜସ୍ୱ ଆଇନ ସଂପର୍କିତ ପ୍ରଶିକ୍ଷଣ, କ୍ଷେତ୍ର ପରିଦର୍ଶନ ସହ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପରିଦର୍ଶନ କରିବେ । ଏଥି ସହିତ ମଧ୍ୟ ଆଗାମୀ ସାଧାରଣ ନିର୍ବାଚନ ୨୦୨୪ ସମୟରେ ସେମାନେ ଅବସ୍ଥାପିତ ହେବାକୁ ଥିବା ବିଭିନ୍ନ ଜିଲ୍ଲାରେ ନିର୍ବାଚନ ପରିଚାଳନା ଓ ମତଗଣନା ସଂକ୍ରାନ୍ତୀୟ କାର୍ଯ୍ୟ ଅନୁଧ୍ୟାନ କରିବେ ବୋଲି ଜଣାଯାଇଛି । ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା ସମସ୍ତ ପ୍ରୋବେସନରମାନଙ୍କୁ ସେମାନଙ୍କର ପ୍ରଶିକ୍ଷଣର ସଫଳତା ତଥା ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି ପରିଦର୍ଶନ ସମୟରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ତଥା ପର୍ଯ୍ୟଟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଗ୍ରାମ୍ୟ ଉନ୍ନୟନ, ସୂଚନା ଓ ଲୋକ ସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ, ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଉପ ମହାନିର୍ଦ୍ଦେଶକ ମନିଷ ଅଗ୍ରୱାଲ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି, ଏହି ଆଇଏଏସ୍ ପ୍ରୋବେସନରମାନେ ଏହା ପୂର୍ବରୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ଯୋଗଦାନ କରିବା ପରେ ପ୍ରଥମେ ଏକାଡେମୀର ମହା ନିର୍ଦ୍ଦେଶକ ତଥାଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗଙ୍କୁ ମଧ୍ୟ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଶ୍ରୀମତୀ ଗର୍ଗ ମଧ୍ୟ ସେମାନଙ୍କର ସର୍ବ ସଫଳତା କାମନା କରିଛନ୍ତି ।

## ବିଜେଡିର କର୍ମୀ ସମ୍ମିଳନୀ

ବାରଙ୍ଗ(ସବ୍ୟୁ): ଦାଢା ଗ୍ରାମପଞ୍ଚାୟତର ବିଜୁ ଜନତା ଦଳ ପକ୍ଷରୁ କର୍ମୀ ସମ୍ମିଳନୀ ବାରଙ୍ଗ ବଛିପୁର ଠାରେ ଥିବା କାସା ମଣ୍ଡପ ରେ ଅନୁଷ୍ଠିତ ହୋଇଯାଇଛି । ଦାଢା ଗ୍ରାମ ପଞ୍ଚାୟତ ସରପଞ୍ଚ ଦିଲୀପ ବେହେରା ଙ୍କ ନେତୃତ୍ୱରେ ଆୟୋଜିତ ହୋଇଯାଇଛି । ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କର ବିକାଶ ମୂଳକ ଯୋଜନା, ନିର୍ମଳ ଭାବମୂର୍ତ୍ତିକୁ ନେଇ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ଷଷ୍ଠ ଥର ପାଇଁ ଓଡ଼ିଶାର ଦାୟିତ୍ୱ ନେବାକୁ ଯାଉଛନ୍ତି ବୋଲି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ମତବ୍ୟକ୍ତ କରିଥିଲେ । ବାଙ୍କୀ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଯୋଗଦେଇ ଆଗାମୀ ଦିନରେ ଡବଲ ଶଙ୍ଖରେ ଭୋଟ ଦେଇ ମୁଖ୍ୟମନ୍ତ୍ରୀଙ୍କର ହାତମୁଠାକୁ ଟାଣ କରିବା ପାଇଁ ନିବେଦନ କରିଥିଲେ । ବାରଙ୍ଗ ଅଞ୍ଚଳ ରେ ମେଟ୍ରୋ ଟ୍ରେନ ଚଳାଚଳ ସହିତ ସହରୀ ସୁବିଧା ଯୋଗାଇଦେବା ପାଇଁ ନିଜର ମତବ୍ୟକ୍ତ କରିଥିଲେ । ଏହି କର୍ମୀ ସମ୍ମିଳନୀରେ ଅନ୍ୟତମ ଅତିଥି ଭାବେ ବ୍ଲକ ଅଧକ୍ଷା ସାବିତ୍ରୀ ଦଳାଇ , ପୂର୍ବତନ ବ୍ଲକ ଅଧକ୍ଷା ସସ୍ମିତା ସାହୁ ,ବାରଙ୍ଗ ବ୍ଲକର ବିଜୁ ଜନତା ଦଳର ସଭାପତି ଅଶୋକ ରାଉତ, ସରପଞ୍ଚ, ସମିତି ସଭ୍ୟ, ବରିଷ୍ଠ ବିଜୁଜନତା ଦଳ ର ସଦସ୍ୟ ତଥା ଏହି କର୍ମୀ ସମ୍ମିଳନୀ ରେ ଦାଢା ଗ୍ରାମ ପଞ୍ଚାୟତ ର ବହୁ ବିଜେପି କର୍ମୀ ବିଜେଡି ରେ ଯୋଗ ଦେଇଥିଲେ ।

## ଏମ୍ସ ଭୁବନେଶ୍ୱରରେ ବିଶ୍ୱ ଯକୃତ ଦିବସ
# ନିୟମିତ ବ୍ୟାୟାମ ଦ୍ୱାରା ଯକୃତ ରୋଗକୁ ରୋକାଯାଇପାରିବ



ଭୁବନେଶ୍ୱର(ସବ୍ୟୁ): ବିଶ୍ୱ ଯକୃତ ଦିବସ ପାଳନ ଅବସରରେ ଏମ୍ସ ଭୁବନେଶ୍ୱର ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି (ଯକୃତ) ବିଭାଗ ପକ୍ଷରୁ ଯକୃତ ରୋଗ ଓ ଏକ ସୁସ୍ଥ ଜୀବନଶୈଳୀର ମହତ୍ତ୍ୱ ବିଷୟରେ ରୋଗୀ ଏବଂ ଡାକ୍ତରଙ୍କ ମଧ୍ୟରେ ମତବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷର ଥିମ୍ ଥିଲା 'ଆପଣଙ୍କର ଯକୃତକୁ ସୁସ୍ଥ ଏବଂ ରୋଗମୁକ୍ତ ରଖନ୍ତୁ' । ଯକୃତ ବିଭାଗ ବର୍ହିବିଭାଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦୁଇ ଶହରୁ ଅଧିକ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ଅଂଶଗ୍ରହଣ କରିଥିଲେ ।

ଏମ୍ସ ଯକୃତି ବିଭାଗକୁ ଚିକିତ୍ସା ନିମନ୍ତେ ମାସିକ ପ୍ରାୟ ୪ହଜାରରୁ ୫ ହଜାର ରୋଗୀ ଆସୁଛନ୍ତି । ସେମାନଙ୍କ ମଧ୍ୟରୁ ପ୍ରାୟ ୧୫ଶହ ରୋଗୀ ଯକୃତ ସମ୍ବନ୍ଧୀୟ ନାନା ସମସ୍ୟା ପାଇଁ ପରାମର୍ଶ ଲୋଡ଼ିଥାଆନ୍ତି । ସଚେତନ ହେଲେ ପ୍ରାୟ ୯୦ ପ୍ରତିଶତରୁ ଅଧିକ ଯକୃତ ରୋଗକୁ ପ୍ରତିରୋଧ କରାଯାଇପାରିବ ବୋଲି ବିଭାଗର ଅତିରିକ୍ତ ପ୍ରଫେସର୍ ଡ. ମାନସ କୁମାର ପାଣିଗ୍ରାହୀ ପ୍ରକାଶ କରିଛନ୍ତି । ସେହିପରି ମଦ୍ୟପାନରୁ ନକରିବା, ପ୍ରକ୍ରିୟାକୃତ ଏବଂ ଜଙ୍କ ଫୁଡ୍ ଠାରୁ ଦୂରେଇ ରହିବା, ଆବଶ୍ୟକୀୟ ସ୍କ୍ରିନିଂ କରିବା, ହେପାଟାଇଟିସ୍ ବି ଟୀକାକରଣ ଏବଂ ନିୟମିତ ବ୍ୟାୟାମ କଲେ ଯକୃତ ରୋଗକୁ ପ୍ରତିରୋଧ କରାଯାଇପାରିବ ବୋଲି ଡ. ପାଣିଗ୍ରାହୀ କହିଛନ୍ତି ।

ଏହି ଅବସରରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ . ଆଶୁତୋଷ ବିଶ୍ୱାସ କହିଛନ୍ତି, ଯକୃତ ରୋଗକୁ ରୋକିବାରେ ସୁସ୍ଥ ଜୀବନଶୈଳୀର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ । ଜଣ୍ଡିସ ସହିତ ବିଭିନ୍ନ ଯକୃତ ରୋଗ ପାଇଁ ଡାକ୍ତରୀ ପରାମର୍ଶ ବିନା ବଜାରରେ ମିଳୁଥିବା ଏକାଧିକ ବିକଳ୍ପ ଔଷଧ କିମ୍ବା ସପ୍ଲିମେଣ୍ଟାରୀ ସେବନ ଅତ୍ୟନ୍ତ ବିପଦପୂର୍ଣ୍ଣ । ଏନେଇ ରୋଗୀଙ୍କୁ ଡାକ୍ତରଙ୍କ ଉପଯୁକ୍ତ ଚିକିତ୍ସା ପରାମର୍ଶ ନେବାକୁ ଡ. ବିଶ୍ୱାସ ପରାମର୍ଶ ଦେଇଛନ୍ତି । ଯକୃତ ସ୍ୱାସ୍ଥ୍ୟ ଏବଂ ରୋଗ ନିରାକରଣ ପାଇଁ ବିଭାଗର ପ୍ରତିବଦ୍ଧତାକୁ ଦର୍ଶାଇ ବିଭାଗୀୟ ମୁଖ୍ୟ ଡ. ସୁବାଷ ଚନ୍ଦ୍ର ସାମଲ, ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ନନ୍ଦନକାନନରେ ୱାଲାବି ଅସୁସ୍ଥ

ବାରଙ୍ଗ,(ସବ୍ୟୁ): ଶୁକ୍ରବାର ପ୍ରାଣିଉଦ୍ୟାନ ନନ୍ଦନକାନନରେ ବାଘୁଣୀ ସ୍ନେହାର ମୃତ୍ୟୁ ହୋଇଥିବା ବେଳେ ପୁଣି ଏକ ଅଣ୍ଡିରା ୱାଲାବି ଅସୁସ୍ଥ ହୋଇଛି । ଯାହାକୁ ନେଇ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ିଯାଇଛି । ୱାଲାବି ଟି ଖାଇବା କମାଇଦେଇଛି । ଗୋଟିଏ ଜାଗାରେ ପଡି ରହିଛି । ଏଠାକାରଡାକ୍ତରମାନେ ତାର ଚିକିତ୍ସାଆରମ୍ଭ କରିଥିଲେ ସୁଦ୍ଧା ୱାଲାବିର ସ୍ୱାସ୍ଥ୍ୟରେ ଉନ୍ନତି ହୋଇନଥିବା ଜଣାପଡ଼ିଛି । ପ୍ରକାଶ ଥାଉକି ଯେ, ପୂର୍ବରୁ ଗତ ମାର୍ଚ୍ଚ ୭ ତାରିଖ ଦିନ ଗୋଟିଏ ଅଣ୍ଡିରା ୱାଲାବି ଗୁରୁତର ଅସୁସ୍ଥ ହୋଇପଡ଼ିଥିଲା । ୱାଲାବିଟିକୁ ବାଧହୋଇ ପରିସରରେ ଥିବା ଚିକିତ୍ସାଳୟକୁ ଅଣାଯାଇ ସାଲାଇନି ଲଗାଯାଇଥିଲା । ଏହାସହ ତାର ରକ୍ତନମୁନା ସଂଗ୍ରହ କରାଯାଇ ଓୟୁଏଟିକୁ ପରୀକ୍ଷାପାଇଁ ପଠାଯାଇଥିଲା । କିନ୍ତୁ ଏଠାରେ ବଞ୍ଚେଇପାରିଲେନି ଡାକ୍ତର । ଶେଷରେ ମୃତ୍ୟୁ ସହ ସଂଗ୍ରାମ କରି ମାର୍ଚ୍ଚ ୧୧ ତାରିଖ ରେ ମୃତ୍ୟୁ ହୋଇଥିଲା । ଏହି ୱାଲାବିର ମୃତ୍ୟୁ ପରେ ଗୋଟିଏ ରହିଥିଲା କର୍ତ୍ତୃପକ୍ଷ ପୁଣି ଆଉ ଗୋଟେ ୱାଲାବି ଆଣିଥିଲେ । ଏବେ ୨ ଟି ୱାଲାବି ଅଛନ୍ତି ।

## ମହିଳାଙ୍କୁ ଗଣଦୁଷ୍କର୍ମ: ଦୁଇ ଗିରଫ

ଆଠଗଡ଼,(ସବ୍ୟୁ): ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ମହାଲକ୍ଷ୍ମୀପୁର ଗ୍ରାମର ୩୦ ବର୍ଷିଆ ମହିଳାଙ୍କୁ ଦୁଇ ଯୁବକ ଗତ ୧୩ ତାରିଖ ରାତିରେ ଏକ ମୋଟର ସାଇକେଲରେ ଉଠାଇ ନେଇ ନିକଟସ୍ଥ ଜଙ୍ଗଲରେ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଘଟଣା ପରେ ଭୟଭୀତ ମହିଳା ଗତ କାଲି ୧୮ ତାରିଖରେ ଖୁଣ୍ଟୁଣୀ ଥାନାକୁ ଆସି ଅଭିଯୋଗ କରିବା ପରେ ପୋଲିସ କେଶ୍ ନଂ ୯୨/ ୨୦୨୪ ରୁଜୁ କରି ଦୁଇ ଯୁବକଙ୍କୁ ଗିରଫ କରିବା ସହିତ କୋର୍ଟ ଚାଲାଣ କରିଛି । ଗିରଫ ଯୁବକ ପ୍ରଧାନ ସଏ(୨୫) ଖୁଣ୍ଟୁଣୀ ଥାନା ଗାଣ୍ଡିଆଝର ଗ୍ରାମର ହୋଇଥିବା ବେଳେ ଚଗୁ ଓରଫ ଚୈତନ୍ୟ ବରୁଆ (୨୯) ମୟୁରଭଞ୍ଜ ଠାକୁର ମୁଣ୍ଡା ଅଞ୍ଚଳର ବୋଲି ଜଣାପଡିଛି । ପ୍ରକାଶ ଯୋଗ୍ୟ ଏହି ଅଞ୍ଚଳରେ ଓଡ଼ିଶା ତଥା ଓଡ଼ିଶା ବାହାରର ବହୁ ଅପରାଧି ରହି ମଦ, ଗଞ୍ଜେଇ ବେପାର କରିବା ସହିତ ଅବକାରୀ ବିଭାଗ ଉପରେ ଆକ୍ରମଣ କରିବାର ନଜିର ଅଛି ।



ବିଜେଡିର ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ମୋ ବସ୍‌ରେ ଯାତ୍ରା କରି ଯାତ୍ରୀମାନଙ୍କ ସହିତ ଆଲୋଚନା କରୁଛନ୍ତି ।

# ପ୍ରଫୁଲ୍ଲ ମଲ୍ଲିକ, ଅବିନାଶ ସାମଲଙ୍କ ମାରାଥନ ସଭା

କାମାକ୍ଷାନଗର ,(ସବ୍ୟୁ) : କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ମଲ୍ଲିକ ଓ ସାଂସଦ ପ୍ରାର୍ଥୀ ଅବିନାଶ ସାମଲ ଙ୍କ ମାରାଥନ କର୍ମୀ ସମ୍ମିଳନୀ ଓ ନିର୍ବାଚନ ସଭା । ଗୋଟିଏ ଦିନ ରେ କାମାକ୍ଷାନଗର ଏନଏସି ସ୍ଥିତ ସାରଙ୍ଗଧର ଷ୍ଟାଡିୟମ, ଭଏରପୁର ଓ ତେନ୍ତୁଳିସିଙ୍ଗା ଠାରେ ଥିବା ରାମେଶ୍ୱର ମନ୍ଦିର ନିକଟ ପୁରପଣ୍ଡା ଡୋଟାରେ କର୍ମୀ ସମ୍ମିଳନୀ ଓ ସଭାର ଆୟୋଜନ କରି ନିର୍ବାଚନ ମାହୋଲ କୁ ସରଗରମ କରିଛି ବିଜେଡି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ, ଜନକଲ୍ୟାଣ କାର୍ଯ୍ୟ ଓ କାମାକ୍ଷାନଗର ନିର୍ବାଚନମଣ୍ଡଳୀ ରେ ହୋଇଥିବା ବିକାଶ କାର୍ଯ୍ୟ କୁ ନେଇ ବିଜେଡି ଲୋକ ଙ୍କ ପାଖରେ ପହଁଚୁଛି । ଯାହା ଫଳରେ ସମସ୍ତ ତିନୋଟି ସଭା ସ୍ଥଳ ରେ ହୋଇଥିବା କର୍ମୀ ସମ୍ମିଳନୀ ରେ ଦଶ ହଜାର ରୁ ଉର୍ଦ୍ଧ ସାଧାରଣ ଲୋକ ଯୋଗ ଦେଇଥିଲେ । ଆଗାମୀ ନିର୍ବାଚନ ରେ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ରୁ ବିଜେଡି ବିଧାୟକ ପ୍ରାର୍ଥୀ ହୋଇଥିବା ପ୍ରଫୁଲ୍ଲ ମଲ୍ଲିକ ଓ ଢେଙ୍କାନାଳ ସାଂସଦ ପ୍ରାର୍ଥୀ ଅବିନାଶ ସାମଲ ଙ୍କୁ ୫୦,୦୦୦ ହଜାର ରୁ ଉର୍ଦ୍ଧ ଭୋଟ ରେ ବିଜୟୀ କରି ସାରା ରାଜ୍ୟରେ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ କିପରି ରେକର୍ଡ ସୃଷ୍ଟି କରିବ ସେନେଇ ଉପସ୍ଥିତ କର୍ମୀ ଉତ୍ସାହିତ ହୋଇଛନ୍ତି । ଏହି କର୍ମୀ ସମ୍ମିଳନୀ ରେ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ମଲ୍ଲିକ ଓ ସାଂସଦ ପ୍ରାର୍ଥୀ ଅବିନାଶ ସାମଲ କିପରି ବିଜେଡି ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହେବ ସେଥିପାଇଁ ଏକଜୁଟ ହୋଇ ସମସ୍ତେ କାମ କରିବାପାଇଁ ଆହ୍ୱାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କାମାକ୍ଷାନଗର ଏନଏସି ଅଧକ୍ଷ ଧର୍ମାନନ୍ଦ ପରିଡା, ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସାହୁ, ବିଜେଡି ବ୍ଲକ ସଭାପତି ପ୍ରଭାସ ମିଶ୍ର, ନଗର ସଭାପତି ଆଦିତ୍ୟ ଆଚାର୍ଯ୍ୟ ଙ୍କ ସମେତ ନିର୍ବାଚନମଣ୍ଡଳୀ ର ବିଭିନ୍ନ ଜିଲ୍ଲା ପରିଷଦ, ସରପଞ୍ଚ, ସମିତି ସଭ୍ୟ, ଛାମୁଆ ନେତା ଓ ଦଶ ହଜାର ରୁ ଉର୍ଦ୍ଧ ଜନସାଧାରଣ ଯୋଗ ଦେଇଥିଲେ । ଏହି ମାରାଥନ ନିର୍ବାଚନ ସଭା ଆୟୋଜନ କରି ବିଜେଡି ର ଗଡ଼ କୁହାଯାଉଥିବା କାମାକ୍ଷାନଗର ରେ ଦଳ ନିଜର ଶକ୍ତି ପ୍ରଦର୍ଶନ କରିଥିବା ବେଳେ ନିର୍ବାଚନ ମାହୋଲକୁ ସରଗରମ କରି ବିପୁଳ ଭୋଟ ପାଇ ଦଳୀୟ ପ୍ରାର୍ଥୀ ବିଜୟୀ ହେବା ନେଇ ଚର୍ଚ୍ଚା ଜୋର ଧରିଛି ।




# ୨୧ରୁ ପ୍ରଚଣ୍ଡ ରୌଦ୍ର ତାପରୁ ମିଳିପାରେ ଆଶ୍ୱସ୍ତି : ସିଇସି

ଭୁବନେଶ୍ୱର (ସବ୍ୟୁ): ବଙ୍ଗୋପସାଗରରେ ଆଣ୍ଟି ସାଇକ୍ଲୋନ ସୃଷ୍ଟି ହେବାର ସମ୍ଭାବନା କାରଣରୁ ଓଡ଼ିଶାରେ ଆସନ୍ତା ୨୧ ତାରିଖ ଠାରୁ ପ୍ରଚଣ୍ଡ ଖରା ତାତିରୁ କିଛିଟା ଆଶ୍ୱସ୍ତି ମିଳିପାରେ ବୋଲି ଶୁକ୍ରବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ପରିବେଶ ଓ ଜଳବାୟୁ କେନ୍ଦ୍ର (ସିଇସି) ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ଜାରି ରହିଥିବା ଖରା ତାତି ଆଉ ଗୋଟିଏ ଦିନ ରହିବାର ସମ୍ଭାବନା ଥିବା ବେଳେ ଏପ୍ରିଲ ୨୧ ତାରିଖରୁ ସମୁଦ୍ର ଆଡୁ ଉପକୂଳ ଅଂଚଳକୁ ଦୁର୍ବଳ ବାୟୁ ପ୍ରବାହ ହେବ। ଏହା ଏପ୍ରିଲ ୨୫ ପର୍ଯ୍ୟନ୍ତ ଜାରି ରହିପାରେ ବୋଲି ସିଇସିର ନିର୍ଦ୍ଦେଶକ ଡକ୍ଟର ଶରତ ଚନ୍ଦ୍ର ସାହୁ କହିଛନ୍ତି । ଏପ୍ରିଲ୍ ୨୧ ଏବଂ ଏହାର ପରବର୍ତୀ ଦିନ ଉପକୂଳ ଓ ଦକ୍ଷିଣ ଓଡ଼ିଶାର କେତୋଟି ଜିଲ୍ଲାରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି। ତେବେ ଆଭ୍ୟନ୍ତରୀଣ ଜିଲ୍ଲା ଗୁଡ଼ିକରେ ଦିନର ତାପମାତ୍ରା ୩୮ ଡିଗ୍ରୀରୁ ୪୧ ଡିଗ୍ରୀ ସେଲ୍‌ସିଅସ ମଧ୍ୟରେ ରହିବାର ସମ୍ଭାବନା ଥିବାବେଳେ ଉପକୂଳବର୍ତୀ ଅଂଚଳରେ ୩୭ ଡିଗ୍ରୀରୁ ୩୯ ଡିଗ୍ରୀ ସେଲ୍‌ସିଅସ ମଧ୍ୟରେ ରହିପାରେ। କେତେକ ସ୍ଥାନରେ ୩୬ ଡିଗ୍ରୀ ସେଲ୍‌ସିଅସରୁ କମ୍ ରହିପାରେ ବୋଲି ସେ କହିଛନ୍ତି । ତେବେ ଏପ୍ରିଲ୍ ୨୬ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଦିନର ତାପମାତ୍ରା ବୃଦ୍ଧିପାଇ ଏପ୍ରିଲ୍ ୨୮ ତାରିଖ ପରେ ୪୪ରୁ ୪୫ ଡିଗ୍ରୀ ସେଲସିଅସ ରହିପାରେ ବୋଲି ଡ଼. ସାହୁ କହିଛନ୍ତି ।

# ବ୍ୟାଙ୍କ ଅଫ୍ ବରୋଦାର ନୂତନ ଅଞ୍ଚଳ କାର୍ଯ୍ୟାଳୟ
## ପ୍ରଥମ ଅଞ୍ଚଳ ପ୍ରବନ୍ଧକ ହେଲେ ସ୍ୱପ୍ନା ବନ୍ଦୋପାଧ୍ୟାୟ

ଭୁବନେଶ୍ୱର (ସବ୍ୟୁ) : ବ୍ୟାଙ୍କ ଅଫ୍ ବରୋଦାର ପ୍ରୋଜେକ୍ଟ ଭିସ୍ତାର ଅଧିନରେ ଏକ ନୂତନ ଅଞ୍ଚଳ କାର୍ଯ୍ୟାଳୟ ଚଳିତ ମାସ ଏପ୍ରିଲ ୦୧ ତାରିଖରେ ଶୁଭାରମ୍ଭ କରାଯାଇଛି । ଦ୍ୱିତୀୟ ବୃହତ୍ତମ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା ଓଡିଶା। ରାଜ୍ୟ ସମେତ ସମଗ୍ର ଦେଶରେ ଶାଖାଗୁଡିକର ବ୍ୟାପକ ନେଟ୍‌ୱର୍କ ସହିତ ବିଶେଷ କରି କୃଷି ଓ ଏମ୍ଏସ୍ଏମ୍ଇ କ୍ଷେତ୍ରରେ ବ୍ୟାଙ୍କିଙ୍ଗ୍ ସୁବିଧା ପ୍ରଦାନ କରି ସାମାଜିକ ଓ ଅର୍ଥନୈତିକ ଉନ୍ନତିରେ ଅଭିବୃଦ୍ଧି ଆଣିବାରେ ସ୍ୱତନ୍ତ୍ର ଭୂମିକା ନିର୍ବାହ କରିଛି । ଭୁବନେଶ୍ୱର ଅଞ୍ଚଳର ପ୍ରଥମ ଅଞ୍ଚଳ ପ୍ରବନ୍ଧକ ଭାବେ ସ୍ୱପ୍ନା ବନ୍ଦୋପାଧ୍ୟାୟ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ସେ ଏହା ପୂର୍ବରୁ ବ୍ୟାଙ୍କ ଅଫ୍ ବରୋଦାର ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟକାରିତା ଓ ସେବା ବିଭାଗରେ ମହାପ୍ରବନ୍ଧକ ରୂପେ କାର୍ଯ୍ୟ କରୁଥିଲେ । ୧୯୯୬ ମସିହାରେ ବ୍ୟାଙ୍କରେ ନିଜ କର୍ମମୟ ଜୀବନ ଆରମ୍ଭ କରିଥିବା ଶ୍ରୀମତୀ ବନ୍ଦୋପାଧ୍ୟାୟଙ୍କର ଦୀର୍ଘ ୨୮ ବର୍ଷର ଯାତ୍ରା ମଧ୍ୟରେ ସେ ପଶ୍ଚିମ ବଙ୍ଗ,



ଦିଲ୍ଲୀ, ମହାରାଷ୍ଟ୍ର ଓ ଗୁଜୁରାଟ ଆଦି ବିଭିନ୍ନ ସ୍ଥାନରେ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରି ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି । ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ୫ଟି କ୍ଷେତ୍ରୀୟ କାର୍ଯ୍ୟାଳୟ ଯଥା ଭୁବନେଶ୍ୱର, କଟକ, ସମ୍ବଲପୁର, ରାଞ୍ଚି ଏବଂ ଜାମସେଦପୁର ସମେତ ଓଡିଶା ଓ ଝାଡଖଣ୍ଡ ରାଜ୍ୟର କଣ୍ଟ୍ରୋଲିଂ କାର୍ଯ୍ୟାଳୟ ରୂପେ ସେବା ପ୍ରଦାନ କରୁଥିବା ସହ ଏହାର ୩୦୩ ଟି ଶାଖା ରହିଛି ଯାହାର ସମୁଦାୟ ବ୍ୟବସାୟ ୩୬,୦୫୬ କୋଟି ଅଟେ। ନୂତନ ଅଞ୍ଚଳ ପ୍ରବନ୍ଧକ ଭାବେ ଶ୍ରୀମତୀ ବନ୍ଦୋପାଧ୍ୟାୟ ଗ୍ରାହକମାନଙ୍କୁ ସର୍ବୋତ୍ତମ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରିବା ସହ କୃଷି, ଖୁଚୁରା ଓ ଏମ୍ଏସ୍ଏମ୍ଇ କ୍ଷେତ୍ରରେ ଉପରେ ବିଶେଷ ଧ୍ୟାନ ଦେଇ ସମସ୍ତ ସରକାରୀ ଯୋଜନାରେ ଅଂଶଗ୍ରହଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏଥି ସହିତ ସେ ରାଜ୍ୟରେ ଶାଖା ନେଟ୍‌ୱର୍କକୁ ବିସ୍ତାର କରିବା ସହ ଡିଜିଟାଲ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ବୃଦ୍ଧି ଆଣିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

# ୩୮ନମ୍ବର ଜୋନ୍‌ରେ କଂଗ୍ରେସ କର୍ମୀଙ୍କ ବୈଠକ

ବାଲେଶ୍ୱର(ସବ୍ୟୁ)–ଶୁକ୍ରବାର ଦିନ ଜାତୀୟ କଂଗ୍ରେସ ତରଫରୁ ରେମୁଣା ବ୍ଲକ ତଥା ରେମୁଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶ୍ରୀଜଙ୍ଗ ଠାରେ ଏକ କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରେମୁଣା ବ୍ଲକ ସଭାପତି ତରୁଣ ଦାସ ଅଧ୍ୟକ୍ଷତା କରିଥିଲେ । ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସଭାପତିଙ୍କ ସମେତ ରେମୁଣାର ବିଧାୟକ ପ୍ରାର୍ଥୀ ସୁଦର୍ଶନ ଜେନା ବାଲେଶ୍ୱର ଲୋକସଭା ଆସନ ପାଇଁ କଂଗ୍ରେସର ସାଂସଦ ପ୍ରାର୍ଥୀ ଶ୍ରୀକାନ୍ତ ଜେନାଙ୍କୁ ଜିତାଇବା ପାଇଁ ଆହ୍ୱାନ ଦେଇଥିଲେ । ଶ୍ରୀ ଜେନା କହିଥିଲେ ଯେ ୨୦୦୯ ମସିହାରୁ ୨୦୧୪ ମସିହା ପର୍ଯ୍ୟନ୍ତ ଶ୍ରୀକାନ୍ତ ଜେନା ସାଂସଦ ଥିବାବେଳେ ମୁଁ ରେମୁଣା ବିଧାନ ସଭା ଆସନରେ ବିଧାୟକ ରହି ଥିଲି । ସେତେବେଳେ ରେମୁଣା ଅଞ୍ଚଳରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ହୋଇଥିଲା । ତେଣୁ ଏ ସୁଯୋଗକୁ ହାତଛଡ଼ା ନକରି ଆଗାମୀ ନିର୍ବାଚନରେ କଂଗ୍ରେସ ଦଳକୁ ବିଜୟ କରିବା ପାଇଁ ଆହ୍ୱାନ ଦେଇଥିଲେ । ଶ୍ରୀଜଙ୍ଗ ସ୍ୱାଧୀନତା ସଂଗ୍ରାମର କ୍ଷେତ୍ର ହୋଇଥିବାରୁ ଏହି ଗ୍ରା.ପ.କୁ ସରକାର ମଦମୁକ୍ତ ପଞ୍ଚାୟତ ଘୋଷଣା କରିବାକୁ ପ୍ରସ୍ତାବ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଶ୍ରୀକାନ୍ତ ଜେନାଙ୍କ ପ୍ରତିନିଧି ଅକ୍ଷୟ ମଲ୍ଲିକ, ୩୮ନମ୍ବର ଜୋନ ସଭାପତି ପ୍ରଦୀପ ଦାସଙ୍କ ସମେତ ବିକାଶ କୁମାର ଦାସ, ଅଟଳ ବିହାରୀ ରାଉତ, ବାସନ୍ତୀ ସାମଲ, କହ୍ନେଇ ପ୍ରଧାନ, ରାମନାରାୟଣ ଶତପଥି, ହିମାଂଶୁ ଦାସ, ନିରଞ୍ଜନ ବେହେରା, ସମୀୟ ମହାକୁଡ଼, ସୁବ୍ରତ ବାରିକ, ଯୁଗଳ ମହଲ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକ ଶେଷ ବେଳକୁ ସାଂସଦ ପ୍ରାର୍ଥୀ ଶ୍ରୀକାନ୍ତ ଜେନା ସେଠରେ ପହଞ୍ଚି କର୍ମୀମାନଙ୍କ ସୁବିଧା ଓ ଅସୁବିଧା ବିଷୟରେ ଆଲୋଚନା କରିଥିଲେ । ଶେଷରେ ରାଜେନ୍ଦ୍ର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଙ୍କିତ ପ୍ରତାପ ଓ ଅଂଶୁମାନଙ୍କ ବିଶାଳ ରାଲି

କୁଆଁପାଳ(ସବ୍ୟୁ):ସାଧାରଣ ନିର୍ବାଚନକୁ ନେଇ ଶାସକ ବିଜୁ ଜନତା ଦଳ ମାହାଙ୍ଗା ନିର୍ବାଚନ ମଣ୍ଡଳିରେ ପର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ନେତୃତ୍ୱରେ ଶୁକ୍ରବାର ସନ୍ଧ୍ୟାରେ ନବାଗତ ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା ଓ କେନ୍ଦ୍ରାପଡା ସଂସଦୀୟ କ୍ଷେତ୍ରର ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସସରେ ବିଧାୟକ ଶ୍ରୀ ଜେନା ପୂର୍ନବାର ବିଜୁଜନତା ଦଳକୁ କ୍ଷମତାସିନ କରିବା ସହିତ ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଓ ସାଂସଦ ପ୍ରାର୍ଥୀ ଅଂଶୁମାନଙ୍କୁ ଚଳିତ ନିର୍ବାଚନରେ ମାହାଙ୍ଗାବାସୀଙ୍କ ସେବା କରିବାର ସୁଯୋଗ ଦେବା ସହିତ ଆର୍ଶୀବାଦ କାମନା କରିଥିଲେ। । ଅଙ୍କିତ ଓ ଅଂଶୁମାନ ଖଦୋଳ ଠାରୁ ଏକ ଶୋଭା ଯାତ୍ରାରେ ବାହାରି କୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ଖେଳ ପଡିଆ ଠାରେ ଇଦ୍ ମିଳନ ଉତ୍ସବରେ ଯୋଗ ଦେଇଥିଲେ। ଏଥିରେ ବ୍ଲକ ଅଧକ୍ଷା ଦୀପା ମଲ୍ଲିକ,ଉପାଧକ୍ଷ ସତ୍ୟନାରାୟଣ ମହାନ୍ତି,ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା,ଜିଲ୍ଲା ପରିଷଦ ସଭ୍ୟ ରିୟାଜୁଲ ହୋଦା,ପନ୍ନଗ ଭୂଷଣ ଦାସ,ରାଜା କାନୁନଗୋ,ଜିଲ୍ଲା ବିଜେଡି ଉପସଭାପତି ପ୍ରଶାନ୍ତ ପଟ୍ଟନାୟକ ଓ ହୃଷିକେଶ ସ୍ୱାଇଁ,ବ୍ଲକ ଯୁବ ବିଜେଡି ସଭାପତି ଶରତ ମହାପାତ୍ର,ସଭ୍ୟା ସସ୍ମିତା ଦାସ,ଜଗବନ୍ଧୁ ସେଠୀ,ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ,ବ୍ଲକ ମିଡିଆସେଲ କାର୍ଯ୍ୟକର୍ତ୍ତା ଅମୀୟ ନାୟକ,ସରପଞ୍ଚ ବିଜୟାନନ୍ଦ ସ୍ୱାଇଁ,ଜୟନ୍ତ ବିଶ୍ୱାଳ,ସେକ୍ ସଇଦ ମହମ୍ମଦ,ମୁନ ଖାଁ,ସେକ୍ ବାବା,ପବିତ୍ର ରାଉତ,ରମେଶ ନାୟକ,ଜୋନ ସଭାପତି ଦୀନବନ୍ଧୁ ପାତ୍ର,ସମାଜସେବୀ ସୁନାସ ଜେନା,ସରପଞ୍ଚ ରବିନ୍ଦ୍ର ବାଗ.ରାଜେନ୍ଦ୍ର ରାୟଙ୍କ ସମେତ ଦଳର ବହୁ କର୍ମ.ସଂଗଠକ,ସରପଞ୍ଚ,ସମିତି ସଭ୍ୟଙ୍କ ସମେତ ମହିଳା ସଙ୍ଗଠନ,ଯୁବଛାତ୍ର ସଂଗଠନ କର୍ମକର୍ତ୍ତା ଯୋଗ ଦେଇଥିଲେ।



# ଅଙ୍ଗଦାନକୁ ପ୍ରୋତ୍ସାହନ ଦେଉଛି ସମ୍ ହସ୍ପିଟାଲ୍ ଓ ସମ୍ ଅଲ୍ଟିମେଟ ମେଡିକେୟାର

ଭୁବନେଶ୍ୱର (ସବ୍ୟୁ): ଅଙ୍ଗଦାନ ଭଳି ମହତ୍ କାର୍ଯ୍ୟକୁ ଅବିରତ ଭାବେ ପ୍ରୋତ୍ସାହନ ଦେଇଚାଲିଛନ୍ତି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଓ ସମ୍ ଅଲ୍ଟିମେଟ ମେଡିକେୟାର । ରାଜ୍ୟ ତଥା ଦେଶରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମାଇଲ ଖୁଂଟ ଭାବେ ଉଭା ହୋଇଥିବା ଏହି ଦୁଇ ହସ୍ପିଟାଲ ଅଙ୍ଗଦାନ ଭଳି କାର୍ଯ୍ୟକୁ ପ୍ରୋତ୍ସାହିତ କରୁଥିବାର ଉଦାହରଣ ନିୟମିତ ଭାବେ ସାମ୍ନାକୁ ଆସିବାରେ ଲାଗିଛି ।

ନିକଟରେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିବା କେଉଁଝର ଅଂଚଳର ୫୦ ବର୍ଷୀୟା ମହିଳା ସଂଯୁକ୍ତା ପାତ୍ରଙ୍କର ମୃତ୍ୟୁ ହେବା ପରେ ତାଙ୍କର ୩ଟି ଅଙ୍ଗ ପରିବାର ପକ୍ଷରୁ ଦାନ କରାଯାଇଛି। ତାଙ୍କର ବ୍ରେନ୍ ଡେଡ୍ ହୋଇଯାଇଥିଲା । ସେ ବ୍ରେନ୍ ଡେଡ୍ ହେବା ପରେ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାରଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ଟିମ୍ ରୋଗୀଙ୍କ ସମ୍ପର୍କୀୟଙ୍କୁ ଅଂଗଦାନର ମହାନତା ଉପରେ ଅବଗତ କରାଇଥିଲେ। ପରିବାର ବର୍ଗ ଏହି ମହାନ କାର୍ଯ୍ୟ ନିମନ୍ତେ ସମ୍ମତି ପ୍ରଦାନ କରି ସଂଯୁକ୍ତାଙ୍କର ଦୁଇଟି ବୃକକ୍ ଓ ଯକୃତକୁ ଦାନ କରିବା ନିମନ୍ତେ ପଦକ୍ଷେପ ନେଇଥିଲେ । ସଂଯୁକ୍ତାଙ୍କର ଗୋଟିଏ ବୃକକ୍ ସମ୍ ଅଲ୍ଟିମେଟ ମେଡିକେୟାରରେ ଚିକିତ୍ସାଧୀନ ଥିବା ଜଣେ ରୋଗୀଙ୍କ ଶରୀରରେ ପ୍ରତ୍ୟାରୋପଣ କରାଯାଇଥିବା ବେଳେ ଅନ୍ୟଟିକୁ କଟକ ଏସ୍‌ସିବି ମେଡିକାଲ୍ କଲେଜ ହସ୍ପିଟାଲରେ ଗୁରୁତର ଥିବା ଜଣେ ରୋଗୀଙ୍କ ଶରୀରରେ ଅନ୍ୟଟି ପ୍ରତ୍ୟାରୋପଣ କରାଯାଇଛି। ସେହିପରି ଯକୃତକୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ୍‌ରେ ଥିବା ରୋଗୀଙ୍କ ଶରୀରରେ ପ୍ରତ୍ୟାରୋପଣ କରାଯାଇଛି। ତିନି ଜଣ ରୋଗୀ ମୃତ ସଂଯୁକ୍ତାଙ୍କର ଅଂଗଦାନ ଫଳରେ ନୂତନ ଜୀବନ ପାଇଛନ୍ତି ।

## ବିଜେଡିର ନିର୍ବାଚନ ସଭା: ୧୨ ନମ୍ବର ଜୋନରେ ଛାତ୍ର ସମ୍ମିଳନୀ

ଚଣ୍ଡିଖୋଲ/ଚଢେଇଧରା,(ସବ୍ୟୁ) ଯାଜପୁର ଜିଲ୍ଲାର ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୨ ନମ୍ବର ଜିଲ୍ଲା ପରିଷଦ ଯୋନରେ ଶୁକ୍ରବାର ଦିନ ଛାତ୍ର ବିଜୁ ଜନତା ଦଳର ଏକ ସମ୍ମିଳନୀ ଆୟୋଜନ ହୋଇ ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମକୁ ସରଗରମ କରାଯାଇଛି । ବ୍ଲକ ବିଜୁ ଛାତ୍ର ଜନତା ଦଳ ସଭାପତି ଜଗଦାନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ । ଧର୍ମଶାଳା ବିଧାୟକ ପ୍ରଣବକୁମାର ବଳବନ୍ତରାୟ ଯୋଗଦେଇ ଧର୍ମଶାଳାର ବିକାଶ ଧାରାକୁ ଆଗେଇ ନେବାକୁ ହେଲେ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ହାତମୁଠାକୁ ସୁଦୃଢ କରିବା ପାଇଁ ଆହ୍ୱାନନ ଦେଇଥିଲେ । ଏଥିରେ ଯାଜପୁର ଲୋକସଭା ଦଳୀୟ ସାଂସଦ ପ୍ରାର୍ଥୀ ଶର୍ମୀଷ୍ଠା ସେଠୀ,ଜିଲ୍ଲାଛଛାତ୍ର ବିଜେଡି ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳବ୍ଲକ ଯୁବ ବିଜେଡି ସଭାପତି କ୍ଷୀତିଷ ନାୟକ,୧୨ ନମ୍ବର ଯୋନ ସଭ୍ୟା ପ୍ରଣତୀ ଲେଙ୍କା,ବ୍ଲକ ଗାର୍ଲ ଉଇଙ୍ଗ ସଭାନେତ୍ରୀ କ୍ଷୀରାବ୍ଦିତନୟା ମଲ୍ଲିକ ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ!ଏହି ସମାବେଶକୁ ୧୨ ନମ୍ବର ଯୋନ ଅନ୍ତର୍ଗତ ସମସ୍ତ ସରପଞ୍ଚ, ଯୁବଛାତ୍ର କର୍ମକର୍ତ୍ତା ଓ ଦଳୀୟ ନେତୃମଣ୍ଡଳୀ ପ୍ରମୁଖ ପରିଚାଳନା କରିଥିଲେ । ଏହି ଛାତ୍ର ସମାବେଶ ମାଧ୍ୟମରେ ବିଜେଡି ପକ୍ଷରୁ ନିର୍ବାଚନୀ ପ୍ରଚାରକୁ ସରଗରମ କରାଯାଇ ଦଳୀୟ କାର୍ଯ୍ୟ କର୍ତ୍ତା ମାନଙ୍କୁ ଉତ୍ସାହିତ କରାଯାଇଥିଲା ।

# ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରାର୍ଥୀପତ୍ର ଦାଖଲ କଲେ ଶିବ ଶଙ୍କର



ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ବିଧାନସଭା କ୍ଷେତ୍ର ପାଇଁ ସ୍ୱାଧୀନ ଭାବେ ପ୍ରାର୍ଥୀ ପତ୍ର ଦାଖଲ କଲେ ବ୍ରହ୍ମପୁରର ପୂର୍ବତନ ଓ ପ୍ରଥମ ମେୟର ଶିଶଙ୍କର ଦାଶ। ଗୋସାଇଁ ନୂଆଗାଁର ଅଧିଷ୍ଠାତ୍ରୀ ଦେବୀ ମାଁ କାଳୁଆଙ୍କ ମନ୍ଦିରରେ ପୂଜାର୍ଚ୍ଚନା ସାରିବା ପରେ ହଜାର ହଜାର ସମର୍ଥକ ଓ ସହରବାସୀଙ୍କ ଗହଣରେ ମାଁ କାଳୁଆ ମନ୍ଦିରରୁ ବାହାରି ଗୋଷାଣୀନୂଆଁଗାଆଁ, ବିଜିପୁର, ଖଲ୍ଲିକୋଟ କଲେଜ୍ ଛକ, ସୁବାରାଓ ଛକ, ଟାଟାବେଞ୍ଚ ଛକ, କମାପଲ୍ଲୀ ଛକ ଏବଂ ଖୋଡାସୀଙ୍ଗି ହୋଇ ସହର ପରିକ୍ରମା କରିବା ପରେ ଛତ୍ରପୁର ଠାରେ ନିଜର ପ୍ରାର୍ଥୀପତ୍ର ଦାଖଲ କଲେ। ପ୍ରାର୍ଥୀପତ୍ର ଦାଖଲ ସମୟରେ ଶ୍ରୀଯୁକ୍ତ ଦାଶଙ୍କ ଧର୍ମପତ୍ନୀ ଆଇନଜୀବୀ ଆଶା ଦାଶ, ଗଞ୍ଜାମ ଓକିଲ ସଙ୍ଘର ବରିଷ୍ଠ ଆଇନଜୀବୀ ଶିବନାରାୟଣ ସାହୁ, ଆଇନଜୀବୀ ସୁବ୍ରତ ସାହୁ ଏବଂ ସମସ୍ତ ପ୍ରସ୍ତାବକ ଓ ସମର୍ଥକ ଉପସ୍ଥିତ ଥିଲେ ।

# ବଇଣ୍ଡା ଚନ୍ଦନ ଯାତ୍ରା ପ୍ରସ୍ତୁତି ବୈଠକ

ଠାକୁରଗଡ଼, (ସବ୍ୟୁ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ର ପ୍ରସିଦ୍ଧ ବଇଣ୍ଡା ଚନ୍ଦନ ଯାତ୍ରା ପାଇଁ ଗୁରୁବାର ଦିନ ବଇଣ୍ଡା ଶିବ ମନ୍ଦିର ନିକଟରେ ବଇଣ୍ଡା ଗ୍ରାମବାସୀ ଙ୍କ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏ ନେଇ ଗ୍ରାମ ସଭାପତି ରାଜ କୁମାର ଅଗ୍ରୱାଲାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବୈଠକ ରେ ଗ୍ରାମ ସମ୍ପାଦକ ଲକ୍ଷ୍ମୀଧର ବେହେରା, ସହ ସମ୍ପାଦକ ସଞ୍ଜୟ ସାହୁ, ପୂର୍ବତନ ସରପଞ୍ଚ ଜଳଧର ସାହୁ, ରମେଶ ସାହୁଙ୍କ ସମେତ ବହୁ ଗ୍ରାମବାସି ଯୋଗ ଦେଇଥିଲେ। ଏଥିରେ କିଭଳି ଚନ୍ଦନ ଯାତ୍ରା ପାଳନ ହେବ ଏ ନେଇ ବୈଠକରେ ଆଲୋଚନା କରାଯାଇଥିଲା । ଏଥିସହ ବଇଣ୍ଡାର ବିଭିନ୍ନ ସମସ୍ୟା ସମ୍ପର୍କରେ ଗ୍ରାମବାସୀ ଆଲୋଚନା କରିବା ସହ ନୂତନ ବସଷ୍ଟାଣ୍ଡ ନିର୍ମାଣ ହେଉଥିବା ବେଳେ ଗମନା ଗମନ ପାଇଁ ଅଞ୍ଚଳବାସିଙ୍କ ପାଇଁ ସ୍ଥାୟୀ ରାସ୍ତା ନିର୍ମାଣ ଦାବି ହୋଇଥିଲା ।

# ସୁଲକ୍ଷଣା ଗୀତାଞ୍ଜଳିଙ୍କୁ ବିପୁଳ ସମ୍ବର୍ଦ୍ଧନା, ବାଇକ ରାଲି



ଧରାକୋଟ, (ସବ୍ୟୁ): ଧରାକୋଟ ବ୍ଲକ ବିଜୁ ଜନତା ଦଳ ତରଫରୁ ସାନଖେମୁଣ୍ଡି ଆସନର ଦଳୀୟ ବିଧାୟକ ପ୍ରାର୍ଥୀ ସୁଲକ୍ଷଣା ଗୀତାଞ୍ଜଳି ଦେବୀଙ୍କୁ ଧରାକୋଟ ବ୍ଲକର ପ୍ରବେଶ ପଥ ରେଞ୍ଜୀ ଦାମୋଦର ପଲ୍ଲୀ ଠାରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ପରେ ଏକ ବିଶାଳ ବାଇକ ରାଲି ସହ ରୋଡ ସୋ କରି ଧରାକୋଟ ପର୍ଯ୍ୟନ୍ତ ଅଣାଯାଇଛି । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫ଟି ଅଧ୍ୟକ୍ଷ ଭି କେ ପଣ୍ଡିଆନ, ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ, ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରଦୀପ ଅମାତଙ୍କୁ ସାକ୍ଷାତ କରି ଫେରିବା ପରେ ଧରାକୋଟ ବ୍ଲକ ବିଜେଡି ତରଫରୁ ବ୍ଲକ ସଭାପତି ସଞ୍ଜୟ ପାତ୍ର, ଜିଲ୍ଲା ଉପ ସଭାପତି ରବୀନ୍ଦ୍ର ଘୋଷ, ଜିଲ୍ଲା ମହିଳା ବିଜେଡି ଉପ ସଭାପତି ରୁକ୍ମିଣୀ ରେଞ୍ଜୀ, ବ୍ଲକ ଉପାଧ୍ୟକ୍ଷ ମନୋଜ ସାହୁ, ପୂର୍ବତନ ସରପଞ୍ଚ ଦିଲୀପ ସ୍ୱାଇଁ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଏହା ପରେ ଏକ ବିଶାଳ ବାଇକ ରାଲି ରେ ରୋଡ ସୋ କରାଯାଇ ତାଙ୍କୁ ଅଣାଯିବା ବେଳେ ଜାତୀୟ ରାଜପଥ ୫୯ର ଢ଼ଉଗାଁ, କେ ରାମଚନ୍ଦ୍ର ପୁର, କୁସରାବ, ସରଧା ପୁର,ଭଣ୍ଡାରି ବସା, ହନୁମାନ ଦ୍ୱାର ଠାରେ ରାସ୍ତାରେ ଉପସ୍ଥିତ ଲୋକେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଶେଷରେ ଏହି ବାଇକ ଶୋଭାଯାତ୍ରା ଧରାକୋଟ ଜଗନ୍ନାଥ ମନ୍ଦିର ନିକଟରେ ପହଁଚିବା ପରେ ବିଧାୟକ ପ୍ରାର୍ଥୀ ସୁଲକ୍ଷଣା ଗୀତାଞ୍ଜଳି ଓ ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ ପ୍ରମୁଖ ଠାକୁରଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ ।

# ମାନବବାଦୀ ଆଭିମୁଖ୍ୟ ନେଇ 'ଆମେ ମଣିଷ' ନୂତନ ସଙ୍ଗଠନ ଗଠନ



ବାରିପଦା, (ସବ୍ୟୁ): ଏକ ମାନବବାଦୀ ଆଭିମୁଖ୍ୟ ନେଇ ବାରିପଦାରେ ଆମେ ମଣିଷ ନାମରେ ଏକ ନୂତନ ସଂଗଠନ ଗଠନ କରାଯାଇଅଛି । ଯାହା ପ୍ରାଥମିକ ଭାବେ ଆଞ୍ଚଳିକ, ଜାତୀୟ ତଥା ଆନ୍ତର୍ଜାତୀୟ ବିଭିନ୍ନ ବିଷୟ ଉପରେ କାର୍ଯ୍ୟକ୍ରମ ମାଧ୍ୟମରେ ଆଜିର ଯୁବପିଢି, ସଚେତନ ନାଗରିକ ଓ ଜନସାଧାରଣଙ୍କ ମଧ୍ୟରେ ସଚେତନତାର ବାର୍ତ୍ତା ପ୍ରସାର ସାଙ୍ଗକୁ ଏକ ବିଚାର ପ୍ରତିଷ୍ଠା କରିବା ଦିଗରେ କାର୍ଯ୍ୟ କରିବ ବୋଲି ନିଷ୍ପତ୍ତି ନିଆଯାଇଛି । ଏହି ପରିପ୍ରେକ୍ଷୀରେ ବାରିପଦା ଲାଇନ୍ସ କ୍ଲବ ଠାରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିଶ୍ୱ ବ୍ୟାଙ୍କର ପ୍ରାକ୍ତନ ପରାମର୍ଶ ଦାତା ତଥା ବିଖ୍ୟାତ ଅର୍ଥନିତୀଜ୍ଞ, ଫକୀରମୋହନ ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡଃ କୁମରବର ଦାସ, ଅନୁଷ୍ଠାନର ପ୍ରତିଷ୍ଠାତା ଖ୍ୟାତି ସମ୍ପନ୍ନ ବଣ୍ୟ ଜୀବ ଜଙ୍ଗଲ ସୁରକ୍ଷା ଓ ପରିବେଶ କର୍ମୀ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିରଜା ପ୍ରସାଦ ନାୟକ, ଶିକ୍ଷାଦ୍ୱେଯାଗୀ ତଥା ସମାଜସେବୀ ଅନୁଷ୍ଠାନର ଯୁଗ୍ମ ନିର୍ଦ୍ଦେଶକ ରୋଟାରିଆନ୍ କମଲ କୁମାର ଜେନା, ସମାଜ ସେବୀ ଲାୟନ୍ ଦୀନେଶ ଖଣ୍ଡେଲୱାଲ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଯେ, ଆସନ୍ତା ଏପ୍ରିଲ ୨୧ତାରିଖ ରବିବାର ସକାଳ ୭ଟାରେ ବାରିପଦା ଜଗନ୍ନାଥ ମନ୍ଦିର ରଥ ପଡିଆ ନିକଟରୁ ଏକ ପଦଯାତ୍ରା ବାହାରି କଲେଜ ଛକ ଓ ଟ୍ରାଫିକ୍ ଛକ ଦେଇ ସକାଳ ୮ଟା ରେ ବିଜୁ ପଟ୍ଟନାୟକ ଛକରେ ଫେରିଆସ ପକ୍ଷୀ ବାର୍ତ୍ତା ନେଇ ପହଞ୍ଚିବ । ଏହି ପଦଯାତ୍ରାରେ ଦ୍ୱିଶତାଧିକ ଛାତ୍ର, ଯୁବକ, ଜନସାଧାରଣ ଓ ପ୍ରକୃତି ପ୍ରେମି ଅଂଶଗ୍ରହଣ କରିବେ ବୋଲି ଆକଳନ କରାଯାଇଅଛି । ସମ୍ପ୍ରତି ବାରିପଦା ରାଜ୍ୟର ସର୍ବାଧିକ ଉତ୍ତପ ସହର ପାଲଟିଥିବାରୁ ଏଠାରେ ପକ୍ଷୀକୁଳ ଅତ୍ୟଧିକ ଗ୍ରୀଷ୍ମ ଦାଉରୁ ଛଟପଟ ହୋଇ ଅଜଣା ସ୍ଥାନକୁ ଚାଲିଯାଇଥିବା ବେଳେ ସହର ଶ୍ରୀହୀନ ହୋଇପଡିଛି । ଏହା ମାନବ ସମାଜ ପାଇଁ ଏକ ଅଶୁଭ ସୂଚନା । ପକ୍ଷୀମାନଙ୍କୁ ଫେରାଇ ଆଣିବାକୁ ବ୍ୟାପକ ବୃକ୍ଷ ରୋପଣ, ମାଟି ଜଳପାତ୍ର ବଣ୍ଟନ ଓ ପରିବେଶ ତଥା ଜଳ ବଞ୍ଚାଇବାକୁ ଏକ ସଚେତନତାର ବାର୍ତ୍ତା ପ୍ରଦାନ କରିବା ଏହି ପଦଯାତ୍ରାର ଉଦ୍ଦେଶ୍ୟ । ସେହିଦିନ ପୂର୍ବାହ୍ନ ୮ଟା ରୁ ୧୦ଟା ମଧ୍ୟରେ ପଦଯାତ୍ରା ସମପନାନ୍ତେ ବିଜୁ ପଟ୍ଟନାୟକ ଛକ ଠାରେ ଜନସାଧାରଣଙ୍କୁ ନିଃଶୁଳ୍କ ମାଟି, ଜଳ ପାତ୍ର ବଣ୍ଟନର କାର୍ଯ୍ୟକ୍ରମ ରହିଛି । ସେହିପରି ପୂର୍ବାହ୍ନ ୧୧ଘଟିକାରୁ ୬ଘଟିକା ପର୍ଯ୍ୟନ୍ତ ବାରିପଦା ତକତପୁର ସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେ ବିଶ୍ୱ ବିଦ୍ୟାଳୟ ମୁଖ୍ୟ ସଭାଗୃହରେ ଫେରିଆସ ପକ୍ଷୀ ଶୀର୍ଷକ ଏକ ରାଜ୍ୟସ୍ତରୀୟ ବହୁଭାଷୀ କବିତା ପାଠୋତ୍ସବ ଓ ଆଲୋଚନା ଚକ୍ର ଆୟୋଜନ କରାଯାଉଅଛି । ଏହି ସମସ୍ତ କାର୍ଯ୍ୟକ୍ରମ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟ, ଜିଲ୍ଲାପ୍ରଶାସନ, ଜିଲ୍ଲା ଜରୁରୀକାଳୀନ ବିଭାଗ, ବାରିପଦା ବନଖଣ୍ଡ ଓ ବାରିପଦା, ବାଲେଶ୍ୱର ତଥା କଟକର ବିଭିନ୍ନ ବ୍ୟସାୟିକ ତଥା ଶିକ୍ଷାନୁଷ୍ଠାନର ମିଳିତ ସହଯୋଗରେ ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଅଛି । ଏହି କାର୍ଯ୍ୟକ୍ରମଗୁଡିକ ଜନସାଧାରଣଙ୍କର ସଦୟ ଉପସ୍ଥିତି କାମନା କରାଯାଇଛି ।

## ପୋଲସରା ନିର୍ବାଚନମଣ୍ଡଳୀ

# ଜୋନ୍‌ସ୍ତରୀୟ ବନାମ ପଞ୍ଚାୟତସ୍ତରୀୟ ପ୍ରଚାର

ପୋଲସରା, (ସବ୍ୟୁ): ଗଞ୍ଜାମ ଜିଲ୍ଲା ପୋଲସରା ନିର୍ବାଚନ ମଣ୍ଡଳୀରେ ଚଳିତ ସାଧାରଣ ନିର୍ବାଚନ ଓ ବିଧାନସଭା ନିର୍ବାଚନ ପାଇଁ ଉଭୟ ବିଜେଡି ଓ ବିଜେପି ପ୍ରାର୍ଥୀମାନଙ୍କ ମଧ୍ୟରେ ପ୍ରଚାର ଜୋରଦାର ଆରମ୍ଭ ହୋଇଯାଇଛି। ଗତ କିଛିଦିନ ଧରି ବିଜେଡିରୁ ଶ୍ରୀକାନ୍ତ ସାହୁ ୩ୟ ଥର ପାଇଁ ଦଳୀୟ ପ୍ରାର୍ଥୀ ହୋଇ ତୃଣମୂଳ ସ୍ତରରେ କର୍ମୀମାନଙ୍କୁ ନେଇ ଘନଘନ ବୈଠକ ଏବଂ ଜୋନସ୍ତରୀୟ ନିର୍ବାଚନ ବୈଠକର ଆୟୋଜନ କରି ବିଜୟୀ ହେବା ପାଇଁ ଆଶା ରଖିଥିବା ବେଳେ ଅନ୍ୟପଟେ ବିଜେପି ମଧ୍ୟ ବିଜେଡିର ପିଛା ଛାଡୁନି । ବିଜେପିରୁ ଦ୍ୱିତୀୟ ଥର ପାଇଁ ପ୍ରାର୍ଥୀ ହୋଇଥିବା ଗୋକୁଳାନନ୍ଦ ମଲ୍ଲିକ ଏଥର ମୋଦୀ ହାୱାରେ ବିଜୟୀ ହେବା ପାଇଁ ରଣକୌଶଳ ଆରମ୍ଭ କରିଦେଇଛନ୍ତି। ଆଜି ବିଜେଡି ପକ୍ଷରୁ ପୋଲସରା ବ୍ଲକର ସୋଡକ ପଞ୍ଚାୟତରେ ୩୮ନଂ ଜୋନସ୍ତରୀୟ ସାଂଗଠାନିକ ବୈଠକ ଆୟୋଜନ କରିଥିବା ବେଳେ ଅନ୍ୟପଟେ ବିଜେପି ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକ ପୋଲସରା ବ୍ଲକର ୫ଟି ପଞ୍ଚାୟତ ଯଥା ଚି.ଶାସନ, ମାଳତେନ୍ତୁଳିଆ, ନିମିନା, ମଧୁପଲ୍ଲୀ ଓ ବୁଢେଇସୁଣୀରେ ନିଜ ସମର୍ଥକ ତଥା କର୍ମୀମାନଙ୍କୁ ନେଇ ପ୍ରଚାର କରୁଥିବାର ଦେଖିବାକୁ ମିଳିଥିଲା। ପ୍ରକାଶ ଥାଉକି ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଲୋକସଭା ଆସନ ଓ ୬ଟି ବିଧାନସଭା ଆସନ ପାଇଁ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ମେ ୧୩ ତାରିଖ ଥିବାବେଳେ ଆସ୍କା ଲୋକସଭା ସମେତ ୭ଟି ବିଧାନସଭା ଆସନ ପାଇଁ ନିର୍ବାଚନ ତାରିଖ ମେ ୨୦ ରହିଛି । ଏଣୁ ଉଭୟ ଦଳ ଅଣଆନୁଷ୍ଠାନିକ ଭାବେ ଭୋଟର ତଥା ସମର୍ଥକମାନଙ୍କ ନିକଟରେ ପହଂଚି ନିଜ ନିଜ ଆଡକୁ ଟାଣିବା ପାଇଁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି ।

# ପ୍ରଚାର ସହ ଭୋଟ ଭିକ୍ଷା କଲେ ବିଜେଡି ପ୍ରାର୍ଥୀ



ବ୍ରହ୍ମପୁର, (ସବ୍ୟୁ): ମହାନଗର ନିଗମର ୱାର୍ଡ ନମ୍ବର ୧୯ ସ୍ଥିତ ବିଜୁ ପଟ୍ଟନାୟକ ପାର୍କ ଠାରୁ ଏକ ବିରାଟ ପାଟୁଆରରେ ନିଜ ପ୍ରଚାର ଆରମ୍ଭ କରିଛନ୍ତି ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ। ବିଜୁ ପରିବାରର ସଦସ୍ୟଙ୍କ ସହିତ ବାହାରି ୱାର୍ଡ ଭୋଟରଙ୍କ ସହିତ ଭାବ ବିନିମୟ, ଜନସମ୍ପର୍କ ଓ ବିଜେଡି ପ୍ରାର୍ଥୀଙ୍କୁ ଡବଲ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଭୋଟ ଭିକ୍ଷା କରିଛନ୍ତି ଚ୍ୟାଉ ପଟ୍ଟନାୟକ । ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିବା ପରେ ଦଳୀୟ କାର୍ଯ୍ୟକ୍ରମ ଖାଲାସୀ ସାହି ସମାପ୍ତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆର୍ବନ ବ୍ୟାଙ୍କ ସଭାପତି ଆର. ମୁରଲୀ ମୋହନ, ଯୁବନେତା ସନ୍ତୋଷ ପାତ୍ରଙ୍କ ସମେତ ବହୁ ଦଳୀୟ କର୍ମୀ ଓ ବହୁ ମହିଳା ଯୋଗଦାନ କରିଥିଲେ ।

## ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନର ଦ୍ୱିତୀୟ ଦିବସ

# ବ୍ରହ୍ମପୁର ଲୋକସଭା, ବିଧାନସଭା ଆସନ ଲାଗି ୨ ଜଣ ଲେଖାଁଏ କଲେ ପ୍ରାର୍ଥୀପତ୍ର ଦାଖଲ

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ଦ୍ୱିତୀୟ ଦିନରେ ୪ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ଛ ବ୍ରହ୍ମପୁର ଲୋକସଭା ଆସନ ପାଇଁ ୨ ଜଣ ପ୍ରାର୍ଥୀ ପତ୍ର ଦାଖଲ କରିଥିବା ବେଳେ ବ୍ରହ୍ମପୁର ବିଧାନସଭା ପାଇଁ ୨ ଜଣ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି ଛ ବ୍ରହ୍ମପୁର ଲୋକସଭା ଆସନ ପାଇଁ ସ୍ୱାଧିନ ପ୍ରାର୍ଥୀ ଭି. ଚନ୍ଦ୍ର ଶେଖର ନାଇଡୁ ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ରିଟର୍ଣ୍ଣିଂ ଅଫିସର ମଧୁମିତାଙ୍କ ନିକଟରେ ପତ୍ର ଦାଖଲ କରିଥିଲେ। ସେହିପରି ଏହି ଲୋକସଭା ଆସନ ପାଇଁ ଏସୟୁସିଆଇ ପକ୍ଷରୁ ସୋମନାଥ ବେହେରା ମଧ୍ୟ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି । ବ୍ରହ୍ମପୁର ବିଧାନସଭା ଆସନ ପାଇଁ ସ୍ୱାଧିନ ପ୍ରାର୍ଥୀ ଶିବ ଶଙ୍କର ଦାଶ (ପିଣ୍ଟୁ)ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ରିଟର୍ଣ୍ଣିଂ ଅଫିସର ତଥା ଅତିରିକ୍ତ ଜିଲ୍ଲାପାଳ ଦେବବ୍ରତ ସାହୁଙ୍କ ନିକଟରେ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ। ସେହିପରି ଏହି ବିଧାନସଭା ଆସନ ପାଇଁ ଏସୟୁସିଆଇ ପକ୍ଷରୁ ନିମାଇଁ ଚରଣ ସାହୁ ମଧ୍ୟ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଗତ ୧୮ ତାରିଖରୁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ ପାଇଁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ପ୍ରଥମ ଦିନରେ କେହି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିନଥିଲେ। ନିର୍ବାଚନ କମିସନରଙ୍କ ନିର୍ଦ୍ଦେଶ କ୍ରମେ ପ୍ରଶାସନ ପକ୍ଷରୁ ରିଟର୍ଣ୍ଣିଂ ଅଫିସର ମାନଙ୍କ କାର୍ଯ୍ୟାଳୟର ୧୦୦ ମିଟର ପର୍ଯ୍ୟନ୍ତ ବ୍ୟାରିକେଟ କରାଯାଇଥିବା ବେଳେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଛି ।

## ସର୍ବଭାରତୀୟ ସିଭିଲ୍ ସର୍ଭିସ୍ ପରୀକ୍ଷା

# ମୟୂରଭଞ୍ଜର କୃତୀ ଆକାଂକ୍ଷୀଙ୍କୁ ଜିଲ୍ଲାପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା

ବାରିପଦା, (ସବ୍ୟୁ): ଚଳିତ ବର୍ଷ ସର୍ବଭାରତୀୟ ସିଭିଲ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ମୟୂରଭଞ୍ଜର ତିନିଜଣ କୃତୀ ଆକାଂକ୍ଷୀ ମାନଙ୍କୁ ଜିଲ୍ଲାପ୍ରଶାସନ ଶୁକ୍ରବାର ଦିନ ସମ୍ମାନିତ କରିଛନ୍ତି। ସେମାନେ ହେଲେ ୨୪ତମ ରାଙ୍କ ରେ ଥିବା ପ୍ରଜ୍ଞା ନନ୍ଦନ ଗିରି, ୩୪୩ରାଙ୍କ ରେ ଥିବା ବିଶ୍ୱଜିତ ପଣ୍ଡା ଏବଂ ୪୬୬ରାଙ୍କ ରେ ଥିବା ସୌରଭ ଦାସ। ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ଏହି ସମ୍ମାନିତ ସଭାରେ ଅଧ୍ୟକ୍ଷତା କରି ସମସ୍ତ କୃତି ଅଧିକାରୀ ମାନଙ୍କୁ ସମ୍ମାନିତ କରିବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟ କାମନା କରିଥିଲେ। ଏହି ସଭାର ସ୍ୱାଗତ ଭାଷଣ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଦେଇ କହିଥିଲେ ଯେ, ପରିଶ୍ରମ ଏବଂ କଠିନ ଅଧ୍ୟବୟସାୟର ପରିଣତି ହେଉଛନ୍ତି ଏହି କୃତି ପରୀକ୍ଷାର୍ଥୀ ଏବଂ ଆମ ଦେଶ ତଥା ରାଜ୍ୟର ଭବିଷ୍ୟତ। ଏହି ଅବସରରେ, ଅତିରିକ୍ତ ଜିଲ୍ଲାପାଳ ବିଭୁତିଭୂଷଣ ନାୟକ ସର୍ବଭାରତୀୟ ପ୍ରଶାସନିକ ସେବାରେ ନିଜର କଠିନ ପରିଶ୍ରମ, ବାସ୍ତବଧର୍ମୀ ଏବଂ ଅଙ୍ଗେ ନିଭେଇଥିବା ସଂଘର୍ଷ ବିଷୟରେ କହି ସମସ୍ତଙ୍କୁ ଭାବ ବିହ୍ୱଳିତ କରିଦେଇଥିଲେ। ଜିଲ୍ଲାପାଳ ଶ୍ରୀ ସିନ୍ଧେ କହିଥିଲେ ଯେ, ସେ ଓଡିଶା ସ୍ତରରେ ହେଉ କିମ୍ବା ସର୍ବ ଭାରତୀୟ ସ୍ତରରେ ହେଉ ପ୍ରତ୍ୟେକ ପ୍ରତିଯୋଗିତା ମୂଳକ ପରୀକ୍ଷାର ନିଷ୍କର୍ଷରେ ଥାଏ କଠିନ ପରିଶ୍ରମ ଏବଂ ସମର୍ପଣ। ସେ କହିଥିଲେ ଯେ, ଏଠାରେ ବସିଥିବା ସମସ୍ତ ଅଧିକାରୀ ମାନେ ମଧ୍ୟ ସେହି ସଂଘର୍ଷ ଦେଇ ଆସିଛନ୍ତି କାରଣ ଏହି ସିଭିଲ ସର୍ଭିସ ପରୀକ୍ଷା କେଉଁ ପ୍ରଶ୍ନ ଉତ୍ତରର ପରୀକ୍ଷା ନୁହେ ଏହା ଆପଣ ମାନଙ୍କର ଧର୍ଯ୍ୟର ପରୀକ୍ଷା। ନିଜ ନିଜ ବକ୍ତବ୍ୟରେ ଶ୍ରୀ ପଣ୍ଡା, ଶ୍ରୀ ଦାସ ଏବଂ ଶ୍ରୀ ଗିରି ଏହି ସଫଳତାର ଶ୍ରେୟ ନିଜ ପରିବାରକୁ ଦେବା ସହିତ କଠିନ ପରିଶ୍ରମ ଏବଂ ଅହେତୁକ ଇଚ୍ଛା ଶକ୍ତିକୁ ଦେଇଥିଲେ। ସୂଚନା ଥାଉକି, ଏହି ତିନିଜଣ କୃତି ପରୀକ୍ଷାର୍ଥୀ, ଓଡିଶା ସିଭିଲ ସର୍ଭିସ ପରୀକ୍ଷାରେ ବିଗତ ବର୍ଷରେ କୃତିତ୍ୱ ପାଇଲା ପରେ ନିଜ ନିଜ ଚାଇଁକିରୀର ଅବସ୍ଥାପିତ ହୋଇ ମଧ୍ୟ କଠିନ ପରିଶ୍ରମ କରି ଆଜି ଭାରତର ସର୍ବବୃହତ ସେବା କରିବାର ସୁଯୋଗ ପାଇଛନ୍ତି। ଏଥିପାଇଁ ଜିଲ୍ଲାପ୍ରଶାସନ ସେମାନଙ୍କୁ ସାଧୁବାଦ ଦେବା ସହିତ ସେମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରୁଛି। ଏହି ସମ୍ବର୍ଦ୍ଧନା ସଭାରେ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲପାଳ ଦୌଲତ ଚନ୍ଦ୍ରକାର, ପ୍ରତିନିଧି ଜିଲ୍ଲାପାଳ ସୁଶ୍ରୀ ଶ୍ରଦ୍ଧା ସୁମନ, ପ୍ରତିନିଧି ଜିଲ୍ଲାପାଳ ଡଃ ଶୁଭଙ୍କରୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

### ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

ମହାକାଳପଡ଼ା, (ସବ୍ୟୁ): ମହାକାଳପଡ଼ା ବ୍ଲକ ଖୁରୁସିଆ ପଂଚାୟତ ଅନ୍ତର୍ଗତ ବାନ୍ଧକୁଦ ଗ୍ରାମର ସତୀ ମଲିକ ପାଇକା ନଦୀରେ ନିଖୋଜ ଥିଲେ । ପରେ ତାଙ୍କର ମୃତ ଦେହ ଉଦ୍ଧା କରାଯାଇଛି । ଶୁଣିବାକୁ ମିଳୁଛି ସେ ନଦୀକୁ ଗାଧୋଇବାକୁ ଯାଇଥିଲେ । କୌଣସି କାରଣରୁ ଗଭୀର ଜଳକୁ ତାଙ୍କ ଗୋଡ଼ ଖସିଯାଇଥିଲା । ପରେ ଅଗ୍ନିଶମ ବିଭାଗ ଦ୍ୱାରା ତାଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି ।

# ଅସହ୍ୟ ଖରାତାତି, ବୃକ୍ଷଶୂନ୍ୟ ରାଜପଥ

ବୁଗୁଡା, (ସବ୍ୟୁ): ଗ୍ରୀଷ୍ମର ପ୍ରକୋପ କିଛି ଦିନର ବ୍ୟବଧାନରେ ପୁଣି ଫେରିଛି । ଅସହ୍ୟ ଗରମ ଓ ଗୁଳୁଗୁଳି ଜନ ଜୀନକୁ ଅସ୍ତବ୍ୟସ୍ତ କରି ପକାଉଛି। ଦିନ ୧୦ଟା ପରେ ଘରୁ ବାହାରିବାକୁ କଷ୍ଟ ଲାଗୁଛି । ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପାର୍ଯ୍ୟନ୍ତ ରାସ୍ତାଘାଟ ଏକ ପ୍ରକାର ଶୂନଶାନ ହୋଇପଳୁଛି । ଏଇ ଦୁଇ ଦିନ ହେଲା ତାପମାତ୍ରା ୪୨ ଡିଗ୍ରୀ ପାର କରିଛି । ବୈଶାଖ ନଆସୁଣୁ ପରିସ୍ଥିତି ଅସମ୍ଭାଳ ହୋଇଥିବା ବେଳେ ଆଗକୁ ତାପମାତ୍ରା ଆହୁରି ବଢିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । କାଳବୈଶାଖୀ ଜନିତ ବର୍ଷା ଫଳରେ ଗତ କିଛି ଦିନ ପୂର୍ବେ ବୁଗୁଡା ଅଞ୍ଚଳରେ ତାପମାତ୍ରା ଟିକେ ହ୍ରାସ ପାଇଥିଲା ଏବେ ପୁଣି ତାପମାତ୍ରା ବୃଦ୍ଧି ପାଇଥିବାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଲୋକେ ଘରୁ ବାହାରିବାକୁ ସୁଖ ମଣୁନାହାନ୍ତି । ଦୋକାନ ବଜାର, ରାସ୍ତାଘାଟ ଖାଁ ଖାଁ ଲାଗୁଛି । ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସରକାର ସ୍କୁଲଗୁଡିକୁ ତିନି ଦିନିଆ ଛୁଟି ଘୋଷଣା କରିଛନ୍ତି। କଂକ୍ରିଟ ରାସ୍ତା ନିର୍ମାଣ ସାଙ୍ଗକୁ ରାସ୍ତା କଡରୁ ବୃକ୍ଷ ଛେଦନ ଯୋଗୁଁ ଗରମ ଅସହ୍ୟ ହେଉଛି । ଅନ୍ୟପକ୍ଷରେ ବୃକ୍ଷଶୂନ୍ୟ ରାଜପଥରେ ବିଶ୍ରାମ ପାଇଁ କେହିହେଲେ ଛାଇ ଟିକିଏ ପାଇ ପାରୁନାହାନ୍ତି । ଏଥିରୁ ରକ୍ଷା ପାଇବା ପାଇଁ ରାସ୍ତା କଡରେ ବ୍ୟାପକ ବୃକ୍ଷ ରୋପଣ କରିବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# ଧରାକୋଟ ଥାନା ପୋଲିସର ଫ୍ଲାଗ୍‌ମାର୍ଚ୍ଚ



ଧରାକୋଟ, (ସବ୍ୟୁ): ଆସନ୍ତା ସାଧାରଣ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ ସମାପନ ପାଇଁ ଧରାକୋଟ ପୋଲିସ ପକ୍ଷରୁ ଥାନା ଅଧିନସ୍ଥ ଜାହାଡା, ମୁଣ୍ଡମରାଇ, ବରିଗୁଡା, ଘା ସିବିଲି, କୁଷରାବ ପ୍ରଭୃତି ଗ୍ରାମରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ନିର୍ବାଚନ ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା,ଅପରାଧିକ କାର୍ଯ୍ୟକଳାପ କୁ ଦୂରେଇବା, ନିରପେକ୍ଷ ଭାବରେ ନିର୍ବାଚନ ପରିଚାଳନା ଓ ଭୟ ମୁକ୍ତ ଭାବରେ ମତଦାନ ପାଇଁ ପୋଲିସ ପକ୍ଷରୁ ସାଧାରଣ ଜନତାଙ୍କୁ ସଚେତନତା କରାଯାଇଥିଲା। ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳୀ ସୁବୁଦ୍ଧି, ସବ ଇନ୍ସପେକ୍ଟର ବାଲ୍ମିକୀ ପ୍ରଧାନ, ସୁଭଲକ୍ଷ୍ମି କହଁର, ଏଏସ ଆଇ ରାଜେନ୍ଦ୍ର ରାଉତ, ଅଭିମନ୍ୟୁ ପାଣ୍ଡେ, ବରିଷ୍ଠ ପୋଲିସ କର୍ମଚାରୀ ସଦାନନ୍ଦ ବେହେରା, ମନୋଜ ବେହେରା, ହିରେନ୍ଦ୍ର ଗୌଡ଼ଙ୍କ ସମେତ ବହୁ ଅଧିକାରୀ ଓ ଫୋର୍ସ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ବୁଥ ପ୍ରତି ସତର୍କ ଦୃଷ୍ଟି ରଖାଯାଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳୀ ସୁବୁଦ୍ଧି ସୂଚନା ଦେଇଛନ୍ତି।

### ଶ୍ରୀରାମ ନବମୀ ମହୋତ୍ସବ

ସମଲ, (ସବ୍ୟୁ): ତାଳଚେର ଉପଖଣ୍ଡର ସମଲ ଟିପୋ ଗ୍ରାମରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହେଇଯାଇଛ । ଜୟ ହନୁମାନ ଯୁବକ ସଙ୍ଘ ଆନୁକୁଲ୍ୟରେ ପାଳିତ ପ୍ରଭୁ ଶ୍ରୀରାମଙ୍କ ଜନ୍ମଦିନ ମହୋତ୍ସବ ୧୭ତାରିଖ ପ୍ରାତ ୭ଟାରେ ଆରମ୍ଭ ହେଇ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଉଦଯାପିତ ହେଇଛି। ବୁଧବାର ପ୍ରତ୍ୟୁଷରେ ପ୍ରଭୁଙ୍କ ଜଳଲାଗି ପାଇଁ ଏକ ବିରାଟ ଶୋଭାଯାତ୍ରା ପୂଜା ମଣ୍ଡପରୁ ବାହାରି ବ୍ରାହ୍ମଣୀ ନଦୀରୁ ଜଳ ସଂଗ୍ରହ କରାଯାଇଥିଲା। ଜଳଲାଗି ପରେ ଯଜ୍ଞ ଆରମ୍ଭ ହେଇ ପୂର୍ଣ୍ଣାହୁତି ଓ ପରେ ହଜାର ହଜାର ରାମ ଶ୍ରଦ୍ଧାଳୁଙ୍କୁ ନିଶୁଳ୍କ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା । ଅପରାହ୍ନରେ ଏକ ନଦିଆଁ କୀର୍ତ୍ତନ ଦ୍ୱାରା ଭାବ ବେଗମୟ ପରିବେଶରେ ଗ୍ରାମ ପରିକ୍ରମା ପରେ ଉତ୍ସବ ସମାପିତ ହେଇଥିଲା ।

# ମୟୂରଭଞ୍ଜ ବଳାଙ୍ଗୀ ମହୋତ୍ସବ ଉଦ୍‌ଯାପିତ



ବାରିପଦା, (ସବ୍ୟୁ): ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ଠାରୁ ବାରିପଦା ଠାରେ ଆରମ୍ଭ ହୋଇଥିବା ମୟୂରଭଞ୍ଜର ମହାନ ଗଣପର୍ବ ବଳାଙ୍ଗୀ ମହୋତ୍ସବ ଉଦ୍‌ଯପିତ ହୋଇଯାଇଛି । ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝୀ, ବିଶିଷ୍ଟ ଅତିଥି ଭାବରେ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ସମ୍ମାନିତ ଅତିଥି ଭାବରେ ସମାଜସେବୀ ସଂଜୀବ କୁମାର ମହାନ୍ତି, ସାମ୍ବାଦିକ ସୌରଭ ପଟ୍ଟନାୟକ, ସମାଜସେବୀ ରଜତ କୁମାର ପଣ୍ଡା, କୃଷ୍ଣଚନ୍ଦ୍ର ମହାପାତ୍ର ଓ ବଳାଙ୍ଗୀ ମହୋତ୍ସବର ଅଧ୍ୟକ୍ଷ ଅରବିନ୍ଦ ଦାସ ପ୍ରମୁଖ ଯୋଗଦେଇ କଳା ସଂସ୍କୃତିର ଅବକ୍ଷୟକୁ ନରୋକିଲେ ସାମାଜିକ ଏବକ୍ଷୟ ଅବଶ୍ୟମ୍ଭାବି ବୋଲି କହିବା ସହିତ ବାରିପଦା ଠାରେ ବୁଢାବଳଙ୍ଗ, ଚିପଟ ଏବଂ ଇଟାଯୋଡି ନଦୀର ତ୍ରିବେଣୀ ସଙ୍ଗମ ସ୍ଥଳୀରେ ଦୀର୍ଘ ୨୨ବର୍ଷ ଧରି ପାଳିତ ହୋଇ ଆସୁଥିବା ବଳାଙ୍ଗୀ ମହୋତ୍ସବ ମୟୁରଭଞ୍ଜ ଜିଲ୍ଲାରେ କଳା ସଂସ୍କୃତିର ସୁରକ୍ଷା ଏବଂ ସମୃଦ୍ଧି ପାଇଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରି ଏକ ସାଂସ୍କୃତିକ ଆନ୍ଦୋଳନ ଭାବରେ ପ୍ରତିଷ୍ଠିତ ହୋଇପାରିଛି ବୋଲି କହିଥିଲେ । ସହସମ୍ପାଦକ ଡଃ ଶଶୀଧର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବାବେଳେ କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଅତୀଶ କୁମାର ବେହେରା, ପ୍ରଶାନ୍ତ କୁମାର ପରୀକ୍ଷା, ଜନାର୍ଦ୍ଦନ ମହାନ୍ତ, ରଂଜନ କୁମାର ଦାଶ, ନରେନ୍ଦ୍ର ମୋହନ ସେନାପତି, ବଳରାମ ବେହେରା, ସନ୍ଦୀପ କୁମାର ନାୟକ, ସଞ୍ଜୟ କୁମାର ନାୟକ, ରାଜୀବ ଲୋଚନ ସେନାପତି, ସାଗରିକା ସେନାପତି, ରଜତ କୁମାର ପଣ୍ଡା, ପ୍ରକାଶ କାଣ୍ଡି, ଶଶୀଧର ବିଶ୍ୱାଳ, ଭାଗବତ ଲେଙ୍କା ଓ ସମ୍ବିଧାନ ମହାପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବଳାଙ୍ଗୀ ଟେଲେଣ୍ଟ ହଣ୍ଟର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ମହୋତ୍ସବର ଶେଷ ଦିନରେ ଶ୍ରୀଶ୍ରୀ ଅନନ୍ତ ନାରାୟଣଙ୍କ ପୂଜା ଯଜ୍ଞର ପୂର୍ଣ୍ଣାହୁତି ସହିତ ବିଭିନ୍ନ ବର୍ଗର ସ୍ଥାନୀୟ ନୃତ୍ୟ କଳାକାର ମାନଙ୍କର ନୃତ୍ୟ ପ୍ରତିଯୋଗିତା ଏବଂ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ସାଂସ୍କୃତିକ ଦଳ ଯୋଗଦେଇ ସେମାନଙ୍କର କଳା କୌଶଳ ପ୍ରଦର୍ଶନ କରିଥିଲେ ।

# ଏମ୍‌ପିସି କଲେଜ ଏନ୍‌ଏସ୍‌ଏସ୍ ପକ୍ଷରୁ ଜଳଛତ୍ର

ବାରିପଦା, (ସବ୍ୟୁ): ବଢୁଥିବା ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ସ୍ଥାନୀୟ ତକତପୁର ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ମହାବିଦ୍ୟାଳୟ ନିକଟରେ ଏକ ଜଳଛତ୍ର ଅନୁଷ୍ଠିତ ହୋଇଯାଇଛି। ଅତିଶୟ ଗରମ ହେତୁ ପଥଚାରୀ ମାନଙ୍କୁ ଦହି ପାଣି ଏବଂ ପାନୀୟ ଜଳ ବଣ୍ଟନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ସାହୁ ଜଳଛତ୍ରକୁ ଉଦଘାଟନ କରିଥିଲେ। ଏନ୍‌ଏସଏସର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ଅନାମ ଚରଣ ରାଉଳ ଏବଂ କଲେଜର ଏନ୍‌ଏସଏସ କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ପ୍ରିୟବ୍ରତ ବେହେରା, କୁମାରୀ ରଞ୍ଜନା ରାଣୀ ସିଂ ମଧ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରୁଥିବାବେଳେ ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧାପକ/ଅଧାପିକା ମାନଙ୍କ ମଧ୍ୟରେ ଡଃ ଆଲବର୍ଟିନା ତିର୍କୀ, ଡ଼ଃ ଦୀପକ କୁମାର ବେହେରା ଏବଂ ରତନୀ ହାଁସଦା ଉପସ୍ଥିତ ରହି ସ୍ୱେଚ୍ଛାସେବୀ ମାନଙ୍କୁ ପ୍ରଶଂସା କରିବା ସହିତ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଜାତୀୟ ସେବା ଯୋଜନାର ଏଇ ଭଳି ଏକ ପ୍ରୟାସକୁ ପଥଚାରୀ ମାନେ ବହୁତ ପ୍ରଶଂସା କରିଥିଲେ।

# କେନାଲ୍‌ରେ ପାଣି ଛାଡ଼ିବାକୁ ଦାବି

ଡେରାବିଶ, (ସବ୍ୟୁ): ଡେରାବିଶ ବ୍ଲକ ଅଂଚଳରେ ପ୍ରଚଣ୍ଡ ରୌଦ୍ର ତାପକୁ ଆଖିରେ ରଖି ବିଭିନ୍ନ କେନାଲମାନଙ୍କରେ ପାଣି ଛାଡିବାକୁ ଦାବୀ କରାଯାଇଛି । ଅଂଚଳରେ ଥିବା ସମସ୍ତ ଗଡ଼ିଆ ପୋଖରୀ ଇତ୍ୟାଦି ଶୁଖିଯାଇଥିବା ବେଳେ ଗୋରୁଗାଈ ପାଣିପିଇବାକୁ ମଧ୍ୟ ପାଉନାହାଁନ୍ତି । ତେବେ ସମସ୍ୟାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଅଂଚଳରେ ଥିବା କେନ୍ଦ୍ରାପଡ଼ା କେନାଲ୍, ପଟ୍ଟାମୁଣ୍ଡାଇ କେନାଲ୍ ଓ ଖାନନଗର ମାଇନର କେନାଲ୍ ସମେତ ଏହାର ଶାଖା କେନାଲ୍ ମାନଙ୍କରେ ପାଣି ଯୋଗାଇ ଦେବାକୁ ଦାବୀ କରାଯାଇଛି । ଆଇନଜୀବି ବିଧୁଭୂଷଣ ମହାପାତ୍ର ଙ୍କ ନେତୃତ୍ୱରେ ଉତମ କୁମାର ସ୍ୱାଇଁ, ଚିତରଞ୍ଜନ ରାଉତ, ସୁଧିର ରାଉତ, ରାଧାକାନ୍ତ ମହାନ୍ତି ପ୍ରମୁଖ କେନ୍ଦ୍ରାପଡା ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

# ପକ୍ଷୀଚୋରଙ୍କ ଠାରୁ ୬୧ ଉଦ୍ଧାର ଶୁଆ ମୁକ୍ତ



ସୁନ୍ଦରଗଡ଼,(ସବ୍ୟୁ): ସୁନ୍ଦରଗଡ଼ ଜିଲ୍ଲା ବଣାଇ ବନଖଣ୍ଡ ଅନ୍ତର୍ଗତ ଟେନ୍ସା ଜଙ୍ଗଲ ଅଞ୍ଚଳରେ ଶୁକ୍ରବାର ୬୧ ଗୋଟି ଶୁଆଙ୍କୁ ଖୋଲା ଆକାଶରେ ମୁକ୍ତ କରାଯାଇଛି। ଜାନୁଆରି ମାସରେ ରାଉରକେଲା ବନଖଣ୍ଡ ଅନ୍ତର୍ଗତ ବିଭିନ୍ନ ସ୍ଥାନରୁ ଚାଲାଣକାରୀମାନଙ୍କ ଠାରୁ ଏହି ଶୁଆମାନଙ୍କୁ ଜବତ କରାଯାଇଥିଲା। ଶୁକ୍ରବାର ସକାଳ ୭ଟା ୩୦ରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ମୁଖ୍ୟ ବନ୍ୟ ସଂରକ୍ଷକ ସୁଶାନ୍ତ ନନ୍ଦଙ୍କ ଉପସ୍ଥିତିରେ ଶୁଆଗୁଡ଼ିକୁ ମୁକ୍ତ କରିଦିଆଯାଇଛି । ରାଉରକେଲା ବନଖଣ୍ଡ ଅଧିକାରୀ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି, ମୋଟ ୧୨୨ଟି ନବଜାତ ଶୁଆଙ୍କୁ ପକ୍ଷୀ ମାଫିଆ ତାହିର ଅନସାରୀ, ମୁନା ସାହୁ ଓ ମହମ୍ମଦ ଥମାସଙ୍କ ବିରୋଧରେ ପାନପୋଷ ରେଞ୍ଜର ବନ୍ୟ ଜନ୍ତୁ ଆଇନ୍ ୧୯୭୨ର ଧାରା ୯ ଅନୁଯାୟୀ ଆସାମୀମାନଙ୍କୁ ଏସଡ଼ିଜେଏମ୍ ହେପାଜତରେ ଦିଆଯାଇଥିଲା। ୧୨୨ଗୋଟି ନବଜାତ ଶୁଆଙ୍କୁ ଚାଲାଣକାରୀଙ୍କ ଠାରୁ ଉଦ୍ଧାର କରାଯାଇଥିଲା। ପକ୍ଷୀଚୋରମାନେ ଏହାକୁ ନେଇ ଭୁବନେଶ୍ୱରରେ ଗୋଟିଏ ପିଛା ୫୦୦ ଟଙ୍କାରେ ହିସାବରେ ବିକ୍ରି କରିଥାନ୍ତେ। ମାତ୍ର ରାଉରକେଲା ଡିଏଫଓ ଯଶବନ୍ତ ସେଠୀଙ୍କ ଉପସ୍ଥିତ ବୁଦ୍ଧି ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶୁଆଗୁଡ଼ିକୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର କରାଯାଇଥିବା ନବଜାତ ଶୁଆମାନଙ୍କର ରକ୍ଷଣାବେକ୍ଷଣ ପାଇଁ ମୋବାଇଲ ଭେଟେନାରି ୟୁନିଟ ତତ୍ତ୍ୱାବଧାନରେ ଖାଇବା ପାଇଁ ସେରେଲାକ୍, ବିଭିନ୍ନ ପ୍ରକାରର ମଂଜି, ଫଳ, ଔଷଧ ତଥା ପନିପରିବା ଦେଇ ସେମାନଙ୍କୁ ବଞ୍ଚାଯାଇଥିଲା। ଶୁଆମାନଙ୍କୁ ଟେନ୍ସା ଜଙ୍ଗଲରେ ମୁକ୍ତ କରିବା ସମୟରେ ରାଉରକେଲା ସର୍କଲ ଆଞ୍ଚଳିକ ମୁଖ୍ୟ ସଂରକ୍ଷଣକାରୀ ପି ରାମାସ୍ୱାମୀ, ଏସିଏଫ୍ ସେମ୍ୟ ରଂଜନ ଗୋଚ୍ଛାୟତ, ପ୍ରାଣୀ ଚିକିତ୍ସକ ଡକ୍ଟର ଆର.କେ ସାମନ୍ତରାୟ ଓ ବନରକ୍ଷୀ ପ୍ରଦୀପ ସାହୁ ଉପସ୍ଥିତ ଥିଲେ।

# ମାଁ ମଝିଘରିଆଣୀଙ୍କ ଚଇତି ପର୍ବ



ରାୟଗଡା, (ସବ୍ୟୁ) : ଚୌତ୍ରମାସରେ ମା' ମଝିଘରିଆଣୀଙ୍କ ଚଇତି ପର୍ବ । ରାୟଗଡା ଉପକଣ୍ଠ ଦେଇ ବୋହିଯାଉଥିବା ଝଞ୍ଜାବତୀ ନଦୀକୂଳ ଏବେ ଉତ୍ସବ ମୁଖରା ଦେବୀ ପୀଠରୁ ମହମହ ହୋଇ ବାସୁଛି ଝୁଣାର ଗନ୍ଧ। ମହୁରୀ ସାଙ୍ଗକୁ ଠେଲ ନିଶାଣ, ଟାମକ ଆଦି ପାରମ୍ପରିକ ବାଦ୍ୟର ଦୁନ୍ଦୁଭିରେ ଦୁଲୁକି ଉଠୁଛି ମା'ର ପୀଠ। ଆଉ ଶ୍ରଦ୍ଧାଳୁ ମା'ର ସାନିଧ୍ୟ ଟିକିଏ ପାଇବାପାଇଁ ଦୂରଦୂରାନ୍ତରୁ ଧାଇଁ ଆସୁଛନ୍ତି ଏହି ନଦୀ କୂଳ ଦେବୀଙ୍କ ପୀଠକୁ। ଆଉ ସିନ୍ଦୁର ପ୍ରଲେପିତ ହୋଇ ସୁନା ଭେଷରେ ମା' ମଝିଘରିଆଣୀ ନିଜ ଆସ୍ଥାନରେ ବସି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛି।

ମା'ର ଏହି ଚୌତ୍ରପର୍ବର ପୂଜାବିଧୀ ସମ୍ପୂର୍ଣ୍ଣ ନିଆରା। ନୀତିକାନ୍ତି ଅତି ପୁରାତନ। ଚୌତ୍ର ମାସର ୪ଟି ମଙ୍ଗଳବାରରେ ଦେବୀ ଶିତଳ ଭୋଗ ଖାଇବା ପରେ ଆରମ୍ଭ ହୋଇଥାଏ ଚୌତ୍ରପର୍ବ। ବର୍ଷ ତମାମ ଦେବୀ ମଝିଘରିଆଣୀଙ୍କ ସହ ରାଇଜବୁଲି, ସାତ ଭଉଣୀ, ଠାକୁରାଣୀ ଏବଂ ଜୟଦୁର୍ଗାଙ୍କ ଖଣ୍ଡା ଆକାରରେ ମନ୍ଦିର ଭିତରେ ପୂଜା ପାଉଥିବା ବେଳେ ଏହି ଦିନ ମାନଙ୍କରେ ମନ୍ଦିର ବୋରୁ ବାହାରକୁ ଯାଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥାନ୍ତି। ଶ୍ରଦ୍ଧାଳୁଙ୍କ ଘର ଦାଣ୍ଡକୁ ଯାଇ ପଣା ଓ ଉଖୁଡା ଭୋଗ ଖାଇବା ଏହି ପର୍ବର ଅତି ପୁରୁଣା ନିତୀକାନ୍ତି। ଗର୍ଭଗୃହ ପଛରେ ଦେବୀଙ୍କ ସ୍ୱତନ୍ତ୍ର ସ୍ଥାନ ରହିଛି। ମାଙ୍କ ଚଳନ୍ତି ପ୍ରତିମା ସ୍ୱରୂପ ପୂଜା ପାଉଥିବା ଖଣ୍ଡାକୁ ଶାଣ ଦେବାପରେ ଏହି ପୂଜାର ଆରମ୍ଭ ହୋଇଥାଏ। ହଳଦୀ କୁଙ୍କୁମରେ ଦେବୀ ମା'ଙ୍କ ପାଦକୁ ଆହ୍ୱାନ କରାଯାଏ। ପରେ ଗୋଟିଏ ଦିନ ପାଦବଥା ରୂପେ ପାଳନ କରିବାପରେ ଦେବୀ ମା' ରାଇଜ ବୁଲିବାକୁ ବାହାରିଥାନ୍ତି। ଦିନଥିଲା ସହରର ସବୁ ଶ୍ରଦ୍ଧାଳୁଙ୍କ ଦାଣ୍ଡକୁ ଯାଇ ପଣା ଖାଇବା ପରମ୍ପରା ରହିଥିଲା। କିନ୍ତୁ ସହର ବିବା ସବୁ ଦୁଆରକୁ ଯିବା ସମ୍ଭବ ହୋଇନପାରିବାରୁ ପାଳିକରି ସହର ପରିକ୍ରମାର ଯୋଜନା କରାଯାଇଥିବା ପୂଜକ ଚନ୍ଦ୍ରପ୍ରକାଶ କହନ୍ତି। ତେବେ ପ୍ରତ୍ୟହ ସକାଳୁ ମଣ୍ଡଳ ବିନ୍ୟାସ, ଦ୍ୱାରାପାଳ ପୂଜା, ସୂର୍ଯ୍ୟପୂଜା ପରେ ଘଟ ସିଙ୍ଗାର କୁଙ୍କୁମ ଲେପନ ଆଦି ବିଧ ସମ୍ପନ୍ନ କରିବା ପରେ ପାରମ୍ପରିକ ବାଦ୍ୟର ତାଳେତାଳେ ଅନ୍ନ ପ୍ରସାଦ (କୁମାମ) ବଢ଼ା ହୁଏ। ସନ୍ଧ୍ୟାରେ ଦେବୀଙ୍କ ଘଟସହ ଚାଙ୍ଗୁଡାରେ ଆବାହନ କରିଥିବା ମା'ଙ୍କ ପାଦକୁ ଧରି ସାହିସାହି ବୁଲି ବାହାରନ୍ତି। ଆଗରେ ଦିଉଡି ସହ ଟାମକ, ଚାଙ୍ଗୁ ଓ ମହୁରୀ ଦେବୀଙ୍କ ପଟୁଆରକୁ ବାଟ କାଇ ନେଉଥିବା ବେଳେ ପ୍ରତି ଘରଦାଣ୍ଡରେ ଦେବୀଙ୍କ ପାଦ ଧୋଇବା ପରେ ଭୋଗ ସମର୍ପିତ କରାଯାଉଥିବା ଦେଖିବାକୁ ମିଳିଛି। ପର୍ବର ଅନ୍ତିମ ଦିନରେ ବିଳମ୍ବିତ ରାତିରେ ସନ୍ଧିପୂଜା ବିଧି ପାଳନ କରାଯାଏ ବୋଲି ପୁରୋହିତ ଚନ୍ଦ୍ର ପ୍ରକାଶ କହିଛନ୍ତି। କ୍ଷୀଣ ବାଦ୍ୟଶବ୍ଦରେ ସହରର ୪ସନ୍ଧିକୁ ବାନ୍ଧାଯାଇଥାଏ। ପ୍ରତି କୋଣରେ ପୂଜା ଅର୍ଚ୍ଚନା ପରେ ଆଗାମୀ ଏକବର୍ଷ ପାଇଁ ବିଭିନ୍ନ ଦୁଷ୍ଟ ଶକ୍ତି ସହରକୁ ପ୍ରବେଶ ନକରିବା ପାଇଁ ପ୍ରତିବନ୍ଧକ ସ୍ୱରୂପ ଏହି ପୂଜା କରାଯାଉଥିବା ସେ କହନ୍ତି। ସନ୍ଧିପୂଜା ପରେ ଦେବୀଙ୍କ ପୀଠରେ ପୂଜକ କଣ୍ଟାଦୋଳୀରେ ବସି ଝୁଲିବା, ନିଆରେ ଚାଲିବା ଭଳି ପୂଜାବିଧି ଅନୁଷ୍ଠିତ ହୋଇଥାଏ। ଏହି ଅବସରରେ ମାନଶିକ ଧାରୀ ମାନେ ଆସି ତ୍ରୁଟି କାଟିବା ସହ ବଳିଦେଇ ଫେରୁଥିବା ପ୍ରତିଦିନ ଦେଖିବାକୁ ମିଳିଛି। ଏମିତି ୫ଦିନ ଧରି ଚାଲିବ ଆସନ୍ତା ୨୩ ତାରିଖରେ ଯାତ୍ରା ସରିବ । ଏହି ସୁନା ଭେଷରେ ମାଁଙ୍କୁ ଦର୍ଶନ ପାଇଁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଓଡିଶା ସମେତ ଆନ୍ଧ୍ର ପ୍ରଦେଶ, ଛତିଶଗଡ଼ ତେଲେଙ୍ଗାନାରୁ ଆସି ସାନିଧ ପ୍ରାପ୍ତ କରିବେ।

## ମୁକ୍ତ ଶିଶୁ ସହାୟତା କେନ୍ଦ୍ରରେ ନିର୍ଯାତନା

# ତଦନ୍ତ ରିପୋର୍ଟ ପ୍ରଦାନ, କାର୍ଯ୍ୟାନୁଷ୍ଠାନ ବଦଳରେ ସ୍ଥାନାନ୍ତର

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଧମା ଥାନା ଅନ୍ତର୍ଗତ ଗୋଳାବନ୍ଧ ସ୍ଥିତ ମୁକ୍ତ ଶିଶୁ ସହାୟତା କେନ୍ଦ୍ରରେ ନିର୍ଯାତନା ଅଭିଯୋଗ ହୋଇଛି । ଅଭିଯୋଗ ପରେ ଶିଶୁ ସୁରକ୍ଷା ୟୁନିଟ୍ ଓ ଶିଶୁ କଲ୍ୟାଣ ସମିତି ପକ୍ଷରୁ ତଦନ୍ତ କରାଯାଇଛି । ଏହାର ରିପୋର୍ଟ ଶୁକ୍ରବାର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ପ୍ରଦାନ କରାଯାଇଛି । ତେବେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବଦଳରେ ଶିଶୁ ମାନଙ୍କୁ ରକ୍ମଣୀ ଲାଠ ବାଳ ନିକେତନକୁ ସ୍ଥାନାନ୍ତର କରାଯାଇଛି । ସୂଚନାଯୋଗ୍ୟ, ଗୋଳାବନ୍ଧ ସ୍ଥିତ ମୁକ୍ତ ଶିଶୁ ସହାୟତା କେନ୍ଦ୍ରରେ ଶିଶୁ ମାନଙ୍କୁ ମାଡ ମରାଯିବା, କାମ କରିବାକୁ ବାଧ୍ୟ କରିବା ଓ ସଠିକ୍ ସମୟରେ ଖାଇବାକୁ ଦିଆନଯିବା ଘଟଣା ପଦାକୁ ଆସିଛି । ଏହି ନିର୍ଯାତନା ସହି ନପାରି ୬ଜଣ ଶିଶୁ ଗତ ୧୬ତାରିଖରେ ଆଶ୍ରମ ଛାଡି ଲୁଚି ଘରକୁ ପଳାଉଥିଲେ । ମାନେଶ୍ୱର ଷ୍ଟେସନ ନିକଟରୁ ସେମାନଙ୍କୁ ଉଦ୍ଧାର କରାଯାଇଥିଲା । ପରେ ଧମା ଥାନା ପୋଲିସ ତାଙ୍କୁ ଶିଶୁ ସୁରକ୍ଷା ସମିତି ନିକଟରେ ଦାଖଲ କରିଥିଲା । ତେବେ ସେମାନଙ୍କୁ ଅକଥନୀୟ ନିର୍ଯାତନା ଦିଆଯାଉଥିବା ସମିତି ନିକଟରେ ଉଦ୍ଧାର ଶିଶୁ ମାନେ କହିଥିଲେ । ଏପରିକି ମାଡର ଦାଗ ମଧ୍ୟ ଦେଖାଇଥିଲେ । ଦିଦି ଅଧିକ ମାଡ ମାରୁଥିଲେ ବୋଲି କହିଥିବା ବେଳେ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଅନ୍ୟପଟେ ଶିଶୁ ସୁରକ୍ଷା ୟୁନିଟ୍ ଓ ଶିଶୁ କଲ୍ୟାଣ ସମିତି ଗୋଳାବନ୍ଧ ଯାଇ ଘଟଣାର ତଦନ୍ତ କରିଛନ୍ତି । ଏଥିସହ ସେଠାରେ ଥିବା ୧୪ଜଣ ଶିଶୁଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି ବୋଲି ଶିଶୁ ସୁରକ୍ଷା ସମିତି ସଭାପତି ପ୍ରଶାନ୍ତ ପାଢୀ କହିଛନ୍ତି ।

# ସାମ୍ବାଦିକଙ୍କ ମାତୃ ବିୟୋଗ



ରାୟଗଡା,(ସବ୍ୟୁ): ବିଷମକଟକ ବ୍ଲକ ହାଟମୁନିଗୁଡା ଗାଁର ସାମ୍ବାଦିକ କୈଳାସ ଲାବଲାଙ୍କ ମାତା ସାନ୍ତିପ୍ରିୟା ଲାବଲା (୭୩)ଙ୍କ ପରଲୋକ ଘଟିଛି । ସେ ଗତ କିଛି ଦିନ ହେବ ପକ୍ଷାଘାତ ରୋଗରେ ପୀଡିତ ଥିଲେ। ସେ ବିଶାଖାପାଟଣା ଓ ଭୁବନେଶ୍ୱର ଠାରେ ଚିକିତ୍ସିତ ହେଉଥିଲେ । କିନ୍ତୁ ଚିକିତ୍ସାରେ ଉନ୍ନତି ହୋଇନଥିଲା। ତେଣୁ ଘରେ ରହି ଥେରାପି ଚିକିତ୍ସା ସହ ଏଲୋପାଥିକ ଚିକିତ୍ସା ହେଉଥିଲେ। ଅବସରପ୍ରାପ୍ତ ଶିକ୍ଷକ ବାପା ଜନାର୍ଦ୍ଦନ ଲାବଲା, ସାନପୁଅ ପ୍ରସନ୍ନ , ଝିଅ ସସ୍ମିତା, ରଶ୍ମିତା, ବୋହୁ ସରିତା, ଭାଗ୍ୟଶ୍ରୀ , ଦୁଇ ଜ୍ୱାଇଁ ପୁଅ ରଘୁନାଥ କାମ୍ପା, ରବୀନ୍ଦ୍ର ପାଟଖଣ୍ଡାଳ ଏବଂ ନାତୁଣୀ ମାତା ଶାନ୍ତିପ୍ରୀୟାଙ୍କ ଦେହାନ୍ତ ସମୟରେ ଉପସ୍ଥିତ ଥିଲେ। ତାଙ୍କ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ପାଇଁ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ବରିଷ୍ଠ ସାମ୍ବାଦିକ ମନରଞ୍ଜନ ଦଳେଇ, ରାଜୀବ ଲୋଚନ ଦାସ, ସୀମାଞ୍ଚଳ ପଣ୍ଡା, ନନ୍ଦକିଶୋର ପଟ୍ଟନାୟକଙ୍କ ସମେତ ବହୁ ବୁଦ୍ଧିଜୀବୀ, ଗ୍ରାମବାସୀ ଏବଂ ପରିବାର ବର୍ଗ ଉପସ୍ଥିତ ହୋଇ ଶୋକ ନୀତିକ୍ରାନ୍ତି ସମାପ୍ତ କରିଥିଲେ।

# ସହରରେ ଚୋର ଗ୍ୟାଙ୍ଗ ସକ୍ରିୟ, ଧରି ପାରୁନି ପୋଲିସ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସହରରେ ଦିନକୁ ଦିନ ଚୋରି ମାମଲା ବୃଦ୍ଧି ପାଉଛି । ପ୍ରତ୍ୟହ ବିଭିନ୍ନ ଥାନା ଅଞ୍ଚଳରେ ଚୋରି ଓ ଲୁଟ୍ ଆଦି ଘଟଣାମାନ ଘଟୁଛି । ଅଭିଯୋଗ କଲେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆଳରେ ଦିନ ଗଡାଉଛି । ଏହା ଚୋର ମାନଙ୍କୁ ବେଶ ସୁହାଉଛି । ତେବେ ପୋଲିସ ପାଟ୍ରୋଲିଂ କଡାକଡି କରିବା ସହ ଯାଞ୍ଚ ପ୍ରକ୍ରିୟାକୁ ଅଧିକ ସକ୍ରିୟ କରିବାକୁ ସାଧାରଣ ଦାବି ହେଉଛି । ସୂଚନାଯୋଗ୍ୟ, ବରେଇପାଲି ଅଞ୍ଚଳର ଜିତେନ୍ଦ୍ର ସିନ୍ଧିଆଙ୍କ ଘରୁ ୨ଟି ସୁନା ଚେନ୍, ମଙ୍ଗଳସୂତ୍ର, ୨ହଳ ସୁନା କାନଫୁଲ, ୨ଟି ସୁନା ମୁଦି, ୨ଟି ରୁପା ଚେନ୍ , ୪ଟି ଗୋଡମୁଦି, ୪ଟି ହାତ ମୁଦି, ୧ଟି ବ୍ରେସଲେଟ୍ , ୨ଟି ଆଙ୍କଲେଟ୍ , ୨ଲକ୍ଷ ଟଙ୍କାର ଏକ ରୁପା ଜାର ଓ ନଗଦ ୫୦ରୁ ୬୦ହଜାର ଟଙ୍କା ଚୋରି ହୋଇଛି । ଘରେ କେହି ନଥିବା ବେଳେ ଚୋରମାନେ ଘର ତାଲା ଭାଙ୍ଗି ଏସବୁ ସାମଗ୍ରୀ ଚୋରି କରିଥିବା ଅଭିଯୋଗ ହୋଇଛି । ଏନେଇ ବରେଇପାଲି ଥାନାରେ ୯୨/୨୪ ରେ ଏକ ମାମଲା ରୁଜୁ କରାଯାଇ ପୋଲିସ ତଦନ୍ତ କରୁଛି । ସେହିପରି ଗତ ୧୪ତାରିଖ ରାତିରେ କ୍ଷେତରାଜପୁର ଥାନା ଅନ୍ତର୍ଗତ ପୋଦାର କଲୋନୀର କେଶବ ଡାଲମିଆଙ୍କ ଘରୁ ଚୋରି ହୋଇଥିଲା । ଚୋରମାନେ ଘରେ ପଶି ପ୍ରାୟ ୨ଲକ୍ଷ ଟଙ୍କା ସମ୍ପତ୍ତି ଚୋରି କରି ନେଇଥିଲେ । ଚୋରି ବେଳର ଦୃଶ୍ୟ ସିସିଟିଭିରେ ଏକଦ ହୋଇଥିବା ବେଳେ ଏପର୍ଯ୍ୟନ୍ତ ପୋଲିସ କାହାରିକୁ ଗିରଫ କରିପାରିନାହିଁ । ପ୍ରତ୍ୟହ ଚୋରି ଓ ଲୁଟ୍ ହେଉଥିବା ବେଳେ ସହରବାସୀ ନିଜକୁ ସୁରକ୍ଷିତ ମଣୁ ନାହାଁନ୍ତି ।

# ବରଗଡ଼ରୁ ଧରାପଡ଼ିଲା ୬.୫ ଲକ୍ଷ ଟଙ୍କା, ୨ ଅଟକ

ବରଗଡ଼,(ସବ୍ୟୁ): ଓଡ଼ିଶାରେ ସାଧାରଣ ନିର୍ବାଚନ ଆଉ କିଛି ଦିନ ବାକି ରହିଥିବା ବେଳେ ବରଗଡ଼ ଜିଲ୍ଲାରୁ ଜବତ ହେଉଛି ପୁଳାପୁଳା ଟଙ୍କା। ଗୁରୁବାର ବରଗଡ଼ ଥାନା ହଳଦୀପାଲି ଛକରୁ ଏକ ପିକ୍‌ଅପ୍ ଭ୍ୟାନରୁ ୧୦ ଟଙ୍କା ଜବତ କରାଯାଇଥିବା ବେଳେ ଶୁକ୍ରବାର ପଦ୍ମପୁର ଉପଖଣ୍ଡ ଝାରବନ୍ଧ ଥାନା ଡ଼ଭା ଛକରେ ଚେକିଂ ବେଳେ ଦୁଇ ବାଇକ ଆରୋହୀଙ୍କ ଠାରୁ ୬ ଲକ୍ଷ ୫୨ ହଜାର ୮୦୦ ଟଙ୍କା ଜବତ କରିଛି ପୁଲିସ। ଦୁଇ ବାଇକ ଆରୋହୀ ହେଲେ ବଲାଙ୍ଗିର ଜିଲ୍ଲାର ମିତ୍ରଭାନୁ ସାହୁ ଓ ମନୋଜ କୁମାର ସାହୁ।

ପୋଲିସ୍ ଜବତ ଟଙ୍କା ସମ୍ପର୍କରେ ଯୁବକ ଦ୍ୱୟଙ୍କୁ ପଚାରିଥିଲା। ମାତ୍ର ସେମାନେ ସନ୍ତୋଷ ଜନକ ଉତ୍ତର ଦେଇପାରି ନଥିଲେ। ତେଣୁ ପୁଲିସ୍ ଟଙ୍କା ପ୍ୟାକେଟ୍ ସହ ଗାଡ଼ିକୁ ଜବତ କରିଛି। ଏହାସହ ଦୁଇ ବାଇକ ଆରୋହୀଙ୍କୁ ଅଟକ ରଖିଛି। ନୋଟ୍ ଗୁଡ଼ିକୁ ଛୋଟ ଛୋଟ ପ୍ୟାକେଟରେ ପ୍ୟାକିଂ ହୋଇଥିଲା। ତେବେ ଯୁବକ ଦ୍ୱୟ ଏତେ ଟଙ୍କା ନେଇ କୁଆଡେ ଯାଉଥିଲେ ସେନେଇ ତନାଘନା ଚଳାଇଛି ପୁଲିସ । ବରଗଡ଼ରୁ ଦୁଇ ଦିନରେ ୧୬ଲକ୍ଷରୁ ଅଧିକ ଟଙ୍କା ଜବତ ହେବା ପରେ ଏତେ ଟଙ୍କା କେଉଁଠୁ ଆସୁଛି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ସନ୍ଦେହଜନକ ଅବସ୍ଥାରେ ମୃତଦେହ ଉଦ୍ଧାର !

ଦେବଗଡ଼,(ସବ୍ୟୁ): କ୍ଷତାକ୍ତ ଅବସ୍ଥାରେ ଜଣେ ଯୁବକଙ୍କ ମୃତ ଦେହ ଉଦ୍ଧାର ହୋଇଛି। ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ। ଏଭଳି ଅଭାବନୀୟ ଘଟଣା ଘଟିଛି ଦେବଗଡ଼ ଜିଲ୍ଲା ବାରକୋଟ ଥାନା ନଳବନ୍ଧ ଗ୍ରାମରେ। ମୃତକଙ୍କ ନାଁ ହେଉଛି ଟିକେଶ୍ୱର ନାୟକ (୩୨)। ତାଙ୍କ ଘର ବିଛାଖଣି ଗାଁରେ ବୋଲି ଜଣାପଡ଼ିଛି। ଟିକେଶ୍ୱର ଗୁରୁବାର ଦିନ ୨ଟା ବେଳେ ମଦ୍ୟପାନ କରିବା ପାଇଁ ଦେଶୀ ମଦ ଦୋକାନକୁ ଯାଇଥିଲେ। ସନ୍ଧ୍ୟା ସମୟରେ ରକ୍ତାତ ଅବସ୍ଥାରେ ତାଙ୍କର ମୃତଦେହ ପଡ଼ିଥିବା ପରିବାର ଲୋକ ଖବର ପାଇଥିଲେ। ପରିବାର ଲୋକ ଘଟଣା ସ୍ଥଳରେ ପହଞ୍ଚି ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବା ଦେଖିବାକୁ ପାଇଥିଲେ। ଟିକେଶ୍ୱର ପିନ୍ଧିଥିବା ବସ୍ତ୍ର ଓ ଚପଲ ଏଣେତେଣେ ପଡ଼ିଥିଲା। ହତ୍ୟାପରେ ମୃତଦେହକୁ ଘୋଷାଡ଼ି ନେଇ ଦୂର ସ୍ଥାନରେ ଫିଙ୍ଗି ଦିଆଯାଇଥିଲା। ଏଭଳି ଦୃଶ୍ୟ ଦେଖିବା ପରେ ଟିକେଶ୍ୱରଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକ ଅଭିଯୋଗ ଆଣିଛନ୍ତି। ପରେ ସ୍ଥାନୀୟ ଲୋକଙ୍କ ଭିତରେ ଉତ୍ତେଜନା ଦେଖାଦେଇଥିଲା । ମଦଭାଟିରେ ପହଞ୍ଚି ଶହଶହ ମଦ ପାଉଚରେ ନିଆଁ ଲଗାଇ ପୋଡ଼ି ଦେଇଥିଲେ । ତେବେ ବାରକୋଟ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରିଛି। ଅନ୍ୟପଟେ ମଦ ଦୋକାନର ଦୁଇଜଣ କର୍ମଚାରୀଙ୍କୁ ଥାନାରେ ଅଟକ ରଖି ପଚରା ଉଚାରା କରୁଛି ପୁଲିସ। ମୃତକଙ୍କ ସ୍ତ୍ରୀ ରୋଜିରାଣୀ ନାୟକ କହିଛନ୍ତି, ସେ ଗୁରୁବାର ଭାଟିକୁ ମଦ ପିଇବାକୁ ଯାଇଥିଲେ। ସେଠାରେ ମଦ ପିଇବା ବେଳେ ପାଣି ମାଗିଥିଲେ। ପାଣି ନଦେବାରୁ ଗଣ୍ଡଗୋଳ ହୋଇଥିଲା। ତାଙ୍କୁ ପିଟି ପିଟି ମାରିଦେଲେ। ତାଙ୍କର ଦେହ ସାରା ରକ୍ତ ଝରୁଥିଲା। ମୋ ସ୍ୱାମୀକୁ ମାରିଦେଲେ। ମୋର ଛୋଟ ଛୁଆ ମୁଁ କ'ଣ କରିବି। ମତେ ନ୍ୟାୟ ଦିଅ ବୋଲି ଦାବି କରିଛନ୍ତି ।

# ରାସ୍ତା, ପାଣି ନାହିଁ ତ ଭୋଟ୍ ନାହିଁ



ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ୍‌ର ଉପର ଦୁଣ୍ଡା ଓ ତଳଦୁଣ୍ଡା ଗ୍ରାମକୁ ରାସ୍ତା ଓ ପାଣି ଦାବିରେ ନିର୍ବାଚନ ବର୍ଜନ ପାଇଁ ନିଷ୍ପତ୍ତି ନେଇଛନ୍ତି । ଏଥିସହ ନିଜେ ରାସ୍ତା ନିର୍ମାଣ ପାଇଁ ଅଣ୍ଟା ଭିଡ଼ିଛନ୍ତି । ଦୁନ୍ଦେଲମାଲ ପଞ୍ଚାୟତର ଉପର ଦୁଣ୍ଡା ଓ ତଳ ଦୁଣ୍ଡା ଗାଁ ହେଉଛି ଏକ ବଣପାହାଡ଼ ଘେରା ଦୁର୍ଗମ ଅଞ୍ଚଳଛ ଉପର ଦୁଣ୍ଡା ଓ ତଳ ଦୁଣ୍ଡା ଗାଁରେ ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ୫୦୦ରୁ ଅଧିକ ପରିବାର ବସବାସ କରିଛନ୍ତି । ଗ୍ରାମବାସୀ ଦୁନ୍ଦେଲମାଲ ପଞ୍ଚାୟତକୁ ଆସିବାକୁ ହେଲେ ୧୬ କିମି ଆସିବାକୁ ପଡ଼ିଥାଏ । ସେହିଭଳି ଜୁନାଗଡ଼ ବ୍ଲକ୍ ଅଫିସ୍ ଆସିବାକୁ ହେଲେ ୨୬ କିମି ଯିବାକୁ ପଡ଼ିଥାଏ । ରାସ୍ତା ନ ଥିବା ଯୋଗୁଁ ଲୋକେ ପାହାଡ଼ ଚଢ଼ି ବିପଦସଂକୁଳ ଭାବରେ ଯିବାଆସିବା କରିଥାନ୍ତି । ଚାଉଳ ଓ ଭତ୍ତା ପାଇଁ ବୁଢ଼ାବୁଢ଼ୀମାନେ ପାହାଡ଼ ଚଢ଼ି ଅତି ଦୟନୀୟ ଅବସ୍ଥାରେ ଯିବା ଆସିବା କରିଥାନ୍ତି । ଯଦି କୌଣସି ରୋଗଗ୍ରସ୍ତ ଲୋକ, ଗର୍ଭବତୀ କିମ୍ବା ପ୍ରସୂତିଙ୍କୁ ଡାକ୍ତରଖାନାକୁ ନେବାକୁ ହେଲେ ଖଟିଆରେ ବୋହି ଥୁଆମୂଳ ରାମପୁର ଅଞ୍ଚଳର କିଆପଦର ଦେଇ ୩୭ କିମି ଭବାନୀପାଟଣା ଡାକ୍ତରଖାନାକୁ ନେଇଥାନ୍ତି । ଗାଁରେ ୨ ନଳକୂଅ ଓ ଗୋଟିଏ ସୋଲାର ପମ୍ପ ରହିଛି। ଗୋଟିଏ ନଳକୂଅ ଓ ସୋଲାର ପମ୍ପ ଖରାପ ହୋଇଛି।

ଏହି ଅଞ୍ଚଳ ପାଇଁ ତଳଦୁଣ୍ଡାରେ ବୁଥ୍ ଥିବା ବେଳେ ୧୪୩ ଜଣ ପୁରୁଷ ଓ ୧୭୧ ଜଣ ମହିଳା ମିଶି ମୋଟ୍ ୩୧୪ ଜଣ ଭୋଟର୍ ଅଛନ୍ତି । ପ୍ରତି ନିର୍ବାଚନ ଆସିଲେ ନେତାମାନେ ରାସ୍ତା ନିର୍ମାଣ ପ୍ରତିଶ୍ରୁତି ଦେଇ ଭୋଟ ନିଅନ୍ତି । ଭୋଟ୍ ସରିଲେ ପ୍ରତିଶ୍ରୁତି ଭୁଲି ଯାଆନ୍ତି । ୨୦୨୨ ମସିହାରେ ଦୁଣ୍ଡା ଗ୍ରାମକୁ ନିର୍ବାଚନ ସମୟରେ ପୋଲିଂ ପାର୍ଟି ଯାଇଥିଲେ । ହେଲେ ଗ୍ରାମବାସୀ ଭୋଟ୍ ବର୍ଜନ କରିଥିଲେ । ଫଳରେ ପୋଲିଂ ପାର୍ଟି ଫେରି ଯାଇଥିଲେ । ପରେ ପୁଣି ଲୋକଙ୍କୁ ମନାଇ ଭୋଟ୍ ଦାନ ପାଇଁ ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ଗ୍ରାମବାସୀ ନିଜ ଜିଦ୍‌ରେ ଅଟଳ ରହି ଭୋଟ୍ ଦେଇ ନଥିଲେ । ରାସ୍ତା ନିର୍ମାଣ ଓ ପାନୀୟ ଜଳର ସୁବିଧା ନ ହେଲେ ଗ୍ରାମବାସୀମାନେ ଭୋଟ୍ ବର୍ଜନ କରିବେ ବୋଲି ବିଧାୟକ ଓ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ । ଏପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନହେବାରୁ ପୁଣି ଥରେ ଭୋଟ୍ ବର୍ଜନ କରିବେ ବୋଲି ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

# ଟ୍ରକ ସହ ବିଦ୍ୟୁତ୍ ତାର ଜବତ, ୨ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ସଦର ଥାନା ପୋଲିସ ବିଦ୍ୟୁତ୍ ତାର ଚୋରାଚାଲାଣ ବେଳେ ଏକ ଟ୍ରକକୁ ଜବତ କରିଛି । ଟ୍ରକରୁ ୬୫ଖଣ୍ଡ ଆଲୁମିନିୟମ ଇଟା ସହ ୨୪ବଣ୍ଡଲ ଆଲୁମିନିୟମ ତାର ଜବତ ହୋଇଛି । ଏନେଇ ସଦର ଥାନାରେ ୯୯/୨୪ରେ ଏକ ମାମଲା ରୁଜୁ କରାଯାଇଛି । ଏହି ଘଟଣାରେ ଉତ୍ତରପ୍ରଦେଶର ହରଦେବ ଚୌହାନ(୫୦) ଓ କ୍ଷେତରାଜପୁର ଥାନା କ୍ରିଷ୍ଟାନଗର ଅଞ୍ଚଳର ଦିଲ୍ଲୀପ ରାୟ(୩୨)କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ, ଧନକଉଡା ଛକରେ ସଦର ଥାନା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଅଇଁଠାପାଲି ପଟୁ ଏକ ଟ୍ରକ ଦ୍ରୁତଗତିରେ ଆସୁଥିଲା । ଏହାଦେଖି ପୋଲିସ ଟ୍ରକକୁ ଅଟକାଇବାକୁ ଚେଷ୍ଟା କରିଥିଲା । ତେବେ ଟ୍ରକଟି ନରହି ଦ୍ରୁତଗତିରେ ଯାଉଥିବା ବେଳେ ପୋଲିସ ପାଟ୍ରୋଲିଂ ଗାଡି ପିଛା କରିଥିଲା । କେନଘାଟି ନିକଟରେ ପୋଲିସ ଏହି ଟ୍ରକ ଗାଡି ନମ୍ବର(ଡବ୍ଲୁବି୦୭ଜେ-୦୩୧୮)କୁ ଅଟକାଇ ଯାଞ୍ଚ କରିଥିଲା । ଯାଞ୍ଚବେଳେ ଉପରୋକ୍ତ ସାମଗ୍ରୀକୁ ପୋଲିସ ଜବତ କରିଥିଲା ।

# ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

କୋକସରା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅଞ୍ଚଳର ଜଣେ ୨୩ ବର୍ଷୀୟା ଭିନ୍ନକ୍ଷମ ଯୁବତୀଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ପୁଲିସ ରାବଣଗୁଡ଼ା ଗାଁର ନୀଳାମ୍ବର ଚିରଗୁଣ (୨୩)କୁ ଗିରଫ କରିଛି। ଅଭିଯୋଗ ଅନୁସାରେ, ଏହି ଥାନା ଅଞ୍ଚଳର ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ଦୁଷ୍କର୍ମର ଶିକାର ହୋଇଥିବା ମାର୍ଚ୍ଚ ୨୪ ତାରିଖରେ କୋକସରା ଥାନାରେ ଏତଲା ହୋଇଥିଲା। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ସମ୍ପୃକ୍ତ ଯୁବକ ନୀଳାମ୍ବର ଫେରାର୍ ହୋଇଯାଇଥିଲା। ପୁଲିସ ତାକୁ ଗୁରୁବାର ଗିରଫ କରି ପଚରାଉଚରା ପରେ ଶୁକ୍ରବାର ଡାକ୍ତରୀ ମାଇନା କରି କୋର୍ଟ ଚାଲାଣ କରିଛି।

# ନିଜ ଅଞ୍ଚଳକୁ ଭଲ ପାଉଥିବା ବ୍ୟକ୍ତି ହିଁ ଉଚିତ ପ୍ରତିନିଧିତ୍ୱ ପ୍ରଦାନ କରିବ : ସମରେନ୍ଦ୍ର




ବଲାଙ୍ଗିର,(ସବ୍ୟୁ): ୨୦୧୪ ପରବର୍ତ୍ତି ରାଜନୈତିକ ପରିବର୍ତ୍ତନ ଫଳରେ ଆମର ପ୍ରୀୟ ବିଧାୟକ ନରସିଂହ ମିଶ୍ର ଲୋକଙ୍କ ସଙ୍ଗେ ରହିଲେ, ସେମାନଙ୍କ ସମସ୍ୟାକୁ ଅନୁଭବ କଲେ, ଫଳରେ ବିଭିନ୍ନ ଦିଗରେ ଥିବା ଅଭାବ ଅସୁବିଧାକୁ ଦୂର କରିବା ପାଇଁ ସହଜ ହେଲା ବୋଲି ସ୍ଥାନୀୟ ବାଟିକା ହୋଟେଲ ପରିସରରେ ବଲାଙ୍ଗିର ବାର ଓକିଲମାନଙ୍କ ସହ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବଲାଙ୍ଗିର ବିଧାନସଭା ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ନିଜ ବକ୍ତବ୍ୟ ରଖିଥିଲେ । ଏହି ମର୍ମରେ ସମରେନ୍ଦ୍ର ଆସନ୍ତା ବିଧାନସଭା ନିର୍ବାଚନରେ ନିଜ ପ୍ରାର୍ଥୀତ୍ୱ ଓ ଆଭିମୁଖ୍ୟକୁ ଉପସ୍ଥିତ ଓକିଲମାନଙ୍କ ସମ୍ମୁଖରେ ଉପସ୍ଥାପନା କରିଥିଲେ । ସେ କହିଥିଲେ ଗୋଟିଏ ଅଞ୍ଚଳର ବିକାଶ କରିବାକୁ ହେଲେ ସେଠାରେ ଥିବା ଅଭାବ ଅସୁବିଧାର ଚିତ୍ର ଓ ଚରିତ୍ରକୁ ଜାଣିବାକୁ ପଡିବ । ଏପରି କି ଅଞ୍ଚଳରେ ଥିବା ଅସୁବିଧା ନିଜେ ଭୋଗିନଥିଲେ ସେ ଅସୁବିଧା ଦୂର କରିବା ପାଇଁ ନିଜ ଭିତରେ ତତ୍ପରତା ଆସିନଥାଏ ବୋଲି କହିଥିଲେ । ଆଲୋଚନା ସଭାରେ ବଲାଙ୍ଗିର ବିଧାୟକ ସମରେନ୍ଦ୍ରଙ୍କ ପାଇଁ ଭୋଟ ମାଗିବା ପରିପ୍ରେକ୍ଷିରେ କହିଥିଲେ ୧୦ ବର୍ଷରେ ମେଡିକାଲ କଲେଜ ନିର୍ମାଣ, ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ, ଶିକ୍ଷା ଭିତ୍ତିଭୂମି, ପର୍ଯ୍ୟାପ୍ତ ପିଇବା ପାଣି ଯୋଗାଇବା, ସମସ୍ତ ରାସ୍ତାଘାଟ ଉନ୍ନତିକରଣ, ବ୍ୟାଡମିଣ୍ଟନ ଇନଡୋର ଷ୍ଟାଡିୟମ ସହ ଅନ୍ୟ କ୍ରୀଡାଭୂମିର ବିକାଶ ଦିଗରେ ଅନେକ କାମ କରାଯାଇଛି । ବିଶେଷ କରି ମେଡିକାଲ କଲେଜ ମଞ୍ଜୁରି ହେବାରେ ଘଟିଥିବା ଘଟଣାବଳିର ସେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । କହିଥିଲେ ସମରେନ୍ଦ୍ରଙ୍କ ଭଳିଆ ଜଣେ ଦକ୍ଷତା, ଦୂରଦୃଷ୍ଟି ସମ୍ପନ୍ନ, ଆତ୍ମୀୟତା ଗୁଣ ଥିବା ତଥା ସମସ୍ୟା ଭିତରେ ରହି ତାର ସମାଧାନ କରିପାରୁଥିବା ଯୁବ ନେତୃତ୍ୱକୁ ସଠିକ ପ୍ରତିନିଧିତ୍ୱ ପ୍ରଦାନ କରିବାକୁ ଉପସ୍ଥିତ ଓକିଲମାନଙ୍କୁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ୨୦୦ ରୁ ଉର୍ଦ୍ଧ୍ୱ ଓକିଲ ଅଂଶଗ୍ରହଣ କରିଥିଲେ ।

## ଆରମ୍ଭ ହେଲା ବୌଦ୍ଧର ଗଣପର୍ବ ରାମଲୀଳା

# ୧୮ଦିନ ଧରି ଶ୍ରୀରାମଙ୍କ ଜୀବନ ଚରିତଙ୍କୁ ନେଇ ପ୍ରଦର୍ଶନ ହେବ ନାଟକ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଗଡଜାତର ଗଣପର୍ବ ରାମଲୀଳା ଉତ୍ସବ ପବିତ୍ର ରାମନବମୀ ଠାରୁ ସ୍ଥାନୀୟ ରଘୁନାଥ ମନ୍ଦିର ପରିସର ମାରୁତୀ ମଣ୍ଡପ ଠାରେ ବୁଧବାର ଠାରୁ ଆରମ୍ଭ ହୋଇଛି। ରାମ ନବମୀ ଉତ୍ସବ ଅବସରରେ ସାରା ବୌଦ୍ଧ ସହର ଚଳ ଚଞ୍ଚଳ ରହିବା ସହିତ ଯାତ୍ରାନୁଷ୍ଠାନ ରାମଲୀଳା ନାଟ୍ୟ ସଂସଦର ସମସ୍ତ ସଦସ୍ୟ ୧୮ ଦିନ ପରମ୍ପରା ଅନୁଯାୟୀ ବ୍ରତ ଧାରଣ କରିଛନ୍ତି। ସହରର ଦେଇ ଯାଇଥିବା ମହାନଦୀର ହନୁମାନ ମନ୍ଦିର ନିକଟରୁ ମହାନଦୀର ପବିତ୍ର ଜଳକୁ ୧୦୮ କଳସୀରେ ଏକ ବିରାଟ ଶୋଭାଯାତ୍ରାରେ ନେଇ ମାରୁତୀ ମଣ୍ଡପଠାରେ ସ୍ଥାପନ କରାଯାଇଛି। ଶ୍ରଦ୍ଧାଳୁ ମାନେ ଦିନ ତମାମ ରଘୁନାଥ ମନ୍ଦିରରେ ଭିଡ ଜମାଇ ରାମନବମୀ ପୂଜାତ୍ସବରେ ଅଂଶଗ୍ରହଣ କରିଛନ୍ତି। ଭାଇଚାରାର ନିଦର୍ଶନ ଦେଖାଇ ଏହି ପବିତ୍ର ଦିନରେ ସହରରେ ସଂପୁର୍ଣ୍ଣ ମାଂସ ଓ ମାଛ ବଜାର ବନ୍ଦ ରହିଛି। ସନ୍ଧ୍ୟାରେ ସମସ୍ତଙ୍କ ଘର ଆଗରେ କଳସ ବସାଇବା ସହ ଦୀପ ଜାଳିଥିଲେ । ଯାତ୍ରାରେ ଅଂଶଗ୍ରହଣ କରିଥିବା ବ୍ରତୀମାନେ ଆଜିଠାରୁ ନିଜସ୍ୱ ଗୃହ ତ୍ୟାଗ କରିଛନ୍ତି। ଏହି ଯାତ୍ରା ସମୟରେ ସମସ୍ତ ବ୍ରତୀ ଗୋଟିଏ ଓଳି ହବିଷ୍ୟାନ୍ନ ଭକ୍ଷଣ କରିବା ସହିତ ସମସ୍ତ ସୁଖ ସ୍ୱାଛନ୍ଦ୍ୟକୁ ତ୍ୟାଗ କରି ଭୂମିରେ ଶୋଇବା ପାଇଁ ସଂକଳ୍ପ ବଦ୍ଧ ହୋଇଛନ୍ତି। ୧୮ ଦିନ ଧରି ରାମଲୀଳା ଅବସରରେ ଭଗବାନ ଶ୍ରୀରାମଙ୍କ ଜୀବନ ଚରିତକୁ ମାରୁତୀ ମଣ୍ଡପ ଠାରେ ବ୍ରତୀମାନଙ୍କ ଦ୍ୱାରା ନାଟକ ପ୍ରଦର୍ଶିତ କରାଯିବ। ପରମ୍ପରା ଅନୁଯାୟୀ ପ୍ରଥମ ଦିବସରେ ଭଗବାନ ଶ୍ରୀରାମଙ୍କ ସହିତ ତାଙ୍କର ଅନ୍ୟ ଭ୍ରାତାମାନଙ୍କ ଜନ୍ମ ବୃତାନ୍ତକୁ ଯାତ୍ରା ନାଟକ ଶୈଳୀରେ ପରିବେଷଣ କରାଯାଇଛି। ସନ୍ଧ୍ୟା ସମୟରୁ ଏହି ଯାତ୍ରା ଆରମ୍ଭ ହୋଇ ରାମାୟଣ ପାରାୟଣ,ଭଜନସନ୍ଧ୍ୟା ଓ ନିର୍ବାକ୍ ନୃତ୍ୟ ନାଟିକା ପରେ ପ୍ରତିଦିନ ରାତିସାରା ରାମାୟଣର କଥାବସ୍ତୁକୁ ନେଇ ଯାତ୍ରା ନାଟକ ଶୈଳୀରେ ନାଟକ ଚାଲୁ ରହିଛି। ଦ୍ୱିତିୟ ଦିବସ ନାଟକରେ ପ୍ରଭୁଙ୍କର ବାଲ୍ୟଲୀଳା ଓ ତାଡକା ବଦ୍ଧ ନାଟକ ମଂଚସ୍ଥ ହୋଇଛି । ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ଦ୍ୱାରା ଲିଖିତ ନାଟକ କଥାବସ୍ତୁକୁ ବର୍ଷିୟାନ ନିର୍ଦ୍ଦେଶକ ଭବାନୀଶଙ୍କର ମହାପାତ୍ର ଓ ଯୁବ ସଙ୍ଗିତକାର ତୁଷାରକାନ୍ତ ପଟ୍ଟନାୟକ ନିର୍ଦ୍ଦେଶନା ଦେଇଛନ୍ତି। ରାମଲୀଳା ନାଟ୍ୟ ସଂସଦର ସଭାପତି ଭାବରେ ମୃତ୍ୟୁଂଜୟ ମିଶ୍ର, ସଂପାଦକ ଭାବରେ ମନୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ,ଏହି ଯାତ୍ରା ଆରମ୍ଭ ହୋଇଛି । ବୌଦ୍ଧରେ ଗଣପର୍ବର ମାନ୍ୟତା ପାଇସାରିଥିବା ଏହି ରାମଲୀଳା ଯାତ୍ରା ଜିଲ୍ଲାର ବାଉଁଶୁଣୀ, ବରଝୁଲି, କେଲାକଟା, ସରସରା, ବାମଣ୍ଡା, ଗୋବିନ୍ଦପୁର, ପୋଲାମ, ନାରାୟଣ ନଗର, ଦେବଗଡ ଓ ତେଲିବନ୍ଧ ସମେତ ଅନେକ ଗ୍ରାମରେ ପ୍ରତିବର୍ଷ ପରି ପାରମ୍ପରିକ ନିତିରେ ଆରମ୍ଭ ହୋଇଛି । ଚଳିତ ବର୍ଷ ରାମଲୀଳା ଯାତ୍ରାକୁ ଅଧିକ ସରସ ସୁନ୍ଦର ମିନାବଜାର ପ୍ରଦର୍ଶନ କରାଯିବାର କାର୍ଯ୍ୟକ୍ରମ ରହିଛି ।

# ସମ୍ବଲପୁର-ଗୌହାଟୀ ଟ୍ରେନ ଚଳାଚଳକୁ ସ୍ୱାଗତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର- ପୁନେ ଓ ସମ୍ବଲପୁର – ଗୌହାଟୀ ମଧ୍ୟରେ ଗ୍ରୀଷ୍ମକାଳୀନ ଟ୍ରେନ ଚଳାଚଳ ଜନିତ ଘୋଷଣାକୁ ସ୍ୱାଗତ କରାଯାଇଛି। ପୁନେ ଟ୍ରେନକୁ ନେଇ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିବା ବେଳେ ସମ୍ବଲପୁର- ଗୌହାଟୀ ଟ୍ରେନ ଆସାମରେ ମଧ୍ୟ ଆନନ୍ଦ ଖେଳାଇ ଦେଇଛି । ସାହିତ୍ୟରଥୀ ଲକ୍ଷ୍ମୀନାଥ ବେଜବରୁଆ ସ୍ମୃତି ରକ୍ଷା ସମିତି, ଆସାମର ସଭାପତି ଇଂ ପ୍ରଦ୍ୟୋତ କୁମାର ଚୌଧୁରୀ ଏବଂ ସମ୍ପାଦକ ରଞ୍ଜୁ ଡେକା ଏଥିପାଇଁ ରେଳବାଇ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏବଂ କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି। ଏ ସମ୍ପର୍କରେ ପ୍ରକାଶିତ ଏକ ବିଜ୍ଞପ୍ତିର ପ୍ରତିଲିପିକୁ ସମିତି ଏହାର ପରାମର୍ଶଦାତା ଦୀପକ କୁମାର ପଣ୍ଡାଙ୍କୁ ପ୍ରେରଣ କରିଛନ୍ତି। ଏଥିରେ କୁହାଯାଇଛି ଯେ, ସମ୍ବଲପୁର ଆସାମବାସୀଙ୍କ ପାଇଁ ତୀର୍ଥଭୂମି । ମାତ୍ର ଗମନାଗମନର ସିଧାସଳଖ ସମ୍ପର୍କ ନଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି। ଗୌହାଟୀ– ସମ୍ବଲପୁର ମଧ୍ୟରେ ସିଧାସଳଖ ଟ୍ରେନ ଚଳାଚଳ ପାଇଁ ସମିତି ରେଳମନ୍ତ୍ରୀଙ୍କ ଠାରେ ଦାବି ଜଣାଇବା ସହ ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ନେଇ ରେଳବାଇ ମନ୍ତ୍ରୀଙ୍କୁ ପତ୍ର ଲେଖିଥିଲେ। ସମିତି ଆଶା ବ୍ୟକ୍ତ କରିଛି ଯେ ଏହି ଟ୍ରେନ ଆଦୃତ ହେବ । ସ୍ୱତନ୍ତ୍ର ଟ୍ରେନ ଭାବେ ଚଳାଚଳ କରିବା ପରେ ସ୍ଥାୟୀ ବା ନିୟମିତ କରିବ ।

ଉଲ୍ଲେଖଯୋଗ୍ୟ ଯେ, ୦୮୩୫୧/୦୮୩୫୨ ସମ୍ବଲପୁର – ଗୌହାଟୀ ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ସାପ୍ତାହିକ ଟ୍ରେନ ଆସନ୍ତା ୨୨ ତାରିଖଠାରୁ ଏପ୍ରିଲ, ମଇ, ଜୁନ– ତିନି ମାସ ପାଇଁ ପ୍ରତି ସୋମବାର ଦିନ ସନ୍ଧ୍ୟା ୬ ଟା ୫୦ ରେ ସମ୍ବଲପୁରରୁ ଯାତ୍ରାରମ୍ଭ କରିବ । ମଙ୍ଗଳବାର ରାତିରେ ସେଠାରେ ପହଞ୍ଚିବ । ବୁଧବାର ସକାଳ ୮ଟାରେ ଟ୍ରେନ ସେଠାରୁ ଯାତ୍ରାରମ୍ଭ କରିବ ତଥା ଗୁରୁବାର ଅପରାହ୍ନ ୪ଟା ୧୫ରେ ସମ୍ବଲପୁରରେ ପହଞ୍ଚିବ । ସ୍ୱତନ୍ତ୍ର ଟ୍ରେନ ଭାବେ ଉଭୟ ପାର୍ଶ୍ୱରେ ଦଶ ଥର ଲେଖାଏଁ ଯାତ୍ରା କରିବ । ଏହି ଟ୍ରେନ ସମ୍ବଲପୁର ଅଞ୍ଚଳରେ ପର୍ଯ୍ୟଟନର ବିକାଶରେ ସହାୟକ ହେବ। ଅପରପକ୍ଷରେ ଓଡ଼ିଶାବାସୀଙ୍କୁ ଉତ୍ତର ପଶ୍ଚିମବଙ୍ଗର ଦାର୍ଜିଲିଂ ଓ କଲିମପଙ୍ଗ, ସିକ୍କିମର ଗ୍ୟାଙ୍ଗଟକ, ନାମଚି ଆଦି ତଥା ଆସାମ ସମେତ ସମଗ୍ର ଉତ୍ତର ପୂର୍ବାଞ୍ଚଳ ଯାତ୍ରା କରିବାରେ ଅତ୍ୟନ୍ତ ସହାୟକ ହେବ।

# ମହିଳା କ୍ୟାଡରଙ୍କୁ ଢ଼ାଲ କରି ଖସୁଛନ୍ତି ପୁରୁଷ ମାଓବାଦୀ !

ମାଲକାନଗିରି,(ସବ୍ୟୁ): ମାଲକାନଗିରି ଏବଂ ଛତିଶଗଡ଼ର ବହୁ ଜିଲ୍ଲା ପୁଲିସ ନିକଟରେ ଆତ୍ମସମର୍ପଣ କରୁଥିବା ମହିଳା ମାଓ ସଂଗଠନରେ ଚାଲିଥିବା ଭିତିରି ଗୁମର ପଦାକୁ ଆଣିଥିଲେ। ସେଥିମଧ୍ୟରୁ କିପରି ମହିଳା ମାଓବାଦୀଙ୍କୁ ନିର୍ଯାତନା, ଅସଦାଚରଣ ଏବଂ ଗୁଳି ବିନିମୟ ବେଳେ ଢାଲ କରାଯାଉଛି ତାକୁ ନେଇ ମୁହଁ ଖୋଲିଥିଲେ। ମାଓ ପ୍ରବଣ ଯେଉଁ ରାଜ୍ୟରେ ବି ପୁଲିସ ସହ ମାଓବାଦୀଙ୍କ ମୁହାଁମୁହିଁ ହୋଇଛି ସବୁ ସମୟରେ କ୍ୟାଡର ପୁରୁଷ ମାଓବାଦୀ ମାନେ ମହିଳା ମାଓଙ୍କୁ ଆଗକୁ ଠେଲି ଦିଅନ୍ତି। ତେଣୁ ବହୁ ଏନକାଉଣ୍ଟରରେ ମହିଳା କ୍ୟାଡ଼ରଙ୍କ ମୃତ୍ୟୁ ନିଶ୍ଚିତ ହୋଇଥିବା ନଜିର ରହିଛି ।

ଦୁଇ ଦିନ ତଳେ କାଂକେର ଏନକାଉଣ୍ଟରରେ ଅର୍ଦ୍ଧାଧିକ ମହିଳା ମାଓବାଦୀଙ୍କ ମୃତ୍ୟୁ ସ୍ପଷ୍ଟ ପ୍ରମାଣ କଲା। କାଙ୍କେର ଜିଲ୍ଲାର ଛୋଟିବେଠିଆ ଥାନା ଅଞ୍ଚଳର ହାପାଟୋଲା ଜଙ୍ଗଲରେ ମାଓ ସଂଗଠନର ଆଗଧାଡିର ମାଓବାଦୀଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଚାଲିଥିବା ବେଳେ ହଠାତ୍ ପୁଲିସର ଚଢାଉ ହୋଇଥିଲା। ଏଥିରେ ମହିଳା ମାଓବାଦୀଙ୍କ ସଂଖ୍ୟା ଅଧିକ ଥିଲା। ଏହି ମାଓବାଦୀଙ୍କ ବୈଠକରେ ଶତାଧିକ କ୍ୟାଡ଼ର ରହିଥିବା ସୂଚନା ଥିଲା। ମହିଳା ନକ୍ସଲଙ୍କୁ ଆଗରେ ରଖି ପୁରୁଷ ମାଓ ଖସି ପଳାଇବାରେ ସଫଳ ହୋଇଥିଲେ ମଧ୍ୟ ୨୯ ଜଣ ମାଓବାଦୀଙ୍କ ମଧ୍ୟରୁ ୧୪ ଜଣ ପୁରୁଷ ମାଓ ନିହତ ହୋଇଥିଲେ। ଏହି ଗୁଳିବିନିମୟରେ ମହିଳା ମାଓ କମାଣ୍ଡର ଜୁଗନୀ ନେତୃତ୍ୱ ନେଇଥିଲେ। ମହିଳା ମାଓବାଦୀମାନଙ୍କୁ ଆଗକୁ ନେଇ ପୁଲିସ ସହ ଲଢେଇ କରିଥିଲେ।



ତେବେ ଜୁଗନୀଙ୍କ ସହ ୧୫ ଜଣ ମହିଳା ମାଓ ନିହତ ହୋଇଥିଲେ। ଏଥିରୁ ସ୍ପଷ୍ଟ ହୋଇଥିଲା ଯେ ଲଢେଇ ସମୟରେ ମହିଳା କ୍ୟାଡ଼ର ହିଁ ଆଗରେ ରହିବେ ଏବଂ ମୃତ୍ୟୁକୁ ସାମ୍ନା କରିବେ, ଫଳରେ ଅନ୍ୟ ମାଓ ଖସିଯିବାରେ ସଫଳ ହେବେ। ନିଜ ଜୀବନକୁ ବାଜି ଲଗାଇ ପୁରୁଷ ମାଓବାଦୀଙ୍କ ଜୀବନ ବଞ୍ଚାଉଛନ୍ତି। ଏ ସଂପର୍କରେ ବହୁ ଆତ୍ମସମର୍ପଣ କରିଥିବା ମହିଳା କ୍ୟାଡ଼ର ପୁଲିସ ନିକଟରେ ସବୁ କାରନାମା ବଖାଣିଛନ୍ତି। କେବଳ ଯେ ଢାଲ ହୋଇ ଅନ୍ୟର ଜୀବନ ବଞ୍ଚାଉ ନାହାଁନ୍ତି। ବରଂ ରାନ୍ଧିବା, ଜିନିଷ ବୋହିବା ଏବଂ ପୁରୁଷ ମାଓବାଦୀଙ୍କୁ ସେବା କରିବାରେ ମଧ୍ୟ ମହିଳାଙ୍କୁ ବ୍ୟବହାର କରାଯାଉଛି। ବଡ଼ବଡ଼ କ୍ୟାଡର ମାଓଙ୍କ ଦ୍ୱାରା ମହିଳା ମାଓବାଦୀଙ୍କୁ ଦୁଷ୍କର୍ମ କରାଯିବା ସହ ଶାରୀରିକ ସୁଖ ପାଇଁ ବାଧ୍ୟ କରାଯାଉଛି। ମାଓ ସାମଗ୍ରୀରେ ମିଳୁଥିବା ବିପୁଳ ପରିମାଣର କଣ୍ଡୋମ ହିଁ ଏହା ବୟାନ କରୁଛି। ସଂଗଠନରେ ସବୁବେଳେ ମହିଳା ନିର୍ଯାତିତା ହେଉଛନ୍ତି ଓ ହେଉଥିବେ ବୋଲି ପୁଲିସ କହିଛି।

# ବିଜେଡି ପକ୍ଷରୁ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳନ

ବୌଦ୍ଧ,(ସବ୍ୟୁ): ବୌଦ୍ଧଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ସହରର ବ୍ରିଜଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମନ୍ତ୍ରୀ ପ୍ରଦିପ କୁମାର ଅମାତ, ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ରାଜ୍ୟ ଯୁଗ୍ମ ସମ୍ପାଦକ ଅଶୋକ କୁମାର ସାହୁ, ଏନଏସି ଉପାଧ୍ୟକ୍ଷା ସୁବାସିନୀ ସେଠୀ, କନ୍ଧମାଳ ସାଂସଦ ପ୍ରତିନିଧି ତାରେଣୀ କୁମାର ମହାପାତ୍ର,ଦଳର ଜିଲ୍ଲାର କାର୍ଯ୍ୟକାରୀ ସଭାପତି ସୁବୋଧ ପ୍ରଧାନ, ପୂର୍ବତନ ଉପାଧ୍ୟକ୍ଷ ବସନ୍ତ ସ୍ୱାଇଁ, ବିଦ୍ୟାଧର ସ୍ୱାଇଁ.ନିବାସ ଦାନୀ, କୈଳାଶ ବେହେରା,ପ୍ରଭାତ ପ୍ରଧାନଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତାମାନେ ମାଲ୍ୟାର୍ପଣ କରିଥିଲେ। ଶ୍ରାଦ୍ଧ ଦିବସରେ ନିର୍ବାଚନ ନେଇ ବିଜେଡି ପକ୍ଷରୁ ଦଳର ଶକ୍ତି ପ୍ରଦର୍ଶନ କରାଯାଇଛି । ଦଳ ପକ୍ଷରୁ ବିଜୁ ପଟ୍ଟନାୟକ ଛକ ଠାରୁ ଏକ ବିରାଟ ବାଇକ୍ ଶୋଭାଯାତ୍ରା ବୌଦ୍ଧ ସହର ପରିକ୍ରମା କରିଥିଲା ।

# ନିର୍ବାଚନ ସ୍ୱଚ୍ଛ ଓ ଶାନ୍ତିପୂର୍ଣ୍ଣ ଭାବରେ ସମ୍ପାଦନା ପାଇଁ ଜିଲ୍ଲାପାଳଙ୍କ ପରାମର୍ଶ

ବଲାଙ୍ଗିର,(ସବ୍ୟୁ): ଚଳିତ ବର୍ଷ ସାଧାରଣ ନିର୍ବାଚନ ନିମନ୍ତେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଗୌରୱ ଶିୱାଜି ଇସାଲୱାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ଼. ବିଜୟାନନ୍ଦ ସେଠୀ, ନର୍ବାଚନ ଖର୍ଚ୍ଚ ତଦାରଖ କମିଟି ନୋଡାଲ ଅଧିକାରୀ ତଥା ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ଡେପୁଟି କଲେକ୍ଟର (ନିର୍ବାଚନ) ରାଜେନ୍ଦ୍ର ନାୟକଙ୍କ ସମେତ ବିଭିନ୍ନ ସ୍କୁଆର୍ଡର ଅଧିକାରୀ ଉପସ୍ଥିତ ଥିଲେ। ଫ୍ଲାଇଙ୍ଗ ସ୍କୁଆର୍ଡ , ସହକାରୀ ନିର୍ବାଚନ ଖର୍ଚ୍ଚ ତଦାରଖ ଅଧିକାରୀ , ଷ୍ଟାଟିକ ସରଭେଲିଆନ୍ସ ଟିମ , ଭିଡିଓ ସରଭେଲିଆନ୍ସ ଟିମ, ଭିଡିଓ ଭିଉଇଂ ଟିମ, ଖର୍ଚ୍ଚ ହିସାବ ଟିମ ଆଦି ସାମିଲ ଥିଲେ । ନିର୍ବାଚନ ନିମନ୍ତେ ବଲାଙ୍ଗିର ଜିଲ୍ଲାରେ ଏପ୍ରିଲ ୨୬ ତାରିଖ ବିଜ୍ଞପ୍ତି ପ୍ରକାଶ ପାଇବ । ତେଣୁ ଏହା ପୂର୍ବରୁ ପ୍ରଶାସନ ଏହି ସମୀକ୍ଷା ବୈଠକ କରିଛି । ନିର୍ବାଚନ ସମୟରେ ପ୍ରଚାର ପ୍ରସାର, ଯାନବାହାନ, ପ୍ରାର୍ଥୀ ମାନଙ୍କ ଖର୍ଚ ସୀମା ଓ ପ୍ରିଣ୍ଟିଂ ବ୍ୟାନର, ଅର୍ଥ ବିନିଯୋଗ, ଖାଦ୍ୟପେୟରେ ଖର୍ଚ୍ଚ ଓ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରି ନିର୍ବାଚନକୁ ସ୍ୱଚ୍ଛ ଭାବେ ସମ୍ପାଦନା କରାଇବା ପାଇଁ ଆଲୋଚନା ହୋଇଥିଲା । ଏହା ସହ ସି–ଭିଜିଲ ମାଧ୍ୟମରେ ୧୦୦ ମିନିଟରେ ଆଦର୍ଶ ଆଚରଣ ବିଧିର ଉଲଂଘନ ହେଉଥିବା ଅଭିଯୋଗର ସମାଧାନ ବାବଦରେ ଆଲୋଚନା ହୋଇଥିଲା । ଏହି ଦଳ ସହ ଭିଡିଓ ଉତ୍ତୋଳନକାରୀ ମଧ୍ୟ ଯିବେ । ଫଳରେ ଉପଯୁକ୍ତ ପ୍ରମାଣ ସହ କୌଣସି ଅପ୍ରୀତିକର ପରିସ୍ଥିତକୁ ଏଡ଼ା ଯାଇପାରିବ । ଏହି ଦଳ ଗୁଡିକ ନିର୍ବାଚନ ଶେଷ ଯାଏଁ ବିଜ୍ଞପ୍ତି ପ୍ରକାଶ ଦିନ ଠାରୁ ୨୪ଘଣ୍ଟିଆ କାର୍ଯ୍ୟକାରି କରିବାକୁ ଥିବାବେଳେ ନିର୍ବାଚନ ଘୋଷଣା ଠାରୁ ଜିଲ୍ଲା ନିମନ୍ତେ ଗଠିତ ଫ୍ଲାଇଙ୍ଗ ସ୍କ୍ୱାର୍ଡ ୨୪ ଘଣ୍ଟିଆ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆ ଯାଇଛି ।

# ଶିକ୍ଷୟିତ୍ରୀଙ୍କ ଠାରୁ ଲାଞ୍ଚ ନେଇ ଧରାପଡ଼ିଲେ କିରାଣି

ବୌଦ୍ଧ, (ସବ୍ୟୁ) : ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଶିକ୍ଷାଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣି ରବୀନ୍ଦ୍ରନାଥ ପାଢ଼ୀ। ସେ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରିଛନ୍ତି ଭିଜିଲାନ୍ସ ଅଧିକାରୀ।

ହରଭଙ୍ଗା ବ୍ଲକ ଅନ୍ତର୍ଗତ ବୁରୁବୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅନୁସୟା ନାୟକଙ୍କର ବିଇଓ ଅଫିସରେ କିଛି କାମ ଅଟକି ରହିଥିଲା। ଉକ୍ତ କାମ କରି ଦେବା ପାଇଁ ସେ ବହୁବାର ବିଇଓ ଅଫିସକୁ ଦୌଡ଼ି ଦୌଡ଼ି ହଇରାଣ ହୋଇଥିଲେ। କାମଟି କରି ଦେବା ପାଇଁ ବିଇଓ ଅଫିସର ବରିଷ୍ଠ କିରାଣି ରବୀନ୍ଦ୍ରନାଥ ପାଢ଼ୀ ତାଙ୍କୁ ୪୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏହା ପରେ ଶିକ୍ଷୟିତ୍ରୀ ଜଣଙ୍କ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ଶୁକ୍ରବାର ଶିକ୍ଷୟିତ୍ରୀ ଜଣଙ୍କ କିରାଣି ରବୀନ୍ଦ୍ରନାଥଙ୍କୁ ପ୍ରଥମ କିସ୍ତିରେ ୨୦ ହଜାର ଟଙ୍କା ଦେଇଥିଲେ। ଶ୍ରୀ ପାଢ଼ୀ ଲାଞ୍ଚ ଅର୍ଥ ଗ୍ରହଣ କରୁଥିବା ବେଳେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଏହା ପରେ ତାଙ୍କ ବୁଟୁପାଲି ସ୍ଥିତ ବାସଭବନରେ ଭିଜିଲାନ୍ସ ପକ୍ଷରୁ ରେଡ୍ କରାଯାଇଥିଲା।

# ଖପ୍ରାଖୋଲରେ ଅଗ୍ନିଶମ ସୁରକ୍ଷା ସଚେତନତା ସପ୍ତାହ



ଖପ୍ରାଖୋଲ,(ସବ୍ୟୁ): ଅଗ୍ନିଶମ ବିଭାଗ ତରଫରୁ ସାରା ରାଜ୍ୟରେ ଅଗ୍ନିଶମ ସୁରକ୍ଷା ସଚେତନତା ସପ୍ତାହ ପାଳନ ହେଉଥିବା ବେଳେ ଖପ୍ରାଖୋଲ ରେ ମଧ୍ୟ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଗ୍ନିଶମ ବିଭାଗ ତରଫରୁ ସଚେତନତା ପୋଷ୍ଟର ଲଗାଇ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଦୁର୍ଘଟଣା ରୋକିବା ପାଇଁ ସମସ୍ତେ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବ୍ଲକ୍ ଅଗ୍ନିଶମ ଅଧିକାରୀ ଜୟଗୋପାଳ ପଣ୍ଡା, ହାବିଲଦାର ପ୍ରକାଶ ସାହୁ, ଘନଶ୍ୟାମ ପଟେଲ, ସୁବାଷ ବାଗ, ଦୁର୍ଜନ ପ୍ରସାଦ ହରିଜନ, ଜିତେନ୍ଦ୍ର ସାହୁ, ବେଲାଲ ସେନ ପୁଟା, ରୁଦ୍ରଦେବ ଚୌହାନ ପ୍ରମୁଖ ଉପସ୍ଥିତ ଥିଲେ।

# ମଦ କାରବାରରେ ଜଣେ ଗିରଫ

କଣ୍ଟାମାଳ,(ସବ୍ୟୁ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ମଦ ଜବତ କରିବା ସହ ଜଣକୁ ଗିରଫ କରିଥିବା ଜଣା ପଡ଼ିଛି । ସୂଚନା ଅନୁସାରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ଅଧିକାରୀ ସୂର୍ଯ୍ୟକାନ୍ତ ମଲିକଙ୍କ ନେତୃତ୍ୱରେ ଏକ ଟିମ୍ ଘଣ୍ଟାପଡ଼ା ଥାନା ଅନ୍ତର୍ଗତ ସିଆଲୟୁରି ଗ୍ରାମ ନିକଟରେ ଚଢାଉ କରି ବିଅର୍ ଜବତ କରିଥିବା ବେଳେ ଘଟଣାରେ ଜଣକୁ ଗିରଫ କରାଯାଇଛି । ଜବତ ବିଅର ମଦର ପରିମାଣ ୯.୭୫୦ ଲିଟର ହୋଇଥିବା ବେଳେ ଗିରଫ ଅଭିଯୁକ୍ତ ଜଣକ ହେଲେ ରବୀନ୍ଦ୍ର ମହାକୁଡ ୩୮ ବର୍ଷ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି । ଏ ସଂକ୍ରାନ୍ତରେ କଣ୍ଟାମାଳ ଅବକାରୀ କାର୍ଯ୍ୟାଳୟରେ ୮/୨୪–୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ରବିନ୍ଦ୍ରକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଅଧିକାରୀ ସୂର୍ଯ୍ୟକାନ୍ତ ମଲିକ ସୂଚନା ଦେଇଛନ୍ତି।

# ବୋଲେରୋ ଧକ୍କାରେ ବାଇକ୍ ଆରୋହୀ ମୃତ

ହରଭଙ୍ଗା,(ସବ୍ୟୁ): ଖୋର୍ଦ୍ଧା – ବଲାଙ୍ଗିର ୫୭ନମ୍ବର ଜାତୀୟ ରାଜପଥ ବୌଦ୍ଧ ଥାନା ଅନ୍ତର୍ଗତ ଗାନ୍ଧୀନଗର ନିକଟରେ ବାଇକ ଆରୋହୀଙ୍କୁ ଧକ୍କା ଦେଇଛି । ଫଳରେ ବାଇକ ଆରୋହୀ ଘଟଣା ସ୍ଥଳରେ ହିଁ ମୃତ୍ୟୁଙ୍କ ମୃତ୍ୟୁ ହୋଇଥିଲା । ପ୍ରତିବାଦରେ ଉତ୍ୟକ୍ତ ଲୋକଙ୍କ ରାସ୍ତା ରୋକ କରିଥିଲେ । ସୂଚନା ମତେ ରାଧାନଗର ଗ୍ରାମର ନାରାୟଣ ମେହେର ନିଜ ଦୋକାନ ପାଇଁ ସଉଦା କରି ବୌଦ୍ଧରୁ ବାଇକ ଯୋଗେ ଫେରୁଥିବା ସମୟରେ ପଛପଟୁ ଦ୍ରୁତ ଗତିରେ ଆସୁଥିବା ଏକ ବୋଲେରୋ ପିକଅପ ବାଇକ ଆରୋହୀଙ୍କୁ ଧକ୍କା ଦେଇଥିଲା । ଫଳରେ ବାଇକ ଆରୋହୀ ଜଣଙ୍କ ଛିଟିକି ହୋଇ ପଡ଼ିଥିଲେ । ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି । ମୃତକ ଜଣଙ୍କ ରାଧାନଗର ଗ୍ରାମର ନାରାୟଣ ମେହେର । ଘଟଣାକୁ ନେଇ ଉତ୍ୟକ୍ତ ଲୋକଙ୍କ ଜାତୀୟ ରାଜପଟ ଅବରୋଧ ହୋଇଥିବା ବେଳେ ପୋଲିସ ପହଁଚି ଘଟଣାର ତଦନ୍ତ ଜାରି ରଖିଛି ।ସୂଚନା ଥାଉକି ଉକ୍ତ ବୋଲେରୋ ଗାଡି ଟି ଖୋର୍ଦ୍ଧା –ବଲାଙ୍ଗୀର ରେଳପଥ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ର ହୋଇଥିବା ବେଳେ ଲୋକେ ଡ୍ରାଇଭରଙ୍କୁ କାବୁ କରି ପୋଲିସ ରେ ଜିମା ଦେଇଥିଲେ ।

# ହାଇୱା ଦୁର୍ଘଟଣାରେ ଚାଳକ ମୃତ

ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା କିସିଣ୍ଡା ଥାନା ଧଳପୁର ନିକଟରେ ଏକ ହାଇୱା ଭାରସାମ୍ୟ ହରାଇ ଦୁର୍ଘଟଣା ହୋଇଥିବା ବେଳେ ଚାଳକର ମୃତ୍ୟୁ ହୋଇଛି ମୃତକ ଜଣକ ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ଡୁଡୁମ ଗ୍ରାମର ରଞ୍ଜନ ବେହେରା ବୋଲି ଜଣାପଡିଛି। ସୂଚନା ଅନୁସାରେ ଏକ ରାସ୍ତା ନିର୍ମାଣ କାରୀ ସଂସ୍ଥାର ଓଡି ୧୫ ୪୬୬୮ ନମ୍ବର ବିଶିଷ୍ଟ ହାଇୱା ମେଟାଲ ନେଇ ସମ୍ବଲପୁର ପଟରୁ କିସିଣ୍ଡା ଅଭିମୁଖେ ଆସୁଥିବା ବେଳେ ଧଳପୁର ଛକରେ ଭରସାମ୍ୟ ହରାଇ ଓଲଟି ପଡ଼ି ରାସ୍ତା ଡ଼ିଭାଇଡ଼ର ରେ ପିଟି ହୋଇଥିଲା ଫଳରେ ଘଟଣା ସ୍ଥଳରେ ଚାଳକଙ୍କ ମୃତ୍ୟୁ ହୋଇଥିଲା । ଖବର ପାଇ କିସିଣ୍ଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡି ଭିତରୁ ଶବକୁ ଉଦ୍ଧାର କରି ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଇଥିବା କିସିଣ୍ଡା ଥାନାଧିକାରିଣୀ ଅଞ୍ଜଳି କୁମ୍ଭାର ପ୍ରକାଶ କରିଛନ୍ତି ।

# ୫ କ୍ୱିଣ୍ଟାଲ ମହୁଲ ପୋଚ ନଷ୍ଟ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ଅଞ୍ଚଳରେ ଦେଶୀ ମଦ ରନ୍ଧା ଓ କାରବାର ବୃଦ୍ଧି ପାଇବାରେ ଲାଗିଛି । ଆଗକୁ ସାଧାରଣ ନିର୍ବାଚନ ଆସୁଥିବା ବେଳେ ଅବାଧ, ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । ଏଭଳିସ୍ଥଳେ ଗୋବିନ୍ଦପୁର ପୋଲିସ ହରିପଡା ଜଙ୍ଗଲରେ ଚଢଉ କରି ୨କ୍ୱିଣ୍ଟାଲ ମହୁଲ ପୋଚ ନଷ୍ଟ କରିଛି । ସେହିପରି କୁଚିଣ୍ଡା ପୋଲିସ ବାବେଜୋରୀ ଓ ବଡଗଡ ଜଙ୍ଗଲରେ ଚଢଉ କରି ୩କ୍ୱିଣ୍ଟାଲ ମହୁଲ ପୋଚ ଜବତ କରିଛି । ମାତ୍ର ଏହି ୨ଘଟଣାରେ ପୋଲିସ କାହାକୁ ଗିରଫ କରିନାହିଁ ।

## ବୀରମହାରାଜପୁର ଆସନରେ ତ୍ରିମୁଖି ଲଢେଇ

# ବିଜେଡି, ବିଜେପିକୁ ଅସନ୍ତୁଷ୍ଟ ଗୋଷ୍ଠୀର ଚିନ୍ତା

ସୋନପୁର : (ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ବିରାମହରାଜପୁର ଆସନରେ ଏଥର ତ୍ରିମୁଖି ଲଢେଇ ନିଶ୍ଚିତ ବୋଲି ଭୋଟର ମହଲରେ ହେଉଛି । ଫଳରେ ବିଜେଡି ଓ ବିଜେପିକୁ ଅସନ୍ତୁଷ୍ଟ ଗୋଷ୍ଠୀର ଚିନ୍ତା ବିଜେଡି ଦଳର ପ୍ରାର୍ଥୀ ପଦ୍ମନାଭ ବେହେରା, ବିଜେପି ଦଳର ପ୍ରାର୍ଥୀ ରଘୁନାଥ ଜଗଦଲା ଓ କଂଗ୍ରେସ ଦଳର ପ୍ରାର୍ଥୀ ପ୍ରଦୀପ ସେଠୀଙ୍କ ମୁଣ୍ଡବ୍ୟଥା ହୋଇଛି । ଚଳିତ ନିର୍ବାଚନରେ ଏଠାକାର ଉଭୟ ବିଜେଡି ଓ ବିଜେପି ଦଳରେ ଅସନ୍ତୁଷ୍ଟ ଗୋଷ୍ଠୀ ସୃଷ୍ଟି ହୋଇଛି । ସୂଚନା ମତେ ବିଜେଡି ପ୍ରାର୍ଥୀ ପଦ୍ମନାଭ ବେହେରା ଗତ ୨୦୦୯, ୨୦୧୪ ଓ ୨୦୧୯ ନିର୍ବାଚନରେ ଅନୁସୂଚିତ ବର୍ଗ ପାଇଁ ସଂରକ୍ଷିତ ବୀରମହାରାଜପୁର ବିଧାନସଭା ଆସନରୁ ଲଗାତର ଭାବେ ବିଜୟୀ ହୋଇଆସୁଛନ୍ତି । ଏଥର ଚତୁର୍ଥ ଥର ପାଇଁ ମଧ୍ୟ ଦଳ ତାଙ୍କୁ ପ୍ରାର୍ଥୀ କରିଛି । ତେବେ ବ୍ଲକ ଯୁବ ବିଜେଡ଼ି ସଭାପତି ତଥା ସ୍ଥାନୀୟ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଏଥର ଟିକଟ ପାଇଁ ପ୍ରମୁଖ ଦାବିଦାର ଥିଲେ । ସେ ଗତ କିଛି ବର୍ଷ ହେଲା ଦଳୀୟ ପ୍ରାର୍ଥୀ ହେବାକୁ ଗାଁ ଗାଁ ବୁଲି ସଂଗଠନ କରି ଆସୁଥିଲେ ହେଁ ଶେଷ ମୁହୂର୍ତ୍ତରେ ତାଙ୍କୁ ନିରାଶ ହେବାକୁ ପଡିଥିଲା । ତାଙ୍କୁ ଟିକଟ ନ ମିଳିବାରୁ ସେ ଓ ତାଙ୍କର ସମର୍ଥକମାନେ ଘୋର ଅସନ୍ତୁଷ୍ଟ ଥିବାବେଳେ ଏହା ମଧ୍ୟରେ ସେମାନେ ଦଳରୁ ଇସ୍ତଫା ମଧ୍ୟ ଦେଇ ସାରିଛନ୍ତି। ଏହାର ପ୍ରଭାବ ଭୋଟ ରାଜନୀତିରେ ନିଶ୍ଚିତ ଭାବେ ପଡିବ ବୋଲି ଚର୍ଚ୍ଚା ହେଉଛି । ସେହିଭଳି ବିଜେପି ଦଳ ଏଥର ଦ୍ୱିତୀୟ ଥର ପାଇଁ ମେରାଇନ୍ ଇଞ୍ଜିନିଅର ରଘୁନାଥ ଜଗଦଲାଙ୍କ ପ୍ରାର୍ଥୀ କରିଛି । ସେ ଗତ ୨୦୧୯ ନିର୍ବାଚନରେ ମାତ୍ର ୧୩,୦୫୭ ଖଣ୍ଡ ଭୋଟ ବ୍ୟବଧାନରେ ସେ ବିଜେଡ଼ି ପ୍ରାର୍ଥୀ ପଦ୍ମନାଭ ବେହେରାଙ୍କ ଠାରୁ ପରାଜିତ ହୋଇଥିଲେ । ଶ୍ରୀ ବେହେରା ୬୫,୨୦୨ ଖଣ୍ଡ ଭୋଟ ପାଇଥିବା ବେଳେ ଶ୍ରୀ ଜଗଦଲା ୫୧,୧୪୫ ଖଣ୍ଡ ଭୋଟ ପାଇଥିଲେ । ମାତ୍ର ଚଳିତ ନିର୍ବାଚନରେ ଟିକଟ ପାଇବା ନେଇ ଆନନ୍ଦ ବାରିକ ମଧ୍ୟ ଆଶାୟୀ ଥିଲେ। ଶ୍ରୀ ବାରିକ ଢେର ବର୍ଷ ହେଲା ଗାଁ ଗାଁରେ ସଂଗଠନ କରୁଥିବା ଜଣାଯାଇଛି । ଖୁବ୍ ନିକଟରେ ସେ ନିଜ ସମର୍ଥକଙ୍କ ସହ ବଲାଙ୍ଗୀର ଯାଇ ଦଳୀୟ ରାଜ୍ୟ ପ୍ରଭାରୀଙ୍କୁ ଭେଟି ଟିକଟ ପରିବର୍ତ୍ତନ ସକାଶେ ମଧ୍ୟ ଦାବି କରିଥିଲେ। ଏହି ପରିପ୍ରେକ୍ଷୀରେ ଚଳିତ ନିର୍ବାଚନରେ ତାଙ୍କର ଭୂମିକା ଉପରେ ଏବେ ସମସ୍ତଙ୍କର ନଜର ରହିଛି। ସେହିଭଳି କଂଗ୍ରେସ ପକ୍ଷରୁ ଚଳିତ ନିର୍ବାଚନରେ ଜଣେ ଯୁବ ସଂଗଠକ ପ୍ରଦୀପ ସେଠୀଙ୍କୁ ପ୍ରାର୍ଥୀ କରାଯାଇଛି । ଶ୍ରୀ ସେଠୀ ବିଧାନସଭା ନିର୍ବାଚନରେ ନୂଆ ମୁହଁ ହୋଇଥିଲେ ହେଁ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀରେ ଜଣେ ଯୁବ ନେତା ତଥା ଯୁବ ସଂଗଠକ ଭାବେ ପରିଚିତ । ସେ ଦଳର ରାଜ୍ୟ କାର୍ଯ୍ୟକାରୀଣୀ ସଦସ୍ୟ ରହିବା ସହ ବହୁ ବର୍ଷ ହେଲା ବିଭିନ୍ନ ସ୍ଥାନକୁ ଯାଇ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଆସୁଛନ୍ତି । ଏହାଛଡା ବୀରମହାରାଜପୁର ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଦଳର ପକେଟ ଭୋଟ ରହିଥିବା ମଧ୍ୟ ଆଲୋଚିତ ହେଉଛି । ଏହା ତାଙ୍କୁ ବେଶ ସୁହାଇବ ବୋଲି ଚର୍ଚ୍ଚା ହେଉଛି।

# ଖରଭୂଇଁ ପାହାଡ଼ ତଳସାହି ୨୫ ଦିନ ହେଲା ଅନ୍ଧାରରେ

ହରଭଙ୍ଗା, (ସବ୍ୟୁ) : ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଖରଭୂଇଁ ଗ୍ରାମର ପାହାଡ଼ ତଳ ସାହିକୁ ଆଜକୁ ୨୫ ଦିନରୁ ଉର୍ଦ୍ଧ ହେଲା ବିଦ୍ୟୁତ ସେବାରୁ ବଞ୍ଚିତ ଅଛନ୍ତି । ଫଳରେ ଅନ୍ଧାରରେ ଦିନ କାଟୁଛନ୍ତି ଗ୍ରାମବାସୀ । ଅଭିଯୋଗ ଅନୁଯାଇ ଟ୍ରାନ୍ସଫରମର ଟି କୌଣସି ମତେ ପୋଡି ଯାଇଥିଲା । ସେହି ଦିନରୁ ଅନ୍ଧାରରେ ରାତି କାଟୁଛନ୍ତି ଲୋକେ । ବର୍ତମାନ ସମୟରେ ଅତ୍ୟଧିକ ଖରା ଓ ରାତିରେ ଗରମ ଅନୁଭୂତ ହେଉଥିବା ବେଳେ ବିଦ୍ୟୁତ ସେବାରୁ ବଞ୍ଚିତ ଥିବା ନେଇ ବିଦ୍ୟୁତ ବିଭାଗର ମନମୁଖୀ କାର୍ଯ୍ୟପ୍ରତି ଅସନ୍ତୋଷ ପ୍ରକାଶ ପାଉଛି । ଏପରିକି ଆଜି ହେବ କାଲି ଲାଗିଯିବ କହି ଲୋକଙ୍କୁ ଭୂୟାଁ ବୁଲାଉଛି ବିଦ୍ୟୁତ ବିତରଣ କମ୍ପାନୀ ବୋଲି ହିତାଧିକାରୀ ମାନେ ଅଭିଯୋଗ କରିଛନ୍ତି । ତେଣୁ ବିଦ୍ୟୁତ ସେବା କେବେ ଖରର୍ଭୂଇଁ ଗ୍ରାମକୁ ପହଁଞ୍ଚୁଛି ତାହା ଦେଖିବାର ବାକି ରହିଲା ।

# ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ଲଢେଇ ଜୋର୍‌ଦାର

ବୌଦ୍ଧ,(ସବ୍ୟୁ): ବୌଦ୍ଧଜିଲ୍ଲାର ବୌଦ୍ଧ ନିର୍ବାଚନ ମଣ୍ଡଳିରେ ଏଥର ବିଜେଡି, ବିଜେପି ଓ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ଲଢେଇ ହେବାର ସମ୍ଭାବନା ରହିଛି । ଜିଲ୍ଲାର ତିନି ରାଜନୈତିକ ଦଳ ବିଜେଡି, ବିଜେପି ଓ କଂଗ୍ରେସ ଦଳର ପ୍ରାର୍ଥୀମାନେ ନିଜ ନିଜ ସପକ୍ଷରେ ଜନମତ ପାଇଁ ଦିନରାତି ଏକ କରି ଲଗିପଡିଛନ୍ତି । ଜିଲ୍ଲାର ଏହି ଗୁରୁତ୍ୱ ପୂର୍ଣ୍ଣ ନିର୍ବାଚନ ମଣ୍ଡଳିରେ ବିଜେଡି ପକ୍ଷରୁ ୫ ଥରର ବିଧାୟକ ତଥା ରାଜ୍ୟ ସରକାରଙ୍କ ବହୁ ଗୁରୁତ୍ୱ ପୂର୍ଣ୍ଣ ବିଭାଗର ମନ୍ତ୍ରୀ ପ୍ରଦୀପ ଅମାତଙ୍କୁ ଦଳ ପୁଣି ଥରେ ଚଳିତ ନିର୍ବାଚନରେ ପ୍ରାର୍ଥୀ କରିଛି । ସେହିପରି ବିଜେପି ପକ୍ଷରୁ ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ତଥା ଯୁବ ନେତା ସରୋଜ ପ୍ରଧାନଙ୍କୁ ଦଳ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ଦଳ ପକ୍ଷରୁ ଦଳର ଜିଲ୍ଲା ସଭାପତି ତଥା ବରିଷ୍ଠ ଆଇନଜୀବୀ ନବ କୁମାର ମିଶ୍ର ପ୍ରାର୍ଥୀ ହୋଇଛନ୍ତି ।





ବୌଦ୍ଧ ନିର୍ବାଚନ ମଣ୍ଡଳି ବୌଦ୍ଧବ୍ଲକର ୧୧ଟି ପଂଚାୟତ ସହିତ ବୌଦ୍ଧଗଡ ଏନଏସି ଏବଂ ହରଭଙ୍ଗା ବ୍ଲକର ସମସ୍ତ ୨୨ଟି ପଂଚାୟତ ରହିଛି । ବିଜେପି ଏଥର ଏହି ନିର୍ବାଚନ ମଣ୍ଡଳି ହାତେଇବା ପାଇଁ ପ୍ରାଣପଣେ ଉଦ୍ୟମ ଜାରି ରଖିଛି । ଗତ ତିନୋଟି ନିର୍ବାଚନରେ ସରୋଜଙ୍କ ବଡ ଭାଇ ସୁଶାନ୍ତ ପ୍ରଧାନ ସ୍ୱାଧୀନ,କଂଗ୍ରେସ ଓ ବିଜେପି ଦଳରୁ ନିର୍ବାଚନ ଲଢି ହାରିଥିଲେ । ଗତ ତିନୋଟି ନିର୍ବାଚନକୁ ଦେଖିଲେ ବୌଦ୍ଧ ବୌଦ୍ଧ ବିଧାନସଭା ମଣ୍ଡଳୀରେ ୨୦୧୯ ନିର୍ବାଚନରେ କଂଗ୍ରେସ ଓ ସିପିଆଇ ଆସନ ବୁଝାମଣା ଯୋଗୁଁ ବୌଦ୍ଧରେ ସିପିଆଇ ପ୍ରାର୍ଥୀଙ୍କ ଭାଗରେ ପଡିବା ସହ ଏଠାରୁ ସିପିଆଇ ପ୍ରାର୍ଥୀ ହୋଇଥିଲେ । କିନ୍ତୁ ୨୦୧୯ ନିବାଚନରେ ବରିଷ୍ଠ ଆଇନଜୀବୀ ନବ କୁମାର ମିଶ୍ର ବିଜେଡି ଦଳ ଛାଡି କଂଗ୍ରେସରେ ଯୋଗ ଦେଇଥିଲେ । ପରେ କଂଗ୍ରେସର ଜିଲା ସଭାପତି ଦାୟିତ୍ୱ ନେଇଥିଲେ । ସଭାପତି ଦାୟିତ୍ୱ ନେବା ପରେ ଦଳକୁ ସୁଦୃଢ କରିବା ସହ ଦଳୀ ସ୍ଥିତ ମଜଭୁତ କରିପାରିଛନ୍ତି । ଏଥର ଦଳ ତାଙ୍କୁ ପ୍ରାର୍ଥୀ କରିବା ପରେ ସେ ନିର୍ବାଚନ ମଇଦାନକୁ ଓହ୍ଲାଇବା ସହ ପ୍ରଚାରକୁ ଜୋର ଦାର ଆରମ୍ଭ କରିଛନ୍ତି । ବୌଦ୍ଧରେ ନବବାବୁଙ୍କ ଏକ ପ୍ରକାର ଲୋକପ୍ରିୟତା ରହିଥିବା ବେଳେ ତାଙ୍କ ପାଖରେ ଦକ୍ଷ ନେତୃତ୍ୱ ମଧ୍ୟ ରହିଛି । ଶ୍ରୀ ମିଶ୍ର ବର୍ତ୍ତମାନ ଘରକୁ ଘର ବୁଲି ଲୋକଙ୍କୁ ବୁଝାଇବା ସହ ଦଳର ଗ୍ୟାରେଣ୍ଟି କାଡ ସଂପର୍କରେ ବୁଝାଇବା ସହ ଦଳକୁ ଭୋଟ ଦେବାକୁ ନିବେଦନ କରୁଛନ୍ତି । ତାଙ୍କର ମଧ୍ୟ ଭୋଟ ବ୍ୟାଙ୍କ ରହିଥିବା ବେଳେ ଏଥର ଜିତିବାକୁ ପୁରାଆଶାବାଦୀ ଅଛନ୍ତି । ଜିଲ୍ଲାରେ ଅସ୍ତିତ୍ୱ ହରାଇ ଥିବା କଂଗ୍ରେସ ନବ ମିଶ୍ର ଦାୟୀତ୍ୱ ନେବା ପରେ ଦଳକୁ ମିଳିଛି ସଂଜିବନୀ

# କୋକସରା ବ୍ଲକ୍ ପ୍ରଶାସନ ପକ୍ଷରୁ ଭୋଟର ସଚେତନତା



କୋକସରା,(ସବ୍ୟୁ): ଆଗକୁ ସାଧାରଣ ନିର୍ବାଚନ ମେ ୧୩ ରେ କଳାହାଣ୍ଡି ଜିଲ୍ଲାରେ ହେବାକୁ ଥିବାବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଭୋଟର ସଚେତନତା ସୃଷ୍ଟି ଅଭିଯାନ ଆରମ୍ଭ କରିଛି। ଏହି କ୍ରମରେ ଗୁରୁବାର କୋକସରା ବ୍ଲକ ପ୍ରଶାସନ ପକ୍ଷରୁ କୋକସରା ବିଡ଼ିଓ ସ୍ନେହାପ୍ରଭା ମାଝୀଙ୍କ ତତ୍ତ୍ୱାବଧାନରେ ବ୍ଲକ ପରିସର ମଧ୍ୟରେ ଭୋଟର ସଚେତନତା ସୃଷ୍ଟି ଅଭିଯାନକୁ ନେଇ ଭିଡ଼ିଓ ମାଧ୍ୟମରେ ସଚେତନତା କରାଯାଇଛି। ଭୋଟ ହେଉଛି ନାଗରିକ ହେବାର ମୌଳିକ ଅଧିକାର, ଏହି ଅଧିକାରକୁ ସମସ୍ତେ କେମିତି ସାବ୍ୟସ୍ତ କରି ନିଜର ମତଦାନ କରିବେ ସେ ନେଇ ସଚେତନ କରାଯାଇଛି। ଏହି ଅବସରରେ ଜିପିଡ଼ିଓ ରାଜେନ୍ଦ୍ର ପାତ୍ର, ବିଏସ ଏସ ଓ ଦୀପକ କୁମାର ବେହେରା, ପିଇଓ ବିରଞ୍ଚି ଖର୍ସେଲ ସମେତ ଓଏଲଏମ, ସାମାଜିକ ସୁରକ୍ଷା ବିଭାଗୀୟ ଓ ମନରେଗା ବିଭାଗୀୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

(ଶ୍ରୀମଭଗବଦ୍ ଗୀତା ୫/୧୧)

–କର୍ମ୍ମସନ୍ୟାସଯୋଗଃ–

(ଶ୍ରୀଭଗବାନୁବାଚ)

**କାୟତେ ମନସା ବୁଦ୍ଧ୍ୟା କେବଳୈରିନ୍ଦ୍ରିୟୈରପି ।**
**ଯୋଗିନଃ କର୍ମ୍ମ କୁର୍ବନ୍ତି ସଙ୍ଗଂ ତ୍ୟକ୍ତ୍ୱାତ୍ମଶୁଦ୍ଧୟେ ॥୧୧॥**

କର୍ମଯୋଗୀମାନେ କର୍ମଫଳରେ ଆସକ୍ତି ତ୍ୟାଗ କରି ଆତ୍ମଶୁଦ୍ଧ ପାଇଁ ଶରୀର ଦ୍ୱାରା (ସ୍ନାନାଦି) ମନଦ୍ୱାରା, (ଧ୍ୟାନାଦି) ବୁଦ୍ଧିଦ୍ୱାରା, (ତତ୍ତ୍ୱନିଶ୍ଚୟାଦି) ଏବଂ କର୍ମରେ ଅଭିନିବେଶରହିତ ଇନ୍ଦ୍ରିୟମାନଙ୍କଦ୍ୱାରା କର୍ମ ସବୁ ଅନୁଷ୍ଠାନ କରନ୍ତି ॥୧୧॥

## ସମ୍ପାଦକୀୟ

# ମଣିପୁର ଲୋକମତ!

ସାଧାରଣ ନିର୍ବାଚନ–୨୦୨୪ ପାଇଁ ଭୋଟ ଦାନ ପ୍ରକ୍ରିୟା ଆରମ୍ଭ ହେଇଯାଇଛି ଏବଂ ଏଥିସହ ରାଜନୈତିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଇଛି । ପ୍ରଚାର ବଢୁଛି ଏବଂ ଫଳାଫଳକୁ ନେଇ ଧୀରେ ଧୀରେ ଚର୍ଚ୍ଚା ବଢ଼ିବାରେ ଲାଗିଛି । ଏହା ସ୍ୱାଭାବିକ ପ୍ରକ୍ରିୟା ଏବଂ ସବୁ ନିର୍ବାଚନରେ ଏହା ଦେଖିବାକୁ ମିଳେ । ଦେଶର ସବୁ ରାଜ୍ୟ ମଧ୍ୟରେ, ମଣିପୁର ପରିସ୍ଥିତି କିଛିଟା ଭିନ୍ନ ବୋଲି ମନେହୁଏ । କେତେକ ଗଣମାଧ୍ୟମରେ ପ୍ରକାଶିତ ତଥ୍ୟ ଅନୁସାରେ, ସେଠାରେ ବଡ ଧରଣର ସଭା ଓ ରାଲି ଦେଖିବାକୁ ମିଳୁ ନ ଥିଲା । କାଁ ଭାଁ ସଭା,ରାଲି ହେଉଥିଲା । ଏହା ସ୍ପଷ୍ଟ କରୁଥିଲା ଯେ' ହିଂସାର ଭୟ ଯୋଗୁଁ ଲୋକେ ସଭାସମିତିକୁ ଆସିବାକୁ ଚାହୁଁନାହାନ୍ତି । ମଣିପୁର, ଅନ୍ୟ କେତେକ ଉତ୍ତର–ପୂର୍ବ ରାଜ୍ୟଗୁଡିକ ସହିତ ଦକ୍ଷିଣର ତାମିଲନାଡୁରେ ମତଦାନ ପ୍ରକିୟା ସମାପ୍ତ ହେଇଛି । ଏସବୁ ରାଜ୍ୟ ମଧ୍ୟରେ ମଣିପୁରର ଚିତ୍ର ନିଶ୍ଚିତ ଭାବରେ ଭିନ୍ନ । କାରଣ ଏଠି ଏ ପର୍ଯ୍ୟନ୍ତ ସ୍ୱାଭାବିକ ଅବସ୍ଥା ଆସିନାହିଁ କହିଲେ ଚଳେ । ଲୋକଙ୍କ ମଧ୍ୟରେ, ଭୟ, ଘୃଣା, ରାଗ, ଦ୍ୱେଷ ଏବେବି ରହିଛି ଏବଂ ମଝିରେ ମଝିରେ ହିଂସାତ୍ମକ ଘଟଣା ଘଟୁଛି । ପରିବେଶ ଅଶାନ୍ତ ହେଉଛି ଏବଂ କ୍ରମେ ଶାନ୍ତ ହେଇଯାଉଛି । ଦୁଇ ଶତ୍ରୁ ଗୋଷ୍ଠୀ ମୈତେଇ ଓ କୁକୀ–ଜୋଙ୍କ ମଧ୍ୟରେ ବିବାଦର ସମାଧାନ ହେଇପାରିନାହିଁ । ୨୦୨୩ ମେ ମାସ ୩ ତାରିଖରୁ ଆରମ୍ଭ ହୋଇଥିବା ଜାତିଗତ ହିଂସା ଏ ପର୍ଯ୍ୟନ୍ତ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ନେଇସାରିଥିବାବେଳେ ଶହ ଶହ ଲୋକଙ୍କୁ ଆହତ ହେଇଛନ୍ତି । ହଜାର ହଜାର ଲୋକ ବିସ୍ଥାପିତ ହୋଇଛନ୍ତି । ରାଜ୍ୟର ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟବସାୟ ଅନେକାଂଶରେ ପ୍ରଭାବିତ ହୋଇଛି । ବର୍ତ୍ତମାନ ମଧ୍ୟ ମଝିରେ ମଝିରେ ହିଂସା ହେଉଛି । ଏହା ସ୍ପଷ୍ଟ କରିଛି ଯେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଶାନ୍ତି ଏବଂ ଏକତା ଆଣିବାରେ ଆମେ ବିଫଳ ହେଇଛେ–ସରକାର ବିଫଳ ହେଇଛନ୍ତି । ମଣିପୁରର ପରିସ୍ଥିତି କେବଳ ଏକ ସ୍ଥାନୀୟ ପ୍ରସଙ୍ଗ ନୁହେଁ ବରଂ ଏହାର ଆଭ୍ୟନ୍ତରୀଣ ବ୍ୟାପାର ପରିଚାଳନା ପାଇଁ ଭାରତର ଦକ୍ଷତାର ପରୀକ୍ଷା ବୋଲି କୁହାଯାଇପାରେ । ସବୁ ରାଜନୈତିକ ଦଳ ନିଜ ନିଜ ଇସ୍ତାହାର ନେଇ ଲୋକଙ୍କ ପାଖରେ ପହଞ୍ଚୁଛନ୍ତି ଏବଂ ବିକାଶ, ସଶକ୍ତିକରଣର କଥା କହୁଛନ୍ତି, କିନ୍ତୁ ସେ ସବୁଠୁ ଊର୍ଦ୍ଧ୍ୱରେ ରହିଛି ଶାନ୍ତି । ଅଶାନ୍ତି, ଭୟ, ଘୃଣାର ପରିବେଶରେ ହୁଏତ ଗଣତନ୍ତ୍ରର ଏହି ମହାନ ପର୍ବରେ ସେମାନେ ନିଜକୁ ସେତିକି ଖୁସିରେ ସାମିଲ କରି ପାରୁନାହାନ୍ତି ଯେତିକି କରିବା କଥା । କୁକି–ଜୋ ସମ୍ପ୍ରଦାୟର ନାଗରିକ ସମାଜ ଲୋକସଭା ନିର୍ବାଚନକୁ ବର୍ଜନ କରିବେ ବୋଲି ଘୋଷଣା କରିଛନ୍ତି, ଯାହା କୌଣସି ଗଣତାନ୍ତ୍ରିକ ପ୍ରକ୍ରିୟା ପାଇଁ ଶୁଭ ସୂଚନା ନୁହେଁ । ମାର୍ଚ୍ଚରେ ଗ୍ଲୋବାଲ କୁକି–ଜୋମି–ହମାର ମହିଳା ସମ୍ପ୍ରଦାୟ, ସାମ୍ବାଦିକ, ସାମାଜିକ କର୍ମୀ ଏବଂ ଦିଲ୍ଲୀର କୁକି–ଜୋମି–ହମାର ମହିଳା ଫୋରମର ନେତାଙ୍କ ସମେତ କୁକି–ଜୋ ମହିଳା ଗୋଷ୍ଠୀ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଙ୍କୁ ଚିଠି ଲେଖି ମତଦାନ ନ କରିବା ନେଇ ତାଙ୍କର ନିଷ୍ପତ୍ତିକୁ ଜଣାଇ ଦେଇଥିଲେ । ଏ ସବୁ ଭିତରେ ମଧ୍ୟ ନିର୍ବାଚନ ପ୍ରକ୍ରିୟା ରାଜ୍ୟରେ ଚାଲିଛି । ପ୍ରଚାର ଚାଲିଛି । ତେବେ ଲୋକଙ୍କ ମଧ୍ୟରେ ହୁଏତ ସେମିତି ଉତ୍ସାହ ନାହିଁ ଯେମିତି ଗତ ନିର୍ବାଚନଗୁଡିକରେ ଦେଖିବାକୁ ମିଳିଥିଲା । ନିର୍ବାଚନ ସମୟରେ ଯେତେବେଳେ ନେତା, ମନ୍ତ୍ରୀ ଲୋକଙ୍କ ପାଖକୁ ଯାନ୍ତି, ଲୋକେ ତାଙ୍କର ସ୍ଥାନୀୟ ସମସ୍ୟା କଥା କହିଥାନ୍ତି, କିନ୍ତୁ ମଣିପୁରବାସୀଙ୍କ ପାଇଁ ସେ ସବୁ ସ୍ୱପ୍ନ । ହୁଏତ ବିବାଦ, ଘୃଣା, ହିଂସା ମଧ୍ୟରେ ସେମାନେ ନିଜର ସମସ୍ୟା ଭୁଲି ଯାଇଛନ୍ତି । ସୀମା ନୀତିରେ ରଣନୈତିକ ପରିବର୍ତ୍ତନ ଏବଂ ସୁରକ୍ଷା ବ୍ୟବସ୍ଥା ସହିତ ଶାନ୍ତି ପାଇଁ କେନ୍ଦ୍ରର ପଦକ୍ଷେପ ଏପର୍ଯ୍ୟନ୍ତ ଉତ୍ତେଜନାକୁ ହ୍ରାସ କରିପାରି ନାହିଁ ଏବଂ ମଝିରେ ମଝିରେ ବିବାଦ ଉଗ୍ରରୂପ ଧାରଣ କରୁଛି । ସାଧାରଣ ନିର୍ବାଚନ ଏକ ଆଶା ଏବଂ ପରିବର୍ତ୍ତନର ସମୟ, ଯାହା ପ୍ରତ୍ୟେକ ନାଗରିକଙ୍କ ମଧ୍ୟରେ ଉନ୍ମାଦ ଆଣିଦେଇଥାଏ । ମଣିପୁର ଲୋକେ ମଧ୍ୟ ସମାନ ଭାବରେ ଉତ୍ସାହିତ ହୁଅନ୍ତୁ ଏବଂ ଗଣତନ୍ତ୍ରର ସବୁଠାରୁ ବଡ଼ପର୍ବରେ ସାମିଲ ହୁଅନ୍ତୁ, ଏ କଥା ସବୁ ଭାରତୀୟ ନିଶ୍ଚୟ ଚାହିଁବେ । ଅତୀତରେ ଅର୍ଥାତ୍, ଗତ ସାଧାରଣ ନିର୍ବାଚନରେ ମଣିପୁରରେ ଲୋକେ ବହୁ ସଂଖ୍ୟାରେ ମତଦାନ କରିଥିଲେ । ଦୁଇଟି ପର୍ଯ୍ୟାୟରେ ହୋଇଥିବା ନିର୍ବାଚନର, ପ୍ରଥମ ପର୍ଯ୍ୟାୟରେ ୮୪.୨୧ ପ୍ରତିଶତ ମତଦାନ ହୋଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୮୧.୬ ପ୍ରତିଶତ ମତଦାନ ହୋଇଥିଲା, ଯାହା ରାଜ୍ୟର ଲୋକଙ୍କ ଗଣତନ୍ତ୍ରକୁ ଭଲପାଇବା କେତେ, ତାହା ଦର୍ଶାଉଛି । ନିରାଶା ସତ୍ତ୍ୱେ ଲୋକେ ଭୋଟ୍ ପ୍ରକ୍ରିୟାରେ ଭାଗ ନେଇଛନ୍ତି ଏବଂ ଦେଶପାଇଁ ନିଜର ଭଲପାଇବାକୁ ପ୍ରଦର୍ଶନ କରିଛନ୍ତି ଏହା ସବୁଠାରୁ ବଡ କଥା । ଏଥର ମଧ୍ୟ ମତଦାନ ହାର ସେମିତି କିଛି ଖରାପ ହୋଇନାହିଁ । ମୋଟାମୋଟି ଭାବରେ ଦୁଇ ଜାତୀୟ ଦଳଙ୍କ ମଧ୍ୟରେ ଏଠାରେ ଭଲ ପ୍ରତିଦ୍ୱନ୍ଦିତା ହେବା ନେଇ ଆଶା କରାଯାଉଛି । ତେବେ କେଉଁ ଦଳ ଏଠାରେ ବିଜୟୀ ହେଉଛି ତାହା ଉପରେ ଅନେକ କିଛି ନିର୍ଭର କରେ । ବିଜେପିକୁ ଲୋକେ ସମର୍ଥନ କଲେ ଜଣାପଡ଼ିଯିବ ଯେ' ଲୋକେ ଶାନ୍ତି ଆଣିବାରେ ବିଜେପିର ପ୍ରୟାସକୁ ସମର୍ଥନ କରୁଛନ୍ତି ଏବଂ ବିଜେପି ମଧ୍ୟ କ୍ଷମତାକୁ ଆସିଲେ ସେହି ଅନୁସାରେ ଅଧିକ ଗଠନମୂଳକ କାର୍ଯ୍ୟରେ ମନୋନିବେଶ କରିବେ । ଅନ୍ୟପକ୍ଷରେ କଂଗ୍ରେସ ଆସିଲେ, କଥାଟା ଟିକେ ଭିନ୍ନ ହେବ, ଅର୍ଥାତ୍ ବିଜେପି ବିବାଦର ସମାଧାନ ଓ ଶାନ୍ତି ପାଇଁ ନେଇଥିବା ପଦକ୍ଷେପକୁ ଲୋକେ ପ୍ରତ୍ୟାଖାନ କରିଛନ୍ତି ପ୍ରମାଣିତ ହେବ । ସମ୍ପ୍ରଦାୟର ବିଭାଜନକୁ ଦୂର କରିବାକୁ କଂଗ୍ରେସ ଦଳର ପ୍ରତିଶ୍ରୁତି ଦଳ ପାଇଁ ଲାଭଦାୟକ ହେବ କି ନାହିଁ ତାହା ଅନିଶ୍ଚିତତା ମଧ୍ୟରେ ରହିଛି । କଠୋର ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ମତଦାନ ସମୟରେ କେତେକ ସ୍ଥାନରେ ହିଂସା ଦେଖାଯାଇଛି । ଗୋଟିଏ ମତଦାନ କେନ୍ଦ୍ରରେ ଗୁଳି ବିନିମୟ ହୋଇଥିବା ନେଇ ଖବର ରହିଛି । ତିନି ଜଣ ଆହତ ହୋଇଥିବା ଖବର ପାଇ କର୍ତ୍ତୃପକ୍ଷ ଉକ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡାକଡି କରିଛନ୍ତି । ବହୁ ଆଶଙ୍କା ମଧ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସମାପ୍ତ ହେଇଛି । ଆଶା କରିବା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ମଧ୍ୟ ଶାନ୍ତିପୂର୍ଣ୍ଣ ଭାବେ ସମାପ୍ତ ହେବ । ଯଦିଓ ମଣିପୁରର ନିର୍ବାଚନର ଗୁରୁତ୍ୱ ଲୋକସଭାରେ ଏହାର ଦୁଇଟି ଆସନ ସହିତ ଜାତୀୟ ସ୍ତରରେ ସାମାନ୍ୟ ମନେହୁଏ ତଥାପି, ଭାରତର ଗଣତନ୍ତ୍ର ସମ୍ମୁଖୀନ ହେଉଥିବା ବ୍ୟାପକ ଆହ୍ୱାନର ଏକ ପ୍ରମୁଖ ସୂଚକ ହେଉଛି ରାଜ୍ୟର ବର୍ତ୍ତମାନର ଅଶାନ୍ତି । ସେ ଯାହାବି ହେଉ, ସାଧାରଣ ନିର୍ବାଚନ ପରେ, ସରକାରରେ ଥିବା ଦଳ ଓ ବିରୋଧୀ ଦଳ ସବୁ ମଣିପୁର ସମସ୍ୟାର ସମାଧାନ କରିବାରେ ମିଳିତ ଭାବରେ ପ୍ରଚେଷ୍ଟା କରିବା ଜରୁରୀ । ଗଣତନ୍ତ୍ରକୁ ଆହୁରି ଦୃଢ କରିବା ପାଇଁ ଆମେ ନିଜର ଆଭ୍ୟନ୍ତରୀଣ ସମସ୍ୟା ଓ ବିବାଦର ସମାଧାନ କରିବାରେ ସଫଳ ହେବା ଦରକାର...ସବୁ ଜାତି, ଧର୍ମ, ଗୋଷ୍ଠୀର ଲୋକଙ୍କ ହୃଦୟ ଜୟ କରିବା ଦରକାର । ତେବେ ମଣିପୁର ଲୋକେ କଣ ଚାହୁଁଛନ୍ତ, ତାହା ଏହି ନିର୍ବାଚନର ଫଳାଫଳରୁ ଜଣାପଡ଼ିବ ଏବଂ ସେହି ଅନୁସାରେ, ସରକାର ଭବିଷ୍ୟତର ରଣନୀତି ପ୍ରସ୍ତୁତ କରିବା ଆବଶ୍ୟକ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

# ଶେଷହେଲା ବାସନ୍ତିକ ଦୁର୍ଗାପୂଜା

ତପନ କୁମାର ପାଲ

ବର୍ଷରେ ଦୁଇଥର ଦୁର୍ଗାପୂଜା ପାଳନ କରାଯାଏ । ଶରତ ଋତୁରେ ଆଶ୍ୱିନ ଶୁକ୍ଳ ପକ୍ଷରେ ହେଉଥିବା ଶାରଦୀୟ ଦୁର୍ଗାପୂଜା ସାର୍ବଜନୀନ । ଆଉ ବସନ୍ତ ଋତୁରେ ଚୈତ୍ର ଶୁକ୍ଳ ପକ୍ଷରେ ବାସନ୍ତୀ ଦୁର୍ଗାପୂଜା ପାଳିତ ହୁଏ । ବାସନ୍ତୀ ଦୁର୍ଗା ସଂହାରକାରିଣୀ ନୁହନ୍ତି ସେ ଅନ୍ନଦାତ୍ରୀ ମାତା । ତାଙ୍କୁ ଧରଣୀ ମାତା ଭାବେ କଳ୍ପନା କରାଯାଇଛି । ଧରଣୀ ମାତାଙ୍କର ବୟଃପ୍ରାପ୍ତିରେ ଉତ୍‌ଫୁଲ୍ଲିତ ମଣିଷ କେଉଁ ପୁରୁଣା କାଳରୁ ବାସନ୍ତୀ ଦୁର୍ଗା ପୂଜା ପାଳନ କରିଆସୁଥିବା ଜଣାଯାଏ । ପୁରାଣ ଆନୁଯାୟୀ ଦୁର୍ଗାପୂଜା ବସନ୍ତ ଋତୁ କାଳୀନ ଉତ୍ସବ । ପ୍ରଭୁ ଶ୍ରୀରାମଙ୍କ ପୂର୍ବରୁ ଏହା ଥିଲା ମୁଖ୍ୟ ଦୁର୍ଗାପୂଜା, ଏଣୁ ପ୍ରାଚୀନତମ । ମହାପରାକ୍ରମୀ ଲଙ୍କା ନରେଶ ରାବଣଙ୍କୁ ନିଧନ କରିବା ପାଇଁ ଲଙ୍କା ଯୁଦ୍ଧ ପୂର୍ବରୁ ଶ୍ରୀରାମ ଆଦ୍ୟାଶକ୍ତି ମାତା ଦୁର୍ଗାଙ୍କୁ ଆବାହନ କରିଥିଲେ । ମାତା ପ୍ରସନ୍ନ ହେଲେ ତାଙ୍କୁ ଆଶୀର୍ବାଦ ଦେବା ପରେ, ସେ ଯୁଦ୍ଧକୁ ବାହାରିଥିଲେ । ତାହା ଥିଲା ଶରତ ଋତୁ । ତେଣୁ ଶାରଦୀୟ ଦୁର୍ଗା ପୂଜା ପାଳନ କରାଯାଏ । ଶ୍ରୀରାମ ଅସମୟରେ ଦୁର୍ଗାପୂଜା କରିଥିବାରୁ ଏହାକୁ ଅକାଳ ବୋଧନ ମଧ୍ୟ କୁହାଯାଏ । ଶାରଦୀୟ ଦୁର୍ଗାପୂଜା ଏବଂ ବାସନ୍ତୀ ଦୁର୍ଗାପୂଜାର ରୀତି–ନୀତି ପ୍ରାୟ ଏକା ଭଳି । ଓଡ଼ିଶା, ପଶ୍ଚିମବଙ୍ଗ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ପଞ୍ଜାବ, ହରିୟାଣା ଏବଂ ଜାମ୍ମୁ–କାଶ୍ମୀରରେ ବାସନ୍ତୀ ଦୁର୍ଗାପୂଜା ମହା ଆଡ଼ମ୍ବରରେ ପାଳନ କରାଯାଏ । ଭକ୍ତ ଶ୍ରଦ୍ଧାଳୁମାନେ ଏହି ସମୟରେ ବସନ୍ତ ନବରାତ୍ରି ବ୍ରତ ପାଳନ କରନ୍ତି । ପଞ୍ଜାବ ଏବଂ ହରିୟାଣାରେ ଛୋଟ ଝିଅଙ୍କୁ ଦୁର୍ଗାଙ୍କ ଭଳି ସଜାଇ ପୂଜା କରାଯାଏ । ଏହି ମାନବୀ ଦୁର୍ଗାଙ୍କୁ କଞ୍ଜକ କୁହାଯାଏ । ଚଳିତ ବର୍ଷ ବାସନ୍ତୀ ନବରାତ୍ରି ଅପ୍ରେଲ ୧୩ ତାରିଖ (ବିଲ୍ୱ ବରଣ ଓ ସପ୍ତମୀ ପୂଜା) ରୁ ଆରମ୍ଭ ହୋଇଥିଲା ।

ମହିଷାସୁରମର୍ଦ୍ଦିନୀ ମା'ଦୁର୍ଗା । ମା'ଦୁର୍ଗାଙ୍କର ବିଜୟ ଗାଥାର ନିଦର୍ଶନ ଦେବୀ ଭାଗବତ, ମାର୍କେଣ୍ଡେୟ ପୁରାଣ ଆଦିରେ ବର୍ଣ୍ଣିତ । ଏହା ଅସତ୍ୟ ଓ ଅନ୍ୟାୟ ଉପରେ ସତ୍ୟ ଓ ନ୍ୟାୟ ବିଜୟର ନିଦର୍ଶନ । ଦେବୀ ଭାଗବତ ଓ ସପ୍ତଶତୀ ଚଣ୍ଡୀ ପୁରାଣରେ ବର୍ଣ୍ଣିତ ଅଛି ରାଜା ସୁରଥ ନିଜର ରାଜ୍ୟ ହରାଇ ଜଙ୍ଗଲରେ ଘୂରି ବୁଲୁଥିଲେ । ଏହାପରେ ମେଧା ଋଷି ତାଙ୍କୁ କହିଥିଲେ – ତୁମେ ମା'ଦୁର୍ଗାଙ୍କୁ ପୂଜା କରି ସନ୍ତୁଷ୍ଟ କରାଅ । ଦେଖିବ ତୁମ ରାଜ୍ୟ ତୁମେ ନିଶ୍ଚୟ ଫେରିପାଇବ । ରାଜା ସୁରଥ ଏହା ଶୁଣି ବେଶ୍ ନିଷ୍ଠା ସହାୟକରେ ପୂଜା କରିଥିଲେ ମା'ଙ୍କୁ । ମେଧା ଋଷିଙ୍କ ମାର୍ଗଦର୍ଶନରେ ରାଜା ସୁରଥ ପୂଜା ମାଧ୍ୟମରେ ମା'ଙ୍କୁ ସନ୍ତୁଷ୍ଟ କରାଇପାରିଥିଲେ । ଫଳରେ ମା'ଙ୍କ ଆଶୀର୍ବାଦରୁ ରାଜା ସୁରଥ ନିଜର ରାଜ୍ୟ ଫେରିପାଇଥିଲେ । ସେଦିନ ଥିଲା ଚୈତ୍ରମାସ ଶୁକ୍ଳପକ୍ଷ ଅଷ୍ଟମୀ ଓ ନବମୀର ସନ୍ଧିକ୍ଷଣ । ସେବେଠାରୁ ମା'ଙ୍କୁ ଏହି ଋତୁରେ ବାସନ୍ତୀ ଦୁର୍ଗା ଭାବେ ପୂଜା କରାଯାଏ । ଅପରପକ୍ଷରେ ସମସ୍ତ ଦେବତା ମହିଷାସୁରର ଅତ୍ୟାଚାରରେ ଭୟଭୀତ ହୋଇ ବ୍ରହ୍ମାଙ୍କ ଶରଣାପନ୍ନ ହେଲେ । ଏହାପରେ ବ୍ରହ୍ମା, ଶ୍ରୀବିଷ୍ଣୁ ଓ ଶିବଙ୍କ ପରାମର୍ଶରେ ସମସ୍ତ ଦେବତା ତେଜ ସମ୍ମିଳିତ କଲେ ଓ କାତ୍ୟାୟନ ଋଷିଙ୍କ ଆଶ୍ରମରେ ଯଜ୍ଞ କୁଣ୍ଡରୁ ମାୟା ବୀଜଦ୍ୱାରା ଦୁର୍ଗାଙ୍କୁ ଆବାହନ କଲେ । ଏହାପରେ ଦେବୀ ଦୁର୍ଗା ପ୍ରକଟିତ ହେଲେ । ସମସ୍ତ ଦେବତା ନିଜ ନିଜ ଆୟୁଧ ଦୁର୍ଗାଙ୍କୁ ଦାନ କଲେ । ଶେଷରେ ମା'ଦୁର୍ଗା ସିଂହବାହିନୀ ହୋଇ ମହିଷାସୁର ସହ ଯୁଦ୍ଧ କରିଥିଲେ । ଅନେକ ସମୟ ଯୁଦ୍ଧ କଲାପରେ ଦେବୀ ତ୍ରିଶୂଳ ଦ୍ୱାରା ମହିଷାର ହୃଦୟ ବିଦ୍ଧ କଲେ । ଖଡ଼ଗ ଦ୍ୱାରା ଶିରଛେଦ କଲେ । ସେହି ସମୟ ଥିଲା ଚୈତ୍ର ଶୁକ୍ଳପକ୍ଷ ଅଷ୍ଟମୀ ଓ ନବମୀର ସନ୍ଧିକ୍ଷଣ । ତେଣୁ ଏହି ସମୟରେ ଦେବୀଙ୍କୁ ମହାଶକ୍ତି ରୂପେ ପୂଜା କରାଯାଏ । ଏହି ତିଥି ବସନ୍ତ ଋତୁରେ ପଡୁଥିବାରୁ ଏହାକୁ ବାସନ୍ତିକ ଦୁର୍ଗାପୂଜା ବୋଲି କୁହାଯାଏ । ଏଣୁ ବସନ୍ତ ଋତୁରେ ହିଁ ମା'ଦୁର୍ଗା ଆର୍ବିଭୂତା ହୋଇଥିଲେ । ଅନ୍ୟ ଏକ ଦୃଷ୍ଟାନ୍ତରୁ ଜଣାପଡ଼େ ଯେଉଁ ମା'ର ଶସ୍ୟ ଆହାର କରି ମାନବ ସମାଜ ଜୀବିକା ନିର୍ବାହ କରେ, ସେହି ଧରିତ୍ରୀ ରାଣୀର ତ୍ୟାଗ ଉପରେ ଉତ୍‌ଫୁଲ୍ଲ ହୋଇ ଜନମାନସ ବାସନ୍ତୀ ଦୁର୍ଗାଙ୍କ ପୂଜାର ଆୟୋଜନ କରେ ।

ପରେ ଶ୍ରୀରାମ ମାତା ସୀତାଙ୍କୁ ଫେରି ପାଇବା ପାଇଁ ରାବଣ ସହିତ ଯୁଦ୍ଧ କରିବା ପାଇଁ ସ୍ଥିର କଲେ । ରାବଣ ପରି ମହାପରାକ୍ରମୀ ଅସୁରଙ୍କୁ ହରାଇବାକୁ ହେଲେ ମା'ଦୁର୍ଗାଙ୍କର ଆଶୀର୍ବାଦ ଏକାନ୍ତ ଆବଶ୍ୟକ । ଏଥିପାଇଁ ଶ୍ରୀରାମ ଶରତ ଋତୁ ତଥା ଆଶ୍ୱୀନ ମାସ ଶୁକ୍ଳ ପକ୍ଷରେ ମା'ଦୁର୍ଗାଙ୍କୁ ପୂଜା କରିଥିଲେ । ମା'ମଧ୍ୟ ସନ୍ତୁଷ୍ଟ ଶ୍ରୀରାମଙ୍କୁ ବିଜୟ ବର ପ୍ରଦାନ କରିଥିଲେ । ଏହାପରେ ରାମ ରାବଣକୁ ବଦ୍ଧ କରି ମା'ସୀତାଙ୍କୁ ଫେରାଇ ଆଣିଥିଲେ । ଏଥିପାଇଁ ଶରତ ଋତୁରେ ଶାରଦୀୟ ଦୁର୍ଗା ପୂଜା ପାଳନ କରାଯାଏ । ମା'ଦୁର୍ଗାଙ୍କୁ ନଅ ଦିନ ବ୍ୟାପୀ ପୂଜା ପରେ ଦଶମୀ ଦିନ ବିଜୟଦଶମୀ ପାଳନ କରାଯାଏ । ଏହା ଦେବତାମାନଙ୍କ ଦ୍ୱାରା ମା'ଦୁର୍ଗାଙ୍କ ଯୁଦ୍ଧ ପରବର୍ତ୍ତୀ ବିଜୟାଭିଷେକର ପରମ୍ପରାକୁ ସୂଚାଏ । ଆମ ଭାରତୀୟ ସଂସ୍କୃତିରେ ମଧ୍ୟ ମା'ଦୁର୍ଗାଙ୍କୁ ବର୍ଷର ଆଶ୍ୱିନ ଓ ଚୈତ୍ର ମାସରେ ନଅ ଦିନ ବ୍ୟାପୀ ପୂଜା କରାଯାଏ । ଶାରଦୀୟ ଦୁର୍ଗାପୂଜା ସାର୍ବଜନୀନ ହୋଇଥିବାବେଳେ ବାସନ୍ତିକ ଦୁର୍ଗାପୂଜା ପ୍ରାୟତଃ ବଙ୍ଗୀୟ ତଥା ଉତ୍ତରଭାରତୀୟମାନେ କରିଥାନ୍ତି । ଦୁର୍ଗା ପୂଜାରେ ମା'ଙ୍କର ନଅ ଶକ୍ତି ତଥା ନଅଟି ରୂପକୁ ପୂଜା କରାଯାଏ । ଏହାକୁ ନବରାତ୍ର ପୂଜା ବୋଲି କୁହାଯାଏ ।

ନବଦୁର୍ଗାଙ୍କ ଉପାସନା :

ଶୈଳପୁତ୍ରୀ: ମାତା ଦୁର୍ଗାଙ୍କର ପ୍ରଥମ ସ୍ୱରୂପର ନାମ ଶୈଳପୁତ୍ରୀ । ସେ ପର୍ବତରାଜ ହିମାଳୟଙ୍କ କନ୍ୟାରୂପେ ଜନ୍ମିଥିଲେ ବୋଲି ତାଙ୍କର ନାମ ଶୈଳପୁତ୍ରୀ । ସେ ବୃଷବବାହିନୀ, ତାଙ୍କର ଡାହାଣ ହାତରେ ତ୍ରିଶୂଳ ଓ ବାମ ହାତରେ ପଦ୍ମ ଶୋଭା ପାଏ ।

ବ୍ରହ୍ମଚାରିଣୀ: ଦ୍ୱିତୀୟ ସ୍ୱରୂପର ନାମ ବ୍ରହ୍ମଚାରିଣୀ । ବ୍ରହ୍ମଚାରିଣୀ ଅର୍ଥ ତପଃ ଚାରିଣୀ । ମା'ଙ୍କର ସ୍ୱରୂପ ଜ୍ୟୋତିର୍ମୟ ଓ ଅତ୍ୟନ୍ତ ଭବ୍ୟ । ତାଙ୍କର ଡାହାଣ ହାତରେ ଜପମାଳା ଓ ବାମ ହାତରେ କମଣ୍ଡଳୁ ଶୋଭାପାଉଛି ।

ଚନ୍ଦ୍ରଘଣ୍ଟା: ତୃତୀୟ ଶକ୍ତିର ନାମ ଚନ୍ଦ୍ରଘଣ୍ଟା । ଏହି ସ୍ୱରୂପ ଶାନ୍ତିଦାୟକ ଓ କଲ୍ୟାଣକାରୀ । ତାଙ୍କର ମସ୍ତକରେ ଘଣ୍ଟା ଆକାରର ଅର୍ଦ୍ଧଚନ୍ଦ୍ର ବିରାଜିତ । ସେ ସିଂହବାହିନୀ, ଦଶଭୁଜରେ ଖଡ୍‌ଗ ଆଦି ଶସ୍ତ୍ର ଓ ବାଣ ଆଦି ଅସ୍ତ୍ର ବିଭୂଷିତ ।

କୂଷ୍ମାଣ୍ଡ: ଦୁର୍ଗାଙ୍କର ଚତୁର୍ଥ ସ୍ୱରୂପର ନାମ କୁଷ୍ମାଣ୍ଡ । ମନ୍ଦହାସ ଦ୍ୱାରା ବ୍ରହ୍ମାଣ୍ଡକୁ ଉତ୍ପନ୍ନ କରିଥିବା ହେତୁ ମାତାଙ୍କୁ କୁଷ୍ମାଣ୍ଡ କୁହାଯାଏ ।

ସ୍କନ୍ଦମାତା : ପଞ୍ଚମ ଶକ୍ତିର ନାମ ସ୍କନ୍ଦମାତା । କୁମାର କାର୍ତ୍ତିକେୟଙ୍କର ଅନ୍ୟନାମ ସ୍କନ୍ଦ । ସେ ଭଗବାନ ସ୍କନ୍ଦଙ୍କର ମାତା ହୋଇଥିବାରୁ ତାଙ୍କୁ ସ୍କନ୍ଦମାତା କୁହାଯାଏ ।

କାତ୍ୟାୟନୀ: ଷଷ୍ଠ ସ୍ୱରୂପର ନାମ କାତ୍ୟାୟନୀ । ମହର୍ଷି କାତ୍ୟାୟନ ଭଗବତୀ ପରାମ୍ବାଙ୍କ ଉପାସନା କରି ବହୁବର୍ଷ ଘୋର ତପସ୍ୟା କରିଥିଲେ । ତାଙ୍କର ଇଛା ଥିଲା ଯେ ତାଙ୍କ ଘରେ ଭଗବତୀ ଝିଅ ହୋଇ ଜନ୍ମ ନିଅନ୍ତୁ । ମାତା ଭକ୍ତଙ୍କର ସେହି ପ୍ରାର୍ଥନା ସ୍ୱୀକାର କରିଥିଲେ ।

କାଳରାତ୍ରୀ : ସପ୍ତମ ଶକ୍ତି କାଳରାତ୍ରୀ । ଏହାଙ୍କ ଶରୀରର ଗାଢ଼କଳା । ମସ୍ତକର କେଶ ମୁକୁଳା । ମାତାଙ୍କର ତିନଟି ନେତ୍ର ବ୍ରହ୍ମାଣ୍ଡ ସଦୃଶ ଗୋଲାକାର । ତାଙ୍କର ବାହନ ଗର୍ଦ୍ଦଭ ବା ଗଧ । ସେ ଚତୁର୍ଭୂଜା । ଡାହାଣ ଉପର ହାତ ଟେକି ସେ ବରମୁଦ୍ରାରେ ସମସ୍ତଙ୍କୁ ବରଦାନ କରନ୍ତି ଓ ତଳହାତ ଅଭୟ ମୁଦ୍ରା ଦେଖାଏ । ବାଆଁପଟ ଉପର ହାତରେ ଲୁହାର କଣ୍ଟା ଓ ତଳ ହାତରେ ଖଡ଼ଗ ଶୋଭାପାଏ ।

ମହାଗୌରୀ: ମାତାଙ୍କ ଅଷ୍ଟମ ଶକ୍ତିର ନାମ ମହାଗୌରୀ । ମାଆଙ୍କର ଗୌର ବର୍ଣ୍ଣ । ତାଙ୍କର ସମସ୍ତ ବସ୍ତ୍ର ଆଭୂଷଣ ଶ୍ୱେତ । ମା'ଚତୁର୍ଭୁଜା ଓ ବୃଷବାହିନୀ । ତାଙ୍କର ଡାହାଣ ଉପର ହାତରେ ଅଭୟ ମୁଦ୍ରା ଓ ତଳ ହାତରେ ତ୍ରିଶୂଳ ଏବଂ ବାଆଁ ପଟ ଉପର ହାତରେ ଡମ୍ବରୁ ଓ ତଳ ହାତ ବରମୁଦ୍ରାରେ ଶୋଭିତ ।

ସିଦ୍ଧିଦାତ୍ରୀ: ନବମ ସ୍ୱରୂପର ନାମ ସିଦ୍ଧିଦାତ୍ରୀ । ସେ ସକଳ ପ୍ରକାର ସିଦ୍ଧି କରନ୍ତି । ସେ ଚତୁର୍ଭୁଜା, ସିଂହବାହିନୀ ଓ ପଦ୍ମାସନା । ସେ ଡାହାଣ ପଟ ହାତରେ ଗଦା ଓ ତଳ ହାତରେ ଚକ୍ର ଏବଂ ବାଆଁ ପଟର ଉପର ହାତରେ ପଦ୍ମ ଓ ତଳ ହାତରେ ଶଙ୍ଖ ଧରିଥାଆନ୍ତି ।

ମା'ଙ୍କ ପୂଜା ବିଧି: ସାଧାରଣତଃ ଆମ ରାଜ୍ୟରେ ବିଭିନ୍ନ ସ୍ଥାନରେ ବାସନ୍ତିକ ଦୁର୍ଗାଙ୍କୁ ପୂଜା କରାଯାଏ । ଉଭୟ ଶକ୍ତି ପୀଠ ଓ ମୃଣ୍ମୟୀ ଦେବୀଙ୍କ ପୀଠରେ ପୂଜା ବିଧି ପ୍ରାୟ ସମାନ ରହିଥାଏ । ଶକ୍ତିପୀଠରେ ମା'ଙ୍କ ସହ ବିଭିନ୍ନ ଦେବାଦେବୀ ପୂଜା ପାଉଥିବାବେଳେ ମୃଣ୍ମୟୀ ଦେବୀଙ୍କ ନିକଟରେ ମା'ଙ୍କ ସହ ସିଂହ, ମହିଷାସୁର, ମହିଷି, ଅଗ୍ରପୂଜ୍ୟ ଗଣପତି, ବିଦ୍ୟାଦାତ୍ରୀ, ସରସ୍ୱତୀ, ଧନଦାତ୍ରୀ ଲକ୍ଷ୍ମୀ, ତ୍ରିଭୁବନ ବିଜୟୀ କୁମାର କାର୍ତ୍ତିକେୟ ତଥା ଦେବଦେବ ମହାଦେବଙ୍କୁ ପୂଜା କରାଯାଏ । ଏହାସହ ଉପସ୍ଥିତ ଦେବଦେବୀଙ୍କ ବାହନ ଯଥା ମୂଷିକ , ହଂସ, ପେଚା ଓ ମୟୂରଙ୍କୁ ମଧ୍ୟ ପୂଜା କରାଯାଏ । ମା'ଙ୍କ ପୂଜାବିଧିରେ ଷଷ୍ଠୀଦିନ ବେଲ ଗଛ ମୂଳରେ ମା'ଦୁର୍ଗାଙ୍କୁ ଆବାହନ କରି ବିଲ୍ୱବରଣ କରାଯାଏ । ମହାସପ୍ତମୀରେ ଦୁର୍ଗା, ନବ ପତ୍ରିକା (ନଅଟି ପତ୍ର), ଘଟଉତ୍ତୋଳ, ନବପତ୍ରିକା ସ୍ନାନ, ସପ୍ତମୀ ଚଣ୍ଡୀପାଠ କରାଯାଏ । ଅଷ୍ଟମୀ ଗତେ ରାମନବମୀ ମଧ୍ୟେ ସନ୍ଧି ପୂଜା ଅନୁଷ୍ଠିତ ହୁଏ । ଏଥିରେ ଦୁର୍ଗାଙ୍କୁ କାଳୀ ସ୍ୱରୂପା ପୂଜା ଓ ହୋମ କରାଯାଇ ବଳୀ ପ୍ରଦାନ କରାଯାଏ । କେତେକ ସ୍ଥାନରେ ପାଣି କଖାରୁ ବଳି ଦିଆଯାଉଥିବାବେଳେ ଆଉ କେତେକ ସ୍ଥାନରେ ଜୀବମାନଙ୍କୁ ବଳି ଦିଆଯାଏ । ମହାନବମୀ ଦିନ ନବମୀ ଆଦି କଳ୍ପ, ପୂଜା, ଚଣ୍ଡୀପାଠ, ହୋମ ଓ ନଅ ଜଣ କୁମାରୀଙ୍କୁ ପୂଜା କରାଯାଏ । ଏହିଦିନ ହିଁ ପୂର୍ଣ୍ଣାହୂତି ଦିଆଯାଇଥାଏ । ଦଶହରା ଦିନ ଦୁର୍ଗାଙ୍କୁ ସ୍ନାନ ଉପଚାର କରାଯାଇ ଅପରାଜିତା ସ୍ୱରୂପା ପୂଜା କରାଯାଏ । ଏହାପରେ ବିସର୍ଜନ କରାଯାଇଥାଏ ।

**ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି,ତୁଳସୀପୁର, କଟକ, ମୋ–୯୯୩୭୬୫୮୩୬୨**

# ସହନଶୀଳତା– ଏକ ବିଶିଷ୍ଟ ଗୁଣ

ବୈଷ୍ଣବ ଚରଣ ଦାଶ

**ଦ୍ୱାପର ଯୁଗରେ ମହାରାଜ ଯୁଧିଷ୍ଠିର ରାଜ ଭୋଗ ତ୍ୟାଗ କରିବା ସହ ବାର ବରଷ ବନବାସ ଓ ଏକ ବରଷ ଅଜ୍ଞାତ ବାସ କରି ସତ୍ୟ, ନ୍ୟାୟ, ସହିଷ୍ଣୁତାର ବିଜୟ ବୈଜୟନ୍ତୀ ଉଡ଼ାଇ ଯେଉଁ ଆଦର୍ଶ ରଖିଯାଇଛନ୍ତି, ତାହା ମାନବ ସମାଜକୁ ଏକ ନୂତନ ବାର୍ତ୍ତା ପ୍ରଦାନ କରିଆସୁଛନ୍ତି । ବର୍ତ୍ତମାନ ବିଶ୍ୱରେ ଯେତେ ଅଶାନ୍ତି, ସଂଗ୍ରାମ, ହିଂସା ଓ ଦ୍ୱେଷ ଦେଖାଯାଏ, ତାରି ମୂଳରେ ସହନଶୀଳତାର ଅଭାବ ପରିଲକ୍ଷିତ ହେଉଛି**

ଓଡ଼ିଆରେ ଏକ ପ୍ରବାଦ ଅଛି 'କହିବା ଲୋକ କେବେ ବଡଲୋକ ନୁହେଁ , ସହିବା ଲୋକ ଧରା ଧାମେ ବଡ଼ ହୁଏ ' । ସହନଶୀଳତା ମନୁଷ୍ୟର ଏକ ବିଶିଷ୍ଟ ଗୁଣ । ଏହି ଗୁଣ ଉଣା ଅଧିକେ ସମସ୍ତଙ୍କ ପାଖରେ ଥାଏ । ଉତ୍ତମ ଚରିତ୍ର ଗଠନ ପାଇଁ ଏହି ଗୁଣଟି ଅପରିହାର୍ଯ୍ୟ । ଯେଉଁ ବ୍ୟକ୍ତି ଯେତେ ସହିଷ୍ଣୁ ସେ ସେତେ ଉଦାର ଓ ଶାଳୀନ ଭାବେ ପରିଗଣିତ ହୁଏ ।

ଗୋପବନ୍ଧୁ ଦାସ, ମହାତ୍ମା ଗାନ୍ଧି ଓ ଯିଶୁ ଖ୍ରୀଷ୍ଟ ତଥା ପ୍ରଭୁ ରାମଚନ୍ଦ୍ରଙ୍କ ପରି ଚରିତ୍ରମାନଙ୍କ ଠାରେ ଏହି ଗୁଣ ଅତିଶୟ ଭାବେ ପରିପୂର୍ଣ୍ଣ ହୋଇଥିଲା । ଏହି ମହାମନିଷୀମାନେ ସମାଜରେ ଅସୀମ ଧୈର୍ଯ୍ୟ, ଅସାଧାରଣ ସହିଷ୍ଣୁତା ପ୍ରଦର୍ଶନ ପୂର୍ବକ ଆଦର୍ଶ ଜୀବନଯାପନ କରି ଦାରୁଣ କଷ୍ଟକୁ ସହ୍ୟ କରି ଯେଉଁ କଲ୍ୟାଣ ସାଧନ କରି ଯାଇଛନ୍ତି, ତାହା ଅସାଧାରଣ । ଦ୍ୱାପର ଯୁଗରେ ମହାରାଜ ଯୁଧିଷ୍ଠିର ରାଜ ଭୋଗ ତ୍ୟାଗ କରିବା ସହ ବାର ବରଷ ବନବାସ ଓ ଏକ ବରଷ ଅଜ୍ଞାତ ବାସ କରି ସତ୍ୟ, ନ୍ୟାୟ, ସହିଷ୍ଣୁତାର ବିଜୟ ବୈଜୟନ୍ତୀ ଉଡ଼ାଇ ଯେଉଁ ଆଦର୍ଶ ରଖିଯାଇଛନ୍ତି, ତାହା ମାନବ ସମାଜକୁ ଏକ ନୂତନ ବାର୍ତ୍ତା ପ୍ରଦାନ କରିଆସୁଛନ୍ତି । ବର୍ତ୍ତମାନ ବିଶ୍ୱରେ ଯେତେ ଅଶାନ୍ତି, ସଂଗ୍ରାମ, ହିଂସା ଓ ଦ୍ୱେଷ ଦେଖାଯାଏ, ତାରି ମୂଳରେ ସହନଶୀଳତାର ଅଭାବ ପରିଲକ୍ଷିତ ହେଉଛି ।

ସମାଜରେ କିଛି ମୁଷ୍ଟିମେୟ ଲୋକ ଗରିବଙ୍କ ଉପରେ ଅତ୍ୟାଚାର କରନ୍ତି । ଜୀବନ ସଂଗ୍ରାମ ଦିନୁ ଦିନ ତୀବ୍ରତର ହୋଇଥାଏ । କୌଣସି ସଂଗ୍ରାମ ବା ସଂଘର୍ଷର ଜୟ ପରାଜୟ ତ ନିଶ୍ଚିତ ଥାଏ, ତଥାପି 'ଅପନ୍ତରା କୋଶେ, ମହରଗ ମାସେ' ନ୍ୟାୟରେ ତାହା କ୍ଷଣିକ । ଏଣୁ ଦୁଃଖ ଦୁର୍ବିପାକ, ଜୟ ପରାଜୟ ପ୍ରତି ଖାତିର ନ କରି ଧୈର୍ଯ୍ୟର ସହ ଈଶ୍ୱରଙ୍କ ଠାରେ ସଶ୍ରଦ୍ଧଭକ୍ତି ରଖି ନିଜ କର୍ତ୍ତବ୍ୟ ପଥରେ ଅଗ୍ରସର ହେବା ଉଚିତ । ଅତଏବ ମନରୁ ସର୍ବଦା କ୍ରୋଧ, ଦ୍ୱେଷ, ଗର୍ବ, ଅହଂକାର, ଈର୍ଷା ଆଦି ଦୂର କରି ଦେବା ଉଚିତ । ଯାହାର ସାଧନ ଯେତେ ଦୃଢ଼, ବଳିଷ୍ଠ ସେ ସେତେ ଶୀଘ୍ର ସିଦ୍ଧି ଲାଭ କରିପାରିବ ।

ଭଲ କାର୍ଯ୍ୟଟିଏ କରିବାକୁ ହେଲେ ଅନେକ ବାଧା ବିଘ୍ନ ଉପୁଜିବା ସ୍ୱାଭାବିକ । 'ଶ୍ରେୟାଂଶୀ ବହୁ ବିଘ୍ନାନି' ଭାବି ଆମେ କର୍ତ୍ତବ୍ୟ କରିବା ଆବଶ୍ୟକ । ସମାଜ ସଂସ୍କାରକମାନେ ନିଜର କର୍ମମୟ ଜୀବନରେ ଦାରୁଣ କଷାଘାତ ଭିତରେ ଆମକୁ ଯେଉଁ ଆଲୋକ ପ୍ରଦାନ କରିଛନ୍ତି, ସେମାନେ ଆମର ଚିର ନମସ୍ୟ ।

ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ କଥା ବିଚାର କରାଯାଉ । ଛାତ୍ରଛାତ୍ରୀମାନେ ଏହି ସହନଶୀଳତା ଗୁଣକୁ ଆହରଣ କରିବା ଉଚିତ । ଏକାଗ୍ର ଚିତ୍ତରେ ମନଧ୍ୟାନ ଦେଇ ପାଠ ପଢ଼ିବା ଆବଶ୍ୟକ । ପ୍ରତିକ୍ରିୟାଶୀଳ ହୋଇ ଈର୍ଷା, ଦ୍ୱେଷ ମନୋଭାବ ରଖିବା, କ୍ରୋଧାନ୍ୱିତ ହୋଇ ଗଣ୍ଡଗୋଳ କରିବା ନିହାତି ଦୋଷାବହ । ଶିଶୁଟିଏ ଭ୍ରୁଣ ଅବସ୍ଥାରେ ମଧ୍ୟ କ୍ରୋଧାନ୍ୱିତ ହୋଇଥାଏ । ଏହି ପ୍ରବୃତ୍ତି ଧୀରେ ଧୀରେ ବଢ଼ିଥାଏ । ତେଣୁ ଅଭିଭାବକମାନେ ଏ ଦିଗରେ ସଚେତନ ହେବା ଆବଶ୍ୟକ । ଶିଶୁମାନଙ୍କୁ ଦୟା, କ୍ଷମା, ଉଦାରତା ଗୁଣ ସମ୍ବନ୍ଧୀୟ କାହାଣୀ କହିବା ଦ୍ୱାରା ତାର ମନୋବୃତ୍ତିରେ ପରିବର୍ତ୍ତନ ହୋଇଥାଏ । ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ମଧ୍ୟ ଏଥିପ୍ରତି ଧ୍ୟାନ ଦେଲେ ଅନେକ ସୁଫଳ ମିଳିପାରିବ । ଶ୍ରୀମଦ୍ ଭଗବତ ଗୀତା କୁହେ –

*'କ୍ରୋଧାତ ଭବତି ସଂମୋହ*
*ସଂମୋହାତ୍ ସ୍ମୃତି ବିଭ୍ରମଃ*
*ସ୍ମୃତି ଭ୍ରଂଶାନ ବୁଦ୍ଧି ନାଶୋ ବୁଦ୍ଧି*
*ନାଶାତ୍ ପ୍ରଣୀଶ୍ୟତି ।'*

ତେଣୁ ମନରେ କ୍ରୋଧ ଜାତ ହେଲେ ପ୍ରତିକ୍ରିୟାଶୀଳ ନ ହୋଇ କିଛି ସମୟ ପାଇଁ ଈଶ୍ୱରଙ୍କ ନାମ ସ୍ମରଣ କରିବା ଦରକାର । ବିଜ୍ଞ ବ୍ୟକ୍ତିମାନେ କ୍ରୋଧ ଠାରୁ ଦୂରରେ ରହିବାକୁ ସର୍ବଦା ଚେଷ୍ଟା କରନ୍ତି । ଶିକ୍ଷିତମାନେ ଯେ କୌଣସି ବିଷୟକୁ ଧୈର୍ଯ୍ୟ ଓ ସହିଷ୍ଣୁତା ଅବଲମ୍ବନ କରି ପରିସ୍ଥିତିର ମୁକାବିଲା କରି ବିଜ୍ଞତାର ପରିଚୟ ଦେଇଥାନ୍ତି । ପିଲାମାନଙ୍କ ଚରିତ୍ର ଗଠନ ଦିଗରେ ସହାୟକ ହୋଇ ଗଠନ ମୂଳକ ନିର୍ଦ୍ଦେଶ ଦେଇ ପରିମାର୍ଜିତ କରିବା ଉଚିତ । ପ୍ରତ୍ୟେକ ବ୍ୟକ୍ତି ଅବଶ୍ୟ କର୍ତ୍ତବ୍ୟ କରିବା ଉଚିତ ।

ସହନଶୀଳତାର ଅଭାବ ହେଲେ ମନୁଷ୍ୟ ପାଖରୁ ସତ୍ୟ, ଅହିଂସା, ଦୟା, କ୍ଷମା ଆଦି ଆପେ ଆପେ ଦୂରୀଭୂତ ହୁଏ । ତେଣୁ ବିଶ୍ୱର ସମସ୍ତ ଜନତାଙ୍କ ମଧ୍ୟରେ ସ୍ନେହ, ମୈତ୍ରୀ ଓ ପ୍ରୀତି ଭାବ ପ୍ରତିଷ୍ଠିତ ହୋଇପାରିଲେ 'ବସୁଧୈବ କୁଟୁମ୍ବକମ୍'ର ଉଦ୍ଦେଶ୍ୟ ଚରିତାର୍ଥ ହୋଇପାରିବ ।

**ବୀର ଧନଞ୍ଜୟପୁର**
**ବୁଗୁଡ଼ା ଗଞ୍ଜାମ**
**ମୋ–୯୭୭୬୫୩୪୯୩୦**

# ସମ୍ପର୍କରେ ଦୂରତା

ଆଜିର ସମାଜରେ କ୍ରୋଧ ମଣିଷ ଜୀବନକୁ ବିପଦଗାମୀ କରୁଛି । ଏହାର କୁପ୍ରଭାବ ପରିବାର ଉପରେ ପଡୁଛି । ଆଗ ସମୟ ନିଜ ଲୋକ ସହିତ ମନୋମାଳିନ୍ୟ ହେଲେ ତା ପ୍ରତି ଅଭିମାନ ରହୁଥିଲା ଯାହା ନିଜ ଲୋକ ପ୍ରତି ଭଲ ପାଇବା ଜାହିର କରିବାକୁ ଥିଲା । କିନ୍ତୁ କ୍ରମଶଃ ଆଜିର ସମାଜରେ ତାହା କ୍ରୋଧରେ ପରିଣତ ହୋଇଗଲାଣି । ଅଭିମାନ ସମୟରେ ଜଣେ ଯେତେ ରାଗିଲେ ବି ସାମ୍ନା ଲୋକ ପ୍ରତି ଭଲପାଇବା କେବେ କମେନି କିନ୍ତୁ ଆଜିର ରାଗ ହିଂସାର ରୂପ ନଉଛି । ଛୋଟ ଛୋଟ କଥାରେ ମଣିଷ ସମ୍ପର୍କ କାଟି ଦଉଛି । ଆଜିର ଦିନରେ ନିଜେ କେମିତି ଉପରକୁ ଯିବ, ସେଥିପ୍ରତି କମ୍ ଚିନ୍ତା କିନ୍ତୁ ତା' ଅପେକ୍ଷା ଅନ୍ୟ ଲୋକଟି କିପରି ତଳକୁ ଆସିବ ଓ ଅନ୍ୟକୁ କିପରି ଛୋଟ କରି ଦେଖି ହବ ତା ପ୍ରତି ଅଧିକ ଆଗ୍ରହ ରହୁଛି । ଗୋଟେ ଜାଗାରେ ଗୋଟେ ସାଧୁ ବସିଥାନ୍ତି ତାଙ୍କ ପାଖରେ କିଛି ତାଙ୍କ ଶିଷ୍ୟ ମଧ୍ୟ ଥାନ୍ତି । ଦୂରରୁ ଦେଖିଲେ ଗୋଟେ ପରିବାରର କିଛି ଲୋକ ଛିଡ଼ା ହୋଇଛନ୍ତି ଓ ତାଙ୍କ ମଧ୍ୟରେ ପ୍ରବଳ ଶବ୍ଦରେ ପାଟି ତୁଣ୍ଡ ହେଉଥାଏ । ଏହା ଦେଖିବା ପରେ ସାଧୁ ଜଣକ ତାଙ୍କ ପାଖରେ ବସିଥିବା ଶିଷ୍ୟମାନଙ୍କୁ ପଚାରିଲେ କୁହ ସେମାନେ ଗୋଟେ ପରିବାରର ତାଙ୍କ ଭିତରେ ରକ୍ତ ସମ୍ପର୍କ ମଧ୍ୟ ରହିଥିବ, ସେମାନେ ଚାହିଁଲେ ଧୀରେ କଥା ହେଇପାରିବେ ତାଙ୍କ ଭିତରେ ଥିବା ମନୋମାଳିନ୍ୟ ଠିକ୍ ହୋଇଯିବ କିନ୍ତୁ ସେମାନେ ଏତେ ଜୋର୍ ପାଟିରେ ଚିଲେଇକି କଣ ପାଇଁ କଥା ହଉଛନ୍ତି ? କଣ ତାର କାରଣ ହୋଇଥିବ । ଗୋଟେ ଶିଷ୍ୟ କହିଲା ସେ ଯେହେତୁ ଜୋର୍ ରାଗିଛନ୍ତି ସେଇଥି ପାଇଁ ନିଜ କଥା କହିବା ପାଇଁ ଜୋର ଚିଲଉଛନ୍ତି କିନ୍ତୁ ସାଧୁ ଉତ୍ତରରେ ସନ୍ତୁଷ୍ଟ ହେଲେନି ଆଉ ଜଣକୁ ପଚାରିଲେ ସେ ଶିଷ୍ୟ ଜଣକ କହିଲେ ସେ ଭାବନା କୁନିୟନ୍ତ୍ରଣ ରଖିପରୁନାହାନ୍ତି ସେଇଥିପାଇଁ ବଡ଼ ପାଟିରେ କଥା ହେଉଛନ୍ତି ।

ଏହି ଉତ୍ତରରେ ବି ସାଧୁ ସହମତି ହୋଇପାରିଲେ ନାହିଁ । କହିଲେ ମୁଁ କହୁଛି ଶୁଣ ଯେତେବେଳେ ତାଙ୍କ ମଧ୍ୟରେ କ୍ରୋଧ ଆସିଛି ସେବେଠୁ ସେମାନେ ନିଜର ଆଉ ହେଇକି ନାହାନ୍ତି । ପାଖାପାଖି ତ ଉପସ୍ଥିତ ଅଛନ୍ତି କିନ୍ତୁ ମନ ଭିତରୁ ସେମାନେ ବହୁ ଦୂରକୁ ଚାଲିଗଲେଣି । ସେଇଥିପାଇଁ ତାଙ୍କୁ ବଡ଼ ପାଟିରେ କଥା ହେବାକୁ ପଡୁଛି । ଯେତେବେଳେ ଜଣେ ମନ ଭିତରୁ ପାଖପାଖି ଥାଆନ୍ତି, ସେତେବେଳେ ବହୁ କମ୍ ପାଟିରେ କଥା ହୁଅନ୍ତି ଯେତେବେଳେ ସେଇ ଭଲ ପାଇବା ଆହୁରି ଗାଢ଼ ହୋଇଯାଏ । ସେତେବେଳେ କଥା କହିବାକୁ ବି କିଛି ପଡେନି । ଜଣଙ୍କ ଆଖିରୁ ଜଣେ ବୁଝିପାରେ । ଯେଉଁଠି ଭଲ ପାଇବା ଥାଏ ସେଇଠି ଚିଲେକି କଥା ହେବା କିଛି ଆବଶ୍ୟକତା ନ ଥାଏ । ସେତେବେଳେ ଆବଶ୍ୟକତା ପଡେ ଯେତେବେଳେ ମନ ଭିତରୁ ଦୂରତା ବଢ଼ି ଯାଇଥାଏ । ଯେତେ ନିଜର ସମ୍ପର୍କ ଥାଉ ପଛେ ସମ୍ପର୍କ ଭିତରେ ମତାନ୍ତର୍ ହବ ଏକ ସ୍ୱାଭାବିକ କଥା କିନ୍ତୁ ଏହା ଯେପରି ମନାନ୍ତର ନ ହୁଏ । ମନର ଦୂରତା ଏତେ ନ ବଢ଼ି ଯାଉ ଯେମିତି ଜଣକୁ କିଛି କଥା କହିବାକୁ ହେଲେ ଜୋର୍ ପାଟି କରିବାକୁ ପଡ଼ିବ । ସେମିତି ହେଲେ ଏମିତି ଦିନ ଆସିବ ଯେତେ ବେଳେ ଜଣେ ଏତେ ଜୋର୍ ପାଟିରେ ଚିଲେଇକି କହୁଥିବ କିନ୍ତୁ ସାମ୍ନା ଲୋକ ଶୁଣିବାକୁ ନ ଥିବ ।

**ରବିନାରାୟଣ ପଟ୍ଟନାୟକ**
**ପଟିଆ ଭୁବନେଶ୍ୱର**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆକାଶରୁ...

ଅଧିକ ତାପମାତ୍ରା ରେକର୍ଡ ହୋଇଛି । ବାରିପଦାରେସର୍ବୋଚ୍ଚ ତାପମାତ୍ରା ୪୪.୨ ଡ଼ିଗ୍ରୀ ରେକର୍ଡ ହୋଇଥିବା ବେଳେ ଝାରସୁଗୁଡ଼ାରେ ୪୩.୮, ଅନୁଗୁଳରେ ୪୩.୭, ଟିଟିଲାଗଡ଼ରେ ୪୩.୫, ବଲାଙ୍ଗୀର, ମାଲକାନଗିରି, ନୂଆପଡ଼ା ଓ ଭବାନୀପାଟଣାରେ ୪୩ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି ।

ଆଗାମୀ ୨୪ଘଣ୍ଟା ମଧ୍ୟରେ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ । ଆସନ୍ତାକାଲି(ଶନିବାର) ନୟାଗଡ଼, ଅନୁଗୁଳ, ବୌଦ୍ଧ ଓ ମୟୂରଭଞ୍ଜ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହିସବୁ ଜିଲ୍ଲାର ସ୍ଥାନେ ସ୍ଥାନେ ୪୫ ଡିଗ୍ରୀ ତାପମାତ୍ରା ଛୁଇଁପାରେ । ସେହିପରି କେନ୍ଦୁଝର, ଖୋର୍ଦ୍ଧା, ଯାଜପୁର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଢେଙ୍କାନାଳ, ମାଲକାନଗିରି, ନବରଙ୍ଗପୁର, ଗଞ୍ଜାମ ଓ ଗଜପତି ଜିଲ୍ଲାର ସ୍ଥାନେ ସ୍ଥାନେ ଗ୍ରୀଷ୍ମ ଲହରୀ ପ୍ରବାହିତ ହୋଇପାରେ ।

ଏହାର ପରବର୍ତ୍ତୀ ୩ ଦିନ ମଧ୍ୟରେ ପଶ୍ଚିମା ଝଡ ଦ୍ୱାରା ପ୍ରଶମିତ କାଳବୈଶାଖୀ ପ୍ରଭାବରେ ରାଜ୍ୟର ଅନେକ ସ୍ଥାନରେ ଦିନ ତାପମାତ୍ରା ୨ ରୁ ୩ ଡ଼ିଗ୍ରୀ ଯାଏଁ ହ୍ରାସ ଘଟିପାରେ । ଏହା ପ୍ରଭାବରେ ୨୧ରୁ ୨୪ ତାରିଖ ମଧ୍ୟରେ ରାଜ୍ୟରେ ତାତିରୁ ସାମୟିକ ଆଶ୍ୱସ୍ତି ମିଳିବାର ସମ୍ଭାବନା ରହିଛି । ୨୫ ତାରିଖ ପରଠାରୁ ପୁଣି ଶୁଷ୍କ ବାୟୁର ପ୍ରଭାବ ବୃଦ୍ଧି ସହ ରାଜ୍ୟର ତାପମାତ୍ରା ବୃଦ୍ଧି ସହ ଅପ୍ରେଲ ଶେଷ ଆଡକୁ ଗ୍ରୀଷ୍ମ ଲହରୀ ସହ କିଛି ଅଞ୍ଚଳରେ ଉଷ୍ମ ଆଦ୍ର ପାଣିପାଗ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି ।

### ୬୦%...

ଗଡ଼କରୀ, ଭୂପିନ୍ଦର ଯାଦବ, କିରନ ରିଜିଜୁ, ଜିତେନ୍ଦ୍ର ସିଂହ, ଅର୍ଜ୍ଜୁନରାମ ମେଘାୱାଲ, ସର୍ବାନନ୍ଦ ସୋନୱାଲଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ । ସେହିଭଳି କଂଗ୍ରେସର ଗୌରବ ଗୋଗେଇ, ଡିଏମ୍‌କେର କାନି ମୋଝି, ବିଜେପିର ତାମିଲନାଡୁ ମୁଖ୍ୟ କେ. ଆନ୍ନାମଲାଇଙ୍କ ଭାଗ୍ୟ ନିର୍ଦ୍ଧାରଣ ମଧ୍ୟ କରାଯିବ । ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ଏଠାରେ ବିରୋଧୀ ମେଣ୍ଟ ଇଣ୍ଡିଆଠାରୁ ଅଧିକ ଭୋଟ ପାଇବ ବୋଲି ଆଶା ରଖିଛି । ୨୦୧୯ରେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ୪୫ ଆସନ ଜିତିଥିଲା । ଏନ୍‌ଡିଏ ୪୧ ଆସନ ଜିତିଥିଲା । ୧୮ତମ ଲୋକସଭା ଲାଗି ୫୪୩ ଲୋକସଭା ସଦସ୍ୟଙ୍କ ପାଇଁ ୭ ପର୍ଯ୍ୟାୟରେ ଭୋଟ ଗ୍ରହଣ କରାଯାଉଛି । ଏପ୍ରିଲ ୧୯ରୁ ଜୁନ୍ ୧ ଯାଏଁ ଭୋଟ ଗ୍ରହଣ ଚାଲିବ । ଜୁନ ୪ରେ ଫଳାଫଳ ପ୍ରକାଶ ପାଇବ । ତେବେ ନିର୍ବାଚନ ସମୟରେ ହୃଦ୍‌ଘାତରେ ଜଣେ କର୍ମଚାରୀଙ୍କ ପରଲୋକ ହୋଇଥିବା ସୂଚନା ମିଳିଛି । ୨୮ ବର୍ଷୀୟ ଏହି ସୁରକ୍ଷାକର୍ମୀ ମିଜୋରାମରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିଲାବେଳେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।

### ଏପ୍ରିଲରେ...

ବିଭାଗ ପକ୍ଷରୁ ଜଣାପଡ଼ିଛି । କାଳବୈଶାଖୀ ପ୍ରଭାବ ହେତୁ ୨୧ରୁ ୨୪ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ଦିନ ତାପମାତ୍ରାରେ ୨ରୁ ୩ ଡିଗ୍ରୀ ହ୍ରାସ ପାଇବ । କିନ୍ତୁ ୨୫ ତାରିଖଠାରୁ ପୁଣି ତାପମାତ୍ରାରେ ବୃଦ୍ଧି ସମ୍ଭାବନା ରହିଛି । ତେଣୁ ୨୬ ଏପ୍ରିଲରୁ ମେ' ୨ ତାରିଖ ମଧ୍ୟରେ ରାଜ୍ୟରେ ପୁଣି ଉଷ୍ମ-ଆଦ୍ର ପାଣିପାଗ ରହିବା ସହ କିଛି ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ସମ୍ଭାବନା ରହିଛି ।

ସେପଟେ କୃଷି ଓ ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି, ପୁଣି ୨୫ରୁ ସାରା ରାଜ୍ୟରେ ତାପମାତ୍ରା ଖୁବ୍ ବଢ଼ିବ । ଭୁବନେଶ୍ୱର, ଅନୁଗୁଳ, ଝାରସୁଗଉଡ଼ା, ରାୟଗଡ଼ା ଆଦି କେତେକ ସ୍ଥାନରେ ତାପମାତ୍ରା ୪୬ ଡିଗ୍ରୀ ଅତିକ୍ରମ କରିପାରେ । ପଶ୍ଚିମା/ଉତ୍ତର ପଶ୍ଚିମା ଶୁଷ୍କ ପବନ, ନିର୍ମଳ ଆକାଶ, ଶାନ୍ତ ବାୟୁ ପ୍ରବାହ(ଘଣ୍ଟାପ୍ରତି ୧୦ କିମିରୁ କମ୍) ସହିତ ଭୁବନେଶ୍ୱରରେ ଯାନବାହାନ, ଏସିରୁ ନିର୍ଗତ ସବୁଜ ଗ୍ୟାସ ଓ କଂକ୍ରିଟ ସହର ହେତୁ ତାପମାତ୍ରା ଅଧିକ ବଢ଼ିଛି ।

### ଆଖି...

ଡାକ୍ତରମାନଙ୍କୁ ସୂଚନା ଦେଇଥିଲେ । ସୂଚନା ପାଇ ଡାକ୍ତର ସ୍ନେହାକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚିକିତ୍ସା ଜାରି ରଖିଥିଲେ । କିନ୍ତୁ ଶୁକ୍ରବାର ଦିନ ସ୍ନେହା ସୁସ୍ଥ ହେବା ପରିବର୍ତ୍ତେ ସକାଳୁ ସକାଳୁ ସ୍ନେହାର ମୃତ୍ୟୁ ହୋଇଥିଲା । ତାର ବ୍ୟବଛେଦ ପରେ ମୃତ୍ୟୁର ପକୃତ କାରଣ ଜଣାପଡିବ ବୋଲି ସୂଚନା ମିଳିଥିବା ବେଳେ ସ୍ନେହା କେମିତି ମଲା ସେ ନେଇ ସଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସ୍ନେହା ଅସୁସ୍ଥ ହୋଇଥିବା ବେଳେ କଣ ଡ଼ାକ୍ତର ରୋଗ ଚିହ୍ନି ପାରିଲେନି ନା ସାରା ରାଜ୍ୟ ର ଲୋକେ ରୌଦ୍ରତାପ ରେ ଜଳୁଥିବା ବେଳେ ଏହି ବାଘୁଣୀ ରୌଦ୍ରତାପ ସହ୍ୟ ନ କରିପାରି ଅଂଶୁଘାତ ରେ ତଳିପଡ଼ିଲା । ଯଦି ଅଂଶୁଘାତ ରେ ଟଳି ପଡ଼ିଲା ତେବେ ଜନ୍ତୁ ବିଭାଗ ଅଧିକାରୀ ଅଂଶୁଘାତରୁ ରକ୍ଷା ପାଇବା ପାଇଁ କିଛି ବ୍ୟବସ୍ଥା କରିନଥିଲେ କି? ଆଗାମୀ ଦିନରେ ଜନ୍ତୁ ବିଭାଗ ଅଧିକାରୀ ଠିକାଦାର କାମରେ ନ୍ୟସ୍ତ ନ ରହି ନିରୀହ ଜୀବଜନ୍ତୁ ଙ୍କ ସୁରକ୍ଷା ଉପରେ ନଜର ରଖିବାକୁ ସଧାରଣ ରେ ମତ ପ୍ରକାଶ ପାଇଛି । ଏହି ବାଘୁଣୀ ମୃତ୍ୟୁ ପରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୨୭ ରେ ପହଞ୍ଚିଛି । ୭ ଧଳାବାଘ ରହିଛି ।

### ଅଂଶୁଘାତରେ...

ଏସଆରସି କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ଅନ୍ୟପଟେ ଖରାକୁ ଦୃଷ୍ଟିରେ ରଖି ପ୍ରଶାସନ ଓ ଘରୋଇ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସ୍ଥାନରେ ଖୋଲିଛି ଜଳଛତ୍ର ଓ ସେବା କେନ୍ଦ୍ର । ୧୧ଟା ପରେ ବେପାର ନଥିବାରୁ ଦୋକାନ ସବୁ ବନ୍ଦ ହୋଇଯାଉଛି । ତେବେ ଥଣ୍ଡା ପାନୀୟ ଦୋକାନରେ ଲାଗୁଛି ଭିଡ଼ ।

### ସୋସିଆଲ...

ରହିଛନ୍ତି । ମେଟା ପଲ୍ଟିକାଲ ଆଡ୍‌ଭାଇଜରରେ ଓଡ଼ିଶାର ବିଜେଡି ଓ ଆନ୍ଧ୍ରର ଟିଡିପି ସମେତ ଅନେକ ଆଞ୍ଚଳିକ ଦଳ ସର୍ବାଗ୍ରେ ୫ ମଧ୍ୟରେ ଅଛନ୍ତି । ୧୦୨ ଲୋକସଭା ନିର୍ବାଚନମଣ୍ଡଳୀରୁ ୩୯ ନିର୍ବାଚନମଣ୍ଡଳୀରେ ତାମିଲନାଡୁର ଭୋଟ ହୋଇଛି । ତାମିଲନାଡୁରେ ସର୍ବାଧିକ ବ୍ୟୟ କରାଯାଇଛି । ଡିଏମ୍‌କେ ଏଠାରେ ୩୦ ଲୋକସଭା ଆସନରେ ପ୍ରାର୍ଥୀ ଦେଇଛି । ସେହିଭଳି ୟୁ-ଟ୍ୟୁବ ପ୍ଲାଟ୍‌ଫର୍ମରେ ୧୪.୭ କୋଟି ଟଙ୍କା ବିଜ୍ଞାପନ ଦିଆଯାଇଛି । ସେଥିମଧ୍ୟରୁ ବିଜେପିର ସର୍ବାଧିକ ୯.୫ କୋଟି ରହିଛି । କଂଗ୍ରେସର ୭.୪ କୋଟି, ଡିଏମ୍‌କେ ୬.୮ କୋଟି, ୱାଇଏସ୍‌ଆର କଂଗ୍ରେସର ୨.୪ କୋଟି ରହିଛି । ପ୍ରାୟ ୮୦% ବିଜ୍ଞାପନ ବାବଦ ଅର୍ଥ ବିଜେପି ଠାରୁ ମିଳିଥିବାବେଳେ କଂଗ୍ରେସର ୭୭%, ଡିଏମ୍‌କେର ୭୨ ପ୍ରତିଶତ ରହିଛି । ତେବେ ଯେଉଁ ଥିମ୍‌ଗୁଡ଼ିକ ବିଜ୍ଞାପନରେ ରହିଛି, ସେଥି ମଧ୍ୟରେ ମୋଦି ସରକାରଙ୍କର କଲ୍ୟାଣ ଯୋଜନା, ଯୁବକ, ବିକାଶ, ଦକ୍ଷତା ବିକାଶ, ରାମମନ୍ଦିର, ୩୭୦ ଧାରା ଉଚ୍ଛେଦ ରହିଛି । ସେହିଭଳି କଂଗ୍ରେସ ପକ୍ଷରୁ ମୋଦୀ ସରକାରଙ୍କ ବିଫଳତାକୁ ପରିବେଷଣ କରାଯାଇଛି । ବିଶେଷକରି ବେକାରୀ, ନିଯୁକ୍ତି ସୁରକ୍ଷା, କଂଗ୍ରେସ ଇସ୍ତାହାର, କଂଗ୍ରେସ ସମୟର ବିକାଶ, ପେପର ଲିକ୍ ଓ ଚାଷୀ ସମସ୍ୟାକୁ ଗୁରୁତ୍ୱ ଦିଆଯାଇଛି । ଟିଏମ୍‌ସି ଓ ୱାଇଏସଆର କଂଗ୍ରେସ ପକ୍ଷରୁ ପ୍ରଶାନ୍ତ କିଶୋରଙ୍କ ଆଇ-ପ୍ୟାକ ସଂସ୍ଥାକୁ ବିଜ୍ଞାପନ ପରିଚାଳନା ଦାୟିତ୍ୱ ଦିଆଯାଇଛି ।

### ମୁଖ୍ୟମନ୍ତ୍ରୀଙ୍କ...

ପ୍ରଶାସନ କୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ଘଟଣା ସ୍ଥଳରେ ଆର୍‌ଡିସି ଝାରସୁଗୁଡା ଜିଲ୍ଲାପାଳ ଓ ଏସ୍‌ପି ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ତଦାରଖ କରୁଛନ୍ତି । ଉଦ୍ଧାର କାର୍ଯ୍ୟରେ ସମନ୍ୱୟ ପାଇଁ ମୁଖ୍ୟମନ୍ତ୍ରୀ ମୁଖ୍ୟ ଶାସନ ସଚିବ ଓ ଏସ୍‌ଆର୍‌ସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନିଖୋଜମାନଙ୍କୁ ଉଦ୍ଧାର କରିବାପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୫ ଜଣ ସ୍କୁବା ଡାଇଭର ଓ ୨ ଟି ସର୍ଚ୍ଚ କ୍ୟାମେରା ବିମାନ ଯୋଗେ ଝାରସୁଗୁଡା ପଠାଯାଉଛି । ସୂଚନାଯୋଗ୍ୟ ଯେ ନୌକାରେ ଥିବା ସମସ୍ତ ଯାତ୍ରୀ ଛତିଶଗଡ ଖରସେନି ଅଞ୍ଚଳର ଏବଂ ବୁଲିବା ପାଇଁ ଆମ୍ଭୋନାର ପଥର ସେନିକୁ ଯାଉଥିଲେ ।

### ପୃଥକ୍...

ବିଜେଡ଼ିର ସାଂସଦ ପ୍ରାର୍ଥୀନୀ ଲେଖାସିଂ ସାମନ୍ତ ସିଂହାର ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସଂଗେ ସଂଗେ ଜାତୀୟ ରାଜପଥର ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାରୁ ବାରମ୍ବାର ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ଘଟୁଥିବାରୁ ଶ୍ରୀମତୀ ସାମନ୍ତ ସିଂହାର କ୍ଷୋଭ ପ୍ରକାଶ କରିଥିଲେ । ସେହିପରି ଅପରାହ୍ନ ୩ଟା ସମୟରେ ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ସରସ୍ୱତୀପୁର ପଞ୍ଚାୟତ ହରିଡ଼ା ଗ୍ରାମର ଉଷାରାଣୀ ପତି (୪୫), ପୁତ୍ର ଶିବଂଶୀ ପତି (୧୬) ସ୍କୁଟି ଯୋଗେ ନିଜାମପୁରର ବନ୍ଧୁଘରୁ ଫେରୁଥିଲେ । ମା ଉଷାରାଣୀ ସ୍କୁଟି ଚଳାଉଥିବା ବେଳେ ପୁତ୍ର ଶିବଂଶୀ ବସିଥିଲେ । ୧୬ନମ୍ବର ଜାତୀୟ ରାଜପଥ ନୂଆଗାଁ ନିକଟରେ ରାସ୍ତା କାମପାଇଁ ଠୁଳ ହୋଇ ରହିଥିବା ବାଲି ଉପରକୁ ସ୍କୁଟିଟି ଚଢିଯାଇଥିବା ବେଳେ ମା ଓ ପୁଅ ସେଠାରେ ପଡ଼ିଯାଇଥିଲେ ।ଏହି ସମୟରେ ପଛପଟୁ ଆସୁଥିବା ଏକ ଟ୍ରକ ମା ଓ ପୁଅଙ୍କ ଉପରେ ଚଢି ଯାଇଥିଲା । ସ୍ଥାନୀୟ ଲୋକେ ମା ଓ ପୁଅଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ରେମୁଣାସ୍ଥିତ ଫକୀରମୋହନ ମେଡ଼ିକାଲ କଲେଜକୁ ନେଇଥିବା ବେଳେ ସେଠାରେ ଥିବା ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ ।

# ଦଶପଲ୍ଲା ଲଙ୍କାପୋଡି ତୃତୀୟ ଦିବସ : ଜାଗରକ୍ଷା, ଶିବଧନୁ ଭଙ୍ଗ

ଦଶପଲ୍ଲା(ସବ୍ୟୁ): ଐତିହାସିକ ଦଶପଲ୍ଲା ଲଙ୍କାପୋଡି ଯାତ୍ରା ର ତୃତୀୟ ଦିବସ ରେ ମୁଖ୍ୟ ମଞ୍ଚରେ ତାଡକା ବଦ୍ଧ, ଜାଗରକ୍ଷା, ଓ ଶିବଧନୁ ଭଙ୍ଗ ନାଟକ ମଞ୍ଚସ୍ଥ ହୋଇ ଯାଇଛି । ପୌରାଣିକ କଥାବସ୍ତୁ ଅନୁସାରେ ସିଦ୍ଧ ବଣରେ ଋଷି ମାନଙ୍କ ଉପରେ ସିବାହୁ,ମାରିଚ,ତାଡକା ଅସୁରିର ଅତ୍ୟାଚାର ବୃଦ୍ଧି ତଥା ହୋମଯଜ୍ଞ ରେ ଅସୁର ଓ ଅସୁରି ମାନେ ବିଘନ ଘଟାନ୍ତି । ଏହି ସମୟ ରେ ଋଷି ବିଶ୍ୱାମିତ୍ରଙ୍କୁ ଶୂନ୍ୟବାଣୀ ହୁଏଯେ, ଅଯୋଧ୍ୟା ର ରାଜା ରାଜକୁମାର ରାମଚନ୍ଦ୍ର ଓ ଲକ୍ଷ୍ମଣ ହିଁ ଏହି ଅସୁରଙ୍କୁ ନିପାତ କରିପାରିବେ । ଋଷି ବିଶ୍ୱାମିତ୍ର ଅଯୋଧ୍ୟା ଗମନ କରି ରାମ ଓ ଲକ୍ଷ୍ମଣଙ୍କୁ ଧରି ସିଦ୍ଧ ବଣରେ ପ୍ରବେଶ



କରନ୍ତି ତାଡକା ଅସୁରି ଓ ସୁ ବାହୁ ଅସୁର କୁ ରାମ ଚନ୍ଦ୍ର ବଦ୍ଧ କରି ମାରିଚ ଅସୁର କୁ ପବନା ଅସ୍ତ୍ରରେ ଲକ୍ଷେ ଯୋଜନକୁ ଉଡାଇ ଦିଅନ୍ତି ଓ ଋଷି ମାନଙ୍କ ଯଜ୍ଞ ସମ୍ପୂର୍ଣ ହୁଏ । ଏହାପରେ ଋଷି ବିଶ୍ୱାମିତ୍ର ରାମ ଓ ଲକ୍ଷ୍ମଣଙ୍କୁ ନେଇ ମିଥିଳା ଗମନ କରନ୍ତି । ବାଟରେ ରାମଚନ୍ଦ୍ର ପାସାଣି ଅହଲ୍ୟା ଙ୍କୁ ଉଧାର କରନ୍ତି । ପରେ ଗଙ୍ଗାନଦୀ ପାର ହୋଇ ମିଥିଳା ଯାଇ ସୀତା ସ୍ୱୟଂବର ରେ ଯୋଗଦାନ କରନ୍ତି । ସୁବୁ ରାଜାମହାରାଜା ଶିବଧନୁ ଭାଙ୍ଗିବାରେ ଅସଫଳ ହୁଅନ୍ତି ଓ ଶେଷରେ ଶ୍ରୀରାମ ଶିବଧନୁ ଭଗ୍ନ କରନ୍ତି । ଏଭଳି ଦୃଶ୍ୟ ବେଶ ମନମୁଗ୍ଧକର ହୋଇଥିବା ବେଳେ ଏହାକୁ ଦେଖିବାକୁ ମୁଖ୍ୟ ମଞ୍ଚରେ ବହୁ ଜନସମାଗମ ହୋଇଥିଲା ।

## ବିଦ୍ୟୁତ ଆଘାତରେ କର୍ମଚାରୀ ମୃତ

ଆଠଗଡ଼,(ସବ୍ୟୁ): ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ କଣ୍ଟୋଲରେ ବିଦ୍ୟୁତ ଆଘାତରେ ଟାଟା ପାୱାର ରେ ମିଟର ରିଡର୍ ଭାବରେ କାର୍ଯ୍ୟ କରୁଥିବା ସଞ୍ଜୟ ନାଏକ (୩୮) ଙ୍କର ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ସେ ଟାଟା ପାୱାର ଦ୍ୱାରା ନିଯୁକ୍ତ ଫେଡକୋ ନାମକ ସଂସ୍ଥା ପକ୍ଷରୁ ଠିକା ଶ୍ରମିକ ଭାବରେ କାର୍ଯ୍ୟ କରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି । ପରିବାର ପକ୍ଷରୁ ତାଙ୍କୁ ଆଠଗଡ଼ ଡ଼ାକ୍ତରଖାନାକୁ ଆଣିଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ପକ୍ଷରୁ କୁହାଯାଇଛି । ଏ ବାବଦରେ ଆଠଗଡ଼ ଥାନା ଅପମୃତ୍ୟୁ ମାମଲା ୧୭/୨୪ ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଅନ୍ୟ ପକ୍ଷରେ ମୃତ୍ୟୁ ର ପ୍ରକୃତ କାରଣ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ସଞ୍ଜୟଙ୍କ ମୃତ୍ୟୁ ପରେ ଠିକା ସଂସ୍ଥା ପକ୍ଷରୁ ଶବ ସତ୍କାର ପାଇଁ ୧୦ ହଜାର ଟଙ୍କା ଦିଆ ଯାଇଛି । ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ବୀମା ବାବଦକୁ ୧୦ ଲକ୍ଷ ଟଙ୍କା ଯୋଗ୍ୟତା ଭିତ୍ତିରେ ସ୍ତ୍ରୀକୁ ଚାକିରି ସହିତ ପେନସନ ଦେବାର ବ୍ୟବସ୍ଥା ରହିଥିବା ଆଠଗଡ଼ ବିଦ୍ୟୁତ ବିଭାଗର ନିର୍ବାହୀ ଯନ୍ତ୍ରୀ ପବିତ୍ର କୁମାର ସାହୁ ସୂଚନା ଦେଇଛନ୍ତି ।

## ଆଠଗଡ଼ରେ ପ୍ରଥମ ଅଂଶୁଘାତ ମୃତ୍ୟୁ!

ଆଠଗଡ଼,(ସବ୍ୟୁ): ଆଠଗଡ଼ ଥାନା ଅନ୍ତର୍ଗତ ଈଶ୍ୱରା ଗ୍ରାମ ରେ ଜଣେ ବରିଷ୍ଠ ନାଗରିକ ଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ପ୍ରଚଣ୍ଡ ଖରା ସହିତ ଗୁଳୁଗୁଳି ଯୋଗୁଁ ଈଶ୍ୱରା ଗ୍ରାମ ର ପ୍ରକାଶ ଚନ୍ଦ୍ର ଲେଙ୍କା (୬୦) ଘରେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ । ପରିବାର ପକ୍ଷରୁ ତାଙ୍କୁ ଆଠଗଡ଼ ଡ଼ାକ୍ତରଖାନାକୁ ଆଣୁଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା ବେଳେ ଡ଼ାକ୍ତରଖାନାରେ ତାଙ୍କର ମୃତ ଦେହ ଗ୍ରହଣ କରି ବ୍ୟବଛେଦ ପାଇଁ ପଠାଇଥିଲେ । ଆଠଗଡ଼ ଥାନା ଅପମୃତ୍ୟୁ ମାମଲା ୧୭/୨୪ ଅନୁସାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଥିବା ବେଳେ ବ୍ୟବଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ତଦନ୍ତକାରୀ ଅଧିକାରୀ ସହକାରୀ ସବ୍ ଇନ୍ସପେକ୍ଟର ରଞ୍ଜନ କୁମାର ସାହୁ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଆଠଗଡ଼ ପ୍ରଶାସନ ପକ୍ଷରୁ ଅଂଶୁଘାତ ମୁକାବିଲା ପାଇଁ କୌଣସି ଠୋସ ପଦକ୍ଷେପ ନିଆ ଯାଉ ନ ଥିବା ଯୋଗୁଁ ଆଗକୁ ଏହାର ସଂଖ୍ୟା ବଢିବାର ସମ୍ଭାବନା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି । ଚଳିତ ବର୍ଷ ଆଠଗଡ଼ ରେ ଏପ୍ରିଲ ମାସ ରେ ପାରଦ ଅଧିକାଂଶ ସମୟରେ ୪୦ ଡିଗ୍ରୀ ଉପରେ ରହୁଛି ।

## ବ୍ରାଉନସୁଗର ଜବତ, ଜଣେ ଗିରଫ

ଫୁଲନଖରା (ସବ୍ୟୁ): ବ୍ରାଉନସୁଗର ବିକ୍ରି ଅଭିଯୋଗରେ ବୟାଳିଶମୌଜା ଥାନା ପୋଲିସ ଜଣେ ଯୁବକକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲା ଝିଙ୍କିରିଆ ଗ୍ରାମର ସୌମ୍ୟ ରଂଜନ ଦେବତା (୩୨) । ଅଭିଯୁକ୍ତ ଠାରୁ ୨୧ଗ୍ରାମ ୫୭୦ ମିଲିଗ୍ରାମ ବ୍ରାଉନସୁଗାର ସହିତ ୧ ହଜାର ଟଙ୍କା,ମୋବାଇଲ ଫୋନ ଓ ବିକ୍ରିବେଳେ ବ୍ୟବହୃତ ଏକ ଅଟୋ ରିକ୍ସା ଜବତ କରାଯାଇଛି । ପୋଲିସ ସୂତ୍ରରୁ ପ୍ରକାଶ ବୁଧବାର ଦିନ ଅଭିଯୁକ୍ତ ଜଣକ ଏକ ଅଟୋରିକ୍ସା ନଂ .ଓଡି୦୫ବିଏନ୍୯୧୦୭ ରେ ବଉଳକୁଦର ସୁନାଦେଇ ଠାକୁରାଣୀ ନିକଟରେ ବ୍ରାଉନସୁଗାର ବିକ୍ରି କରିବାକୁ ଅପେକ୍ଷା କରିଥିବା ଖବର ପାଇ ପୋଲିସ ଗିରଫ କରିଛି ।

## ବିଜେଡିର ୧୯ ନଂ ଜୋନ୍ କର୍ମୀ ସମ୍ମିଳନୀ

ବାଲିପାଟଣା( ସ ବ୍ୟୁ ): ଜୟଦେବ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୯ ନଂ ଜିଲ୍ଲାପରିଷଦ ଜୋନ୍ କର୍ମୀ ସମ୍ମିଳନୀ ଭାକରସାହି ସ୍ଥିତ ପୋଲାଙ୍ଗ ତୋଟା ଠାରେ ଅନୁଷ୍ଠିତ ହୋଇଯାଇଛି । ଦଳର ପୃଷ୍ଟପୋଷକ କମଳ କୁମାର ପାତ୍ର ( ଚନ୍ଦନ)ଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ମନ୍ମଥ ରାଉତରାୟ,ଜୟଦେବ ବିଧାନ ସଭା ପ୍ରାର୍ଥୀ ନବକିଶୋର ମଲ୍ଲିକ ଯୋଗଦେଇ କର୍ମୀଙ୍କୁ ଉତ୍ସାହିତ କରି ଦଳକୁ ବିଜୟୀ କରିବାକୁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଅନ୍ୟ ମଧ୍ୟରେ ବିଜେଡିର ଦୁଇ ବ୍ଲକ ସଭାପତି କିଶୋର ଜେନା, ପ୍ରଦୀପ୍ତ ଜେନାମଣି, ଚେୟାରମେନ ହରପ୍ରିୟା ଦାସ,ବାସନ୍ତୀ ଖଟୁଆ, ଭାଇସ ଚେୟରମେନ ରାଜଲକ୍ଷ୍ମୀ ଜେନା, ମିଶନ ଶକ୍ତି ସଭାପତି ପଦ୍ମିନୀ ଦାଶ,ଜିଲ୍ଲାପରିଷଦ ସଭ୍ୟ ଗଙ୍ଗାଧର ମଲ୍ଲିକ, ପବିତ୍ର ପଟେଲ, କୁନ୍ ମୁନ୍ ଲେଙ୍କା,ପୂର୍ବତନ ସରପଞ୍ଚ ତଥା ଜିଲ୍ଲା ପରିଷଦ ସଭ୍ୟ ଭାଗିରଥୀ ପାତ୍ର, ଭାଗ୍ୟଲକ୍ଷ୍ମି ମିଶ୍ର,ସରପଞ୍ଚ ବାହାନ ଭୋଇ,ଚନ୍ଦ୍ରକାନ୍ତି ବେହେରା,ସମିତି ସଭ୍ୟ କାହ୍ନୁ ଚରଣ ପାତ୍ର ଓ ଅନ୍ୟାନ୍ୟ ବରିଷ୍ଠ ନେତା ବିପିନ ପାତ୍ର,ପ୍ରଦ୍ୟୁମ୍ନ ସେନାପତି, ଅର୍ଜୁନ ସେନାପତି,ଦୀପ୍ତିମାନ ପୁଷ୍ଟି ପ୍ରମୁଖ ଅଧିକାଂଶ ପଞ୍ଚାୟତ ର ବର୍ତ୍ତମାନ ଓ ପୂର୍ବତନ ସରପଞ୍ଚ ଓ ସମିତି ସଭ୍ୟ ଙ୍କ ସହିତ ଦଳୀୟ ପଦାଧିକାରୀ ମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପୂର୍ବରୁ ବିଶ୍ୱନାଥପୁର ମା ଦକ୍ଷିଣେଶ୍ୱରୀ ମନ୍ଦିର ଠାରୁ ଏକ ବିଶାଳ ଶୋଭାଯାତ୍ରା ସଭାସ୍ଥଳ ଅଭିମୁଖେ ଯାଇଥିଲା । ହଜାର ହଜାର କର୍ମୀ ଦଳୀୟ ପତାକା ସହିତ ସ୍ଲୋଗାନ ଦେଇ ଶୋଭାଯାତ୍ରା ରେ ଯୋଗ ଦେଇଥିଲେ । ଅକ୍ଷୟ ସାହୁ ସଭାକାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବଳିବାମନ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଫୁଲନଖରା (ସବ୍ୟୁ): ମାଳିକା ପ୍ରସିଦ୍ଧ ବଳିବାମନ ପୀଠରେ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଗ୍ରାମବାସୀ ତଥା ୪୨ମୌଜା ବାସୀଙ୍କ ଅକୁଣ୍ଠ ସହଯୋଗରେଅନୁଷ୍ଠିତ ଏହି ଯଜ୍ଞରେ ଚଳିତ ବର୍ଷ ବହୁ ଦୂରଦୂରାନ୍ତରୁ ସାଧୁ ସନ୍ଥ ମାନେ ଯୋଗ ଦେଇ ପୀଠ ମହିମାକୁ ଦ୍ୱିଗୁଣିତ କରିଛନ୍ତି । ଗତ ମଙ୍ଗଳବାର ଦିନ ଅଧିବାସ କରାଯାଇ ଯଜ୍ଞ ଆରମ୍ଭ ହୋଇଥିବା ବେଳେ ହଜାର ହଜାର ଭକ୍ତଙ୍କ ସମାଗମ ମଧ୍ୟରେ ଗତକାଲି ପୂର୍ଣ୍ଣାହୂତି ପ୍ରଦାନ କରାଯାଇଛି । ପ୍ରତ୍ୟେକ ଦିନ ସଂଧ୍ୟା ସମୟରେ ଭଜନ କୀର୍ତନ ପରିବେଷଣ ଦ୍ୱାରା ଏକ ଅନନ୍ୟ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଯଜ୍ଞ ପୂର୍ଣ୍ଣାହୂତି ରେ ବିଧାୟକ ଚନ୍ଦ୍ରସାରଥୀ ବେହେରା ,ବିଧାୟକ ପ୍ରତିନିଧି ବିଭୂତି ଭୂଷଣ ପରିଡା,ମା କାମାକ୍ଷା ପୀଠ ଉପଦେଷ୍ଟା ମଣ୍ଡଳୀ ମୁଖ୍ୟ ସୁଶାନ୍ତ ରାଉଳ,ମିଶନଶକ୍ତି ସଂଯୋଜକ ଶରତ ରାୟ,ସରପଂଚ ବନବିହାରୀ ବେହେରା,ସମିତି ସଭ୍ୟ ଦିଲୀପ ବିହାରୀ, ଜିଲ୍ଲାପରିଷଦ ପ୍ରତିନିଧି ଅଜୟ ଦଳାଇ, ପୂର୍ବତନ ସରପଞ୍ଚ ତ୍ରିଲୋଚନ ଦଳାଇ,ପପୁ ସାସମଲ,ପ୍ରେମାନନ୍ଦ ମହାରଣା,ଗୋଲେଖ ନାୟକ,ଅମର ନାୟକ,ଲକ୍ଷ୍ମୀଧର ନାୟକ,ମୀନ ପ୍ରଧାନ ସମେତ ଆଖପାଖ ଅଂଚଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ ।

## ବାଆଁରା ପଞ୍ଚାୟତରେ ବିଜେଡ଼ି ବିଧାୟକ ପ୍ରାର୍ଥୀଙ୍କ ପଦଯାତ୍ରା

ବାଙ୍କୀ,(ସବ୍ୟୁ): କଟକ ସଂସଦୀୟ କ୍ଷେତ୍ର ଅଧିନସ୍ଥ ବାଙ୍କୀ ବିଧାନସଭା ନିର୍ବାଚନ ମଣ୍ଡଳୀର ବାଙ୍କୀ ଡମପଡ଼ା ବ୍ଲକ୍ ବାଆଁରା ଗ୍ରାମ ପଞ୍ଚାୟତ ବାଆରା ଗ୍ରାମରେ ବିଧାୟକ ତଥା ବିଜେଡ଼ି ପ୍ରାର୍ଥୀ ଦେବୀ ରଂଜନ ତ୍ରିପାଠୀ ପଦଯାତ୍ରା କରି ଭୋଟ ଭିକ୍ଷା କରିଛନ୍ତି । ଦଳୀୟ କର୍ମୀଙ୍କ ଗହଣରେ ଭୋଟ ମାଗିଛନ୍ତି । ତାଙ୍କ ସହିତ ଦେବୀଙ୍କ ବାପା ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ମଧ୍ୟ ଭୋଟ ଭିକ୍ଷା କରିଛନ୍ତି । ମହିଳା ମାନେ ବନ୍ଦା ପନା କରି ସ୍ୱାଗତ କରିଥିଲେ ବ୍ଲକ୍ ବିଜେଡ଼ି ସଭାପତିଙ୍କ ସମେତସମସ୍ତ ଦଳୀୟ କର୍ମ କର୍ତ୍ତା ଉପସ୍ଥିତ ଥିଲେ ।

**AFFIDAVIT**

I Deepak Kumar Agarwal, S/o- Gopilal Agarwal resident of At-Banka Bazar, Po-Chandni Chowk, PS- Lalbag, Dist-Cuttack, Odisha, Pin Code - 753002 Declare by this Affidavit No. 6929, Date-18/04/2024, that now onwards I shall be known as Deepak Agarwal for all Future purposes.

Sd/- Deepak Agarwal

**PARADIP PORT AUTHORITY**
**MARINE DEPARTMENT**
No.-MD/ACCTS/WK/R-18/2023-415 Date: 16.04.2024
e-Tender Call Notice (e-TCN) No. MD/ACCTS/WK/R-18/2023/161 dtd.07/02/2024

Name of the Work: Hiring of 01 No.60 ton Bollard pull Tug along with manning crew for Marine Operation at SPMs and inside Harbour at Paradip for a period of 07 (seven) years. Estimated cost put to tender: **Rs.86,35,39,812/-** With reference to above e-tender, revised tender document has been published in the e-procurement website with extension. Last date & time of submission of bids through on-line bidding is **17:00 Hours on dt. 07/05/2024.** Technical Bids shall be opened at **16:00 hours on dt.08/05/2024.** For details, please log on to the Website: https://eprocure.gov.in/eprocure/app.

Sd/- Deputy Conservator, Paradip Port Authority
PPA/PR-01/2024-2025 dtd.18.04.2024

# ନିରତାରରେ ହେମୋଫିଲିଆ ଦିବସ

କଣ୍ଡାପଡ଼ା,(ସବ୍ୟୁ): ଭାରତ ସରକାରଙ୍କ ସାମାଜିକ ନାୟ ଓ ସଶକ୍ତିକରଣ ମନ୍ତ୍ରାଳୟ ଅନ୍ତର୍ଗତ ଓଲଟପୁରଠାରେ ଥିବା ଏସଭି ନିରତାରରେ ବିଶ୍ୱ ହେମୋଫିଲିଆ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ଏକ ସଚେତନତା କର୍ମଶାଳା ଆୟୋଜନ ହୋଇଥିଲା। ଏହାକୁ ଅନୁଷ୍ଠାନର ନିର୍ଦ୍ଦେଶକ ଡାକ୍ତର ପତିତପାବନ ମହାନ୍ତି, ଡାକ୍ତର ପବିତ୍ରକୁମାର ସାହୁ ଓ ଡାକ୍ତର ହେମଲତା ଦାସ ଆନୁଷ୍ଠାନିକଭାବେ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। କର୍ମଶାଳାରେ ସମ




ହସପିଟାଲର ହେମାଟୋଲୋଜି ବିଭାଗ ପ୍ରଫେସର ଡାକ୍ତର ହେମଲତା ଦାସ ହେମାଟୋଲୋଜି ରୋଗର ନିରାକରଣ ଦିଗରେ ଅନେକ ଉପାଦେୟ ତଥ ଉପସ୍ଥାପନ କରିଥିଲେ। ବିଭାଗୀୟ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ହେମାଟୋଲୋଜି ବିଷୟରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିବା ସହିତ କର୍ମଶାଳାର ଉଦେଶ ସମ୍ପର୍କରେ ସୂଚନା ଦେଇଥିଲେ। ପରିଶେଷରେ ଅଧ୍ୟାପିକା ଡଃ.ମମତାମୟୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**LOST DOCUMENTS**

By virtue of an Affidavit sworn before Sri Anani Kumar Rautray, MA.LLB., Notary, Jatni, dated 07.04.2024, I, **Swarnamayee Das alias Swarnamayee Debi,** aged about 46 years, W/o- Santosh Kumar Das, resident of Vill- Gandhi Nagar, House No. 83, Near College Road, Jatni, PO/PS- Jatni, Dist.- Khordha, do hereby solemnly affirm and state as follows:

1. That, I am the owner-inpossession of the below mentioned landed property on the strength of Regd. Gift Deed No. 1428 dt.11.09.2000 executed by Nirupama Mishra, W/o- Gobinda Chandra Mishra in my favour.
2. That, the above mentioned original Gift Deed and the original R.O.R of Nirupama Mishra vide Khata No. 1280/117, Plot No. 1473/4582 in Mouza-Godiputmatiapada, PS- Delang, Tahasil- Pipili, Dist.- Puri has been lost somewhere on dt.15.03.2024 at Jatni Market from my custody and inspite of my best efforts I could not trace it out.
3. That, as per my Aadhar card I am known as Swarnamayee Das, W/o- Santosh Kumar Das and as per my R.O.R. I am known as Swarnamayee Debi, W/o-Santosh Kumar Das and I am one the same person.
4. That, I have not utilized the above mentioned original R.O.R of Nirupama Mishra and my Gift Deed any where for any purpose.
5. That, I am swearing this affidavit to produce before the authority of Jatni Police station in order to entry a station diary regarding the loss of the above mentioned original R.O.R of Nirupama Mishra and my Gift Deed vide No. 1428 dated 11.09.2000 for my future purpose.
6. That the contents of this affidavit are true to the best of my knowledge and belief.

Sd/- Swarnamayee Das
alias Swarnamayee Debi

# ସଂସ୍କୃତ ପରିଷଦ ବଲାଙ୍ଗିରର ବାର୍ଷିକ ଅଧିବେଶନ

ବଲାଙ୍ଗିର,(ସବ୍ୟୁ)୧୫।୪-ନୃସିଂହ ମନ୍ଦିର ପରିସରରେ ସଂସ୍କୃତ ପରିଷଦ ବଲାଙ୍ଗିର ର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେଶନରେ ନୀଳମଣି ମିଶ୍ର ସଭାପତିତ୍ୱ କରି ଥିବା ବେଳେ ପଣ୍ଡିତ ବ୍ରଜ ବିହାରୀ ତ୍ରିପାଠୀ ବେଦ ପାଠ ଓ ମଙ୍ଗଳାଚରଣ ପାଠ କରିଥିଲେ । ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର ପୁରାତନ ଅଧକ୍ଷ ସତ୍ୟବନ୍ତ ବେଦବାକ୍ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସରସ୍ୱତୀ ଓ ବୀର ବଜରଙ୍ଗବଳୀ ହନୁମାନଜୀଙ୍କ ପୂଜା ଅର୍ଚ୍ଚନା କରିଥିଲେ ଏବଂ ଚିନ୍ତା, ଚେତନା, କର୍ମର ମାନବୀୟ ଧର୍ମକୁ ଆଧାର କରି ଭଗବତ ଗୀତାର ନିଖିଢ ତତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ବରିଷ୍ଠ ଆଇନଜୀବୀ ତଥା ସମ୍ପାଦକ ଜୟରାମ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରବକ୍ତା ଶ୍ୟାମ ସୁନ୍ଦର ଦାଶ ହନୁମାନ ଚାଳିଶା ପାଠ କରିଥିଲେ । ଏହି ଶୁଭ ଅବସରରେ ଅନୁଷ୍ଠାନ ପ୍ରତି ଆନୁଗତ୍ୟଥିବା ମହାନ ପ୍ରତିଭା ଅଧ୍ୟାପକ ଡ. ଦଶରଥ ମିଶ୍ର, ଆହ୍ଲାଦ କୁମାର ପୂଜାରୀ ଓ ପଣ୍ଡିତ ବ୍ରଜ ବିହାରୀ ତ୍ରିପାଠୀଙ୍କୁ ଉପର୍ଢୋକନ ସହ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶ୍ରୀ ମିଶ୍ର ବାର୍ଦ୍ଧକ୍ୟଜନିତ ଦୁର୍ବଳତା ହେତୁ ଆସି ପାରି ନ ଥିବାରୁ ତାଙ୍କର ସୁପୁତ୍ର ଅରୁଣ କୁମାର ମିଶ୍ର ପିତାଙ୍କ ତରଫରୁ ଏହି ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ । ଏହି ସାରସ୍ୱତ ସମାବେଶରେ ସମ୍ବର୍ଦ୍ଧନା କାର୍ଯ୍ୟରେ ସହ-ସଂପାଦକ ସଂକୀର୍ତ୍ତନ ତ୍ରିପାଠୀ ସହଯୋଗ ଦେଇଥିବା ବେଳେ କୋଷାଧକ୍ଷ ରାଜ କିଶୋର ପଣ୍ଡା ସଭା ପରିଚାଳନା କରିଥିଲେ । ମଦନ ମୋହନ ରଥ ସମସ୍ତ କର୍ମକର୍ତ୍ତା, ସମ୍ମାନିତ ପ୍ରତିଭା ତଥା ଉପସ୍ଥିତ ସଭ୍ୟମାନଙ୍କୁ ଶୁଭେଚ୍ଛା ଓ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମାବେଶରେ ପର୍ଶୁରାମ ନାୟକ, କପିଳ ପତି, ବଳିଷ୍ଠ ପଧାନ, ପୁରୁଷୋତ୍ତମ ପଣ୍ଡା, ଗୋପବନ୍ଧୁ ଶତପଥୀ, ଗିରିଜା ଶଙ୍କର ରଥ, ବିଶ୍ୱନାଥ ଶତପଥୀ, ପ୍ରସନ କୁମାର ମିଶ୍ର ପ୍ରମୁଖ ବହୁ ସଦସ୍ୟ ସହଯୋଗ କରିଥିଲେ ।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।

# ତିନି ଜିଲ୍ଲାରେ ଲକ୍ଷ୍ମୀ ବସ ସେବାରେ ବାଧକ ସାଜିଛନ୍ତି ଧର୍ମେନ୍ଦ୍ର ପ୍ରଧାନ : ବିଜେଡି

## ଏନଏଚ ୫୫ରେ ଯିବାକୁ ଡରୁଛନ୍ତି ଲୋକେ

ଭୁବନେଶ୍ୱର (ସବ୍ୟୁ): ଭାରତର ଏକ ନମ୍ବର ଗ୍ରାମୀଣ ଯୋଗାଯୋଗ କାର୍ଯ୍ୟକ୍ରମ ହେଉଛି ଓଡ଼ିଶାର ଲକ୍ଷ୍ମୀ ସେବା ଯାହା ରାଜ୍ୟର ୧୦୦% ଜିଲ୍ଲାକୁ ସଂଯୋଗ କରୁଛି । ଯେଉଁଥିରେ ବ୍ଲକ୍ ଓ ଜିଲ୍ଲାରେ ୧୬୦୦ରୁ ଅଧିକ ବସ୍ ରହିଛି ଏବଂ ୧୨୨ଟି ଅତ୍ୟାଧୁନିକ ଜଗନ୍ନାଥ ଏକ୍ସପ୍ରେସ୍ ଏବଂ ଲକ୍ଷ୍ମୀ ଏକ୍ସପ୍ରେସ୍ ବସ ରହିଛି । ହେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅବହେଳା ପାଇଁ ତିନି ଜିଲ୍ଲା ସମ୍ବଲପୁର, ଅନୁଗୁଳ ଓ ଢେଙ୍କାନାଳ ଲୋକେ ଏହାର ସମ୍ପୂର୍ଣ୍ଣ ସୁଫଳ ପାଇପାରୁ ନଥିବା କହିଛନ୍ତି ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ତଥା ସାଂସଦ ଡକ୍ଟର ସସ୍ମିତ ପାତ୍ର ।



ଡକ୍ଟର ପାତ୍ର କହିଛନ୍ତି ଯେ ୬୨,୦୦୦ରୁ ଅଧିକ ଶିକ୍ଷାନୁଷ୍ଠାନକୁ ସଂଯୋଗ କରି ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ସ୍ୱପ୍ନକୁ ସାକାର କରିବାରେ ଲକ୍ଷ୍ମୀ ବସ ସାହାଯ୍ୟ କରିଛି । ଯୁବକମାନଙ୍କ ପାଇଁ ୩୨,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହିତ ମହିଳା ଏବଂ ବରିଷ୍ଠ ନାଗରିକମାନଙ୍କ ପାଇଁ ୯୦୦୦ ବସ୍ ରହଣୀ ଆଶ୍ରୟସ୍ଥଳୀ ସ୍ଥାପନ କରିଛି । ଟିକେଟ୍ ପିଛା ମାତ୍ର ୫ ଟଙ୍କାରେ ମହିଳା, ଛାତ୍ର ଓ ଦିବ୍ୟାଙ୍ଗମାନେ ଏବେ ଗ୍ରାମୀଣ ଓଡ଼ିଶାରେ ଅତି ଆରାମରେ ଯାତ୍ରା କରିପାରୁଛନ୍ତି ଏବଂ ଜଗନ୍ନାଥ ଏକ୍ସପ୍ରେସ ଓ ଲକ୍ଷ୍ମୀ ଏକ୍ସପ୍ରେସରେ ମହିଳାମାନେ ଆଉ ୫୦% ରିହାତି ପାଇପାରୁଛନ୍ତି । ଅନ୍ୟପକ୍ଷରେ ଏନ୍‌ଏଚ୍-୫୫ର ଅତ୍ୟନ୍ତ ଖରାପ ସ୍ଥିତି ଯୋଗୁଁ ସମ୍ବଲପୁର, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାରେ ଏହି ସବୁ ଭଲ କାମ ସମ୍ଭବ ହୋଇପାରୁ ନାହିଁ । ୫୫ ନମ୍ବର ଜାତୀୟ ରାଜପଥରେ ଲକ୍ଷ୍ମୀ ବସର ସୁବିଧା ସତ୍ତ୍ୱେ କିପରି ସେମାନଙ୍କ ପିଠି ଯନ୍ତ୍ରଣା ଓ ଦୁର୍ଘଟଣା ଭୟ ରହୁଛି ତାହା ଯାତ୍ରୀମାନେ ଅଭିଯୋଗ କରୁଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିଫଳତା କାରଣରୁ ଏଭଳି ସ୍ଥିତି ଉପୁଜିଛି । ଦୀର୍ଘ ୧୦ ବର୍ଷ ଧରି କେନ୍ଦ୍ରମନ୍ତ୍ରୀ ହୋଇଥିଲେ ମଧ୍ୟ ସେ ରାସ୍ତା କାମ ଶେଷ କରିପାରିନାହାନ୍ତି । ଯଦି ୫୫ ନମ୍ବର ଜାତୀୟ ରାଜପଥ କାମ ସମ୍ପୂର୍ଣ୍ଣ ହୋଇଥାନ୍ତା, ତେବେ ଦୁର୍ଘଟଣା ଓ ପିଠି ଯନ୍ତ୍ରଣା ନେଇ ଲୋକଙ୍କ ମନରେ ଭୟ ନଥାନ୍ତା । ଅବଶୋଷର କାରଣ ହେଉଛି ଶ୍ରୀ ପ୍ରଧାନ ଏଥିପ୍ରତି ଅବହେଳା କରିବା ସହିତ ଧ୍ୟାନ ଦେଇନାହାନ୍ତି । ରାଜ୍ୟ ପକ୍ଷରୁ ଯୋଗାଇ ଦିଆଯାଉଥିବା ସର୍ବୋତ୍ତମ ଲକ୍ଷ୍ମୀ ବସ ସେବା ସତ୍ତ୍ୱେ ଜାତୀୟ ରାଜପଥ-୫୫ର ଖରାପ ସ୍ଥିତି ଯୋଗୁଁ ଲକ୍ଷ ଲକ୍ଷ ମହିଳା, ଛାତ୍ର ଓ ବୟସ୍କ ଲୋକେ ହଇରାଣ ହେଉଛନ୍ତି । ବୋଧହୁଏ ଶ୍ରୀ ପ୍ରଧାନ ଏନ୍‌ଏଚ୍-୫୫ ନୁହେଁ, ଅନ୍ୟ କୌଣସି ରାସ୍ତା ଦେଇ ଯାତାୟାତ କରୁଛନ୍ତି ବୋଲି ଡକ୍ଟର ପାତ୍ର କହିଛନ୍ତି ।

**ତିନି ଜିଲ୍ଲାର ଲୋକଙ୍କୁ ଘାରିଛି ଦୁର୍ଘଟଣାର ଭୟ**

**ଅନ୍ୟ ରାସ୍ତା ଦେଇ ପଳାଉଛନ୍ତି କେନ୍ଦ୍ରମନ୍ତ୍ରୀ**

## ୩୮ ନମ୍ବର ଜୋନ୍‌ରେ କଂଗ୍ରେସ କର୍ମୀଙ୍କ ବୈଠକ

ବାଲେଶ୍ୱର(ସ.ବ୍ୟୁ)-ଶୁକ୍ରବାର ଦିନ ଜାତୀୟ କଂଗ୍ରେସ ତରଫରୁ ରେମୁଣା ବ୍ଲକ ତଥା ରେମୁଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶ୍ରୀଜଙ୍ଗ ଠାରେ ଏକ କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରେମୁଣା ବ୍ଲକ ସଭାପତି ତରୁଣ ଦାସ ଅଧ୍ୟକ୍ଷତା କରିଥିଲେ । ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସଭାପତିଙ୍କ ସମେତ ରେମୁଣାର ବିଧାୟକ ପ୍ରାର୍ଥୀ ସୁଦର୍ଶନ ଜେନା ବାଲେଶ୍ୱର ଲୋକସଭା ଆସନ ପାଇଁ କଂଗ୍ରେସର ସାଂସଦ ପ୍ରାର୍ଥୀ ଶ୍ରୀକାନ୍ତ ଜେନାଙ୍କୁ ଜିତାଇବା ପାଇଁ ଆହ୍ୱାନ ଦେଇଥିଲେ । ଶ୍ରୀ ଜେନା କହିଥିଲେ ଯେ ୨୦୦୯ ମସିହାରୁ ୨୦୧୪ ମସିହା ପର୍ଯ୍ୟନ୍ତ ଶ୍ରୀକାନ୍ତ ଜେନା ସାଂସଦ ଥିବାବେଳେ ମୁଁ ରେମୁଣା ବିଧାନ ସଭା ଆସନରେ ବିଧାୟକ ରହି ଥିଲି । ସେତେବେଳେ ରେମୁଣା ଅଞ୍ଚଳରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ହୋଇଥିଲା । ତେଣୁ ଏ ସୁଯୋଗକୁ ହାତଛଡ଼ା ନକରି ଆଗାମୀ ନିର୍ବାଚନରେ କଂଗ୍ରେସ ଦଳକୁ ବିଜୟ କରିବା ପାଇଁ ଆହ୍ୱାନ ଦେଇଥିଲେ । ଶ୍ରୀଜଙ୍ଗ ସ୍ୱାଧୀନତା ସଂଗ୍ରାମର କ୍ଷେତ୍ର ହୋଇଥିବାରୁ ଏହି ଗ୍ରା.ପ.କୁ ସରକାର ମଦମୁକ୍ତ ପଞ୍ଚାୟତ ଘୋଷଣା କରିବାକୁ ପ୍ରସ୍ତାବ ରଖିଥିଲେ ।

# ବିଜେଡି ଛାଡି ବିଜେପିରେ ସାମିଲ ହେଲେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା

ଭୁବନେଶ୍ୱର (ସବ୍ୟୁ): ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ନିଜର ଶତାଧିକ ସମର୍ଥକଙ୍କ ଗହଣରେ ବିଜେଡି ଛାଡି ବିଜେପିରେ ସାମିଲ ହୋଇଛନ୍ତି । ଶ୍ରୀ ଏନଏସିର ପୂର୍ବତନ ଅଧ୍ୟକ୍ଷ ରାନୁ ବଇଠାରୁ, ଅବସରପ୍ରାପ୍ତ ଇଞ୍ଜିନିୟର ବିନୋଦ କୁମାର ପାଢ଼ୀ, ପୂର୍ବତନ ସରପଂଚ ପ୍ରଭାକର ବେହେରା, ବରିଷ୍ଠ ନାଗରିକ ମଂଚର ସଭାପତି ଲିଙ୍ଗରାଜ ପଟ୍ଟନାୟକ, ପୂର୍ବତନ ବିଜେଡି ଦାସ, ଲିଙ୍ଗରାଜ ପଟ୍ଟନାୟକ, କ୍ଷୀରୋଦ ଚନ୍ଦ୍ର ସାହୁ, ଜିତୁ ଦାସ, ନାରାୟଣ ଦାସ ପ୍ରମୁଖ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ



ପଣ୍ଡାଙ୍କ ସମେତ ଗାମ ଏନଏସି ଅଧ୍ୟକ୍ଷ ଶ୍ରୀମତୀ ପ୍ରତିଭା ପାଢ଼ୀ, ସ୍ୱାଧୀନ କାଉନସିଲର ଅରୁଣ କୁମାର ପଣ୍ଡା, ବିଜେଡି କାଉନସିଲର ରୀତା ଦେବୀ ମହାରଣା, ରାଇବରୀ ଜେନା, ସ୍ୱାଗତ ଆଶିଷ ନାୟକ, ଇ.ମୋହନ ରେଡ୍ଡି, ବିଜୁ ଛାତ୍ର ଜନତା ଦଳର ନେତା ପ୍ରକାଶ ରାଉଳ, ଗାମ କାଉନସିଲର ପ୍ରକାଶ ଚନ୍ଦ୍ର ବେହେରା, ପୁରୁଣା ବନ୍ଦ ଗାଁର ସଭାପତି କୃଷ୍ଣଚନ୍ଦ୍ର ବେହେରା, ପୂର୍ବତନ କାଉନସିଲର ଦୁର୍ଗା ମାଧବ ପାଣିଗ୍ରାହି, ପୂର୍ବତନ ସରପଂଚ ଶତ୍ରୁଘ୍ନ ମହାକୁଡ, ବିଜେଡି ଯୁବ ନେତା ତ୍ରିଲୋଚନ ବାରିକ, ହରପ୍ରସାଦ ବାରିକ, ସୀବ ସ୍ୱାଇଁ, ତୋଫାନ ପଣ୍ଡା, ସନ୍ତୋଷ ଦାସ, ରଞ୍ଜିତ ଦାସ, ବିଦେଶୀ ସାମଲ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ନୂତନ ସଦସ୍ୟଙ୍କୁ ଉତରୀୟ ପିନ୍ଧାଇ ସ୍ୱାଗତ ଜଣାଇଥିଲେ । ପାର୍ଟୀରେ ସାମିଲ ହୋଇଥିବା ନୂତନ ସଦସ୍ୟଙ୍କୁ ୮୯୮୦୮୦୮୦୮୦ ନମ୍ବରରେ ଡାୟାଲ କରାଇ ଶ୍ରୀ ସାମଲ ସଦସ୍ୟତା କରାଇଥିଲେ।

# ବିଭିନ୍ନ ସ୍ଥାନରେ ପୁଲିସର ଫ୍ଲାଗମାର୍ଚ୍ଚ



ଖୋର୍ଦ୍ଧା (ସବ୍ୟୁ): ୨୦୨୪ ସାଧାରଣ ନିର୍ବାଚନ କୁ ଅବାଧ, ନିରପେକ୍ଷ, ଶୃଙ୍ଖଳିତ ମତଦାନ ଲାଗି ଖୋର୍ଦ୍ଧା ସଦର ଓ ଶିଳ୍ପାଂଚଳ ପୁଲିସ ପକ୍ଷରୁ ଶୁକ୍ରବାର ବିଭିନ୍ନ ଅଂଚଳରେ ଫ୍ଲାଗ ମାର୍ଚ୍ଚ କରାଯାଇଛି । ଶିଳ୍ପାଂଚଳ ପୁଲିସ ଖୋର୍ଦ୍ଧା ସହରର ମୁକୁନ୍ଦପ୍ରସାଦ, ପୋଡାସାହି, ଉପକଣ୍ଠ ର ମୁଚ୍ଛାପୁର, ହଳଦିଆ ଅଂଚଳରେ ଥାନା ଅଧିକାରୀ ଗାୟତ୍ରୀ ମିଶ୍ର ଏବଂ ଅନ୍ୟ ପୁଲିସ ଅଧିକାରୀ, ସିଏପିଏଫ କର୍ମଚାରୀଙ୍କ ସହ ପୁଲିସ ଫୋର୍ସ ଫ୍ଲାଗମାର୍ଚ୍ଚ କରିଥିଲେ । ସେହିପରି ସଦରଥାନା ପୁଲିସ ବାଜପୁର ନନ୍ଦପୁର ପଂଚାୟତ ର ବିଭିନ୍ନ ଗ୍ରାମ ଅଂଚଳରେ ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କ ନେତୃତ୍ୱରେ ପୁଲିସ ଫ୍ଲାଗମାର୍ଚ୍ଚ କରିଥିଲେ । ମଇ ୨୫ ତାରିଖରେ ଭୁବନେଶ୍ୱର ଲୋକସଭା ଏବଂ ବିଧାନସଭା ପାଇଁ ମତଦାନ ଗ୍ରହଣ କରାଯିବ । ଶୃଙ୍ଖଳିତ ନିର୍ବାଚନ ଲାଗି ଲୋକଙ୍କୁ ସଚେତନ ଉଦ୍ଦେଶ୍ୟରେ ଏହି ଫ୍ଲାଗମାର୍ଚ୍ଚ କରାଯାଇଛି ବୋଲି ପୁଲିସ କହିଛି ।

## ଜ୍ୟୋତି ବିହାର ସଂସ୍କାର କେନ୍ଦ୍ରର ଏକାଦଶ ବାର୍ଷିକ ଉତ୍ସବ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତି ବିହାର ସ୍ଥିତ ଭୁଇଁ ଡୁଙ୍ଗୁରିପଡାରେ ଏକାଦଶ ବାର୍ଷିକ ଉତ୍ସବ ସମ୍ଭାବନା-୨୦୨୪ ପାଳିତ ହୋଇଯାଇଛି । ସଂସ୍କାର କେନ୍ଦ୍ରର ସଭାପତି ପ୍ରଫେସର ଡ. ଦେବେନ୍ଦ୍ର କୁମାର ମହାଲିକ ସଭାପତିତ୍ୱ କରିଥିଲେ। ରୋଟାରୀ କ୍ଲବ ସଦସ୍ୟ ଏସ. ଏସ. କାବୁଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ରଜତ କୁଜୁର, କର୍ମଚାରୀ ଅଶୋକ ପଣ୍ଡା, ସମାଜସେବୀ ଜୟନ୍ତ ଦାସ, ଏନ.ଏ.ସି କଲେଜର ଅଧ୍ୟାପିକା ସସ୍ମିତା ପାଣିଗ୍ରାହୀ, ପ୍ରତିଷ୍ଠା ସଦସ୍ୟ ସତ୍ୟବ୍ରତ ପୃଷ୍ଟି ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ସଂସ୍କାର କେନ୍ଦ୍ର ସଦସ୍ୟ ମନୋଜ କୁମାର ସାହୁ ସଭା ପରିଚାଳନା କରିଥିବା ବେଳେ ପବିତ୍ର ବାଗ ବାର୍ଷିକ ବିବରଣୀ ପାଠ କରିଥିଲେ। ଜ୍ୟୋତିବିହାର ସଂସ୍କାର କେନ୍ଦ୍ରର ସଂଯୋଜକ ସୁକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜେଡ଼ିରେ ଯୋଗଦେଲେ ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ ବିଜୟ କେତନ ସ୍ୱାଇଁ



ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ରାପଡା ଜିଲ୍ଲା ଅନ୍ତର୍ଗତ ରାଜନଗର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ ବିଜୟ କେତନ ସ୍ୱାଇଁଙ୍କ ସହ ଶତାଧିକ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଶୁକ୍ରବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଓ ରାଜନଗର ବିଜେଡି ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ବିଜୟ କେତନ ସ୍ୱାଇଁଙ୍କ ସହ ଶତାଧିକ ବିଜେପି କର୍ମୀଙ୍କୁ ଡକ୍ଟର ପାତ୍ର, ଶ୍ରୀ ଜେନା ଓ ଶ୍ରୀ ସାହୁ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ବିଜେପି କର୍ମୀମାନଙ୍କ ଯୋଗଦାନ ଫଳରେ ବିଶେଷ କରି ରାଜନଗର ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଡକ୍ଟର ପାତ୍ର, ଶ୍ରୀ ଜେନା ଓ ଶ୍ରୀ ସାହୁ କହିଥିଲେ। ଏହି ମିଶ୍ରଣ ପର୍ବରେ ପ୍ରଫେସର ଉମେଶ ଚନ୍ଦ୍ର ପରିଡା ଓ ପଟ୍ଟାମୁଣ୍ଡାଇ ନଗର ବିଜେପି ଉପସଭାପତି ଦିବ୍ୟକାନ୍ତ ବିଶ୍ୱାଳଙ୍କ ସହ ଶତାଧିକ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## କଂଗ୍ରେସ ପ୍ରାର୍ଥୀଙ୍କ ଗ୍ୟାରେଣ୍ଟି କାର୍ଡ ଉନ୍ମୋଚିତ

ଦେବଗଡ,(ସବ୍ୟୁ): ଗୁରୁବାର ସନ୍ଧ୍ୟାରେ ଦେବଗଡ ବିଧାନସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ତଥା ଜିଲ୍ଲା ସଭାପତି ସେମ ହେମରମ ନିଜର ଗ୍ୟାରେଣ୍ଟି କାର୍ଡ ଉନ୍ମୋଚିତ କରିଛନ୍ତି । ଦେବଗଡର ଏକ ଘରୋଇ ହୋଟେଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସେମ ଏହି ଗ୍ୟାରେଣ୍ଟି କାର୍ଡ ଉନ୍ମୋଚିତ କରିଥିଲେ । ସେ ବିଧାୟକ ଭାବେ ନିର୍ବାଚିତ ହେଲେ ଦେବଗଡର ବିକାଶ ପାଇଁ ଦଶଟି କାର୍ଯ୍ୟକ୍ରମ ହାତକୁ ନେବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ରେଙ୍ଗାଲି ନଦୀବନ୍ଧ ବାସଚ୍ୟୁତଙ୍କ ସମସ୍ୟାର ସମାଧାନ, ଧାନ ମଣ୍ଡିରେ ସ୍ୱଚ୍ଛତା ସହ କଟନୀ ଛଟନୀ ବନ୍ଦ, ବିଦ୍ୟୁତ ଓ ପାନୀୟ ଜଳ ସମସ୍ୟାର ସମାଧାନ, ପର୍ଯ୍ୟଟନ ସ୍ଥଳୀର ବିକାଶ ଓ ଡାକ୍ତର ସମସ୍ୟା ର ସମାଧାନ ଭଳି ପ୍ରତିଶ୍ରୁତି ରହିଛି । ସେମ ଭାଇଙ୍କ ଗ୍ୟାରେଣ୍ଟି କାର୍ଡ ନାମରେ ନାମିତ ଏହି କାର୍ଡ ଉନ୍ମୋଚିତ ହେବା ପରେ ସମଗ୍ର ଦେବଗଡ ଜିଲ୍ଲାରେ ବଣ୍ଟନ ପାଇଁ ଦଳ ପକ୍ଷରୁ ଯୋଜନା କରାଯାଇଛି ।

# ଆମ୍ରି ହସ୍ପିଟାଲରେ ବିଶ୍ୱ ଲିଭର ଦିବସ

ଭୁବନେଶ୍ୱର (ସବ୍ୟୁ): ଆମ୍ରି ହସ୍ପିଟାଲରେ ବିଶ୍ୱ ଲିଭର ଦିବସ ପାଳିତ ହୋଇଛି । ଏହି ଅବସରରେ ହସ୍ପିଟାଲ ପକ୍ଷରୁ ଏକ ଜନ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ୨୦୦ରୁ ଉର୍ଦ୍ଧ ଲୋକ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ଲିଭର ରୋଗ, ଫ୍ୟାଟି ଲିଭର ଓ ଲିଭର କ୍ୟାନସରର କାରଣ, ଲକ୍ଷଣ ଓ ଚିକିତ୍ସା ପଦ୍ଧତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଆମ୍ରି ହସ୍ପିଟାଲର ମେଡିକାଲ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର, ଓଡ଼ିଶାରେ ବଢୁଥିବା ଲିଭର ରୋଗର କାରଣ ସମ୍ପର୍କରେ ଆଲୋଚନା କରିବା ସହିତ ଲିଭର ରୋଗର ସଫଳ ଚିକିତ୍ସା ପାଇଁ ଆମ୍ରି ହସ୍ପିଟାଲରେ ଉପଲବ୍ଧ ଚିକିତ୍ସା



ପଦ୍ଧତି ସମ୍ପର୍କରେ ସୂଚନା ଦେଇଥିଲେ । ସେହିଭଳି ଆମ୍ରି ହସ୍ପିଟାଲର ପେଟ ଓ ଲିଭର ରୋଗ ବିଶେଷଜ୍ଞ ଡାକ୍ତର ଜ୍ଞାନ ରଂଜନ ରାଉତ, ବିଭିନ୍ନ ପ୍ରକାର ଲିଭର ରୋଗର କାରଣ, ଲକ୍ଷଣ ଓ ଚିକିତ୍ସା ପଦ୍ଧତି ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଏହା ବ୍ୟତିତ ମଦ୍ୟପାନ, ଭାଇରାଲ୍ ହେପାଟାଇଟିସ୍ ଏବଂ ମେଦବହୁଳତା କାରଣରୁ କିଭଳି ଲିଭର ରୋଗୀଙ୍କ ସଂଖ୍ୟା ବଢୁଛି ସେ ସମ୍ପର୍କରେ ଆଲୋଚନା କରିଥିଲେ । ସେହିଭଳି ଆମ୍ରି ହସ୍ପିଟାଲର କର୍କଟ ରୋଗ ବିଶେଷଜ୍ଞ ସଚିନ୍ ଶେଖର ବିଶ୍ୱାଳ ଓଡ଼ିଶାରେ ବଢୁଥିବା ଲିଭର କ୍ୟାନସର ସମ୍ପର୍କରେ ଆଲୋଚନା କରିବା ସହିତ ଏହାର ପ୍ରତିକାର ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ ।

# କାନାରା ବ୍ୟାଙ୍କ ପକ୍ଷରୁ ନୂତନ ଉତ୍ପାଦ ଓ ସେବାର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ) : ଅଗ୍ରଣୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, କାନାରା ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ତରଫରୁ ଗ୍ରାହକ ଅଭିଜ୍ଞତାର ମାନବୃଦ୍ଧି ତଥା ବ୍ୟାଙ୍କିଙ୍ଗ୍ କାର୍ଯ୍ୟକୁ ଅଧିକ ସହଜ



ଓ ସରଳ କରିବା ଉଦ୍ଦେଶ୍ୟରେ ୧୯ ଏପ୍ରିଲ ୨୦୨୪ ତାରିଖରେ ବିଭିନ୍ନ ଉତ୍ପାଦ ଓ ସେବାଗୁଡିକର ଶୁଭାରମ୍ଭ କରାଯାଇଛି । କାର୍ଯ୍ୟକ୍ରମ ଅବସରରେ ଟିପିଏ ହେଲ୍‌ଥ କେୟାର ବୀମା ମାଧ୍ୟମରେ ନିଜର କିମ୍ବା ନିଜ ଆଶ୍ରିତ ଯେ କୌଣସି ବ୍ୟକ୍ତିଙ୍କ ବଳକା ହସ୍‌ପିଟାଲ ଖର୍ଚ୍ଚକୁ ଭରଣା କରିବା ପାଇଁ ବ୍ୟାଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ଯତ୍ନ ସମ୍ପର୍କୀତ ଋଣ ଉତ୍ପାଦ କାନାରା ହିଲ ର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ମହିଳାମାନଙ୍କ ପାଇଁ କ୍ୟାନସର କେୟାର ପଲୀସିର ସୁବିଧା ଥିବା କଷ୍ଟୋମାଇଜ୍‌ଡ ସଞ୍ଚୟ ଖାତା କାନାରା ଆଞ୍ଚେଲର ଆରମ୍ଭ କରାଯାଇଥିବା ସହ ପୂର୍ବ-ଅନୁମୋଦିତ ବ୍ୟକ୍ତିଗତ ଋଣ କାନାରା ରେଡି କ୍ୟାସ ଏବଂ ମିଆଦୀ ଜମା ଉତ୍ପାଦ କାନାରା ମାଇଁ ମନି ବିପକ୍ଷରେ ଅନ୍‌ଲାଇନ୍ ଋଣ ଆଦିର ମଧ୍ୟ ଶୁଭାରମ୍ଭ ହୋଇଯାଇଛି। ଏହି ଉଦ୍‌ଘାଟନୀ ସମାରୋହରେ କାନାରା ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭବେନ୍ଦ୍ର କୁମାରଙ୍କ ସମେତ ରାଜ୍ୟ ମୁଖ୍ୟ ଜଗଦୀଶ ଚନ୍ଦର ଉପସ୍ଥିତ ଥିଲେ।

# ଡ୍ରିମ୍‌ସରେ ବସନ୍ତିକା-୨୦୨୪

କଟକ, (ସ୍ୱପ୍ର): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସ୍କୁଲ ଅଫ ଇଂଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜିର ବାର୍ଷିକ ସାଂସ୍କୃତିକ ଉତ୍ସବ ବସନ୍ତିକା-୨୦୨୪ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଜୟଶ୍ରୀ ଅଡିଟୋରିୟମ୍‌ରେ ଆୟୋଜିତ ଉତ୍ସବକୁ ମୁଖ୍ୟପୁରୋଧା ତଥା ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଉଦଘାଟନ କରି କହିଲେ ପାଠ ସହିତ ଆଜି ପ୍ରତ୍ୟେକ କ୍ଷେତ୍ରରେ ଆଗକୁ ଯିବାକୁ ପଡିବ । କଠିନ ପରିଶ୍ରମ ଓ ଶୃଙ୍ଖଳାକୁ ଗୁରୁତ୍ୱ ଦେଇ ନିଜର ସ୍ୱପ୍ନ ସାକାର ଲାଗି ପ୍ରଚେଷ୍ଟା ଜାରି ରଖିବାକୁ ଦିଗଦର୍ଶନ ଦେବା ସହିତ ସେ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ବିଶିଷ୍ଟ ଅତିଥି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ବୈଷୟିକ ଶିକ୍ଷା ଓ ଗବେଷଣାର ନୂତନ ଦିଗନ୍ତ ଉପରେ ଆଲୋକପାତ କରି କହିଲେ ଆଜି ବିକଶିତ ଭାରତର ସ୍ୱପ୍ନ ନେଇ ଦେଶ ଅଗ୍ରଗତି କରୁଥିଲାବେଳେ ଆମକୁ ସମୟ ଓ ସୁଯୋଗର ସଠିକ୍ ଉପଯୋଗ କରିବାକୁ ହେବ। ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ପ୍ରଫେସର ନବକିଶୋର ମିଶ୍ର, ଡ. ଆଲୋକ ରଂଜନ ବିଶ୍ୱାଳ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ପ୍ରମୁଖ ଉତ୍ସବରେ ଯୋଗ ଦେଇଥିଲେ । ଏହି ଅବସରରେ ଆୟୋଜିତ ବିବିଧ




ଡା.ଶିଶୁଶଙ୍କର ମିଶ୍ର ଛାତ୍ରଛାତ୍ରୀ ମାନବ ସେବାର ମହତ୍ତ୍ୱକୁ ଉପଲବ୍ଧ କରିପାରିଲେ ଜୀବନ ସାର୍ଥକ ହେବବୋଲି ପ୍ରକାଶ କରିଥିଲେ । ଶିକ୍ଷାନୁଷ୍ଠାନର ଡିନ୍ ପ୍ରଫେସର ଡ. ନୟନ ରଂଜନ ସାମଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ କ୍ରୀଡା ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରଛାତ୍ରୀ ଓ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ଜୀ ସାର୍ଥକର ନୂଆ ମେଗା ଧାରାବାହିକ ଭାଗ୍ୟରେଖା ୨୨ରୁ




ଭୁବନେଶ୍ୱର (ସବ୍ୟୁ): ଜୀ ସାର୍ଥକ ତା'ର ଅଗଣିତ ଦର୍ଶକଙ୍କୁ ଗୋଟିଏ ପରେ ଗୋଟିଏ ହୃଦୟସ୍ପର୍ଶୀ କାହାଣୀ ଉପହାର ଦେବା ଅବ୍ୟାହତ ଜାରି ରଖିଛି । ନାରୀ ଜୀବନର ପ୍ରତିଟି ମୁହୂର୍ତ୍ତରେ ଘଟୁଥିବା ଘଟଣାବଳୀକୁ ତୀକ୍ଷ୍ଣ ନଜର ରଖିବା ସହିତ ବିଷୟବସ୍ତୁ ଗୁଣବତ୍ତା ଓ ଅନ୍ତର୍ଭୁକ୍ତିକୁ ଗୁରୁତ୍ୱ ଦେଇ ଓଡ଼ିଆ ଦର୍ଶକଙ୍କୁ ଭେଟି ଦେଇଚାଲିଛି ଗୋଟିଏ ପରେ ଗୋଟିଏ ନୂଆ ଧାରାବାହିକ । ସେଇ ପରିପ୍ରେକ୍ଷୀରେ ଜୀ ସାର୍ଥକ ପ୍ରସ୍ତୁତ ନୂଆ ଧାରାବାହିକ ଭାଗ୍ୟ ରେଖା ଆସନ୍ତା ଏପ୍ରିଲ ୨୨ ତାରିଖ ଠାରୁ ପ୍ରତ୍ୟେକ ସୋମବାରରୁ ଶୁକ୍ରବାର ରାତି ୯:୩୦ ରୁ ଜୀ ସାର୍ଥକରେ ପ୍ରସାରିତ ହେବାକୁ ଯାଉଛି । ଏହି ନୂଆ ମେଗା ଧାରାବାହିକ ଭାଗ୍ୟରେଖା ପ୍ରଯୋଜକ ବିଜୟ ବାରିକ ଙ୍କ ସାନଭି ପ୍ରଡ଼କସନ ଦ୍ୱାରା ନିର୍ମାଣ ହୋଇଥିବା ବେଳେ ରେଖା ଭୂମିକା ରେ ଚୁଲବୁଲି ନାୟିକା ସୁମନ ଏବଂ ନାୟକ ଭାଗ୍ୟ ଚରିତ୍ରରେ ଜୟଜିତ ଅଭିନୟ କରୁଛନ୍ତି । ଅନ୍ୟାନ୍ୟ ଭୂମିକାରେ ଦର୍ଶକଙ୍କର ଅଧିକ ପସନ୍ଦିତ କଳାକାରମାନେ ନଜର ଆସିବେ । ଜୀ ସାର୍ଥକର ଏହି ନୂଆ ମେଗା ଧାରାବାହିକ ଭାଗ୍ୟ ରେଖା ସମସ୍ତ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଜୀ ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ପ୍ରତୀକ ସିଲ୍ ପ୍ରକାଶ କରିଛନ୍ତି ।

# ଛାତ୍ର ବିଜେଡିର ଜୋନସ୍ତରୀୟ ସମ୍ମିଳନୀ

ଧର୍ମଶାଳା, (ସ ବ୍ୟୁ): ଧର୍ମଶାଳା ବ୍ଲକ ଚଡେଇଧରା ଠାରେ ଛାତ୍ର ବିଜେଡି ପକ୍ଷରୁ ୧୨ ନଂ ଜୋନସ୍ତରୀୟ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଛାତ୍ର ବିଜେଡି ଜିଲ୍ଲା ସଭାପତି ସୋମ୍ୟ ପ୍ରକାଶ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସାଂସଦ ସର୍ମିଷ୍ଠା ସେଠୀ ଯୋଗ ଦେଇ ଛାତ୍ର ମାନେ ହେଉଛନ୍ତି ଆମ ଦେଶର ଆଗାମୀ ଭବିଷ୍ୟତ କହିବା ସହିତ ଛାତ୍ର ମାନେ ସର୍ବାଧିକ ବିଜୁ ଜନତା ଦଳକୁ ସବୁବେଳେ ସମର୍ଥନ ଦେଇ ଆସିଛନ୍ତି ଏବଂ ଆଗାମୀ ଦିନରେ ଏହା ଜାରି ରହିବ ବୋଲି ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବରେ ଧର୍ମଶାଳାର ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିଭଳି ଓଡ଼ିଶାର ଛାତ୍ର ସମାଜ ନିର୍ଭୟ ଭାବରେ ନୂତନ ନବୀନ ଓଡ଼ିଶା ଗଠନରେ ମୁଖ୍ୟ ଭୂମିକା ତୁଲାଇ ପାରିବେ ସଦା ସର୍ବଦା ଚେଷ୍ଟିତ ଥିବା କହିବା ସହ କିଛି ବର୍ଷ ପୂର୍ବେ ହାତ ଗଣତି ଛାତ୍ରଛାତ୍ରୀ ମାନଙ୍କୁ ମେଧା ବୃତି ମିଳୁଥିବା ସମୟରେ ନୂଆ-ଓ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଛାତ୍ରୀ ମାନଙ୍କୁ ୧୦,୦୦୦ ଟଙ୍କା ଓ ଛାତ୍ର ମାନଙ୍କୁ ୯,୦୦୦ ଟଙ୍କା ପ୍ରଦାନ କରିଛନ୍ତି। ଉଚ୍ଚ ଶିକ୍ଷା ନିମିତ ଏକ ପ୍ରତିଶତ ସୁଧରେ ଋଣ ପ୍ରଦାନ କରି ସମସ୍ତ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଅର୍ଥର ଅଭାବ ନାହିଁ ବୋଲି ପ୍ରକାଶ କରିଥିଲେ। ଏହି ସଭାରେ ଛାତ୍ର ଜନତା ଦଳର ସଭାପତି ଜଗଦାନନ୍ଦ ରାଉତ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଭୋଟ୍ ବେଳେ ଫୁଟିଲା ଗୁଳି



**ନୂଆଦିଲ୍ଲୀ:** ୨୦୨୪ ଲୋକସଭା ନିର୍ବାଚନ ପାଇଁ ଆଜି ପ୍ରଥମ ପର୍ଯ୍ୟାୟ ମତଦାନ ଜାରି ରହିଥିବା ବେଳେ ମଣିପୁରର ମୋଇରାଙ୍ଗ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଥିବା ଥାମନାପୋକପିରେ ଏକ ପୁଲିଂ ବୁଥରେ ଫୁଟିଛି ଗୁଳି । ଦଳେ ଦୁର୍ବୃତ୍ତ ସେଠାରେ ଏକାଧିକ ରାଉଣ୍ଡ ଗୁଳି ଫୁଟାଇଥିଲେ । ତେବେ ଏଥିରେ କେହି ହତାହତ ହୋଇନାହାନ୍ତି । ଗୁଳି ଫୁଟିବା ପରେ ଧାଡ଼ିରେ ଛିଡ଼ା ହୋଇଥିବା ଭୋଟରମାନେ ଭୟଭୀତ ହୋଇ ଏଣେତେଣେ ଦୌଡ଼ି ପଳାଇଥିଲେ । ଏହାର ଏକ ଭିଡିଓ ଭାଇରାଲ ମଧ ହୋଇଛି । ମଣିପୁରରେ ଦୁଇଟି ଲୋକସଭା ଆସନ ଅଛି । ଆଜି ଉଭୟ ଇନର ମଣିପୁର ଲୋକସଭା ଆସନ ଓ ଆଉଟର ମଣିପୁର ଲୋକସଭା ଆସନ ପାଇଁ ଭୋଟ୍ ଗ୍ରହଣ କରାଯାଉଛି । ଏଥିପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଏହା ସତ୍ତ୍ୱେ କିଛି ସ୍ଥାନରେ ଛୋଟମୋଟ ଘଟଣା ଘଟିଛି । ଇନର ମଣିପୁର ଲୋକସଭା ନିର୍ବାଚନ ମଣ୍ଡଳୀର ଥୋଙ୍ଗଜୁ ବିଧାନସଭା ନିର୍ବାଚନ ମଣ୍ଡଳୀରେ ସ୍ଥାନୀୟ ଲୋକ ଓ କିଛି ଦୁର୍ବୃତ୍ତଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିବା ଦେଖିବାକୁ ମିଳିଛି । ତେବେ ଏସବୁ ଘଟଣା ଯୋଗୁ ଭୋଟ୍ ଗ୍ରହଣ ବାଧାପ୍ରାପ୍ତ ହୋଇ ନଥିବା ଜଣାପଡ଼ିଛି । ବର୍ଷେ ହେଲାଣି ଆଦିବାସୀ ଓ ଅଣଆଦିବାସୀଙ୍କ ମଧ୍ୟରେ ସଂଘର୍ଷ ଯୋଗୁ ଚର୍ଚ୍ଚାରେ ଅଛି ମଣିପୁର । ଅବଶ୍ୟ ଏବେ ସ୍ଥିତିରେ ସାମାନ୍ୟ ସୁଧାର ଆସିଛି । ସୂଚନାଯୋଗ୍ୟ, ଆଜି ପ୍ରଥମ ପର୍ଯ୍ୟାୟରେ ୨୧ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ୧୦୨ଟି ଲୋକସଭା ଆସନ ପାଇଁ ଭଟ୍ ଗ୍ରହଣ ହେଉଛି । ମଣିପୁର ଭଳି ପଶ୍ଚିମବଙ୍ଗର କିଛି ସ୍ଥାନରେ ହିଂସା ଦେଖିବାକୁ ମିଳିଛି । କୁଚ୍ ବିହାର ଜିଲ୍ଲାର ସୀତଲକୁଚୀରେ ତୃଣମୂଳ କଂଗ୍ରେସ ଓ ବିଜେପି ସମର୍ଥକ ହାତାହାତି ହୋଇଥିଲେ ।

**ଲୋକସଭା ନିର୍ବାଚନ**

# କମିଲା ପ୍ରଥମ ପର୍ଯ୍ୟାୟ ମତଦାନ ହାର

**ନୂଆଦିଲ୍ଲୀ:** ୨୦୧୯ ତୁଳନାରେ ୨୦୨୪ ପ୍ରଥମ ପର୍ଯ୍ୟାୟରେ ମତଦାନ ହାର ହ୍ରାସ ପାଇଛି । ୨୦୧୯ରେ ପ୍ରଥମ ପର୍ଯ୍ୟାୟରେ ୬୯.୪୩% ଭୋଟିଂ ହୋଇଥିଲା । କିନ୍ତୁ ୨୦୨୪ରେ ପ୍ରାୟ ୬୦% ଭୋଟିଂ ହୋଇଛି । ସନ୍ଧ୍ୟା ୬ଟା ସୁଦ୍ଧା ୫୯.୭୧% ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି । ଧାର୍ଯ୍ୟ ସମୟ ପରେ ମଧ ବିଭିନ୍ନ ସ୍ଥାନରେ ଅନେକ ଲୋକ ଭୋଟ ଦେବାକୁ ଲାଇନରେ ଛିଡ଼ା ହୋଇଥିବା ଦୃଶ୍ୟ ସାମ୍ନାକୁ ଆସିଛି । ତେଣୁ ଭୋଟିଂ ହାର ଆଗକୁ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ପଶ୍ଚିମବଙ୍ଗର କୁଚ ବେହାର ଜିଲ୍ଲା ସିତଲକୁନି ଠାରେ ବିଜେପି ଓ ଟିଏମସି ମଧ୍ୟରେ ପ୍ରବଳ ଗଣ୍ଡଗୋଳ ହୋଇଛି । ତଥାପି ରାଜ୍ୟର ୩ଟି ଆସନ ପାଇଁ ଆଜି ହୋଇଥିବା ନିର୍ବାଚନରେ ସବୁଠାରୁ ଅଧିକ ୭୭.୫୭% ଭୋଟିଂ ହୋଇଛି । ସେହିପରି ମଣିପୁରର ଗୋଟିଏ ପୁଲିଂ ଷ୍ଟେସନରେ ଗୁଳିମାଡ଼ ହୋଇଥିଲେ



ହେଁ ଏଠାକାର ୨ଟି ଆସନ ପାଇଁ ଆଜି ହୋଇଥିବା ନିର୍ବାଚନରେ ୬୮.୬୨% ଲୋକ ମତାଧିକାର ସାବ୍ୟସ୍ତ କରିଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା, ବିହାରରେ ଆଜି ପ୍ରଥମ ପର୍ଯ୍ୟାୟରେ ୪ଟି ଆସନ ପାଇଁ ଭୋଟିଂ ହୋଇଛି । କିନ୍ତୁ ଏଠାରେ ଭୋଟିଂ ହାର ସବୁଠାରୁ କମ ରହିଛି । ମାତ୍ର ୪୮.୨୩% ଲୋକ ଭୋଟ ଦେଇଛନ୍ତି ।

ଏହାବାଦ ଆଣ୍ଡାମାନ ନିକୋବର(୧ ଆସନ)ରେ ୫୬.୮୭%, ଅରୁଣାଚଳ ପ୍ରଦେଶରେ(୨ଟି ଆସନ) ୬୪.୦୭%, ଆସାମରେ(୫) ୭୦.୭୭%, ଛତିଶଗଡ଼ରେ(୧ ଆସନ)୬୩.୪୧%, ଜମ୍ମୁ-କଶ୍ମୀର(୧ ଆସନ)ରେ ୬୫.୦୮%, ଲକ୍ଷଦ୍ୱୀପ(୧), ୫୯.୦୨%, ମଧ୍ୟପ୍ରଦେଶରେ (୬ଟି ଆସନ) ୬୩.୨୫%, ମହାରାଷ୍ଟ୍ରରେ(୫) ୫୪.୮୫%, ମଣିପୁର(୨)ରେ୬୮.୬୨%, ମେଘାଳୟ(୨)ରେ ୬୯.୯୧%, ମିଜୋରାମ(୧)ରେ ୫୩.୯୬%, ନାଗାଲ୍ୟାଣ୍ଡ(୧)ରେ ୫୬.୧୮%, ପୁଡୁଚେରୀ(୧)ରେ ୭୨.୮୪%, ରାଜସ୍ଥାନ(୧୨)ରେ ୫୦.୨୭%, ସିକ୍କିମ(୧)ରେ ୬୮.୦୬%, ତାମିଲନାଡୁ(୩୯)ରେ ୬୨.୦୯%, ତ୍ରିପୁରା(୧)ରେ ୭୬.୧୦%, ଉତ୍ତର ପ୍ରଦେଶ(୮)ରେ ୫୭.୫୪%, ଉତ୍ତରାଖଣ୍ଡ(୫)ରେ ୫୩.୫୬% ଓ ପଶ୍ଚିମବଙ୍ଗ(୩)ରେ ୭୭.୫୭% ଭୋଟିଂ ହୋଇଛି ।

# ନାମାଙ୍କନ ଦାଖଲ କଲେ ଅମିତ ଶାହ

**ଗାନ୍ଧିନଗର:** ୨୦୧୭ରୁ ୨୦୧୯ ମସିହା ପର୍ଯ୍ୟନ୍ତ ଅମିତ ଶାହ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ । ୨୦୧୯ରୁ ସେ ପ୍ରଥମ ଥର ସେ ଗାନ୍ଧିନଗରରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ ।ଏହାପରେ ଚଳିତ ଥର ଦ୍ୱିତୀୟ ଥର ପାଇଁ ସେ ଗାନ୍ଧିନଗରରୁ ନାମାଙ୍କନ ଦାଖଲ କରିଛନ୍ତି । ଗୁଜରାଟ ଗାନ୍ଧିନଗର ସିଟରୁ ନାମାଙ୍କନ ଦାଖଲ କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ଏହି ଆସନରୁ ଗତ ଥର ନିର୍ବାଚିତ ହୋଇ ସେ ଲୋକସଭାକୁ ଯାଇଥିବା ବେଳେ ଚଳିତ ଥର ବି ସେ ସମାନ ଆସନରୁ ବିଜେପି ପ୍ରାର୍ଥୀ ହୋଇଛନ୍ତି । ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ସମେତ ବହୁ ସଂଖ୍ୟାରେ ବିଜେପି ନେତା ଆଜି ଶାହଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ଏହାପରେ ସେ



ଗାନ୍ଧିନଗରରେ ଏକ ବିଶାଳ ରାଲି କରି ଯାଇ ନିଜ ସମର୍ଥକଙ୍କ ଉପସ୍ଥିତିରେ ମନୋନୟନ ପତ୍ର ଦାଖଲ କରିଛନ୍ତି ।

ଏହି ଆସନରେ ଶାହଙ୍କର ସୋନଲ ପଟେଲଙ୍କ ସହ ଲଢେଇ ହେବ । କଂଗ୍ରେସର ପାର୍ଟି ସେକ୍ରେଟେରୀ ସୋନଲ ପଟେଲ ଗାନ୍ଧିନଗର ସିଟରୁ ନାମାଙ୍କନ ଦାଖଲ କରିଛନ୍ତି । ଗୁଜରାଟରେ ମେ' ୭ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ ଓ ଜୁନ୍ ୪ ତାରିଖରେ ଫଳାଫଳ ଘୋଷିତ ହେବ । ୨୦୧୭ରୁ ୨୦୧୯ ମସିହା ପର୍ଯ୍ୟନ୍ତ ଅମିତ ଶାହ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ । ୨୦୧୯ରୁ ସେ ପ୍ରଥମ ଥର ଗାନ୍ଧିନଗରରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ଏହାପରେ ଚଳିତ ଥର ଦ୍ୱିତୀୟ ଥର ପାଇଁ ସେ ଗାନ୍ଧିନଗରରୁ ନାମାଙ୍କନ ଦାଖଲ କରିଛନ୍ତି । ୧୯୯୧ ମସିହାରୁ ଗାନ୍ଧିନଗର ସିଟ୍ ବିଜେପି ପାଖରେ ରହିଛି ।ଏଠାରୁ ୬ ଥର ସାଂସଦ ଭାବେ ନିର୍ବାଚିତ ହୋଇ ସାରିଛନ୍ତି ବିଜେପିର ବରିଷ୍ଠ ନେତା ଏଲ.କେ ଆଡ଼ଭାଣୀ । ୧୯୯୬ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏହି ଆସନରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ବିଶ୍ୱର ସବୁଠୁ ବଡ଼ ଗଣତାନ୍ତ୍ରିକ ଦେଶ ଭାରତରେ ଆଜି ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେଉଛି । ୧୭ ରାଜ୍ୟ ଓ ୪ କେନ୍ଦ୍ରଶାସିତ ଅଞ୍ଚଳର ୧୦୨ ଆସନ ପାଇଁ ମତଦାନ ଚାଲିଛି ।

# ଫିଲିପାଇନ୍ସରେ ପହଞ୍ଚିଲା ବ୍ରହ୍ମୋସ କ୍ଷେପଣାସ୍ତ୍ର

**ନୂଆଦିଲ୍ଲୀ:** ଭାରତ ଫିଲିପାଇନ୍ସକୁ ବ୍ରହ୍ମୋସ୍ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର ବିକ୍ରୟ କରିଛି । ଶୁକ୍ରବାର ଭାରତୀୟ ବାୟୁସେନାର ସି-୧୭ ପରିବହନ ବିମାନ କ୍ଷେପଣାସ୍ତ୍ର ବ୍ୟବସ୍ଥା ନେଇ ଫିଲିପାଇନ୍ସସ୍ଥିତ କଲ୍ଲାର୍କ ଏୟାରବେସରେ ପହଞ୍ଚିଥିଲା । ପ୍ରତିରକ୍ଷା ବିଶେଷଜ୍ଞଙ୍କ ମତରେ ଫିଲିପାଇନ୍ସ ସହ ଏହି ପ୍ରତିରକ୍ଷା ଚୁକ୍ତି ଭାରତୀୟ ପ୍ରତିରକ୍ଷା କ୍ଷେତ୍ର ପାଇଁ ପ୍ରଥମ ପ୍ରମୁଖ ଅନ୍ତର୍ଜାତୀୟ ରପ୍ତାନୀ ବ୍ୟବସ୍ଥା ଥିଲା । ୨୯୦ କିଲୋମିଟର ଦୂରତା ବିଶିଷ୍ଟ ଆଣ୍ଟି-ସିପ୍ କ୍ରୁଜ୍ କ୍ଷେପଣାସ୍ତ୍ରର କୂଳ ଭିତ୍ତିକ ସଂସ୍କରଣ ପାଇଁ ଏହି ଅର୍ଡର ଦିଆଯାଇଛି । ୨୦୨୨ ମସିହାରେ ଦୁଇ ଦେଶ ମଧ୍ୟରେ ଏହି ଚୁକ୍ତି ସ୍ବାକ୍ଷରିତ ହୋଇଥିଲା । ଭାରତ ଓ ଫିଲିପାଇନ୍ସ ମଧ୍ୟରେ ପ୍ରାୟ ୩୭୫ ନିୟୁତ ଆମେରିକୀୟ ଡଲାରରେ ଚୁକ୍ତି



ହୋଇଥିଲା ।

ଦକ୍ଷିଣ ଚୀନ୍ ସାଗରରେ ଫିଲିପାଇନ୍ସ ଓ ଚୀନ୍ ମଧ୍ୟରେ ଲଗାତାର ଉତ୍ତେଜନା ଲାଗି ରହିଥିବା ବେଳେ ଭାରତ ପକ୍ଷରୁ ଫିଲିପାଇନ୍ସକୁ ଏହି କ୍ଷେପଣାସ୍ତ୍ର ବ୍ୟବସ୍ଥା ଯୋଗାଇ ଦିଆଯାଇଛି । ଭାରତ ଶୁକ୍ରବାର ଫିଲିପାଇନ୍ସକୁ ବ୍ରହ୍ମୋସ୍ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ରର ପ୍ରଥମ ସେଟ୍ ହସ୍ତାନ୍ତର କରିଛି ।

ଦକ୍ଷିଣ ଚୀନ୍ ସାଗରରେ ଚୀନ ଓ ଫିଲିପାଇନ୍ସ ମଧ୍ୟରେ ବିବାଦ ରହିଛି । କିନ୍ତୁ ଏବେ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ପହଞ୍ଚିବା ପରେ ଏବେ ଚୀନକୁ ଉଚିତ ଜବାବ ଦେବାକୁ ପ୍ରସ୍ତୁତ ଅଛି ଫିଲିପାଇନ୍ସ । ଫିଲିପାଇନ୍ସ ଉପକୂଳରୁ ସୁପରସୋନିକ୍ ବ୍ରହ୍ମୋସ୍ ସହଜରେ ଚୀନ୍ ଯୁଦ୍ଧ ଜାହାଜକୁ ଟାର୍ଗେଟ କରିପାରିବ ।

# ଗ୍ରେନେଡ ବିସ୍ଫୋରଣ ଘଟି ଯବାନ ସହିଦ



**ନୂଆଦିଲ୍ଲୀ:** ଛତିଶଗଡ଼ର ବିଜାପୁର ଜିଲ୍ଲାରେ ନିର୍ବାଚନ ଡିୟୁଟିରେ ଥିବା କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ (ସିଆରପିଏଫ)ର ଜଣେ ଯବାନ ସହିଦ ହୋଇଯାଇଛନ୍ତି । ମୃତ ଯବାନଙ୍କ ନାମ ଦେବେନ୍ଦ୍ର କୁମାର ବୋଲି ଜଣାପଡ଼ିଛି । ଜଣେ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ, ବିଜାପୁର ଜିଲ୍ଲା ବସ୍ତର ଲୋକସଭା ନିର୍ବାଚନମଣ୍ଡଳୀ ଅର୍ନ୍ତଗତ ରହିଛି । ଏଠାରେ ଲୋକସଭା ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ଭୋଟଦାନ ଚାଲିଛି । ନିର୍ବାଚନୀ ଡିୟୁଟିରେ ଥିବା ସୁରକ୍ଷାକର୍ମୀଙ୍କ ଏକ ଦଳ ମତଦାନ କେନ୍ଦ୍ରଠାରୁ ଅଧା କିଲୋମିଟର ଦୂରରେ ଏକ ଅପରେସନକୁ ଯାଇଥିଲେ । ଏହି ସମୟରେ ଅସୁର ପୁଲିସ ଥାନା ନିକଟସ୍ଥ ଗଲଗମ ଗ୍ରାମରେ ୟୁବିଜିଏଲ(ଅଣ୍ଡର ବେରଲ ଗ୍ରେନେଡ ଲଞ୍ଚର) କନଷ୍ଟେବଲ ଦେବେନ୍ଦ୍ର କୁମାରଙ୍କ ହାତରେ ହଠାତ ବିସ୍ଫୋରଣ ହୋଇ ଯାଇଥିଲା । ତାଙ୍କୁ ଘଟଣାସ୍ଥଳରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଜଗଦଲପୁର ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତରଙ୍କ ସୂତ୍ରରୁ ପ୍ରକାଶ ପାଇଛି । ଦେବେନ୍ଦ୍ରଙ୍କ ଅନ୍ତିମ ସଂସ୍କାର ଶନିବାର କରାଯିବ । ଯବାନଙ୍କ ମୃତଶରୀରକୁ ପରିବାରଲୋକଙ୍କୁ ହସ୍ତାନ୍ତର କରି ଦିଆଯାଇଛି । ତେବେ ଏହି ବିସ୍ଫୋରଣର ଯାଞ୍ଚ ପାଇଁ ଏକ ବିଶେଷଜ୍ଞ ଦଳକୁ ଘଟଣାସ୍ଥଳକୁ ପଠାଯାଇଛି । ବିଶେଷଜ୍ଞ ଟିମ ରିପୋର୍ଟ ଦେଲେ ହିଁ ଗ୍ରେନେଡ ହଠାତ କାହିଁକି ବିସ୍ଫୋରଣ ହେଲା ତାହାର କାରଣ ଜଣାପଡ଼ିବ ।

# କେଜରିୱାଲଙ୍କୁ ହତ୍ୟା ମସୁଧା: ଉପରାଜ୍ୟପାଳ ମାଗିଲେ ରିପୋର୍ଟ



**ନୂଆଦିଲ୍ଲୀ:** ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇ ଜେଲରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ବିରୋଧରେ ଚାଲିଛି ସାଂଘାତିକ ଷଡ଼ଯନ୍ତ୍ର । ଜେଲ ଭିତରେ କେଜରିୱାଲଙ୍କୁ ମାରି ଦେବା ପାଇଁ ମସୁଧା ହୋଇଥିବା ତାଙ୍କ ଦଳ ଆପ୍ ପକ୍ଷରୁ ଅଭିଯୋଗ କରାଯାଇଛି । ଏପରିକି କେଜରିୱାଲ ଜଣେ ମଧୁମେହ ରୋଗୀ ହୋଇଥିବାରୁ ଇନସୁଲିନ ପାଇଁ ଦାବି କରୁଥିଲେ ହେଁ ତାଙ୍କୁ ତିହାର ଜେଲ କର୍ତ୍ତୃପକ୍ଷ ଦେଉ ନାହାନ୍ତି ବୋଲି ଅଭିଯୋଗ କରିଛି ଆପ୍।ଆପର ଏହି ଅଭିଯୋଗକୁ ଗୁରୁତର ସହ ନେଇଛନ୍ତି ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସକସେନା । ଏଥିସହ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏ ନେଇ ବିସ୍ତୃତ ରିପୋର୍ଟ ଦେବାକୁ ଡିଜି ଜେଲ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଦିଲ୍ଲୀ ରାଜଭବନ ତରଫରୁ ମିଳିଥିବା ସୂଚନା ଅନୁଯାୟୀ, ଆପ୍ ନେତାଙ୍କ ତରଫରୁ ତିହାର ଜେଲରେ ବନ୍ଦୀ ଜୀବନ କାଟୁଥିବା କେଜରିୱାଲଙ୍କୁ ମାରି ଦେବା ପାଇଁ ମସୁଧା ଚାଲିଥିବା ଅଭିଯୋଗ ହେବା ପରେ ଗଭୀର ଚିନ୍ତା ପ୍ରକଟ କରିଛନ୍ତି ରାଜ୍ୟପାଳ । କେଜରିୱାଲଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବନି ବୋଲଇ ସେ କଡ଼ା ଚେତାବନୀ ଦେଇଛନ୍ତି । ଆପ୍ ନେତ୍ରୀ ତଥା ଦିଲ୍ଲୀର ମନ୍ତ୍ରୀ ଆତିଶୀଙ୍କ ଅଭିଯୋଗ ଅନୁଯାୟୀ, ଅରବିନ୍ଦ କେଜରିୱାଲ ଟାଇପ ୨ ମଧୁମେହ ରୋଗରେ ପୀଡ଼ିତ । ସେ ତାଙ୍କ ରକ୍ତ ସର୍କରାକୁ ନିୟନ୍ତ୍ରଣରେ ରଖିବା ପାଇଁ ଦୈନିକ ୫୪ ୟୁନିଟର ଇନସୁଲିନ ନିଅନ୍ତି । କେଜରିୱାଲଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି କୋର୍ଟ ତାଙ୍କୁ ଘରର ରନ୍ଧା ଖାଦ୍ୟ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ମାତ୍ର ଅରବିନ୍ଦ କେଜରିୱାଲଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଅଧିକ ଖରାପ କରିବା ପାଇଁ ବିଜେପି ଏହାର ସଂସ୍ଥା ଇଡିକୁ ବ୍ୟବହାର କରୁଛି ବୋଲି ସେ ଅଭିଯୋଗ ଆଣିଛନ୍ତି । ଏପରିକି ତାଙ୍କୁ ଜେଲରେ ଇନସୁଲିନ ଦିଆଯାଉ ନଥିବା ସେ ଅଭିଯୋଗ କରିଛନ୍ତି ।

ମାତ୍ର ଏପରି ସମସ୍ତ ଅଭିଯୋଗ ଭିତ୍ତିହୀନ ବୋଲି ତିହାର ଜେଲ୍ ପ୍ରଶାସନ ପକ୍ଷରୁ କୁହାଯାଇଛି । ଜେଲ୍ ପ୍ରଶାସନ ତରଫରୁ କୁହାଯାଇଛି, କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ କେଜରିୱାଲଙ୍କୁ ୩ ଥର ତାଙ୍କ ଘରୁ ଆସୁଥିବା ଖାଦ୍ୟ ଓ ଔଷଧ ଯୋଗାଇ ଦିଆଯାଉଛି । ପ୍ରତିଦିନ ତାଙ୍କ ମେଡିକାଲ ଚେକଅପ୍ କରାଯାଉଛି । ଜେଲର ସିନିୟର ଡାକ୍ତରଙ୍କ ଦ୍ୱାରା ତାଙ୍କ ଚେକଅପ୍ କରାଯାଉଛି । ତିହାର ଜେଲ୍ ପ୍ରଶାସନ ପକ୍ଷରୁ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ କେଜରିୱାଲଙ୍କ ମେଡିକାଲ ରିପୋର୍ଟକୁ ସାର୍ବଜନୀନ କରାଯାଉଛି । ଗତ ୩ ଦିନ ହେଲାଣି ତାଙ୍କୁ କଦଳି ଓ ଆମ୍ବ ଦିଆଯାଇ ନ ଥିବାରୁ ତାଙ୍କ ସୁଗାର ଲେଭଲ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଥିବା ଜେଲ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଜେଲରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପୂରା ଫିଟ୍ ଥିବା କହିଛନ୍ତି ଅଧିକାରୀ । ଅପରପକ୍ଷେ ଇଡି ପକ୍ଷରୁ କୋର୍ଟଙ୍କୁ କୁହାଯାଇଛି, କେଜରିୱାଲ ମେଡିକାଲ ଗ୍ରାଉଣ୍ଡରେ ଜାମିନ ପାଇବା ପାଇଁ ଜେଲ ଭିତରରେ ପ୍ରଚୁର ଆମ୍ବ ଓ ମିଠା, ଆଳୁ ପୁରୀ ଆଦି ଖାଦ୍ୟ ଖାଉଛନ୍ତି । ସେ ନିଜର ବ୍ଲଡ ସୁଗାରସ୍ତରକୁ ବୃଦ୍ଧି କରି ଜାମିନ ହାସଲ କରିବାକୁ ଚାହୁଁଥିବା ଇଡି କହିଛି । ଜଣେ ଟାଇପ୍-୨ ଡାଇବେଟିସ ରୋଗୀ ଏପରି ଖାଦ୍ୟ ଖାଇବା ଆମେ କେବେ ଜାଣି ନ ଥିଲୁ ବୋଲି ଇଡି ପକ୍ଷରୁ କୁହାଯାଇଛି ।

# ସ୍କଟଲାଣ୍ଡ ନଦୀରେ ବୁଡ଼ିଗଲେ ୨ ଭାରତୀୟ ଛାତ୍ର



**ନୂଆଦିଲ୍ଲୀ:** ସ୍କଟଲାଣ୍ଡର ଏକ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳରେ ଏକ ଦୁର୍ଘଟଣାରେ ଦୁଇ ଜଣ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ଘଟିଛି । ସେମାନେ ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିବା ଜଣାଯାଇଛି । ପାଣିଭିତରୁ ୨୨ ଓ ୨୬ ବର୍ଷୀୟ ଦୁଇ ଭାରତୀୟ ଛାତ୍ରଙ୍କ ମୃତଦେହ ମିଳିଥିଲା । ସେମାନଙ୍କ ନାଁ ଜିତେନ୍ଦ୍ରନାଥ କାରୁତୁରୀ (୨୬) ଓ ଚାଣକ୍ୟ ବୋଲିସେଟ୍ଟି (୨୨) ବୋଲି ଜଣାପଡିଛି । ଏହି ଛାତ୍ରମାନେ ସେମାନଙ୍କର ଅନ୍ୟ ଚାରି ଜଣ ସାଙ୍ଗଙ୍କ ସହ ପର୍ଯ୍ୟଟନ ସ୍ଥଳ ବୁଲିବାକୁ ଆସିଥିଲେ । ଏହି ସମୟରେ ସେମାନେ ପାଣିରେ ବୁଡ଼ି ଯାଇଥିଲେ । ବୁଧବାର ରାତିରେ ତୁମ୍ମେର ଲିନ୍ ନିକଟରେ ଥିବା ପାଣିରୁ ଦୁଇ ବାଳକଙ୍କ ମୃତଦେହ ଉଦ୍ଧାର କରାଯାଇଥିଲାଛ ଆପଣଙ୍କୁ କହିରଖୁଛୁ ଯେ ତୁମ୍ମେଲର ଲିନ୍ ହେଉଛି ସେହି ସ୍ଥାନ ଯେଉଁଠାରେ ଦୁଇଟି ନଦୀ ମିଳେ । ଉଦ୍ଧାରକାରୀ ଦଳ ଉଭୟଙ୍କ ମୃତଦେହକୁ ପାଣିଭିତରୁ ବାହାର କରିଥିଲେ । ଉଭୟ ଛାତ୍ର ସ୍କଟଲାଣ୍ଡର ଡୁଣ୍ଡି ବିଶ୍ୱବିଦ୍ୟାଳୟରେ ମାଷ୍ଟର୍ସ ଡିଗ୍ରୀ କରୁଥିଲେ । ସ୍ଥାନୀୟ ପୁଲିସ କହିଛି ଯେ, ବୁଧବାର ରାତିରେ ତୁମ୍ମେଲର ଲିନ୍ ରେ ଜିତେନ୍ଦ୍ରନାଥ ଓ ଚାଣକ୍ୟ ଭାସି ଯାଇଥିଲେ । ଏହା ପିଟଲୋଚରୀର ଉତ୍ତରରେ ଅବସ୍ଥିତ । ସେହିପରି ଲଣ୍ଡନରେ ଥିବା ଭାରତୀୟ ହାଇକମିସନର ଜଣେ ଅଧିକାରୀ ମଧ ଏହି ଘଟଣାକୁ ସ୍ପଷ୍ଟ କରିଛନ୍ତି ।

# ୬ ଜିଲ୍ଲାରେ କେହି ବି ଦେଲେନି ଭୋଟ୍

**ନୂଆଦିଲ୍ଲୀ:** ପ୍ରଥମ ପର୍ଯ୍ୟାୟରେ ଦେଶର ୧୦୨ ଲୋକସଭା ଆସନ ପାଇଁ ୨୧ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଲୋକମାନେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି । ଏହିକ୍ରମରେ ନାଗାଲ୍ୟାଣ୍ଡର ଗୋଟିଏ ଲୋକସଭା ଆସନ ପାଇଁ ମଧ ଭୋଟ ହୋଇଛି । କିନ୍ତୁ ରାଜ୍ୟର ୬ ଜିଲ୍ଲାରେ ଜଣେ ହେଲେ ବି ସେମାନଙ୍କ ଗଣତାନ୍ତ୍ରିକ ଅଧିକାରକୁ କାର୍ଯ୍ୟକାରୀ କରି ନାହାନ୍ତି । ସେମାନେ ଭୋଟିଂ ପ୍ରକ୍ରିୟାକୁ ବୟକଟ୍ କରିଛନ୍ତି । ଇଷ୍ଟର୍ଣ୍ଣ ନାଗାଲ୍ୟାଣ୍ଡ ପିପୁଲ୍ସ ଅର୍ଗାନାଇଜେସନର ଡାକରା କ୍ରମେ ଲୋକମାନେ ଭୋଟ ଦେଇ ନାହାନ୍ତି । ସଂଗଠନ ପକ୍ଷରୁ ଇଷ୍ଟର୍ଣ୍ଣ ନାଗାଲ୍ୟାଣ୍ଡକୁ ସ୍ୱତନ୍ତ୍ର ଭୂଖଣ୍ଡ ଭାବେ ନାମିତ କରିବାକୁ ଦାବି କରାଯାଇଛି । ଏଥିସହ ଏହି ଅଞ୍ଚଳ ପାଇଁ ଗୋଟିଏ ସ୍ୱତନ୍ତ୍ର ପ୍ରଶାସିନକ ବ୍ୟବସ୍ଥା ଓ ଅଧିକ ମାତ୍ରାରେ ଆର୍ଥିକ ସହାୟତା ଦାବି କରୁଛ । ଏଥିପାଇଁ ସଂଗଠନ ପବ୍ଲିକ ଏମର୍ଜେନ୍ସି ଘୋଷଣା କରିଛି ଓ ସ୍ଥାନୀୟ ଲୋକଙ୍କୁ ନିର୍ବାଚନ ବର୍ଜନ କରିବାକୁ



କହିଛି । ସଂଗଠନର ଏପରି ବୟକଟ ଡାକରା ପରେ ଉତ୍ତର-ପୂର୍ବ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ଇଷ୍ଟର୍ଣ୍ଣ ନାଗାଲ୍ୟାଣ୍ଡ ପିପୁଲ୍ସ ଅର୍ଗାନାଇଜେସନକୁ ବିଶୃଙ୍ଖଳା ସୃଷ୍ଟି ପାଇଁ ନୋଟିସ ଜାରି କରିଛନ୍ତି । ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ସଂଗଠନ ନିଜର ହୁକୁମାତି ଜାହିର କରିବାକୁ ଚେଷ୍ଟା କରୁଛି । ନିରପେକ୍ଷ ଭୋଟିଂ ପ୍ରକ୍ରିୟାରେ ସଂଗଠନ ହସ୍ତକ୍ଷେପ କରୁଛି । ଇଷ୍ଟର୍ଣ୍ଣ ନାଗାଲ୍ୟାଣ୍ଡବାସୀଙ୍କୁ ସାଧାରଣ ନିର୍ବାଚନରେ ମତାଧିକାର ସାବ୍ୟସ୍ତରୁ ସଂଗଠନ ଦୂରେଇ ରଖୁଛି । ତେଣୁ ଇଷ୍ଟର୍ଣ୍ଣ ନାଗାଲ୍ୟାଣ୍ଡ ପିପୁଲ୍ସ ଅର୍ଗାନାଇଜେସନ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ନୋଟିସ ଜାରି କରି ଜବାବ ମଗାଯାଇଥିବା ଅଧିକାରୀ ଜଣଙ୍କ କହିଛନ୍ତିଛଅନ୍ୟପକ୍ଷରେ ଇଷ୍ଟର୍ଣ୍ଣ ନାଗାଲ୍ୟାଣ୍ଡ ପିପୁଲ୍ସ ଅର୍ଗାନାଇଜେସନ କହିଛି ଯେ ଇଷ୍ଟର୍ଣ୍ଣ ନାଗାଲ୍ୟାଣ୍ଡରେ କୌଣସି ପ୍ରକାରର ବିଶୃଙ୍ଖଳା ଯେମିତି ନ ହେବ, ସେଥିପାଇଁ ବିଜ୍ଞପ୍ତି ପ୍ରକାଶ କରି ମୁଖ୍ୟ ଉଦେଶ୍ୟ ବିଷୟରେ ସମସ୍ତଙ୍କୁ ଅବଗତ କରାଯାଇଛ । ଇଷ୍ଟର୍ଣ୍ଣ ନାଗାଲ୍ୟାଣ୍ଡ ଆମ ସୀମା ଓ ଆମ ନିୟନ୍ତ୍ରଣ ମଧ୍ୟରେ ରହିଛ ।ଇଷ୍ଟର୍ଣ୍ଣ ନାଗାଲ୍ୟାଣ୍ଡ ଏବେ ଜରୁରିକାଳୀନ ପରିସ୍ଥିତି ମଧ୍ୟରେ ରହିଛି । ବିଭିନ୍ନ ଅଂଶୀଦାରଙ୍କ ସହ କଥା ହେବା ପରେ ଏପରି ଘୋଷଣା ହୋଇଛି । ଲୋକମାନେ ସ୍ୱେଚ୍ଛାକୃତ ଭାବେ ଏହି କାର୍ଯ୍ୟକ୍ରମକୁ ସମର୍ଥନ କରିଛନ୍ତି ବୋଲି ସଂଗଠନ କହିଛ । ପିପୁଲ୍ସ ଅର୍ଗାନାଇଜେସନ ରୁଦ୍ଧଦ୍ୱାର ବୈଠକ କରିଥିଲେଛ ଏହି ସମୟରେ ଇଷ୍ଟର୍ଣ୍ଣ ନାଗାଲ୍ୟାଣ୍ଡ ଲୋକସଭା ନିର୍ବାଚନରୁ ଦୂରେଇ ରହିବ ବୋଲି ଇଷ୍ଟର୍ଣ୍ଣ ନାଗାଲ୍ୟାଣ୍ଡ ପିପୁଲ୍ସ ଅର୍ଗାନାଇଜେସନ ଘୋଷଣା କରିଥିଲା ।

# ପ.ବଙ୍ଗରେ ଇଣ୍ଡିଆ ମେଣ୍ଟ ନାହିଁ

**କୋଲକାତା:** କଂଗ୍ରେସ ଓ ସିପିଆଇଏମ ସପକ୍ଷରେ ଭୋଟ ନଦେବାକୁ ସେ ଲୋକଙ୍କୁ ଅନୁରୋଧ କରିଛନ୍ତି । ସାଂସଦ ମାନସ ମଙ୍ଗରାଜଙ୍କୁ ଦଳୀୟ ନେତ୍ରୀଙ୍କ ପ୍ରଶ୍ନ: ବିଜେଡି ପାଇଁ କାମ କରୁ । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ବିରୋଧୀ ଇଣ୍ଡିଆ ମେଣ୍ଟରେ ଥିବା ସିପିଆଇ(ଏମ) ଓ କଂଗ୍ରେସକୁ ତୀବ୍ର ସମାଲୋଚନା କରିଛନ୍ତି । ଉଭୟ ଦଳ ବେଙ୍ଗଲରେ ବିଜେପି ସହ ହାତ ମିଳାଇଛନ୍ତି । କଂଗ୍ରେସ ଓ ସିପିଆଇଏମ ସପକ୍ଷରେ ଭୋଟ ନ ଦେବାକୁ ମଧ ସେ ଲୋକଙ୍କୁ ଅନୁରୋଧ କରିଛନ୍ତି । ମୁର୍ଶିଦାବାଦରେ ଗୋଟିଏ ନିର୍ବାଚନ ରାଲିକୁ ସମ୍ବୋଧନ କରି ଦିଦି କହିଛନ୍ତି, ପଶ୍ଚିମବଙ୍ଗରେ କୌଣସି ପ୍ରକାରର ଇଣ୍ଡିଆ ମେଣ୍ଟ ନାହିଁ । ବିରୋଧୀ ମେଣ୍ଟ ଇଣ୍ଡିଆ ଗଠନ କରିବାରେ ମୁଁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲି । ଏପରି କି ମେଣ୍ଟର ନାଁ ମୁଁ ଦେଇଥିଲି । କିନ୍ତୁ ପଶ୍ଚିମବଙ୍ଗରେ ସିପିଆଇଏମ ଓ କଂଗ୍ରେସ ମିଳିତ ଭାବେ ବିଜେପି ପାଇଁ କାମ କରୁଛନ୍ତି । ଯଦି ଆପଣମାନେ ବିଜେପିକୁ ହରାଇବା ପାଇଁ ଚାହୁଁଛନ୍ତି, ତା'ହେଲେ କେବେ ହେଲେ କଂଗ୍ରେସ ଓ ସିପିଆଇଏମକୁ ଭୋଟ ଦିଅନ୍ତୁ



ନାହିଁ । ସେମାନଙ୍କୁ ଭୋଟ ଦେଇ ନିଜର ଭୋଟରକୁ ଅଯଥା ନଷ୍ଟ କରନ୍ତୁ ନାହିଁ । କଂଗ୍ରେସ ଓ ଟିଏମସି ଇଣ୍ଡିଆ ମେଣ୍ଟରେ ଥିଲେ ହେଁ ପଶ୍ଚିମବଙ୍ଗରେ ଆଉ ଦୁଇ ଦଳ ମଧ୍ୟରେ ସିଟ୍ ବୁଝାମଣା ଡିଲ୍ ଫାଇନାଲ ହୋଇପାରି ନଥିଲା । ତେଣୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ତାଙ୍କ ଦଳ ଟିଏମସି ଏକାକୀ ନିର୍ବାଚନ ଲଢ଼ିବ ବୋଲି ଘୋଷଣା କରିଥିଲେ ।

## ସମଲିଙ୍ଗୀ ବିବାହ

# ବାନ୍ଧବୀ ମୋନିକାଙ୍କୁ ବିବାହ କରିବେ ଆସଲେ



ମେଲବୋର୍ଣ୍ଣ,୧୯।୪(ଏଜେନ୍ସି): ଅଷ୍ଟ୍ରେଲିଆର ତାରକା ମହିଳା କ୍ରିକେଟ୍‌ର ଆସଲେ ଗାର୍ଡେନର ତାଙ୍କ ଦୀର୍ଘ ଦିନର ବାନ୍ଧବୀ ମୋନିକାଙ୍କୁ ବିବାହ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ନିକଟରେ ଗାର୍ଡେନର ତାଙ୍କ ବାନ୍ଧବୀଙ୍କୁ ମୁଦି ପିନ୍ଧାଇ ବିବାହ ପାଇଁ ଆଉ ପାଦେ ଆଗକୁ ବଢ଼ିଥିଲେ । ସେ ଫଟୋ ସହ ଏହି ଖୁସି ଖବର ସୋସିଆଲ ମିଡ଼ିଆରେ ଶେୟାର କରିଛନ୍ତି । ଏହି ଲେସବିୟାନ ଯୋଡିଙ୍କୁ ନେଇ ଦୀର୍ଘ ଦିନ ଧରି ଆଲୋଚନା ହୋଇଥିଲା । ମୋନିକାଙ୍କ ସମ୍ପର୍କରେ ବିଶେଷ କିଛି ତଥ୍ୟ ମିଳିନାହିଁ । ଟି-୨୦ ବିଶ୍ୱକପ୍ ବିଜେତା ଦଳର ସଦସ୍ୟ ଆସଲେଙ୍କ ମ୍ୟାଚ ଦେଖିବା ପାଇଁ ମୋନିକା ଯାଇଥାନ୍ତି । ସେମାନଙ୍କ ବନ୍ଧୁତା ଓ ପ୍ରେମକୁ ଅନ୍ୟମାନେ ସମ୍ମାନ ଦେଇଛନ୍ତି । ଆସଲେ ଅଷ୍ଟ୍ରେଲିଆ ପକ୍ଷରୁ ୬୯ଟି ଦିନିକିଆ ଓ ୮୮ଟି ଟି-୨୦ ମ୍ୟାଚ ଖେଳିଛନ୍ତି । ଏହି ଅଲ୍‌ରାଉଣ୍ଡର ଜଣକ ଦିନିକିଆରେ ୮୯ ୱିକେଟ୍ ସହ ୯୭୧ ରନ୍ ଏବଂ ଟି-୨୦ରେ ୬୮ଟି ୱିକେଟ୍ ସହ ୧୩୨୯ ରନ୍ କରିଛନ୍ତି । ଏତଦ୍‌ଭିନ୍ନ ସେ ଅଷ୍ଟ୍ରେଲିଆ ପକ୍ଷରୁ ୬ଟି ଟେଷ୍ଟ ମ୍ୟାଚ ଖେଳିଛନ୍ତି । ଉଭୟଙ୍କ ମୁଦି ପିନ୍ଧା ନିର୍ବନ୍ଧ ପରେ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ।

# କିଟ୍‌ରେ ଆଇପିଏଲ୍ ଫ୍ୟାନ ପାର୍କ

ଭୁବନେଶ୍ୱର,୧୯।୪(ସବ୍ୟୁ): ଲୋକପ୍ରିୟ ଟି-୨୦ ଲିଗ୍ ଆଇପିଏଲ୍‌ର ଅଧାଅଧି ଖେଳ ଶେଷ ହୋଇଗଲାଣି । ସାରାଦେଶରେ ଆଇପିଏଲ୍ ଫିଭର ଜାରି ରହିଥିବା ବେଳେ ପର୍ଯ୍ୟାୟକ୍ରମେ ଫ୍ୟାନ ପାର୍କ ଆୟୋଜନ କରି ଆହୁରି ଲୋକପ୍ରିୟତା ସାଉଁଠୁଛି ଆଇପିଏଲ୍ । ଭାରତର ୫୦ଟି ସହରରେ ଫ୍ୟାନ ପାର୍କ ଜରିଆରେ ବିପୁଳ ସଂଖ୍ୟାରେ ଦର୍ଶକ ଆଇପିଏଲ୍ ମଜା ନେଉଛନ୍ତି । ବିସିସିଆଇ ପକ୍ଷରୁ ଟାଟା ଆଇପିଏଲ୍ ମ୍ୟାଚର ସିଧାପ୍ରସାରଣ ଫ୍ୟାନ ପାର୍କର ବଡ଼ ପରଦାରେ କରାଯାଉଛି । ଯାହାକୁ ଦର୍ଶକ ଦେଖି ମଜା ନେବା ସହ ଖାଦ୍ୟ ପାନୀୟ ଓ ମନୋରଞ୍ଜନର ଭରପୂର ମଜା ଉଠାଉଛନ୍ତି । କିଟ୍ ଷ୍ଟାଡିୟମ୍ ପାଲଟିଛି ଫ୍ୟାନ ପାର୍କର ୨୪ତମ ଭେନ୍ୟୁ । ୨୦ ଓ ୨୧ ତାରିଖ (ଶନିବାର ଓ ରବିବାର) ଦୁଇ ଦିନ ଧରି କିଟ୍‌ରେ ଫ୍ୟାନ ପାର୍କ ଜରିଆରେ ଦର୍ଶକ ଦିଲ୍ଲୀ କ୍ୟାପିଟାଲ-ସନ୍‌ରାଇଜର୍ସ ହାଇଦ୍ରାବାଦ ତଥା କୋଲକାତା ନାଇଟ୍ ରାଇଡର୍ସ-ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ, ଗୁଜରାଟ ଟାଇଟନ୍ସ ଓ ପଞ୍ଜାବ କିଙ୍ଗ୍ସ ମ୍ୟାଚ ଦେଖିପାରିବେ । ଶନିବାର ଗୋଟିଏ ଓ ରବିବାର ଦୁଇଟି ମ୍ୟାଚ ରହିଛି ।

କିଟ୍‌ର କ୍ରୀଡା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାସଙ୍କ ଅଧ୍ୟକ୍ଷତାରେ ପ୍ରେସ କନଫରେନ୍ସ ଆୟୋଜିତ ହୋଇଥିଲା । ଏଥିରେ ବିସିସିଆଇ ପକ୍ଷରୁ ପ୍ରଶାନ୍ତ ମହାଡିକ ଉପସ୍ଥିତ ରହି ବିସିସିଆଇ ଓ ଓସିଏର ପ୍ରଚେଷ୍ଟା ସମ୍ପର୍କରେ ସୂଚନା ଦେଇଥିଲେ । ଫ୍ୟାନ୍ ପାର୍କ ଆୟୋଜନ ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସହଯୋଗ କରିଥିବାରୁ ତାଙ୍କୁ ମଧ୍ୟ ଆନ୍ତରିକ ସାଧୁବାଦ ଜଣାଇଥିଲେ । ୨୦୧୭ରୁ ଅଧିବଧି ଆଇପିଏଲ୍ ଫ୍ୟାନ୍ ପାର୍କ ଆୟୋଜନ ହୋଇଆସୁଛି ।

SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606

# ଲକ୍ଷ୍ନୌରେ ଚେନ୍ନାଇ ଫେଲ୍

## ଆଇପିଏଲ୍ ମହାସମର



ଲକ୍ଷ୍ନୌ,୧୯।୪(ଏଜେନ୍ସି): ଆଇପିଏଲ୍‌ର ୩୪ତମ ମ୍ୟାଚରେ ଚେନ୍ନାଇ ସୁପରକିଙ୍ଗ୍ସକୁ ମାତ ଦେଇଛି ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍ । ଲକ୍ଷ୍ନୌର ଭାରତରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚରେ ଲକ୍ଷ୍ନୌ ୮ ୱିକେଟ୍‌ରେ ଚେନ୍ନାଇ ସୁପରକିଙ୍ଗ୍ସକୁ ହରାଇଛି । ଚଳିତ ଆଇପିଏଲ୍‌ରେ ଏହା ଲକ୍ଷ୍ନୌର ଚତୁର୍ଥ ବିଜୟ ହୋଇଥିବା ବେଳେ ଚେନ୍ନାଇର ତୃତୀୟ ପରାଜୟ । ଏହି ମ୍ୟାଚରେ ଚେନ୍ନାଇ ୨୦ ଓଭରରେ ୬ ୱିକେଟ୍ ହରାଇ ୧୭୬ ରନ୍ କରିଥିଲା । ଜବାବରେ ଲକ୍ଷ୍ନୌ ୧୯ ଓଭରରେ ୨ ୱିକେଟ୍ ହରାଇ ୧୮୦ ରନ୍ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲା । ଅଧିନାୟକ ଲୋକେଶ ରାହୁଲ ୮୨ ଓ କ୍ୱିଣ୍ଟନ ଡିକକ୍ ୫୪ ରନ୍‌ର ଇନିଂସ ଖେଳି ଲକ୍ଷ୍ନୌ ବିଜୟରେ ହିରୋ ସାଜିଥିଲେ ।

ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ସୁପରକିଙ୍ଗ୍ସର ଆରମ୍ଭ ଭଲ ନଥିଲା । ଓପନର ରଚିନ ରବିନ୍ଦ୍ର ଖାତା ଖୋଲିବା ପୂର୍ବରୁ ମୋହସିନ ଖାନ୍‌ଙ୍କ ବଲରେ କ୍ଲିନ୍‌ବୋଲ୍ଡ ହୋଇଥିଲେ । କିନ୍ତୁ ଆଜିଙ୍କ୍ୟ ରାହାଣେ ୨୪ ବଲ୍‌ରୁ ୫ ଚୌକା ଓ ଗୋଟିଏ ଛକା ସହାୟତାରେ ୩୬ ରନ୍ କରିଥିଲେ । ଅଧିନାୟକ ରୁତୁରାଜ ଗାଏକ୍ୱାର୍ଡ ୧୭ ତଥା ନଂ.୪ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ଜାଡେଜା ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ୪୦ ବଲ୍‌ରୁ ୫୭ ରନ୍ କରିଥିଲେ । ମଧ୍ୟମକ୍ରମରେ ମୋଇନ ଅଲ୍ଲୀଙ୍କ ପ୍ରଦର୍ଶନ ଜମାଣିଆ ଥିଲା । ମୋଇନ ୨୦ ବଲ୍‌ରୁ କ୍ରମାଗତ ୩ଟି ଛକା ସହ ୩୦ ରନ୍ ସଂଗ୍ରହ କରିଥିଲେ । ୱିକେଟ୍ ରକ୍ଷକ ମହେନ୍ଦ୍ର ସିଂ ଧୋନି ୯ ବଲ୍‌ରୁ ୨୮ ରନ୍ ସଂଗ୍ରହ କରିବାରୁ ଚେନ୍ନାଇର ସ୍କୋର ୧୭୬/୬ ରନ୍‌ରେ ପହଞ୍ଚିଥିଲା । ଲକ୍ଷ୍ନୌର କ୍ରୁନାଲ ପାଣ୍ଡ୍ୟା ସର୍ବାଧିକ ୨ ୱିକେଟ୍ ନେଇଥିଲେ ।

୧୭୭ ରନ୍‌ର ବିଜୟଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଲକ୍ଷ୍ନୌର ଆରମ୍ଭ ଉଚ୍ଚକୋଟୀର ଥିଲା । କ୍ୱିଣ୍ଟନ ଡିକକ ଓ ଲୋକେଶ ରାହୁଲଙ୍କ ମଧ୍ୟରେ ପ୍ରଥମ ୱିକେଟ୍ ପାଇଁ ୧୩୪ ରନ୍‌ର ପାର୍ଟନରସିପ୍ ହୋଇଥିଲା । ଡିକକ୍ ୪୩ ବଲ୍‌ରୁ ୫୪ ରନ୍, ରାହୁଲ ୫୩ ବଲ୍‌ରୁ ୮୨ ରନ୍ କରିବାରୁ ଲକ୍ଷ୍ନୌ ୧୭.୧ ଓଭରରେ ୧୬୧ ରନ୍‌ରେ ପହଞ୍ଚିଯାଇଥିଲା । ନିକୋଲାସ ପୁରଣ ୧୨ ବଲ୍‌ରୁ ୨୩ ଓ ମାର୍କସ ଷ୍ଟୋଇନିସ୍ ୭ ବଲରୁ ୮ ରନ୍ କରି ମ୍ୟାଚ ଫିନିସ୍ କରିଥିଲେ । ଲକ୍ଷ୍ନୌ ୭ ମ୍ୟାଚରୁ ୮ ପଏଣ୍ଟ ସହ ପଞ୍ଚମ ସ୍ଥାନ ଓ ଚେନ୍ନାଇ ୭ ମ୍ୟାଚରୁ ୮ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛି ।

### ଆଜିର ମ୍ୟାଚ

ଦିଲ୍ଲୀ– ହାଇଦ୍ରାବାଦ
ସମୟ: ରାତି ୭.୩୦
ସ୍ଥାନ: ଦିଲ୍ଲୀ
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

### ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ରାଜସ୍ଥାନ | ୭ | ୬ | ୧ | ୧୨ |
| କୋଲକାତା | ୬ | ୪ | ୨ | ୮ |
| ଚେନ୍ନାଇ | ୭ | ୪ | ୩ | ୮ |
| ଲକ୍ଷ୍ନୌ | ୭ | ୪ | ୩ | ୮ |
| ସନ୍‌ରାଇଜର୍ସ | ୬ | ୪ | ୨ | ୮ |
| ଦିଲ୍ଲୀ | ୭ | ୩ | ୪ | ୬ |
| ମୁମ୍ବାଇ | ୬ | ୩ | ୪ | ୬ |
| ଗୁଜରାଟ | ୭ | ୩ | ୪ | ୬ |
| ପଞ୍ଜାବ | ୭ | ୨ | ୫ | ୪ |
| ବେଙ୍ଗାଲୁରୁ | ୭ | ୧ | ୬ | ୨ |

# ଜୟପୁର ମ୍ୟୁଜିୟମ୍‌ରେ କୋହଲିଙ୍କ ମହମ ପ୍ରତିମୂର୍ତ୍ତି

ନୂଆଦିଲ୍ଲୀ,୧୯।୪(ଏଜେନ୍ସି): ଭାରତର ସଫଳ କ୍ରିକେଟ୍‌ର ବିରାଟ କୋହଲି ସାରାବିଶ୍ୱରେ ଖୁବ୍ ଲୋକପ୍ରିୟତା ସାଉଁଟିଛନ୍ତି । ଏହି କିମ୍ବଦନ୍ତୀ କ୍ରିକେଟରଙ୍କ ମହମ ପ୍ରତିମୂର୍ତ୍ତି ପ୍ରସ୍ତୁତ ହୋଇଛି । ଏହି ପ୍ରତିମୂର୍ତ୍ତିକୁ ରାଜସ୍ଥାନ ଜୟପୁରର ନାହରଗଡ଼ ୱାକ୍ସ ମ୍ୟୁଜିୟମ୍‌ରେ ବିଶ୍ୱ ଐତିହ୍ୟ ଦିବସ ସ୍ଥାପନ କରାଯାଇଛି । ୩୫ କିଲୋ ଓଜନର ଏହି ପ୍ରତିମୂର୍ତ୍ତି ପ୍ରଶଂସକଙ୍କୁ ବେଶ ଆକୃଷ୍ଟ କରିଛି । ମହମ ପ୍ରତିମୂର୍ତ୍ତିକୁ ନେଇ ମ୍ୟୁଜିୟମ୍‌ର ସଂସ୍ଥାପକ ଓ ନିର୍ଦ୍ଦେଶକ ଅନୁପ ଶ୍ରୀବାସ୍ତବ କହିଛନ୍ତି ବିଗତ କିଛି ବର୍ଷ ଧରି ପର୍ଯ୍ୟଟକଙ୍କ ପକ୍ଷରୁ ବିରାଟ କୋହଲିଙ୍କ ପ୍ରତିମୂର୍ତ୍ତି ନିର୍ମାଣ ହୋଇଆସୁଥିଲା । ବିଶେଷ କରି ଛୋଟ ପିଲା ଓ ଯୁବବର୍ଗଙ୍କ ମଧ୍ୟରେ କ୍ରେଜ ଦେଖିବାକୁ ମିଳୁଛି । ମ୍ୟୁଜିୟମ୍‌ରେ ନିହାତି ଭାବେ କିଙ୍ଗ କୋହଲିଙ୍କ ପ୍ରତିମୂର୍ତ୍ତି ରହିବା ଉଚିତ ବୋଲି ଦାବି ହେଉଥିଲା । ତେଣୁ ସଚିନ ତେନ୍ଦୁଲକର ଓ ମହେନ୍ଦ୍ର ସିଂ ଧୋନିଙ୍କ ପରେ ବିରାଟ କୋହଲିଙ୍କ ମହମ ପ୍ରତିମୂର୍ତ୍ତିକୁ ମ୍ୟୁଜିୟମ୍‌ରେ ସ୍ଥାପନ କରାଯାଇଛି । ଗଣେଶ ଓ ଲକ୍ଷ୍ମୀ କାରିଗର ପ୍ରାୟ ୨ ମାସ ପରିଶ୍ରମ କରି ଏହି ପ୍ରତିମୂର୍ତ୍ତି ତିହାରି କରିଛନ୍ତି ।



ମହମ ନିର୍ମିତ ଏହି ବିରାଟଙ୍କ ପ୍ରତିମୂର୍ତ୍ତିର ଓଜନ ପାଖାପାଖି ୩୫ କିଲୋଗ୍ରାମ୍ । ଏହାର ଉଚ୍ଚତା ୫ଫୁଟ୍ ୯ ଇଞ୍ଚ । ଏହି ପ୍ରତିମୂର୍ତ୍ତିରେ ବିରାଟଙ୍କ ଭାବମୂର୍ତ୍ତି କ୍ରିକେଟ୍ ପଡିଆର ଜଣେ ଆକ୍ରମକ କ୍ରିକେଟ୍‌ରଙ୍କ ଭଳି ହୋଇଛି । ତେଣୁ ପ୍ରତିମୂର୍ତ୍ତିର କୋଚ ପାଇଁ ମଧ୍ୟ ତାଙ୍କର ଆକ୍ରମଣାତ୍ମକ ଚିତ୍ରକୁ ଚୟନ କରାଯାଇଥିଲା । ବିରାଟଙ୍କ ପ୍ରତିମୂର୍ତ୍ତିର ବେଶଭୂଷା ବଲିଉଡର ଡିଜାଇନ୍‌ର ବୋଧ ସିଂ ପ୍ରସ୍ତୁତ କରିଛନ୍ତି ।

ମ୍ୟୁଜିୟମ୍‌ରେ ବର୍ତ୍ତମାନ ଯାଏଁ ୪୪ଟି ମହମ ମୂର୍ତ୍ତି ରହିଛି । ଜୟପୁର ମହମ ସଂଗ୍ରାହଳୟ ହେଉଛି ଏପରି ସଂଗ୍ରାହଳୟ ଯାହା ୩୦୦ ବର୍ଷ ପୁରୁଣା ଦୁର୍ଗରେ ନିର୍ମିତ । ଏହା ଦୁନିଆର ଅନ୍ୟ ସଂଗ୍ରାହଳୟ ଠାରୁ ଭିନ୍ନ । ଏଠାରେ ପ୍ରତ୍ୟେକ ମୂର୍ତ୍ତି ଏକ ସ୍ୱତନ୍ତ୍ର ନିର୍ମିତ ସେଟ ସହିତ ରହିଛି । ଜୟପୁର ମହମ ସଂଗ୍ରାହଳୟ ଆଉ ଏକ ବିଶେଷତ୍ୱ ହେଉଛି ୫୦ ଲକ୍ଷରୁ ଅଧିକ କାଚ ଖଣ୍ଡ ଏବଂ ଠିକିରି ଦ୍ୱାରା ଅନନ୍ୟ ଶିଶ୍ ମହଲ ସଂଗ୍ରହଳୟର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଖୁବ୍ ଶୀଘ୍ର ଆଉ ଦୁଇଟି ଐତିହାସିକ ବ୍ୟକ୍ତିତ୍ୱଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବାକୁଯାଉଥିବା ସଂଗ୍ରାହଳୟ ପକ୍ଷରୁ ସୂଚନା ଦିଆଯାଇଛି ।

# ଅଲିମ୍ପିକ୍ସରୁ ଓହରିଲେ ଶ୍ରୀଶଙ୍କର



ନୂଆଦିଲ୍ଲୀ,୧୯।୪(ଏଜେନ୍ସି): ପ୍ୟାରିସ ଅଲିମ୍ପିକ୍ସ ପୂର୍ବରୁ ଭାରତୀୟ ଲଙ୍ଗଜମ୍ପର ମୁରଲୀ ଶ୍ରୀଶଙ୍କର ଆହତ ସମସ୍ୟା ପାଇଁ ଓହରିଯାଇଛନ୍ତି । ଟ୍ୱିଟ୍ କରି ଏସମ୍ପର୍କରେ ସୂଚନା ଦେଇଛନ୍ତି ଶ୍ରୀଶଙ୍କର । ୨୬ ଜୁଲାଇରୁ ୧୧ ଅଗଷ୍ଟ ପର୍ଯ୍ୟନ୍ତ ଅଲିମ୍ପିକ୍ସ ପ୍ୟାରିସରେ ଆୟୋଜନ ହେବାକୁଯାଉଛି । ଏସିଆନ୍ ଗେମ୍ସରେ ଶ୍ରୀଶଙ୍କର ରୌପ୍ୟ ପଦକ ହାସଲ କରିଥିବା ବେଳେ ଏସୀୟ ଆଥଲେଟିକ୍ସ ଚାମ୍ପିଅନ୍‌ସିପ୍‌ରେ ୮.୩୭ ମିଟର ଡିଆଁ ମାରି ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଥିଲେ । ୨୫ ବର୍ଷୀୟ ଏହି ଉଦୀୟମାନ ଆଥଲେଟ୍ ଏପ୍ରିଲ ୨୭ ଓ ମେ' ୧୦ରେ ଡାଇମଣ୍ଡ ଲିଗ ପ୍ରତିଯୋଗିତାରେ ମଧ୍ୟ ଅଂଶଗ୍ରହଣ କରିଥାନ୍ତି । ଟ୍ରେନିଂ ସମୟରେ ସେ ଆହତ ହୋଇଛନ୍ତି । ମୋ ପାଇଁ ଏହା ଏକ ଦୁଃସ୍ୱପ୍ନ ଭଳି । ପ୍ୟାରିସ ଅଲିମ୍ପିକ୍ସ ଖେଳିବା ସ୍ୱପ୍ନ ମୋର ଭାଙ୍ଗି ଯାଇଛି । ୨୦୨୨ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡାରେ ମୁରଲୀ ସ୍ୱର୍ଣ୍ଣ ପଦକ ଜିତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ୧୯୭୮ ପରଠାରୁ ଲଙ୍ଗଜମ୍ପରେ କୌଣସି ଭାରତୀୟ ଏହି ସଫଳତା ହାସଲ କରିନଥିଲେ । ଶେଷଥର ପାଇଁ ୧୯୭୮ରେ ସୁରେଶ ବାବୁ ବ୍ରୋଞ୍ଜ ପଦକ ଜିତିଥିଲେ ।

AT KURANGA PHULNAKHARA



Meera's COURTYARD



Huge lush green happening space situated in between Cuttack and Bhubaneswar.
• Pollution free ambience
• Blend of traditionalism & modernity
• Far from the madding crowd
• Truely magnificent setting
• Hassel free parking,
WILL perfectly match to your dream to make your event a memorable one.



For:
• Wedding • Star night • Conference and work shops
• Birthday party • Musical events • Corporate meet
Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076

# ପାଣ୍ଡ୍ୟା ଦଣ୍ଡିତ

ମୁମ୍ବାଇ,୧୯।୪(ଏଜେନ୍ସି): ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିରୋଧରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଗୁରୁବାର ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚ ଶେଷ ହେବା ମାତ୍ରେ ବିସିସିଆଇ ବିବୃତ୍ତି ଜାରି କରି ପାଣ୍ଡ୍ୟାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସୂଚନା ଦିଆଯାଇଛି । ପାଣ୍ଡ୍ୟା ଆଇପିଏଲ୍-୨୦୨୪ରେ ଆଚରଣ ବିଧି ଉଲ୍ଲଂଘନ କରିଛନ୍ତି । ଧିମା ଓଭର ରେଟ ପାଇଁ ତାଙ୍କ ଉପରେ ଜୋରିମାନା ଲାଗୁ କରାଯାଇଛି । ସେହିପରି ବିସିସିଆଇ ପାଣ୍ଡ୍ୟାଙ୍କୁ ଭବିଷ୍ୟତରେ ଏଭଳି ନକରିବାକୁ ତାଗିଦ କରିଛି ।

ମୁମ୍ବାଇ ଇଣ୍ଡିଆନ୍ସ ଧାର୍ଯ୍ୟ ସମୟ ମଧ୍ୟରେ ୨୦ ଓଭର ବୋଲିଂ ଶେଷ କରିପାରିନଥିଲା । ଏଥିପାଇଁ ଅଧିନାୟକ ଭାବେ ପାଣ୍ଡ୍ୟାଙ୍କ ଉପରେ ୧୨ ଲକ୍ଷ ଟଙ୍କାର ଜୋରିମାନା ଲାଗିଛି । ପ୍ରଥମଥର ପାଇଁ ପାଣ୍ଡ୍ୟା ଧିମା ଓଭରରେଟ୍ ମାମଲାରେ ଫଶିଛନ୍ତି । ତେଣୁ ତାଙ୍କ ଉପରେ ୧୨ ଲକ୍ଷ ଟଙ୍କାର ଫାଇନ ଲାଗୁ କରାଯାଇଛି । ଯଦି ଭବିଷ୍ୟତରେ ଏଭଳି ଜାରି ରହେ, ତା'ହେଲେ ପାଣ୍ଡ୍ୟାଙ୍କ ସହ ମୁମ୍ବାଇ ଇଣ୍ଡିଆନ୍ସ ସହ ଅନ୍ୟ ଖେଳାଳିଙ୍କ ଉପରେ ମଧ୍ୟ ଜୋରିମାନା ଲାଗୁ କରାଯିବ । ଦିନକ ଆଗରୁ ଅନୁଷ୍ଠିତ ମ୍ୟାଚକୁ ବିଚାରକୁ ନେଲେ ମୁମ୍ବାଇ ବେଶ ରୋମାଞ୍ଚକ ଢ଼ଙ୍ଗରେ ପଞ୍ଜାବକୁ ୯ ରନ୍‌ରେ ହରାଇଥିଲା । ୧୯୩ ରନ୍‌ର ପିଛା କରୁଥିବା ପଞ୍ଜାବ ୧୪ ରନ୍‌ରେ ୪ ୱିକେଟ୍ ହରାଇ ସଙ୍କଟରେ ପଡିଥିଲା । କିନ୍ତୁ ଶଶାଙ୍କ ସିଂ ୨୫ ବଲରେ ୪୧ ଓ ଆଶୁତୋଷ ୨୮ ବଲ୍‌ରୁ ୬୧ ରନ୍ ସଂଗ୍ରହ କରି ମୁମ୍ବାଇ ହାତରୁ ମ୍ୟାଚ ଛଡାଇ ଆଣିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଶେଷ ମୁହୂର୍ତ୍ତରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ପଞ୍ଜାବକୁ ୧୮୩ ମଧ୍ୟରେ ସୀମିତ ରଖିଥିଲା ।

# କେପିଏଲ୍: ଏମଏମସିସି, ରାମେଶ୍ୱର ଫାଇଟର୍ସ ବିଜୟୀ

ବ୍ୟାସନଗର,୧୯।୪(ଜିପ୍ର): କଳିଙ୍ଗନଗର ସ୍ପୋର୍ଟ୍ସ ଏକାଡ଼େମୀ ଆନୁକୂଲ୍ୟରେ ତେଜ ହୋଣ୍ଡା ସହଯୋଗରେ ସ୍ଥାନୀୟ ବ୍ୟାସନଗର ଷ୍ଟାଡ଼ିୟମଠାରେ ଚାଲୁଥିବା ୪ର୍ଥ କଳିଙ୍ଗନଗର ପ୍ରିମିୟର ଲିଗ୍‌ର ଦ୍ୱିତୀୟ ଦିବସ ଖେଳର ପ୍ରଥମ ମ୍ୟାଚ ଏମଏମସିସି ସମ୍ବଲପୁର ଓ ଡୁବୁରୀ ଫାଇଟର୍ସ, ଡୁବୁରୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସରେ ବିଜୟୀ ହୋଇଫାଇଟର୍ସ ପ୍ରଥମେ ଫିଲଡ଼ିଂ କରିବାର ନିଷ୍ପତି ନେଇଥିଲା । ଏମଏମସିସି ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୨୭୮ ରନ୍ କରିଥିଲେ । ଦଳ ତରଫରୁ ରଣଜୀ ଟ୍ରଫି ଖେଳାଳି ଅଭିଷେକ ଯାଦବ ୪୬ଟା ବଲ୍‌ରୁ ବିସ୍ଫୋରକ ୧୨୪ରନ୍, ରବିନ୍ଦ୍ର ରାଉତ ୪୬ ଓ କ୍ଷମାସାଗର ବଳ ୪୨ ରନ୍ କରିଥିଲେ । ଫାଇଟର୍ସର ଅସିତ ଖାନ ୨ଟି ଓ ଶିଭମ ଶର୍ମା ୨ଟି ଲେଖାଁଏ ୱିକେଟ ନେଇଥିଲେ । ବିଶାଳ ସ୍କୋରର ପିଛା କରି ଫାଇଟର୍ସ ଲଢୁଆ ବ୍ୟାଟିଂ କରି ୨୦ ଓଭରରେ ୭ ୱିକେଟ ହରାଇ ୨୫୦ ରନ୍ କରିଥିଲେ । ଦଳ ତରଫରୁ ଦୀଲ୍ଲି ରଞ୍ଜି ଟ୍ରଫି ଦଳର ଖେଳାଳି ନିଶାନ୍ତ ୬୫, ଅଙ୍କିତ ନରୱାଲ ୪୫ ଓ ବିକ୍ରାନ୍ତ ରାଜ ୪୨ ରନ୍ କରିଥିଲେ । ଏମଏମସିସିର ଅଭିଷେକ ଯାଦବ ୩ଟି ଓ ମନୋଜ ବାରିକ ଗୋଟିଏ ୱିକେଟ ନେଇଥିଲେ । ଏମ ଏମ ସି ସି ୨୮ରନ୍‌ରେ ବିଜୟୀ ହୋଇଥିଲେ । ବିଜୟୀ ଦଳର ଅଭିଷେକ ଯାଦବଙ୍କୁ ସାମସଙ୍ଗ୍ କମ୍ପାନୀର ଯାଜପୁର ଜିଲ୍ଲାର ଡିଷ୍ଟ୍ରିବ୍ୟୁଟର ଶିବଶକ୍ତି ଏଣ୍ଟରପ୍ରାଇଜରର୍ସର ପରିଚାଳନା ନିର୍ଦ୍ଦେଶକ ଅଭିଷେକ ସାହୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ । ଦ୍ୱିତୀୟ ମ୍ୟାଚ ଏ ଏଣ୍ଡ ଏସ ରୟାଲ ଚ୍ୟାଲେଞ୍ଜର୍ସର ବ୍ୟାସନଗର ଓ ରାମେଶ୍ୱର ଫାଇଟର୍ସ, ରାମଚନ୍ଦ୍ରପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ରୟାଲ ଚ୍ୟାଲେଞ୍ଜର୍ସର ମାତ୍ର ୧୬.୫ ଓଭରରେ ସମସ୍ତ ୱିକେଟ ହରାଇ ୯୬ରନ୍ କରିଥିଲେ । ରାମେଶ୍ୱର ଫାଇଟର୍ସର କୋଲକାତାର ରଞ୍ଜିଟ୍ରଫି ଖେଳାଳୀ ଅରୁଣ ଚୌରାସିଆ ୪ଟି ସୂର୍ଯ୍ୟକାନ୍ତ ପ୍ରଧାନ ୨ଟି ୱିକେଟ ନେଇଥିଲେ । ଏହାର ଜବାବରେ ରାମେଶ୍ୱର ଫାଇଟର୍ସ ୧୦.୨ ଓଭରରେ ୯୬ ରନ୍ କରି ୨ଟି ୱିକେଟ ହରାଇଥିଲେ । ଦଳ ତରଫରୁ ରୋହିତ ଶର୍ମା ୫୧ ଓ ଧୀରୁ ୩୬ ରନ୍ କରି ଦଳକୁ ୮ ୱିକେଟରେ ବିଜୟୀ କରିଥିଲେ ।

ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541